# ଖଦ୍ୟୋତର ଦ୍ୟୁତି




ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

# ମେଘପାଟରୁ ଦୃପ୍ତି



ନାଥ ଦାସ

# ଖଦେଯାଉର ସ୍ମୃତି

ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

# ଝଡଦେଖାତର ପୁଥତି

ଲେଖକ :

ଡକ୍ଟର **ଗଗନେନ୍ଦ୍ର ନାଥ ଦାଶ**

ରିଡ଼ର, ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ପ୍ରକାଶକ :

ପ୍ରୋ: ପ୍ରଶାନ୍ତ କୁମାର ମିଶ୍ର

**ଡାଇମଣ୍ଡ ପବ୍ଲିଶର୍ସ**

ତେଲେଙ୍ଗା ବଜାର, କଟକ—୯

ପ୍ରାପ୍ତିସ୍ଥାନ :

**କଟକ ଟ୍ରେଡ଼ିଂ କମ୍ପାନୀ**

ବାଲୁବଜାର କଟକ—୨

ପ୍ରକାଶ କାଳ :

**ଶ୍ରୀ ଗୁଣ୍ଡିଚା**—୧୯୮୪

ପ୍ରଥମ ସଂସ୍କରଣ—୧୦୦୦

ମୁଦ୍ରାକର :

ହରେକୃଷ୍ଣ ବେହେରା

**ମହାଲକ୍ଷ୍ମୀ ପ୍ରେସ,**

ସାହେବଜାଦା ବଜାର, କଟକ—୨

ମୂଲ୍ୟ— **କୋଡ଼ିଏ ଟଙ୍କା**

# ଉତ୍ସର୍ଗ

ଡକ୍ଟର **ନଟବର ସାମନ୍ତ ରାୟ**

ଆପଣ ସୂର୍ଯ୍ୟ ।

ଏ ଖଦ୍ୟୋତର ବିନମ୍ର ନମସ୍କାର ଗ୍ରହଣ କରନ୍ତୁ ।

# ଭୂମିକା

—୧—

ବିଭିନ୍ନ ସମୟରେ ଲିଖିତ ଓ ବିଭିନ୍ନ ସ୍ୱାଦର କେତୋଟି ପ୍ରବନ୍ଧକୁ ନେଇ ଏ ପ୍ରବନ୍ଧ-ସଙ୍କଳନର ପରିକଳ୍ପନା । ଏ ପ୍ରବନ୍ଧ ସଙ୍କଳନ ଗ୍ରନ୍ଥର ପ୍ରବନ୍ଧ ଗୁଡ଼ିକ ମଧ୍ୟରେ ଥିବା ଏକମାତ୍ର ଯୋଗସୂତ୍ର ହେଉଛି ଓଡ଼ିଆ ସାହିତ୍ୟ ବା ତାର ପୃଷ୍ଠଭୂମି । ତା ବ୍ୟତୀତ ପ୍ରବନ୍ଧ ଗୁଡ଼ିକର ପରସ୍ପର ସହ ବିଶେଷ ସମ୍ପର୍କ ହୁଏତ ନାହିଁ ; କିନ୍ତୁ ଆପାତ ବିଭିନ୍ନତା ସତ୍ତ୍ୱେ ଏସବୁ ପ୍ରବନ୍ଧ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ, ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱର ଛାପ, ଏକ ନିର୍ଦ୍ଦିଷ୍ଟ ପୂର୍ବାଦୃଷ୍ଟିକୁ ହୁଏତ ଆବିଷ୍କାର କରାଯାଇ ପାରେ କିନ୍ତୁ ସେ ସମ୍ପର୍କରେ ସଚେତନ ରହି ପ୍ରବନ୍ଧ ଗୁଡ଼ିକ ଲେଖାଯାଇ ନାହିଁ । ତେବେ ଏ ପ୍ରବନ୍ଧ ଗୁଡ଼ିକ ଲେଖାଗଲା ବେଳେ ଲେଖକ ସଚେତନ ଥିଲା ଯେ କିଛି ନୂଆ କଥା କୁହାଯାଉଛି । ଏଇ ସଚେତନତା ନ ଥିଲେ ଏ ପ୍ରବନ୍ଧ ଗୁଡ଼ିକ ହୁଏତ ଲେଖା ହୋଇ ନ ଥାନ୍ତା । ବୋଧହୁଏ ପ୍ରକୃତରେ ଏ ପ୍ରବନ୍ଧ ଗୁଡ଼ିକରେ ନୂଆ କଥା — ତାହା ତଥ୍ୟଗତ ହେଉ ବା ତତ୍ତ୍ୱଗତ ହେଉ — କୁହାଯାଇଥିଲା । ଯାହା ଜଣାଯାଉଛି ସେସବୁ ନୂଆ କଥା ଏବେ ବି ପୁରୁଣା ହୋଇ ଯାଇନାହିଁ । ତେଣୁ ଇତଃସ୍ତତ ବିକ୍ଷିପ୍ତ ବିଭିନ୍ନ ପତ୍ର ପତ୍ରିକାର ପୃଷ୍ଠାରୁ ସଂଗ୍ରହ କରି ଏ ପ୍ରବନ୍ଧ-ସଙ୍କଳନର ପରିକଳ୍ପନା । ଅବଶ୍ୟ ଏ 'ନୂଆ' କାହାର କିଛି କାମରେ ନ ଲାଗିପାରେ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏ 'ନୂଆ'ର ଭୂମିକା ହୁଏତ ଗୁରୁତ୍ୱପୂର୍ଣ୍ଣ ନୁହେଁ; ହୁଏତ ଗୌଣ । ଖଦ୍ୟୋତର ଦ୍ୟୁତିରେ କଣ ସତରେ କାହାର କିଛି ଉପକାର ହୁଏ ? ସତରେ କଣ ଅନ୍ଧକାର ବିଦୂରିତ ହୁଏ ? କିନ୍ତୁ ଖଦ୍ୟୋତ ତାର ଦ୍ୟୁତି ବିକିରଣ କରିବ ହିଁ କରିବ । କରୁ, କ୍ଷତି ବା କଣ ?

—୨—

ଏ ପ୍ରବନ୍ଧ ଗୁଡ଼ିକ ମଧ୍ୟରେ ମୋର ପ୍ରଥମ ପ୍ରକାଶିତ ପ୍ରବନ୍ଧ, "ସମର ତରଙ୍ଗ ବର୍ଣ୍ଣିତ ଢେଙ୍କାନାଳ ଯୁଦ୍ଧର ସମୟ ନିରୂପଣ" ଅନ୍ତର୍ଗତ । ଏହା ମୋର ଛାତ୍ରାବସ୍ଥାରେ—ଏମ୍. ଏ. ପରୀକ୍ଷାର ଶେଷବର୍ଷ—ଲିଖିତ ଓ ପ୍ରକାଶିତ ହୋଇଥିଲା । ସେତେବେଳେ ମୁଁ ଦୀର୍ଘକାଳ ଧରି ଅସୁସ୍ଥ ଥିଲି ଓ ଶାନ୍ତିନିକେତନ ହସ୍‌ପିଟାଲରେ ଆଠମାସ ରହି ସେଇ ହସ୍‌ପିଟାଲ ବେଡ୍‌ରେ ଶୋଇ ଶୋଇ ପରୀକ୍ଷା ଦେଇଥିଲି । ସେଇ ହସପିଟାଲ ବେଡ୍‌ରେ ଶୋଇ ରହି "ଉତ୍କଳ" ପୃଷ୍ଠାରେ ମୋର ପ୍ରଥମ ପ୍ରକାଶିତ ପ୍ରବନ୍ଧକୁ ଦେଖି ଅପାର ଆନନ୍ଦ ଅନୁଭବ କରିଥିଲି । ମୋର କଷ୍ଟ ଯେପରି ବହୁ ପରିମାଣରେ ଲାଘବ ହୋଇ ଯାଇଥିଲା । ସେହି ହସ୍‌ପିଟାଲ୍ ବେଡ଼ରେ ଶୋଇ ମୋର ଦ୍ୱିତୀୟ ପ୍ରକାଶିତ ପ୍ରବନ୍ଧ "ମାଦଳା ପାଞ୍ଜି : ଏକ ଟିପ୍ପଣୀ" ଲେଖିଥିଲି ଓ ତାର ପ୍ରକାଶିତ ରୂପ ମଧ୍ୟ ଦେଖିଥିଲି । ମୋର ତୃତୀୟ ପ୍ରକାଶିତ ପ୍ରବନ୍ଧ, "ମାଦଳା ପାଞ୍ଜିର ଐତିହାସିକ ପ୍ରାମାଣିକତା" ମଧ୍ୟ ଏଇ ହସ୍‌ପିଟାଲ ବେଡ୍‌ରେ ଲିଖିତ ହୋଇଥିଲା ଓ ମୁଁ ପରୀକ୍ଷା ଦେଇ ଘରକୁ ଫେରିବା ପରେ ପରେ ପ୍ରକାଶିତ ହୋଇଥିଲା । (ଶେଷ ଦୁଇଟି ପ୍ରବନ୍ଧ ଏ ସଙ୍କଳନର ଅନ୍ତର୍ଗତ ନୁହେଁ । ମୋର ପରିକଳ୍ପିତ ପରବର୍ତ୍ତୀ ପ୍ରବନ୍ଧ ସଙ୍କଳନ, "ଜନଶ୍ରୁତି ଓ ଇତିହାସ"ରେ ତାହା ପ୍ରକାଶ ପାଇବ । ) ଏ ସବୁ ମୋର କାଲିପରି ମନେଅଛି । ପରେ "ନବଜୀବନ" ରେ ପ୍ରକାଶିତ 'ଗ୍ରାମ ସାହିତ୍ୟର ବିବର୍ତ୍ତନରେ ବୈଦେଶିକ ପ୍ରଭାବ" ପ୍ରବନ୍ଧ ମଧ୍ୟ ଏହି ସମୟର ଲେଖା । ଏଇ ସମୟର ଲେଖା ଆଉ ଦୁଇ ତିନୋଟି ପ୍ରବନ୍ଧ କୁଆଡ଼େ ହଜିଗଲା, ଆଜି ଏଇ ପ୍ରବନ୍ଧ ସଙ୍କଳନର ପରିକଳ୍ପନା କରିବା ବେଳେ ସେଇ ସବୁ ଅତୀତର ସ୍ମୃତି ପୁଣି ଥରେ ଉଜ୍ଜ୍ୱଳ ହୋଇ ଉଠୁଛି ।

ଯେଉଁମାନଙ୍କ ସାହାଯ୍ୟ, ସହାନୁଭୂତି ଓ ଶୁଭେଚ୍ଛା ମତେ ହସ୍‌ପିଟାଲରେ ଆଠମାସ କାଳ ଶୋଇରହି ପରୀକ୍ଷା ଦେବାର ଓ ପ୍ରବନ୍ଧ ଲେଖିବାର ପ୍ରେରଣା ଓ ଶକ୍ତି ଯୋଗାଇ ଦେଇଥିଲା ସେମାନେ ହେଲେ ନମସ୍ୟ ଡକ୍ଟର କୁଞ୍ଜବିହାରୀ ଦାଶ ଓ ଶ୍ରୀମତୀ ଦାଶ, ଡକ୍ଟର ନରେନ୍ଦ୍ର

ନାଥ ମିଶ୍ର, ବନ୍ଧୁ ଅଭିନ୍ନ ଚନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ଶ୍ରୀମତୀ କମଳା ସାହୁ, ରାଘବାନନ୍ଦ ନାୟକ, କମଳାକାନ୍ତ ଲେଙ୍କା, ଡକ୍ଟର ପ୍ରସନ୍ନ କୁମାର ମିଶ୍ର, ବିଶ୍ୱଭାରତୀ ହସ୍‌ପିଟାଲର ଡାକ୍ତର ବୈଦ୍ୟନାଥ ବାବୁ ଓ ହରେନ୍ଦ୍ର ବାବୁ, ନର୍ସ ସରଳା ଦିଦି, ହସ୍‌ପିଟାର ପକ୍ଷାଘାତ ରୋଗରେ ପଡ଼ି ଚିକିତ୍ସିତ ହେଉଥିବା ରବୀନ୍ଦ୍ରନାଥଙ୍କ ସହକର୍ମୀ ଗୋସାଇଁଜୀ ( ନିତାଇ ବିନୋଦ ଗୋସ୍ୱାମୀ ) ଓ ସର୍ବୋପରି ବିଶ୍ୱଭାରତୀର ଉପାଚାର୍ଯ୍ୟ ସୁଧୀରଞ୍ଜନ ଦାସ ଓ ଆହୁରି ଅନେକ । ପୁଣି ଶାନ୍ତିନିକେତନଠାରୁ ଦୂରରେ ଓଡ଼ିଶାରେ ଥାଇ ଡକ୍ଟର ଭାବଗ୍ରାହୀ ମିଶ୍ର ମଧ୍ୟ ମୋ ପ୍ରବନ୍ଧ ଗୁଡ଼ିକର ରଚନା ଓ ପ୍ରକାଶନ ପାଇଁ କମ୍ ସକ୍ରିୟ ଭୂମିକା ଗ୍ରହଣ କରି ନାହାନ୍ତି । ଏମାନଙ୍କ ନିକଟରେ ମୁଁ କୃତଜ୍ଞ ବୋଲି କହିଲେ ବହୁତ ଅଳ୍ପ କୁହାଯିବ । ପରେ ଅଧ୍ୟାପକ ଭାବରେ ଶାନ୍ତିନିକେତନ ରହଣୀକାଳ ମଧ୍ୟରେ ପ୍ରବନ୍ଧ ରଚନାରେ ପ୍ରଚୁର ଉତ୍ସାହ ଯୋଗାଇଥିଲେ ଡକ୍ଟର ଖଗେଶ୍ୱର ମହାପାତ୍ର ଓ ଡକ୍ଟର ଶ୍ରୀନିବାସ ମିଶ୍ର । ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

ପରେ ମୁଁ ବିଶ୍ୱଭାରତୀରେ ଅଧ୍ୟାପକ ଭାବରେ ଯୋଗଦେବା ପରେ କେତୋଟି ପ୍ରବନ୍ଧ ଲେଖି ବିଶ୍ୱଭାରତୀ ସ୍ନାତକୋତ୍ତର ଓଡ଼ିଆ ପାଠଚକ୍ରରେ ଉପସ୍ଥାପନ କରିଥିଲି । ମୋଟ ଉପରେ ଏ ସଙ୍କଳନରେ ସ୍ଥାନ ପାଇଥିବା ଅଧିକାଂଶ ପ୍ରବନ୍ଧ ମୋର ଶାନ୍ତିନିକେତନ ରହଣୀ କାଳ ମଧ୍ୟରେ ଲିଖିତ । ଏ ସବୁ ପ୍ରବନ୍ଧର ରଚନାରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ବ୍ୟତୀତ 'ବିଶ୍ୱଭାରତୀ'ର ଅବଦାନ ଯଥେଷ୍ଟ ରହିଛି ବୋଲି ସ୍ୱୀକାର କରିବାରେ ମୋର ଆଦୌ କୁଣ୍ଠା ନାହିଁ । ତେବେ ଏ ସବୁ ପ୍ରବନ୍ଧ ଭିତରେ ଏକ ନିର୍ଦ୍ଦିଷ୍ଟ ଶାନ୍ତିନିକେତନର ଛାପ ରହିଛି କି ନାହିଁ ଓ ତାହାଦ୍ୱାରା ପ୍ରବନ୍ଧ ଗୁଡ଼ିକର ଉତ୍କର୍ଷ ବା ଅପକର୍ଷ ସାଧିତ ହୋଇଛି ତା ସୁଧୀ ପାଠକମାନେ ବିଚାର କରନ୍ତୁ । ଯେଉଁ ପତ୍ର ପତ୍ରିକାର ସମ୍ପାଦକମାନେ ଏ ପ୍ରବନ୍ଧ ଗୁଡ଼ିକୁ ପ୍ରଥମେ ଆଲୋକକୁ ଆଣି ମତେ ଉତ୍ସାହିତ କରିଥିଲେ ସେମାନଙ୍କ ନିକଟରେ ମୋର କୃତଜ୍ଞତା ଜଣାଉଛି ।

ମୁଁ ଏବେ ଏଇ ପ୍ରବନ୍ଧ ଗୁଡ଼ିକ ଆଉଥରେ ଲେଖିଲେ ଠିକ୍ ଏଇପରି ଲେଖନ୍ତି ନାହିଁ । ପୁଣି ଏ ମଧ୍ୟରେ ସେ ସମ୍ପର୍କରେ ଆଉ କେତେକ ନୂତନ

ତଥ୍ୟ ମଧ୍ୟ ମୋ ଦୃଷ୍ଟିକୁ ଆସିଛି । ପ୍ରବନ୍ଧଗୁଡ଼ିକୁ ଆଉ ଥରେ ନ ଲେଖି ସେଇ ତଥ୍ୟର ଭିତ୍ତିଭୂମି ଉପରେ ସେ ଗୁଡ଼ିକୁ ଭଲ ଭାବରେ ସଂପାଦନା ମଧ୍ୟ କରାଯାଇ ପାରନ୍ତା ; କିନ୍ତୁ ପୁନର୍ଲିଖନ କରିବା ବା ଭଲ ଭାବରେ ସମ୍ପାଦନ କରିବାପାଇଁ ମୋର ସମୟ ଆଦୌ ନାହିଁ, ଧୈର୍ଯ୍ୟର ମଧ୍ୟ ଘୋର ଅଭାବ । ତେଣୁ ପ୍ରବନ୍ଧଗୁଡ଼ିକ ପ୍ରଥମେ ଯେପରି ଭାବରେ ପ୍ରକାଶ ପାଇଥିଲା ମୁଦ୍ରା ପ୍ରମାଦ ବ୍ୟତୀତ ଅବିକଳ ସେଇ ଭାବରେ ସେ ଗୁଡ଼ିକର ସଙ୍କଳନ କରାଗଲା ।

ମୋର ପ୍ରବନ୍ଧଗୁଡ଼ିକର ଗୋଟିଏ ସଙ୍କଳନ ପ୍ରକାଶ କରିବା ପାଇଁ ମୋର ସ୍ନେହ ଅଧ୍ୟାପକ ରେତଚନ୍ଦ୍ର ନାୟକ ଓ ଅଧ୍ୟାପକ ବନମାଳୀ ବାରିକ ଆଜକୁ ୭ । ୮ ବର୍ଷ ତଳେ ବିଶେଷ ଉଦ୍ୟମ କରିଥିଲେ ; କିନ୍ତୁ ବିଭିନ୍ନ କାରଣରୁ ସେ ଉଦ୍ୟମ ସେତେବେଳେ ସଫଳ ହୋଇ ପାରି ନ ଥିଲା । ଏବେ ଶ୍ରୀଢେପୂ ଜଗନ୍ ମୋହନ୍ ଓ ଅଧ୍ୟାପକ ନାୟକ ପୁଣିଥରେ ସେ ଉଦ୍ୟମ ଆରମ୍ଭ କରିଛନ୍ତି । ଆଶା ସେମାନଙ୍କର ସେ ଉଦ୍ୟମ ( ନିଷ୍କାମ, ନିସ୍ୱାର୍ଥପର ଉଦ୍ୟମ ) ସଫଳ ହେବ ।

# ସୂଚିପତ୍ର

**ବିଷୟ** — **ପୃଷ୍ଠା**


୧ । ରୀତି ସାହିତ୍ୟର ବିବର୍ତ୍ତନରେ "ବୈଦେହୀଶ ବିଳାସ" — ୧

୨ । "ସମର ତରଙ୍ଗ" ବର୍ଣ୍ଣିତ ଢେଙ୍କାନାଳ ଯୁଦ୍ଧର ସମୟ ନିରୂପଣ — ୧୭

୩ । "ବିଦଗ୍ଧ ଚିନ୍ତାମଣି"—ଏକ ପୁନର୍ମୂଲ୍ୟାୟନ — ୩୦

୪ । ଓଡ଼ିଶାରେ ଶୈବ ବୈଷ୍ଣବ ବିବାଦର ଗୋଟିଏ ଅଧ୍ୟାୟ — ୪୨

୫ । ରାଧାନାଥଙ୍କ କାବ୍ୟରେ ନାଟକୀୟତାର ସ୍ୱରୂପ — ୫୯

୬ । ଶାନ୍ତିନିକେତନ ଓ ସତ୍ୟବାଦୀ — ୬୫

୭ । କ୍ଷୟିଷ୍ଣୁ ସାମନ୍ତବାଦ ଓ କଥାକାର ସୁରେନ୍ଦ୍ର ମହାନ୍ତି — ୭୫

୮ । "ମଗଳର ମୃତ୍ୟୁ"—ଏକ ଅଧ୍ୟୟନ — ୯୭

୯ । "କୁଳବୃଦ୍ଧ" : ଏକ ଦୃଷ୍ଟିପାତ — ୧୦୭

୧୦ । ଆଧୁନିକତା ଓ ଆଧୁନିକ ସାହିତ୍ୟ — ୧୨୦

୧୧ । ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚନାର ବୈଶିଷ୍ଟ୍ୟ । — ୧୨୩


—:O:—

# ରାମ ସାହିତ୍ୟର ବିବର୍ତ୍ତନରେ
# ବୈଦେହୀଶ ବିଳାସ

ଯାବତ୍ ସ୍ଥାସ୍ୟନ୍ତି ଗିରୟଃ ସରିତାଶ୍ଚ ମହୀତଳେ
ତାବଦ୍ରାମାୟଣୀ କଥା ଲୋକେଷୁ ପ୍ରଚରିଷ୍ୟତି
(ଦ୍ରଷ୍ଟବ୍ୟ-ବାଲ୍ମୀକି-ରାମାୟଣ)

ଏ ବାଣୀର ବ୍ୟତିକ୍ରମ ଅଦ୍ୟାପି ସୁଦ୍ଧା ହୋଇ ନାହିଁ । ସେହି ଅତି ପୁରାତନ ରାମଚରିତ ହୋଇଛି ନିତ୍ୟନୂତନ ବର୍ଣ୍ଣରେ ରଂଜିତ, ନିତ୍ୟନୂତନ ବ୍ୟଞ୍ଜନାରେ ବ୍ୟଞ୍ଜିତ; କେତେ ବିଭିନ୍ନ କଣ୍ଠରେ ତାହା ବାଜି ଉଠୁଛି, କେତେ ନୂତନ ଛନ୍ଦରେ ।

ଗଙ୍ଗାପରି ରାମାୟଣ ନିର୍ମଳ, ଗମ୍ଭୀର, ପବିତ୍ର । ଆଦିକବି ବାଲ୍ମୀକିଙ୍କର ମାନସ-ସରୋବରରୁ ଏହି କାବ୍ୟ-ଜାହ୍ନବୀର ଉତ୍ପତ୍ତି । ମାନବ-ହୃଦୟ-ସାଗର ସଙ୍ଗମ ଲକ୍ଷ୍ୟରେ ଏହାର ଗତି । ଅନନ୍ତ-କାଳ ଏହାର ଗତିପଥ; ପ୍ରୀତି-ପ୍ରବାହିନୀ, ଭକ୍ତି-ତରଙ୍ଗିଣୀ, ମୁକ୍ତି-ନିର୍ଝରିଣୀ, କଳ୍ପନା-କଲ୍ଲୋଳିନୀ ଆଦି ବହୁ ଶ୍ରୁତି ସ୍ମୃତି-ବାହିତ ଉପନଦୀମାନଙ୍କ ଦ୍ୱାରା ଏହା ପୁଷ୍ଟ ।

ଏହି କାବ୍ୟ-ଜାହ୍ନବୀର ଭାବ ଜଳରାଶି ସଂସ୍କୃତ ଓ ପ୍ରାନ୍ତୀୟ ଭାଷାମାନଙ୍କରେ ରଚିତ ବହୁ ପୁରାଣ, କାବ୍ୟ ( ଉଭୟ ଶ୍ରାବ୍ୟ ଓ ଦୃଶ୍ୟ ) ଓ ଚମ୍ପୂ ଆଦି ଶାଖାନଦୀମାନଙ୍କରେ ବାହିତ ହୋଇ ଲାଭ କରିଅଛି, ଅଗଣିତ ଭାରତବାସୀ ତଥା ବିଶ୍ୱବାସୀଙ୍କ ହୃଦୟ-ସାଗର-ସଙ୍ଗମର ସାର୍ଥକତା । ବୈଦେହୀଶ ବିଳାସ ସେହି କାବ୍ୟ-ଜାହ୍ନବୀର ଅନ୍ୟତମ ଶାଖାନଦୀ ମାତ୍ର ।

ରାମ ମାହାତ୍ମ୍ୟର ବିବର୍ତ୍ତନରେ 'ବୈଦେହୀଶ ବିଳାସ' ଏକ ଉଜ୍ଜ୍ୱଳ ସଙ୍କେତ । ବୈଦେହୀଶ ବିଳାସର ପରମ୍ପରା ପ୍ରତି ସିଂହାବଲୋକନ କଲେ ବହୁ ପୁରାଣ, କାବ୍ୟ, ଚମ୍ପୂ ଆଦି ବିଷୟର ପରିସରକୁ ଆସେ । କାବ୍ୟ ପ୍ରାରମ୍ଭରେ ଏଥିପାଇଁ ଭଞ୍ଜ ପୂର୍ବବର୍ତ୍ତୀ କବିମାନଙ୍କ ମଧ୍ୟରୁ ପ୍ରଧାନ-ପ୍ରଧାନ ମାନଙ୍କର ନାମୋଲ୍ଲେଖ କରିଛନ୍ତି । ଯଥା—

"ବାଲ୍ମୀକି ବ୍ୟାସ କବି ମହିଁରେ
ମହାକାବ୍ୟ କେ ପୁରାଣ କଲେ
ମହାନାଟକ ବାତ-- ସ୍ୱଚ୍ଛରେ
—ହେଲେ ରଚିତା ସେ ।

ବିହ୍ଲଣେ କାବ୍ୟ କାଳିଦାସେ
ଚମ୍ପୂର ସେ ଭୋଜ ନରେଶେ
କୃପାସିନ୍ଧୁ ଏ ଗୀତ ପ୍ରକାଶେ—
ମୁହଲି ଲନ୍ତା ସେ ।"
( ବୈଦେହୀଶ ବିଳାସ - ୧ମ ଛାନ୍ଦ )

ରାମ ମାହାତ୍ମ୍ୟର ବିବର୍ତ୍ତନରେ ବୈଦେହୀଶ ବିଳାସର ବିଚାର ଦୁଇଟି ସ୍ୱତନ୍ତ୍ର ଦୃଷ୍ଟିକୋଣରୁ କରାଯାଇପାରେ ।

(କ) ପୁରାଣ ସାହିତ୍ୟ ଦୃଷ୍ଟିକୋଣରୁ
(ଖ ରାମ-ମାହାତ୍ମ୍ୟ ଦୃଷ୍ଟିକୋଣରୁ

ବର୍ତ୍ତମାନ ପ୍ରବନ୍ଧରେ କେବଳ ପୌରାଣିକ ଦୃଷ୍ଟିକୋଣରୁ ବିଚାର କରାଯାଇ ନାହିଁ, ବିଚାରର କେତେକ ସଂକେତ ମାତ୍ର ଦିଆଯାଇଛି ମାତ୍ର ।

ଇତିହାସତଃ ବିକ୍ଷିପ୍ତ କିମ୍ବଦନ୍ତୀ ଓ ଜନଶ୍ରୁତି ସଂଗ୍ରହ କରି ରାମାୟଣର ପ୍ରାଥମିକ ରୂପ ଦେଲେ ବାଲ୍ମୀକି । ଲକ୍ଷ୍ୟ କରିବାର କଥା, ବାଲ୍ମୀକି-ରାମାୟଣର ରାମ ଭଗବାନ୍ ନୁହନ୍ତି ଜଣେ ଆଦର୍ଶ ମାନବ ମାତ୍ର । ବାଲ୍ମୀକି-ରାମାୟଣର ରାମଙ୍କଠାରେ ଈଶ୍ୱରଙ୍କ ବିଭୂତି ଆରୋପିତ ହୋଇ ନାହିଁ । ରବୀନ୍ଦ୍ରନାଥଙ୍କ ଭାଷାରେ "ଦେବ । ଅବତାର ଲୀଳା

ଲଇଆଇ ଏକାବ୍ୟ ରଚିତ ତାହା ନୁହଁ । କବି ବାଲ୍ମୀକିର୍ କାଛେ ରାମ ଅବତାର ଛିଲେନ୍ ନା । ମାନୁଷଇ ଛିଲେନ୍ । ” ( ପ୍ରାଚୀନ ସାହିତ୍ୟ )

ଅବଶ୍ୟ ବର୍ତ୍ତମାନ ପ୍ରଚଳିତ ବାଲ୍ମୀକି-ରାମାୟଣର ସ୍ଥଳ ବିଶେଷରେ ରାମଚନ୍ଦ୍ର ଭଗବାନ ବୋଲି ବର୍ଣ୍ଣିତ ହୋଇଛନ୍ତି ; କିନ୍ତୁ ପଣ୍ଡିତମାନେ ଏପରି ବର୍ଣ୍ଣନା ସମ୍ବଳିତ ବହୁ ଶ୍ଳୋକକୁ ପ୍ରକ୍ଷିପ୍ତ ବୋଲି ମତ ଦିଅନ୍ତି । ଦ୍ରଷ୍ଟବ୍ୟ—

(1) Vaisanavism, Saivism etc. by R. G. Bhandarkar, (Collected works of R. G Bhandarkar. p. 65, vol. IV)
(2) Studies in Epics by A. D. Pusalker (Introduction, P. × × × VIII) ଓ
(3) ରାମକଥା by କାମିଲ୍ ବୁଲ୍କେ ।

ବିଶେଷ ଲକ୍ଷ୍ୟ କରିବାର ବିଷୟ ବାଲ୍ମୀକି-ରାମାୟଣରେ ନାରଦ ବାଲ୍ମୀକିଙ୍କୁ ତାଙ୍କ ପ୍ରଶ୍ନର ଉତ୍ତରରେ କହୁଛନ୍ତି—

“ଦେବେଷ୍ୱପି ନ ପଶ୍ୟାମି, କଶ୍ଚିତ୍ ଏଭିର୍ଗୁଣୈଃ ଯୁତମ୍
ଶ୍ରୂୟତାଂ ତୁ ଗୁଣୈଃ ଏଭିର୍ଯୋ ଯୁକ୍ତ ନରଚନ୍ଦ୍ରମାଃ ।”

ଅର୍ଥାତ୍ ଏପରି ଗୁଣବାନ୍ ପୁରୁଷ ଦେବତାମାନଙ୍କ ମଧ୍ୟରେ ବି ଦେଖା ନାହିଁ । ଯେଉଁ ନରଚନ୍ଦ୍ରମା (ନରଶ୍ରେଷ୍ଠ) ଏ ଗୁଣର ଅଧିକାରୀ ତାଙ୍କ କଥା ଶୁଣ । ଏଠାରେ ଦେବତାମାନଙ୍କ ମଧ୍ୟରେ ନାହିଁ ଓ ନରଚନ୍ଦ୍ରମା ଶବ୍ଦ ପ୍ରଭୃତି ପ୍ରଣିଧାନର ଯୋଗ୍ୟ । ମୋଟ ଉପରେ ରବୀନ୍ଦ୍ରନାଥଙ୍କ ଭାଷାରେ କୁହାଯାଇପାରେ ଯେ,—“ରାମାୟଣେ ଦେବତା ନିଜକେ ଖର୍ବ କରେ ମାନୁଷ କରେନ୍ ନାଇ, ମାନୁଷଇ ନିଜଗୁଣେ ଦେବତା ହଇଆ ଉଠିଅଛେନ୍ ।”

ପରବର୍ତ୍ତୀ କାଳରେ ଅବତାର-ବାଦ ଲୋକପ୍ରିୟ ହେଲା । ରାମଚନ୍ଦ୍ର ଭଗବାନ ବିଷ୍ଣୁଙ୍କ ଅବତାର ରୂପେ ସ୍ୱୀକୃତି ଲାଭ କଲେ । ବାଲ୍ମୀକି-ରାମାୟଣରେ ରାମଚନ୍ଦ୍ର ଭଗବାନ ବିଷ୍ଣୁଙ୍କ ଅବତାର ବୋଲି କୌଣସି

ସୂଚନା ଦିଆଯାଇ ନ ଥିବାରୁ କୁହାଗଲା ଯେ ବାଲ୍ମୀକ ରାମଚନ୍ଦ୍ରଙ୍କୁ ଭଗବାନ୍ ହିସାବରେ ନୁହେଁ ସାଧାରଣ ମନୁଷ୍ୟ ଭାବରେ ଚିତ୍ରଣ କରି ତାଙ୍କର ମହତ୍ତ୍ୱ ପରିସ୍ଫୁଟ କରି ଦେଇଅଛନ୍ତି ମାତ୍ର ଭଗବାନତ ଅନନ୍ତ ଶକ୍ତିଶାଳୀ, ଅନନ୍ତ ଗୁଣର ଆକାର । ତେଣୁ ଭଗବାନ ପ୍ରବଳ ପରାକ୍ରାନ୍ତ ରାବଣକୁ ବଧ କଲେ ବା ପିତୃଭକ୍ତି ଆଦି ବିଶିଷ୍ଟ ଓ ଅସାଧାରଣ ଗୁଣର ଅଧିକାରୀ ହେଲେ ବୋଲି କହିଲେ ଆଉ ବିଶେଷତ୍ୱ ବା ବିଚିତ୍ରତା କଣ ବା ଥାଆନ୍ତା । ପକ୍ଷାନ୍ତରରେ ଜଣେ ସାଧାରଣ ମନୁଷ୍ୟ ଯଦି ସେହିପରି ଶୌର୍ଯ୍ୟ, ବୀର୍ଯ୍ୟ ଓ ଗୁଣବାନ୍ ହୋଇ ପାରନ୍ତି, ତା ହେଲେ ସିନା ସେ ଲୋକରେ ଆଦର୍ଶ ହୋଇ ପାରିବେ ଓ ତାଙ୍କର ମହତ୍ତ୍ୱ ଅଧିକ ପରିସ୍ଫୁଟ ହେବ ଏବଂ ସେ ଅନୁକରଣୀୟ ହେବେ । ତେଣୁ ବାଲ୍ମୀକ ଏ ରୀତି ଦୃଷ୍ଟିକୁ ଅବଲମ୍ବନ କରିଅଛନ୍ତି ।

ଆହୁରି ମଧ୍ୟ ବ୍ୟାଖ୍ୟା ଦିଆଗଲା ଯେ, ରାମ ଭଗବାନଙ୍କର ଅବତାର ହେଲେ କଣ ହେଲା, ସେ କାହାରିଠାରୁ ଅଭିଶାପ ପାଇ ସାଧାରଣ ମନୁଷ୍ୟ ତୁଲ୍ୟ ଆଚରଣ କରୁଥିଲେ । ସୁତରାଂ ବାଲ୍ମୀକ ତାଙ୍କୁ ସେହିପରି ଚିତ୍ରଣ କରିଅଛନ୍ତି ।

କିନ୍ତୁ ଏ ସବୁ ଯୁକ୍ତି ମଧ୍ୟ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ । ବିଶେଷ ଭାବରେ ଜଗତର ମାତୃ-ସ୍ୱରୂପା ସୀତାଙ୍କୁ ରାକ୍ଷସରାଜ ରାବଣ ଚୋରିକରି ନେଇଯିବା ସେମାନଙ୍କ ଆଖିରେ ଅତ୍ୟନ୍ତ ଅସୁନ୍ଦର ଦେଖାଗଲା, ବଡ଼ ଦୁଃଖନୀୟ ମଧ୍ୟ ବୋଧ ହେଲା ।

ଅବତାର-ବାଦର ପ୍ରଭାବରେ ରାମଚନ୍ଦ୍ର ପ୍ରଥମେ ଭଗବାନ ବିଷ୍ଣୁଙ୍କର ଏକ ଅବତାର ରୂପେ ସ୍ୱୀକୃତ ପାଇଥିଲେ ।

କିନ୍ତୁ ରାମ ଏହିପରି ଅବତାର ହୋଇ ରହିଲେ ନାହିଁ । ସେ ପରିଣତ ହେଲେ ଅବତାରୀ ପୂର୍ଣ୍ଣ ବ୍ରହ୍ମରେ । ଅନ୍ୟ କଥାରେ କହିଲେ ସେ ହେଲେ ପୂର୍ଣ୍ଣାବତାର, ଅଂଶାବତାର ନୁହେଁ । ପୁଣି ସେ ଥିଲେ ସମ୍ପୂର୍ଣ୍ଣ ରୂପେ ଆତ୍ମ-ସଚେତନ, କ୍ରମେ ବାଲ୍ମୀକ କୃତ ମୂଳ ରାମାୟଣରେ ଏହି ଭାବଧାରାର ଶ୍ଳୋକସବୁ ପ୍ରକ୍ଷିପ୍ତ କରାଗଲା । ଯେତେଦୂର ଜଣାଯାଏ ବ୍ରହ୍ମାଣ୍ଡ ପୁରାଣ ଅନ୍ତର୍ଗତ 'ଅଧ୍ୟାତ୍ମ ରାମାୟଣ' ହେଲା ସେ ଉଦ୍ୟମର ପୂର୍ଣ୍ଣାଙ୍ଗ ପରିଣତି ।

ଅଧ୍ୟାତ୍ମ ରାମାୟଣର ନାମରୁ ମଧ୍ୟ ଠିକ ଏହି ସୂଚନା ମିଳେ ।

କେବଳ ଅଧ୍ୟାତ୍ମ ରାମାୟଣର ନାମରୁ ନୁହେଁ ବିଷୟବସ୍ତୁରେ ମଧ୍ୟ ରାମଚନ୍ଦ୍ର ପରମାତ୍ମା, ପୂର୍ଣ୍ଣ ବ୍ରହ୍ମରୂପେ ଚିତ୍ରିତ ହୋଇଅଛନ୍ତି । ସେ ନିର୍ବିକାର, ନିରଂଜନ; ସୀତା ହେଲେ ମୂଳ ପ୍ରକୃତି । ଏହି ପ୍ରକୃତି ଦ୍ୱାରା ହିଁ ସୃଷ୍ଟି ସମ୍ଭବ । ଦର୍ଶନ ମାଧ୍ୟମରେ ଏ ତତ୍ତ୍ୱର ପ୍ରତିପାଦନପାଇଁ ଯେଉଁ ଚେଷ୍ଟା କରାଗଲା, ତାର ତୁଳନା ସ୍ୱରୂପ ଗୀତାର ପୁରୁଷୋତ୍ତମ ଯୋଗ ଦେଖାଯାଇ ପାରେ ।

**ଉଦାହରଣ—**

ରାମଃ ବିଦ୍ଧି ପରଂବ୍ରହ୍ମ ସଚ୍ଚିଦାନନ୍ଦମ୍ ଅଦ୍ୱୟମ୍ ।
ସର୍ବୋପାଧି ବିନିର୍ମୁକ୍ତଂ ସତ୍ତା ମାତ୍ର ମଗୋଚରମ୍ ।
ଆନନ୍ଦଂ ନିର୍ମଳଂ ଶାନ୍ତଂ ନିର୍ବିକାରଂ ନିରଞ୍ଜନଂ
ସର୍ବବ୍ୟାପିନମାତ୍ମାନଂ ସ୍ୱପ୍ରକାଶମ କଳ୍ମଷମ୍ ।
ମାଂ ବିଦ୍ଧି ମୂଳ ପ୍ରକୃତିଂ ସର୍ଗସ୍ଥିତ୍ୟନ୍ତ କାରିଣୀମ୍ ।
ତସ୍ୟ ସନ୍ନିଧି ମାତ୍ରେଣ ସୃଜାମିଦ ମତନ୍ଦ୍ରିତଃ ।
ତତ୍ ସାନ୍ନିଧ୍ୟାନମୟା ସୃଷ୍ଟଂ ତସ୍ମିନାରୋପ୍ୟତେଽବୁଧୈଃ
ଅଯୋଧ୍ୟା ନଗରେ ଜନ୍ମ ରଘୁବଂଶେତି ନିର୍ମଳେ ।

( ଅଧ୍ୟାତ୍ମ ରାମାୟଣ—ବାଳକାଣ୍ଡ ୧ମ ସର୍ଗ—ରାମ ହୃଦୟ ୩୨-୩୫ )

ପୂର୍ବୋକ୍ତ ସୀତା ହରଣ ଆଦିର ନାନା ବ୍ୟାଖ୍ୟା ମଧ୍ୟ ଅଧ୍ୟାତ୍ମ-ରାମାୟଣରେ ଯେପରି ବର୍ଣ୍ଣିତ ହୋଇଛି ଉଦାହରଣ ସ୍ୱରୂପ ଦିଆଗଲା

ଯଥା :—

ଅଥ ରାମୋଽପି ତତ୍ ସର୍ବଂ ଜ୍ଞାତ୍ୱା ରାବଣ ଚେଷ୍ଟିତମ୍
ଉବାଚ ସୀତାମେକାନ୍ତେ ଶୃଣୁ ଜାନକୀ ମେ ବଚଃ
ରାବଣୋ ଭିକ୍ଷୁରୂପେଣ ଆଗମିଷ୍ୟତି ତେଽନ୍ତିକମ୍
ତ୍ୱାଂ ତୁ ଛାୟାଂ ତ୍ୱଦାକାରାଂ ସ୍ଥାପୟିତ୍ୱୋଟଜେ ବିଶ
ଅଗ୍ନାବଦୃଶ୍ୟ ରୂପେଣ ବର୍ଷଂ ତିଷ୍ଠ ମମାଜ୍ଞୟା
ରାବଣସ୍ୟ ବଧାନ୍ତେ ମାଂ ପୂର୍ବବତ୍ ପ୍ରାପ୍ସ୍ୟସେ ଶୁଭେ ।

( ଅଧ୍ୟାତ୍ମ ରାମାୟଣ ଆରଣ୍ୟକାଣ୍ଡ—୭ମ ସର୍ଗ, ୧-୩ )

ତେଣୁ ରାବଣ ପ୍ରକୃତ ସୀତାଙ୍କୁ ନୁହେଁ—ଛାୟା ସୀତା ହରଣ କଲେ । ରାମ କେବଳ ଲୀଳା ପ୍ରଦର୍ଶନ କରନ୍ତି, ସେ ପୁଣି ସମ୍ପୂର୍ଣ୍ଣ ଚେତନ ।

ବାଲ୍ମୀକି ରାମାୟଣରୁ ଅଧ୍ୟାତ୍ମ ରାମାୟଣରେ ଏ ବିବର୍ତ୍ତନ ସଙ୍ଗେ ସଙ୍ଗେ ଲକ୍ଷ୍ୟ କରିବାର ବିଷୟ । ଭାରତରେ ଅଧ୍ୟାତ୍ମ ରାମାୟଣରେ ପ୍ରତିପାଦିତ ବିଷୟବସ୍ତୁ କ୍ରମେ ଲୋକପ୍ରିୟ ହୋଇଉଠିଲା । ତେଣୁ ପ୍ରାୟ ଅଧିକାଂଶ ରାମକଥା ସମ୍ବଳିତ ସାହିତ୍ୟରେ ରାମଙ୍କୁ ଭଗବାନ୍ ରୂପେ ମାନି ନିଆଗଲା । ଉଦାହରଣ ସ୍ୱରୂପ ଓଡ଼ିଆ ସାହିତ୍ୟ କଥା ଧରାଯାଉ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅଧ୍ୟାତ୍ମ ରାମାୟଣର ଛଅଟି ଅନୁବାଦ ଥିବାର ଏ ପର୍ଯ୍ୟନ୍ତ ଜଣାଯାଇଛି । ସେହି ଅନୁବାଦକମାନେ ହେଉଛନ୍ତି—

୧—ହଳଧର ଦାସ          ୨—ଗୋପାଳ ତେଲେଙ୍ଗା
୩—ନରହରି କବିଚନ୍ଦ୍ର          ୪—ସୂର୍ଯ୍ୟମଣି ଚମ୍ପତି ପଟ୍ଟନାୟକ
୫—ଦାମୋଦର ଦାସ          ୬—ସୀତା ଚରଣ ଦାସ
୭—ତେଲେଙ୍ଗା ମୁକୁନ୍ଦ ଦେବ

(ଦ୍ରଷ୍ଟବ୍ୟ—ଓଡ଼ିଆ ରାମ ସାହିତ୍ୟ-ଲେ-ନୀଳମଣି ମିଶ୍ର)

ଏଥିରୁ ଜଣାପଡେ଼ ଅଧ୍ୟାତ୍ମ ରାମାୟଣ ଓଡ଼ିଶାରେ କିପରି ଜନପ୍ରିୟ ଥିଲା । ପ୍ରସିଦ୍ଧ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ କୃପାସିନ୍ଧୁ ବଳରାମ ଦାସଙ୍କ ରଚିତ ଜଗମୋହନ ରାମାୟଣ ବା ଦାଣ୍ଡିରାମାୟଣ ମଧ୍ୟ ଅଧ୍ୟାତ୍ମ ରାମାୟଣ ସରଣୀରେ ରଚିତ ଅର୍ଥାତ୍ ରାମଚନ୍ଦ୍ରଙ୍କୁ ଆତ୍ମସଚେତନ ଭଗବାନ ବା ଅବତାରୀ ବୋଲି ଏଥିରେ ଗ୍ରହଣ କରାଯାଇଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆହୁରି ଅନେକ କବି ମଧ୍ୟ ଏହି ସରଣୀ ଅବଲମ୍ବନ କରିଅଛନ୍ତି ।

ଏହି ପରମ୍ପରାର ସୁଯୋଗ୍ୟ ଦାୟାଦ ଥିଲେ ଭଞ୍ଜ କବି । ସେ ମଧ୍ୟ ସେହି ସରଣୀ ଅବଲମ୍ବନ କରିଅଛନ୍ତି । ବୈଦେହୀଶ ବିଳାସର ରାମ ଅବତାରୀ, ସମ୍ପୂର୍ଣ୍ଣ ଆତ୍ମସଚେତନ । ବୈଦେହୀଶ ବିଳାସର ନାମକୁ ବିଶ୍ଳେଷଣ କଲେ ଠିକ୍ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ।

କେବଳ ନାମରୁ ନୁହେଁ ବୈଦେହୀଶ ବିଳାସର ବିଷୟବସ୍ତୁରୁ ମଧ୍ୟ ଏହାର ପ୍ରମାଣ ଦିଆଯାଇପାରେ । ବୈଦେହୀଶ ବିଳାସରେ ତାଡ଼କା ବିନାଶ ପରେ ବିଶ୍ୱାମିତ୍ରଙ୍କ ଚିନ୍ତାକୁ ଭଞ୍ଜ କବି ନିମ୍ନୋକ୍ତ ପ୍ରକାରରେ ରୂପ ଦେଇ ଅଛନ୍ତି ।

"ବିପକ୍ଷ ଏମ ନାହିଁ ମୋକ୍ଷ ଦାୟୀ
ବିଷ୍ଣୁ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ ।
ବପୁରେ ଲୀନ ଅବତାର ମାନ
ବସନ୍ତ ପୁରୁଷ ଲକ୍ଷଣେ ମୀନ ।

× × ×

ବର୍ତ୍ତମାନ ଭୂତ ଭବିଷ୍ୟ ତିନି
କଳାଣେ ଅବତାରୀ ଏହି ଚହ୍ନି ।" (୭ମ ଛାନ୍ଦ)

ଏଠାରେ ରାମଚନ୍ଦ୍ର ହେଉଛନ୍ତି ଅବତାରୀ । ଅନ୍ୟତ୍ର ମଧ୍ୟ ପର୍ଶୁରାମଙ୍କ ସମକ୍ଷରେ ଦଣ୍ଡାୟମାନ ରାମଚନ୍ଦ୍ରଙ୍କୁ ଲକ୍ଷ୍ୟକରି କବି କହୁଛନ୍ତି—

"ବିଧୁ ଅବତାର ଦୁହିଁଙ୍କର ଏହିପରି
ବିନ୍ୟସ୍ତ ଦିଶିଥିଲା ଆଗେ ପଛେ ରକା କରି ।"

ଏଠାରେ ସୂଚନାରେ ରାମଚନ୍ଦ୍ରଙ୍କୁ ପୂର୍ଣ୍ଣାବତାର ଓ ପର୍ଶୁରାମଙ୍କୁ ଅଂଶାବତାର ବୋଲି ଗ୍ରହଣ କରାଯାଇଛି । ସେତିକି ନୁହେଁ—

"ବାରହୂଣ ଶୋଭି ଅଯୋଧ୍ୟାପୁରୀ
ବ୍ରହ୍ମ ଆକାର-ବନ୍ତ ଯେଣୁ ଧରି ।" (୭ମ ଛାନ୍ଦ)

ଓ

"ବୈକୁଣ୍ଠ ବୈକୁଣ୍ଠପୁର ଶୂନ୍ୟ ପୂର୍ଣ୍ଣ ମୂର୍ତ୍ତି" ଆଦି ଅନେକ ଉଦାହରଣ ଦିଆଯାଇପାରେ । ଭାଗବତରେ ଅଛି—

"ବ୍ରହ୍ମେତି ପରମାତ୍ମେତି
ଭଗବାନିତି ଶବ୍ଦ୍ୟତେ ।"

ବୈଦେହୀଶ ବିଳାସରେ ରାମଚନ୍ଦ୍ର ହେଉଛନ୍ତି ପରଂବ୍ରହ୍ମ, ପରମାତ୍ମା ଷଡ଼ୈଶ୍ୱର୍ଯ୍ୟପୂର୍ଣ୍ଣ ଭଗବାନ ।

ପୁନଶ୍ଚ ବୈଦେହୀଶ ବିଳାସର ରାମ କେବଳ ଭଗବାନ୍ ନୁହନ୍ତି, ସେ ହେଉଛନ୍ତି କାମସୁନ୍ଦର ରାମ । କବି ଶିବଙ୍କ ମୁଖରେ ଭବାନୀଙ୍କୁ ଉଦ୍ଦେଶ୍ୟ କରି କୁହାଇଛନ୍ତି —

“ବିହି ନୋହି ମୂରତି ବର୍ଣ୍ଣ-କୋଟି ଜିତ
ବାଞ୍ଛା ପୂରୁ ହେ ପୁରୁଷୋତ୍ତମ ମୁଁ ଭାବିତ
ବିରୂପାକ୍ଷ ବୋଲି ବାରେ ଡାକେ କି ଶୋଚନ
ବାଞ୍ଛେ ଲୋଭେ ଈକ୍ଷଣ ତନୁ ମୁଁ ରଚନ ।”

ଭଞ୍ଜଙ୍କ ଦୃଷ୍ଟିରେ ରାମଚନ୍ଦ୍ର କେବଳ ‘ବର୍ଣ୍ଣ କୋଟି ଜିତ’ ମୂର୍ତ୍ତି ଧରି ଅବତୀର୍ଣ୍ଣ ହୋଇ ନ ଥିଲେ । ସେ ଆଚରଣରେ ଜଣେ ସାଧାରଣ ମନୁଷ୍ୟ ମାତ୍ର ଥିଲେ । ଲୌକିକ ବ୍ୟବହାରରେ ସେ ଥିଲେ ଜଣେ ସାଧାରଣ ମନୁଷ୍ୟ । ତାଙ୍କ ଭଗବତ୍ତାର କୌଣସି ଚିହ୍ନ ସେ ଧାରଣ କରି ନଥିଲେ । ସେଥିପାଇଁ ସେ ମୂଳରୁ କହିଲେ —

“ବିହିବି ନାହିଁ ମୁଁ ଅରି ଅରି ମାରଣରେ
ବିରାଜମାନ ବି-ରାଜ ନ ଚଢ଼ି ରଣରେ
ବିନୌକାବଳ ପ୍ରବଳ ସଙ୍ଗ ହେବ ହେଲେ
ବୋଲିଣ ଅନ୍ତର ଯେ ଅନ୍ତରଯାମୀ ହେଲେ ।”

(ବୈଦେହୀଶ ବିଳାସ-୨ୟ ଛାନ୍ଦ)

ତେଣୁ ସେ ରାମ ନୁହନ୍ତି, କାମ ବୋଲି ଧାରଣା ହେବା ସ୍ୱାଭାବିକ । ଏ ଧାରଣା ସାଧାରଣ ପାଠକର ହେବା ବିଚିତ୍ର ନୁହେଁ । କାରଣ ମୁନି ମାର୍କଣ୍ଡେୟ ମଧ୍ୟ ଏ ଧାରଣାର ବଶୀଭୂତ ହୋଇଥିବା ଭଞ୍ଜକବି ବର୍ଣ୍ଣନା କରି ଅଛନ୍ତି । ଯଥା—

‘ବୋଧି ବାହୁଡୁ ମାର୍କଣ୍ଡେୟ ପୁଚ୍ଛି
ବିଷ୍ଣୁ ପର ପରାତ୍ପର କାହିଁରୁ
ବିହି ନାହାନ୍ତି ତ ଦର ଅଧିକ
ବହିଛନ୍ତି ଏକା ଦର ଅଧିକ
ବି-ପତ୍ତି ବିହୀନ
ବିପତ୍ତି ଭଂଜନେ ହୋଇ ମଉନ ।

ବିଶ୍ୱକେଉ୍ଁ ଏ ଚରିତେ ହୁଅଇ
ବୋମା ବିଚ୍ଛେଦ ଜନ୍ମାନ୍ତେ ନ ଯାଇ
ବହିଛୁ ଶିଖିଷାଙ୍ଗୀ ଶିଖି ଶିଖି
ବ୍ୟର୍ଥ ପ୍ରଶାନ୍ତ ରାଗ ଲତା ପରି
ବନ୍ଦୀ ସେ ଦୈତ୍ୟରେ
ବିଧାନ ହୋଇଛୁ ଜନମାନ୍ତରେ ।''

କିନ୍ତୁ ଏହି ବିଶାଳ କୋଟିକିତ ରାମଚନ୍ଦ୍ର ଯେ ଆତ୍ମସଚେତନ ଭଗବାନ, ତାର ସୂଚନା ମଧ ବୈଦେହୀଶ ବିଳାସରୁ ମିଳେ । ବିଶେଷ ଭାବରେ ବକକୁ ବର ଦବା ଆଦି ଘଟଣାମାନଙ୍କରୁ ଏହାର ପ୍ରମାଣ ସମ୍ୟକ୍ ଅନୁଭୂତ ହୁଏ ।

ବର୍ତ୍ତମାନ ଭଗବାନଙ୍କ ଅବତାରର କାରଣ ବା ମର୍ତ୍ତ୍ୟରେ ଜନ୍ମ ହେବାର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରାଯାଉ । ରାମଚନ୍ଦ୍ର ଭଗବାନଙ୍କ ଅଂଶାବତାର ରୂପେ ଯେତେବେଳେ କଳ୍ପିତ ହେଲେ ସେତେବେଳେ ଭୂମିଭାର ହରଣ କରି ଧରାକୁ ଉଶ୍ୱାସ କରିବା ତାଙ୍କ ଅବତାରର କାରଣ ରୂପେ ଗୃହୀତ ହେଲା । ଶ୍ରୀମଦ୍‌ଭଗବତ୍ ଗୀତାର ନିମ୍ନୋଦ୍ଧୃତ ପ୍ରସିଦ୍ଧ :- ଶ୍ଳୋକ ହେଲା ତାଙ୍କ ଅବତାରର କାରଣ ନିର୍ଦ୍ଦେଶକ ।

"ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୂନାଂ ବିନାଶାୟଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।''
( ୪ର୍ଥ ଅଧ୍ୟାୟ, ୭-୮ )

କ୍ରମେ ରାମ ଅବତାରରୁ ଅବତାରୀରେ ପରିଣତ ହେଲେ, ଅର୍ଥାତ୍ ଅଂଶାବତାର ପରିବର୍ତ୍ତେ ପୂର୍ଣ୍ଣାବତାର ବୋଲି ରାମଚନ୍ଦ୍ର ଗୃହୀତ ହେଲେ । କିନ୍ତୁ ଅବତାରର କାରଣ ସଂପର୍କରେ ଗୀତାର ପୂର୍ବୋଦ୍ଧୃତ ଶ୍ଳୋକ ହିଁ ପ୍ରମାଣିତ ବୋଲି ମାନି ନିଆଗଲା । ଏହାର ଦୃଷ୍ଟାନ୍ତ ସ୍ୱରୂପ ଅଧ୍ୟାତ୍ମ

ରାମାୟଣରେ ବିଷୟ ବିସ୍ତାରର ପରିସରକୁ ଅଣାଯାଇପାରେ । ଅଧ୍ୟାତ୍ମ ରାମାୟଣରେ ରାମାବତାର ପୂର୍ଣ୍ଣାବତାର ବୋଲି କୁହାଯାଇଛି ; କିନ୍ତୁ ଭୂମିଭାର ହରଣ ବା ସନ୍ତୁପାଳନ, ଦୁଷ୍ଟ-ଦଳନକୁ ଅବତାରର କାରଣ ରୂପେ ଗ୍ରହଣ କରାଯାଇଛି । ରାମଚନ୍ଦ୍ର ଜନ୍ମ ଗ୍ରହଣ କଲା ସମୟରେ କୌଶଲ୍ୟାଙ୍କ ସମକ୍ଷରେ ଏହା ସ୍ୱୀକାର କରି କହିଛନ୍ତି :—

"ଅହଂ ତୁ ବ୍ରହ୍ମଣା ପୂର୍ବଂ ଭୂମେର୍ଭାରାପନୁତ୍ତୟେ
ପ୍ରାର୍ଥିତୋ ରାବଣଂ ହନ୍ତୁଂ ମାନୁଷତ୍ୱ ମୁପାଗତଃ ।"

( ଅଧ୍ୟାତ୍ମ ରାମାୟଣ, ବାଳକାଣ୍ଡ, ୩ୟ ସର୍ଗ )

ଅନ୍ୟତ୍ର ମଧ୍ୟ ବଶିଷ୍ଠଙ୍କ ମୁଖ ଦେଇ ଅଧ୍ୟାତ୍ମ ରାମାୟଣକାର କୁହାଇଛନ୍ତି—

"ଶୃଣୁ ରାଜନ୍ ଦେବଗୁହ୍ୟଂ ଗୋପନୀୟଂ ପ୍ରଯତ୍ନତଃ
ରାମୋ ନ ମାନୁଷୋ ଜାତଃ ପରମାତ୍ମା ସନାତନଃ
ଭୂମେର୍ଭାରାବତାରାୟ ବ୍ରହ୍ମଣା ପ୍ରାର୍ଥିତୋ ପୁରା
ସ ଏବ ଜାତୋ ଭବନେ କୌଶଲ୍ୟାୟାଂ ତବାନଘ ।"

( ଅଧ୍ୟାତ୍ମ ରାମାୟଣ, ବାଳକାଣ୍ଡ—୪ର୍ଥ-ସର୍ଗ-୧୨-୧୩ )

କିନ୍ତୁ ଲକ୍ଷ୍ୟ କରିବାର ବିଷୟ ଅବତାରର କାରଣ ସମ୍ପର୍କରେ ଅଧ୍ୟାତ୍ମ ରାମାୟଣର ସ୍ୱର ବୈଦେହୀଶ ବିଳାସରେ ପ୍ରତିଧ୍ୱନିତ ହୋଇ ନାହିଁ । ବୈଦେହୀଶ ବିଳାସରେ ଅଛି ରାବଣର ଅତ୍ୟାଚାର-ପ୍ରପୀଡ଼ିତ ଦେବତାଗଣ, ଇନ୍ଦ୍ର, ବ୍ରହ୍ମା ଓ ମହାଦେବଙ୍କ ସମଭିବ୍ୟାହାରରେ ଭଗବାନ ବିଷ୍ଣୁଙ୍କୁ କ୍ଷୀର ସିନ୍ଧୁ ତୀରରେ ସ୍ତବ କଲେ । ଦେବଗଣଙ୍କ ସ୍ତୁତିରେ ପରମ ସନ୍ତୋଷ ଲାଭ କରି ଭଗବାନ ବିଷ୍ଣୁ ଗରୁଡ଼ ସ୍କନ୍ଧରେ ଆରୋହଣ ପୂର୍ବକ ସେମାନଙ୍କ ସମ୍ମୁଖରେ ବିରାଜମାନ ହେଲେ ଓ ବ୍ରହ୍ମାଙ୍କୁ ପ୍ରଶ୍ନ କଲେ ।:—

ବୋଇଲେ ପ୍ରବର ବର ହେଅ କାହିଁ ପାଇଁ
ବେଗରେ ହିପୁର ଭାର ଦୈତ୍ୟେ ଜାଣ ନାହିଁ
ବୋଇଲା ଯେ ପୂର୍ବ ପୂର୍ବ ଦେବେ ବଳେ ସାର
ହାନାଶନରେ କି ନାଶ ପ୍ରକାର ସଂସାର ।"

( ବୈଦେହୀଶ ବିଳାସ, ୨ୟ ଛାନ୍ଦ )

ଅର୍ଥାତ୍ ହେ ବ୍ରହ୍ମା, ତୁମେ ତ ଜାଣିଛ ଦୈତ୍ୟମାନେ ହିଁ ସୁରର ଘର ସ୍ୱରୂପ । ତା ସତ୍ତ୍ୱେ ସେମାନଙ୍କୁ ଅତି ଉତ୍ତମ ବରମାନ କାହିଁକି ଦିଅ ? ଏହାର ଉତ୍ତରରେ ବ୍ରହ୍ମା କହିଲେ ।

> ବିଧି ବୋଇଲେ ଶୁଣି ତା କ ଉକ୍ତି ବଚନ
> ବର କରୁ ଉଚିତେ ଏ ରିତ୍ତେ ବିରଚନ
> ତ୍ରିଲୋକକ ହେବ ନବ ନବ ଅବତାର
> ତ୍ରିପୁର ତ୍ରିପୁର ଲୀଳା ହୋଇବ ବିସ୍ତାର ।"
>
> ( ବୈଦେହୀଶ ବିଳାସ–୨ୟ ଛାନ୍ଦ )

ବ୍ରହ୍ମାଙ୍କର ଏହି ଉତ୍ତରରେ ସ୍ପଷ୍ଟ ସୂଚନା ଦିଆଯାଇଅଛି ଯେ ଭୂମି-ଭାର ହରଣ ଗୌଣ କାରଣ ହୋଇପାରେ କିନ୍ତୁ ମୁଖ୍ୟ କାରଣ ହେଲା, ଲୀଳା ବିସ୍ତାର ବା ଲୀଳା ପ୍ରକଟ କରିବା । ଅତଏବ ଏଠାରେ ଅଧ୍ୟାତ୍ମ ରାମାୟଣର ସରଣୀକୁ ଯଥାଯଥ ଅନୁସରଣ ନ କରି ଭଞ୍ଜେ ଏଇପରି ଯେଉଁ ସ୍ୱାତନ୍ତ୍ର୍ୟ ଦେଖାଇଛନ୍ତି ତାହା ଚୈତନ୍ୟ ପ୍ରବର୍ତ୍ତିତ ଭକ୍ତିବାଦର ପ୍ରଭାବ ରୂପେ ଗ୍ରହଣ କରାଯାଇପାରେ ।

କୁହାଯାଇଛି, ଅବତାର-ବାଦର ଉତ୍ପତ୍ତି ପରେ କୃଷ୍ଣ ପ୍ରଥମେ ଭଗବାନ ବିଷ୍ଣୁଙ୍କ ଅଂଶାବତାର ଓ ପରେ ପୂର୍ଣ୍ଣାବତାର ରୂପେ ସ୍ୱୀକୃତି ଲାଭ କଲେ । ଭାଗବତରେ "କୃଷ୍ଣସ୍ତୁ ଭଗବାନ ସ୍ୱୟଂ" ଏହାର ପ୍ରମାଣ ସ୍ୱରୂପ ଧରାଗଲା । ତେଣୁ ଜୟଦେବ ଗୋସ୍ୱାମୀ ସ୍ୱକୃତ ଗୀତଗୋବିନ୍ଦ କାବ୍ୟରେ ରାମଚନ୍ଦ୍ରଙ୍କୁ ଅଂଶାବତାର ରୂପେ ଗ୍ରହଣ କରିଥିଲେ ମଧ୍ୟ କୃଷ୍ଣଙ୍କୁ ଅଂଶାବତାର ବୋଲି ଗ୍ରହଣ କରି ନାହାନ୍ତି । ସେ ଯାହା ହେଉ ପରବର୍ତ୍ତୀ କାଳରେ ଚୈତନ୍ୟଙ୍କୁ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣାବତାର ବୋଲି ଗ୍ରହଣ କଲେ । ସେମାନଙ୍କ ମତରେ ବିଷ୍ଣୁ ଅବତାରୀ ନୁହନ୍ତି; ସେ ଗୁଣାବତାର, ଶ୍ରୀକୃଷ୍ଣ ହେଲେ ଅବତାରୀ, ବେଦାନ୍ତର ପରଂବ୍ରହ୍ମ । ଚୈତନ୍ୟ ସେହି କୃଷ୍ଣଙ୍କର ପୂର୍ଣ୍ଣାବତାର ଅନ୍ୟ କଥାରେ ସେ ହିଁ ଅବତାରୀ ପରଂବ୍ରହ୍ମ ।

ସେତିକି ନୁହେଁ, ଅବତାରର କାରଣ ସମ୍ପର୍କରେ ମଧ୍ୟ ଚୈତନ୍ୟ ପନ୍ଥୀମାନେ ଯେଉଁ ଭିନ୍ନ ବ୍ୟାଖ୍ୟା ଦେଲେ ତାହା ହେଉଛି ଲୀଳା ପ୍ରକଟ କରିବା ବା ଭାବ ଆସ୍ୱାଦନ କରିବା । ଏହି ବ୍ୟାଖ୍ୟାର ଉତ୍ପତ୍ତି ସ୍ଥଳ

ଗୌଡ଼ ନୁହେଁ—ବୃନ୍ଦାବନ । ବୃନ୍ଦାବନର ଷଡ଼ ଗୋସ୍ୱାମୀ ଏହି ବ୍ୟାଖ୍ୟାର ପୁରୋଧା । ବଙ୍ଗ ଭାଷାର ଚରିତ ଗ୍ରନ୍ଥ ( ଚୈତନ୍ୟ ଜୀବନୀ ) ମାନଙ୍କରେ ଏ ବ୍ୟାଖ୍ୟାର କ୍ରମ-ବିକାଶ ଅଧ୍ୟୟନ କରାଯାଇପାରେ ।

ବୃନ୍ଦାବନ ଦାସଙ୍କ ଚୈତନ୍ୟ ଭାଗବତରେ ଲିଖିତ ଅଛି—

‘ କୋନ ହେତୁ କୃଷ୍ଣଚନ୍ଦ୍ର କରେ ଅବତାର
କାର ଶକ୍ତି ଅଛେ ତତ୍ତ୍ୱ ଜାନିତେ ତାହାର ।

× × ×

ଧର୍ମ ପରାଭବ ହୟେ ଯଖନେ ଯଖନେ
ଅଧର୍ମେର ପ୍ରବଳତା ବାଡ଼େ ଦିନେ ଦିନେ
ସାଧୁଜନ ରକ୍ଷା ଦୁଷ୍ଟ ବିନାଶ କାରଣେ

× × ×

ତବେ ପ୍ରଭୁ ଯୁଗଧର୍ମ ସ୍ଥାପନ କରିତେ
ସାଙ୍ଗେ ପାଙ୍ଗେ ଅବତୀର୍ଣ୍ଣ ହନ ପୃଥିବୀତେ
କଲିଯୁଗେ ଧର୍ମ ହୟ ହରି ସଂକୀର୍ତ୍ତନ
ଏତଦର୍ଥେ ଅବତୀର୍ଣ୍ଣ ଶ୍ରୀ ଶଚୀନନ୍ଦନ ।’’

( ଚୈତନ୍ୟ ଭାଗବତ, ଆଦି, ୨ୟ ଅଧ୍ୟାୟ )

ଏଥିରେ ଗୀତାର “ଯଦାଯଦାହି·········”ଶ୍ଳୋକର ଭାବଧାରା ଖୁବ୍ ସ୍ପଷ୍ଟ ।

“ଚୈତନ୍ୟ ମଙ୍ଗଲ୍’’ କର୍ତ୍ତା ଜୟାନନ୍ଦ ଲେଖିଛନ୍ତି

‘‘ଏଥା କଲିଯୁଗେ ବଡ଼ ହୈଲ ଅନାଚାର
ପୃଥିବୀ କାନ୍ଦୟା ଗେଲ ବ୍ରହ୍ମାର ଦୁଆର ।’’

ପୁନଶ୍ଚ :—

ଆମି ଯଦି ବୈରାଗ୍ୟ ନ କରିବ ସଂସାରେ
ବେଦ ନିନ୍ଦା କଲିଯୁଗେ ଧର୍ମ ନା ପ୍ରଚାରେ
କୁଲଧର୍ମ ଯୁଗଧର୍ମ ଆମି ନା ପାଳିବ
କେମତେ ସଂସାରେ ଲୋକ ଧର୍ମ ପ୍ରଚାରିବ

ପ୍ରଭୁର ସନ୍ନ୍ୟାସ କୁଳଧର୍ମର ରଜଭୁ
ତାହା ନା କରଲେ ଲୋକ ନା ରାହେ ମହତ୍ତ୍ୱ
କୁଳଧର୍ମ ନ ପାଳଲେ ବେଦ ନିନ୍ଦା ହୟ
ସେ କାରଣେ ସନ୍ନ୍ୟାସ ଗୌରାଙ୍ଗ ମନେ ଲୟ
ଈଶ୍ୱରେର ଜନ୍ମ କର୍ମ ଲୋକ ଶିକ୍ଷା ହେତୁ ।”

× × ×

( ଚୈତନ୍ୟ ମଙ୍ଗଳ, ବୈରାଗ୍ୟ ଖଣ୍ଡ )

ଏଥିରେ ମଧ୍ୟ ସେହି “ଯଦା ଯଦାହି........” ଶ୍ଳୋକର ଭାବଧାରା ଅନୁସରଣ କରାଯାଇଛି । କିନ୍ତୁ ଲୋଚନ ଦାସଙ୍କ କୃତ୍ୟ ଚୈତନ୍ୟ ମଙ୍ଗଳର ସ୍ୱର ଅନେକଟା କାହିଁକି ସଂପୂର୍ଣ୍ଣ ଭିନ୍ନ, ଯଥା :—

“ଯୁଗ ଅବତାର କୃଷ୍ଣ ଏ ବଡ଼ ଅଶକ୍ୟ
ଯୁଗ ଅବତାର କୃଷ୍ଣ କହିବ କେମତ ।
ବୃନ୍ଦାବନ ଚନ୍ଦ୍ର ଯୁଗ ଅବତାର ନହେ
ପୂର୍ଣ୍ଣ ପୂର୍ଣ୍ଣବ୍ରହ୍ମ କୃଷ୍ଣ ଭାଗବତେ କହେ ।
ଯେ ନଇ ଦ୍ୱାପରେ କୃଷ୍ଣ ତେନ ଗୌଡ଼ଚନ୍ଦ୍ର
ଏଇ ଦୁଇ ଯୁଗେ ଏକ ପୂର୍ଣ୍ଣ ଅବତାର ।”

( ଚୈତନ୍ୟ ମଙ୍ଗଳ, ସୂତ୍ରଖଣ୍ଡ )

ଲୋଚନଙ୍କ ମତରେ ଚୈତନ୍ୟ ଯୁଗାବତାର ବା ଅଂଶାବତାର ନୁହନ୍ତି; ସେ ପୂର୍ଣ୍ଣାବତାର । ସୁତରାଂ ଯୁଗଧର୍ମ ପାଳନ ତାଙ୍କ ଅବତାରର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ । ତାଙ୍କ ଅବତାରର ମୁଖ୍ୟ ଉଦ୍ଦେଶ୍ୟ ହେଲା—

“ଯେ ପ୍ରେମ ଯାଚୟେ ଶିବ ବିରଞ୍ଚି ଅନନ୍ତ
ତାହା ବିକଶିବ କଲି ଅଧମ ଦୁରନ୍ତ ।”

( ଚୈତନ୍ୟ ମଙ୍ଗଳ )

ଲୋଚନ ଦାସଙ୍କ ଏହି ବ୍ୟାଖ୍ୟା ସଙ୍ଗେ ସଙ୍ଗେ ସ୍ମରଣ କରିବା ଉଚିତ ଯେ ସେ ଥିଲେ ଗୌର-ନାଗର ଭାବର ପ୍ରଚାରକ ।

କିନ୍ତୁ କୃଷ୍ଣଦାସ କବିରାଜଙ୍କ "ଚୈତନ୍ୟ ଚରିତାମୃତ" ଗ୍ରନ୍ଥରେ ଅବତାରର କାରଣ ସମ୍ପର୍କରେ ଏହାର ସ୍ପଷ୍ଟୀକରଣ କରାଯାଇଛି ଯଦିଓ ସେ ଗୌର-ନାଗର ଭାବର ବିରୋଧୀ ଥିଲେ । ଚୈତନ୍ୟ ଚରିତାମୃତରେ ଅଛି :—

ଏ ମତ ଚୈତନ୍ୟ କୃଷ୍ଣ ପୂର୍ଣ୍ଣ ଅବତାର
ଯୁଗ-ଧର୍ମ ପ୍ରବର୍ତ୍ତନ ନହେ କାମ ତାର ।
କୋନ କାରଣେ ହୈଲ ମନେ ଅବତାରେ ମନ
ଯୁଗ-ଧର୍ମ କାରେ ହୈଲ ସେ କାଲେ ମିଲନ ।
ଦୁଇ ହେତୁ ଅବତରି ଲୟାଁ ଭକ୍ତଗଣ
ଆପନ ଆସ୍ୱାଦେ ପ୍ରେମ ନାମ ସଙ୍କୀର୍ତ୍ତନ
ସେଇ ଦ୍ୱାରା ଆଚଣ୍ଡାଲେ କୀର୍ତ୍ତନ ସଞ୍ଚାରେ
ନାମ ପ୍ରେମ ମାଲା ଗାନ୍ଥି ପରାଇଲ ସଂସାରେ ।
( ଚୈତନ୍ୟ ଚରିତାମୃତ, ଆଦି—୪ର୍ଥ )

ଯୁଗଧର୍ମ ପ୍ରବର୍ତ୍ତନ ବା ସଂକୀର୍ତ୍ତନ ପ୍ରବର୍ତ୍ତନ ହେଲା ଅବତାରର 'ବାହ୍ୟହେତୁ' ବା ଗୌଣ କାରଣ । ମୁଖ୍ୟ କାରଣ ହେଲା—

'ରାଧାକୃଷ୍ଣ ଏକ ଆତ୍ମା ଦୁଇ ଦେହ ଧରି
ଅନ୍ୟୋନ୍ୟେ ବିଲସେ ରସ ଆସ୍ୱାଦନ କରି ।
ସେ ଦୁଇ ଏକ ଏବେ ଚୈତନ୍ୟ ଗୋସାଇଁ
ଭାବ ଆସ୍ୱାଦିତେ ଦୋହେଁ ହୈଲ ଏକଠାଇଁ ।"
( ଚୈତନ୍ୟ ଚରିତାମୃତ— ଆଦି ୪ର୍ଥ )

ଏହି ଲୀଳା ବିସ୍ତାର ଓ ଭାବ ଆସ୍ୱାଦନ ହେଲା ଚୈତନ୍ୟ ଅବତାରର ମୁଖ୍ୟ କାରଣ ।

ଅବତାର ଓ ଅବତାରୀ ସମ୍ପର୍କରେ ଚୈତନ୍ୟଙ୍କ ଭଗବତ୍ତାର ବିବର୍ତ୍ତନ ଲକ୍ଷ୍ୟ କରିବାର ବିଷୟ । ଅବତାରର କାରଣ ରୂପେ 'ଲୀଳା କରିବା' ରୂପକ ଯେଉଁ ନୂତନ ତତ୍ତ୍ୱ ଦିଆଯାଇଥିଲା ତାହା ମଧ୍ୟ ପ୍ରଣିଧାନର ଯୋଗ୍ୟ । ବିଶେଷ ଭାବେ ଓଡ଼ିଶାର ଭକ୍ତବୃନ୍ଦଙ୍କୁ ଏହା ପ୍ରଭାବିତ କରିବା ସ୍ୱାଭାବିକ ।

କୃଷ୍ଣ-କୈନ୍ଦ୍ରିକ ବୈଷ୍ଣବମାନଙ୍କର ଏହି ନୂତନ ଚିନ୍ତା କ୍ରମେ ରାମ-କୈନ୍ଦ୍ରିକ ବୈଷ୍ଣବମାନଙ୍କୁ ପ୍ରଭାବିତ କଲା । ଅବତାରର କାରଣ ନିର୍ଦ୍ଦେଶ କରିବାରେ ବୈଦେହୀଶ ବିଳାସରେ ଏହାର ପ୍ରଭାବ ଅଛି ବୋଲି ମନେହୁଏ ।

ପୁନଶ୍ଚ ଚୈତନ୍ୟ ଚରିତାମୃତ ରଚିତ ହୋଇଅଛି ୧୬୧୨ ବା ୧୬୧୫ ଖ୍ରୀ: ଅବ୍ଦରେ; ଅର୍ଥାତ୍ ଭଞ୍ଜଙ୍କର ବହୁପୂର୍ବରୁ ତେଣୁ ଏ ସମ୍ଭାବନାର ଯଥାର୍ଥ୍ୟ ନିଶ୍ଚୟ ଅଛି ।

ରାମ ସାହିତ୍ୟ—ବିବର୍ତ୍ତନରେ ବୈଦେହୀଶ ବିଳାସର ଆଲୋଚନା ପ୍ରସଙ୍ଗରେ ତୁଳସୀଦାସ ଗୋସ୍ୱାମୀଙ୍କ ‘ରାମଚରିତ ମାନସ’’ ( ହିନ୍ଦୀ ) ଓ କୃତ୍ତିବାସଙ୍କ ‘ରାମାୟଣ’ ( ବଙ୍ଗଳା ) ଗ୍ରନ୍ଥଦ୍ୱୟରେ ରାମାବତାରର ସ୍ୱରୂପ ଓ କାରଣ ସମ୍ପର୍କରେ ଦିଆଯାଇଥିବା ତଥ୍ୟ ମଧ୍ୟ ବିଚାରର ପରିସରକୁ ଅଣାଯାଇପାରେ ।

ତୁଳସୀ ଦାସଙ୍କ ‘‘ରାମଚରିତ ମାନସ’’ର ରାମଚନ୍ଦ୍ର, ନର ନୁହନ୍ତି, ନାରାୟଣ । ପୁନଶ୍ଚ ଅବତାର ନୁହନ୍ତି, ଅବତାରୀ । ସେ ଆତ୍ମସଚେତନ ବିଭୁ ମଧ୍ୟ । ଏହା ଅଧ୍ୟାତ୍ମ ରାମାୟଣର ପ୍ରଭାବ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ । ରାମଜନ୍ମ, ସୀତା ହରଣ, ରାମଚନ୍ଦ୍ରଙ୍କର ବାଲ୍ୟଲୀଳା ଓ କାକଭୁଷଣ୍ଡୀ ଉପାଖ୍ୟାନ ଆଦି ଏହାର ପ୍ରକୃଷ୍ଟ ଉଦାହରଣ ।

କିନ୍ତୁ କୃତ୍ତିବାସ ‘‘ରାମାୟଣ’’ ର ରାମ ନର ନାରାୟଣଙ୍କ ବିଭୂତି ତାଙ୍କଠାରେ ଆରୋପିତ ହୋଇ ନାହିଁ । ସେ ଭଗବାନଙ୍କ ଅବତାର ହେଲେ ମଧ୍ୟ ଆତ୍ମ ସଚେତନ ନୁହନ୍ତି । କୃତ୍ତିବାସ ବାଲ୍ମୀକି ରାମାୟଣର ପ୍ରଭାବ ଅସ୍ୱୀକାର କରିବା ପାଇଁ ସମର୍ଥ ହୋଇପାରି ନାହାନ୍ତି ।

ଅବତାରର କାରଣ ସମ୍ପର୍କରେ ଗୀତାର ‘ଯଦାଯଦାହି’’ ଇତ୍ୟାଦି କୃତ୍ତିବାସଙ୍କ ଆଦର୍ଶ । ଅବତାରର କାରଣ ସମ୍ପର୍କରେ ତୁଳସୀଦାସ କହନ୍ତି ।

‘‘ସୁନୁ ଗିରିଜା ହରି ଚରିତ ସୁହାଏ
ବିପୁଲ ବିଶଦ ନିଗମାଗମ ଗାଏ ।
ହରି ଅବତାର ହେତୁ ଜେହି ହୋଇ
ଇଦଂ ଇତ୍ଥଂ କହି ନ ଯାଇ ସୋଇ ।’’

( ବାଲକାଣ୍ଡ )

ଅର୍ଥାତ୍ ବେଦ ଶାସ୍ତ୍ରମାନଙ୍କରେ ହରି ଅବତାର ସଂପର୍କରେ ଯେଉଁ କାରଣ ଦିଆଯାଇଛି ଠିକ ତାହାକୁ କାରଣ ବୁଝାଯାଇ ପାରିବ ନାହିଁ । କାରଣ ଏପରି ଗୁଢ଼ କାରଣ ଥିବାର ସମ୍ଭାବନା ଯାହା କେହି ଜାଣି ନାହାନ୍ତି ।

ତେଣୁ ତୁଳସୀ ଦାସଙ୍କ ମତରେ ପ୍ରକୃତ କାରଣ କହିବା ଏକ ପ୍ରକାର ଅସମ୍ଭବ । ତା ସତ୍ତ୍ୱେ :—

"ଅସୁର ମାରି ଥାପ ହିଁ ସୁରହି
ରାଖହିଁ ନିଜ ଶ୍ରୁତି ସେତୁ
ଜଗ ବିସ୍ତାରହିଁ ବିସଦ ଜସ
ରାମ ଜନ୍ମ କର ହେତୁ ।"

( ବାଳକାଣ୍ଡ )

ଅର୍ଥାତ୍ ଅସୁର ମାରି ଦେବତାଙ୍କୁ ସ୍ଥାପନ କରିବା ଓ ବେଦର ମର୍ଯ୍ୟାଦା ରକ୍ଷା କରିବା ହେଉଛି ତୁଳସୀ ଦାସଙ୍କ ମତରେ ରାମ-ଜନ୍ମର କାରଣ ।

ପୁନଶ୍ଚ ରାମଜନ୍ମର କାରଣ ବିଭିନ୍ନ କଳ୍ପରେ ଓ ମନ୍ୱନ୍ତରରେ ଭିନ୍ନ ଭିନ୍ନ ବୋଲି ସେ ସ୍ୱୀକାର କରିଛନ୍ତି । ଯଥା –

"ରାମ ଜନ୍ମ କେ ହେତୁ ଅନେକା
ପରମ ବିଚିତ୍ର ଏକ ତେ ଏକା ।"

( ବାଳକାଣ୍ଡ )

ନାରଦଙ୍କର ବିଷ୍ଣୁଙ୍କୁ ଅଭିଶାପ ଜୟ ବିଜୟଙ୍କ ଉଦ୍ଧାର କରିବା ପ୍ରଭୃତି ବିଭିନ୍ନ ସମୟରେ ରାମଜନ୍ମର ହେତୁ ବୋଲି କବି ପ୍ରକାଶ କରିଅଛନ୍ତି ।

ରାମ ସାହିତ୍ୟର ବିବର୍ତ୍ତନରେ 'ବୈଦେହୀଶ ବିଳାସ'ର ସ୍ୱରୂପ ଓ ସ୍ଥାନ ନିର୍ଣ୍ଣୟ ପ୍ରସଙ୍ଗରେ ତୁଳନାତ୍ମକ ଆଲୋଚନାର ଗୁରୁତ୍ୱ ଯେ ଅନସ୍ୱୀକାର୍ଯ୍ୟ ତାହାର ସୂଚନା ଏଠାରେ ଦିଆଯାଇଛି ମାତ୍ର ।

ଏ ସଂପର୍କରେ ଅଧିକ ବିଶଦ ଓ ଗବେଷଣାତ୍ମକ ଆଲୋଚନାର ଆବଶ୍ୟକତା ରହିଛି । ତା' ପରେ ହିଁ "ବୈଦେହୀଶ ବିଳାସ' ର ସ୍ଥାନ ଓ ମୂଲ୍ୟ ନିର୍ଣ୍ଣୟ କରିବା ସମ୍ଭବ ହେବ ।

# ସମର ତରଙ୍ଗ ବର୍ଣ୍ଣିତ ଢେଙ୍କାନାଳ ଯୁଦ୍ଧର ସମୟ ନିରୂପଣ

ନାଗପୁର ଭୋନ୍‌ସଲଙ୍କ ଦ୍ୱାରା ନିଯୁକ୍ତ ହୋଇ ଶିବରାମ ଭଟ୍ଟ ଶାଠେ ଓଡ଼ିଶାର ସୁବାଦାର ଥିବା ସମୟରେ ଖେମଣ୍ଡି ରାଜାଙ୍କ ବିରୁଦ୍ଧରେ ଖୋର୍ଦ୍ଧା ରାଜା ବୀରକିଶୋର ଦେବ (୧ମ) ଙ୍କୁ ସାହାଯ୍ୟ କରି ତାଙ୍କଠାରୁ ଢେଙ୍କାନାଳ ସହ ୧୪ଟି ଗଡ଼ଜାତର ସ୍ୱତ୍ତ୍ୱ ପାଇଥିଲେ ( ୧ ) । ଫଳରେ ଢେଙ୍କାନାଳ କରଦରାଜ୍ୟ ନାଗପୁର ଭୋନ୍‌ସଲଙ୍କ ଅଧୀନ ହେଲା । ପରବର୍ତ୍ତୀ କାଳରେ ୧୭୬୮ ଖ୍ରୀଷ୍ଟାବ୍ଦଠାରୁ କିଛି ବର୍ଷ ପାଇଁ ରାଜାରାମ ମୁକୁନ୍ଦ ପଣ୍ଡିତ ଓଡ଼ିଶାର ସୁବାଦାର ରୂପେ ନାଗପୁର ଭୋନ୍‌ସଲଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ( ୨ ) । ଏହାଙ୍କ ଅମଳରେ ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ରଙ୍କ ସହ ମରହଟ୍ଟାମାନଙ୍କ ବିବାଦ ହୋଇଥିଲା । ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ' କାବ୍ୟରେ ଏହି ବିବାଦର ବିଶଦ ବିବରଣୀ ବର୍ଣ୍ଣିତ ଅଛି ।

'ସମର ତରଙ୍ଗ' କାବ୍ୟରୁ ଜଣାଯାଏ ଯେ, ମରହଟ୍ଟାମାନେ ଓଡ଼ିଶା ଅଧିକାର କଲାପରେ ଢେଙ୍କାନାଳ ରାଜା ତ୍ରିଲୋଚନ ପେଶ୍‌କସ୍ ନ ଦେବାରୁ ରାଜାରାମ ପଣ୍ଡିତ ମଞ୍ଜୁ ଚୌଧୁରୀଙ୍କ ସହ ଢେଙ୍କାନାଳ ବିରୁଦ୍ଧରେ ସୈନ୍ୟଚାଳନା କଲେ । ସେମାନେ ମୋଟଶୀ ପର୍ଯ୍ୟନ୍ତ ଅଗ୍ରସର ହେବାପରେ ଢେଙ୍କାନାଳ ସୈନ୍ୟମାନେ ତାଙ୍କୁ ହଠାତ୍ ଆକ୍ରମଣ କରି ପରାସ୍ତ କଲେ ଓ ତାଙ୍କର ଯାବତୀୟ ଜିନିଷ ଲୁଟି ନେଲେ । ଏଥିରେ ବିବ୍ରତ ଓ ଅପମାନିତ ରାଜାରାମ ପଣ୍ଡିତ ନାଗପୁର ଭୋନ୍‌ସଲ ଦରବାରକୁ ଏ ସମ୍ବାଦ ଜଣାଇଲେ । ଏ ଖବର ପାଇ ନାଗପୁରରୁ ଚେମଣା ବାବୁ ସସୈନ୍ୟ ଓଡ଼ିଶା ଆସିଲେ । ସେ ଖରାଦିନେ ଓଡ଼ିଶାରେ ପହଞ୍ଚିଲେ ଓ ଢେଙ୍କାନାଳ ଆକ୍ରମଣ ଉଦ୍ଦେଶ୍ୟରେ ଢେଙ୍କାନାଳ ନିକଟରେ କେଉଁଠାରେ

୧୨ ଦିନ ଛାଉଣୀ ପକାଇ ରହିଲେ ; କିନ୍ତୁ ଖରାଦିନେ ଢେଙ୍କାନାଳ ଆକ୍ରମଣରେ ସୁବିଧା ନ ହେବାରୁ କଟକ ଗଲେ । କଟକରେ ଖରା ଓ ବର୍ଷାଦିନ କଟାଇ ବର୍ଷାଦିନ ପରେ ସେ ଢେଙ୍କାନାଳ ଆକ୍ରମଣ କଲେ । ଢେଙ୍କାନାଳ ରାଜାଙ୍କ ସହ ତାଙ୍କର ୧୮ ଦିନ ଧରି ଯୁଦ୍ଧ ହେଲା । ୧୮ ଦିନ ଧରି ଯୁଦ୍ଧରେ ଚେମଣା ବାବୁ ଢେଙ୍କାନାଳ ଅଧିକାର କରିବାକୁ ଅସମର୍ଥ ହେଲେ । ଶେଷରେ ଉଭୟ ପକ୍ଷ ମଧ୍ୟରେ ସନ୍ଧି ସ୍ଥାପିତ ହେଲା । ଏ ସମସ୍ତ 'ସମର ତରଙ୍ଗ'ରେ ବର୍ଣ୍ଣିତ ହୋଇଅଛି ।

'ସମର ତରଙ୍ଗ' ବର୍ଣ୍ଣିତ ଚେମଣା ବାବୁ ହେଉଛନ୍ତି ନାଗପୁରର ରଘୁଜୀ ଭୋନ୍‌ସଲ (୨ୟ ଙ୍କ ସାନ ଭାଇ ଓ ମୁଧୋଜୀ ଭୋନ୍‌ସଲ(୨ୟ)ଙ୍କ ପୁତ୍ର ଚିମନାଜୀ ବାପୁ ଓରଫ ଖାଣ୍ଡୋଜୀ ଭୋନ୍‌ସଲ । ନାନାଫଡ଼ନବିଶଙ୍କ ନେତୃତ୍ୱରେ ମହୀଶୁରର ହାଇଦର ଅଲ୍ଲୀ, ହାଇଦ୍ରାବାଦର ନିଜାମ, ପୁନାର ପେଶବା ଓ ନାଗପୁରର ଭୋନ୍‌ସଲଙ୍କ ଅଭିଭାବକ ମୁଧୋଜୀଙ୍କ ମଧ୍ୟରେ ହୋଇଥିବା ଚତୁଃଶକ୍ତି ମୈତ୍ରୀର ପ୍ରସ୍ତାବ ଅନୁଯାୟୀ ମୁଧୋଜୀ ୧୭୭୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସରେ ବଙ୍ଗ ଆକ୍ରମଣ ବାହାନାରେ ତାଙ୍କ ୨ୟ ପୁତ୍ର ଚିମନାଜୀ ବାପୁଙ୍କ ନେତୃତ୍ୱରେ ୩୦, ୦୦୦ ରୁ ୪୦,୦୦୦ ଅଶ୍ୱାରୋହୀ ସୈନ୍ୟ ପ୍ରେରଣ କଲେ । ପ୍ରକୃତରେ ବଙ୍ଗ ଆକ୍ରମଣର ଉଦ୍ଦେଶ୍ୟ ନ ଥିବାରୁ ଚିମନାଜୀ ବିହାର ମଧ୍ୟ ଦେଇ ଅପେକ୍ଷାକୃତ ସହଜ ଓ ସରଳ ପଥ ପରିବର୍ତ୍ତରେ ଧୀରେ ସୁସ୍ଥେ ସମ୍ବଲପୁର ବାଟଦେଇ କଟକ ଆସିଲେ ଓ ବାଟରେ ଅଯଥା ବିଲମ୍ବ କରି ୧୭୮୦ ଖ୍ରୀଷ୍ଟାବ୍ଦ ମେ ମାସରେ (୩) କଟକରେ ପହଞ୍ଚିଲେ । ପ୍ରାୟ ବର୍ଷେ ପରେ ସେ ନାଗପୁର ଫେରି ଗଲେ (୪) । ବର୍ତ୍ତମାନ ପ୍ରଶ୍ନ ହେଉଛି ଚିମନା (ଜୀ) ବାପୁ ଓରଫ 'ସମର ତରଙ୍ଗ'ର ଚେମଣା ବାବୁ ଏହା ଭିତରେ ଠିକ୍ କେବେ ଢେଙ୍କାନାଳ ଆକ୍ରମଣ କଲେ ଓ ଢେଙ୍କାନାଳ ରାଜାଙ୍କ ସହ କେତେ ଦିନ (୧୮ ଦିନ ? ଧରି ଯୁଦ୍ଧ କଲେ ।

ଏ ସମ୍ପର୍କରେ ଓଡ଼ିଶାର ବିଖ୍ୟାତ ଐତିହାସିକ ଅଧ୍ୟାପକ ଘନଶ୍ୟାମ ଦାଶଙ୍କର 'ସମର ତରଙ୍ଗ'ର ଐତିହାସିକ ଓ ସାହିତ୍ୟିକ ମୂଲ୍ୟ ଶୀର୍ଷକ ସନ୍ଦର୍ଭର ବିଭିନ୍ନ ୪ଟି ଅଂଶ ନିମ୍ନରେ ଉଦ୍ଧାର କରାଗଲା—(କ) "ଓଡ଼ିଶା, ନାଗପୁରର ଭୋନ୍‌ସଲଙ୍କ ଶାସନାଧୀନ ଥିବା ସମୟରେ ଯେତେବେଳେ

ରାଜାରାମ ପଣ୍ଡିତ ଓଡ଼ିଶାର ସୁବାଦାର ଥିଲେ, ସେତେବେଳେ ନାଗପୁର ମୁଧୋଜୀ ଭୋନ୍‌ସଲାଙ୍କ ୨ୟ ପୁତ୍ର ସତର ବର୍ଷ ବୟସ୍କ ଚିମନାଜୀ ବାପୁଙ୍କ ସେନାପତିତ୍ୱରେ ୩୦,୦୦୦ ରୁ ୪୦,୦୦୦ ଅଶ୍ୱାରୋହୀ ସୈନ୍ୟ ଓ ଶିବିର ଅନୁସରଣକାରୀ ଅନ୍ୟାନ୍ୟ ବହୁଲୋକ ସମଭିବ୍ୟାହାରରେ ଏହି ସ୍ଥାନଟିର ( ଅର୍ଥାତ୍ ଷାଠିଏ ବାଟି ବଲରେ ) ୧୭୮୦ ଖ୍ରୀଷ୍ଟାବ୍ଦ ମେ ( May ) ମାସରେ ଛାଉଣୀ ପକାଇଥିଲେ ଓ ଢେଙ୍କାନାଳ ରାଜାଙ୍କ ସହ ୨୦ ଦିନ କାଳ ପ୍ରାଣମୂର୍ଚ୍ଛା ଲଢ଼େଇ କରିଥିଲେ । ( ୫ ) ।”

(ଖ) “ଆଣ୍ଡରସନ ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ତା ୨୨ ରିଖରେ ବାଲେଶ୍ୱରରେ ପହଞ୍ଚି ଜାଣିବାକୁ ପାଇଲେ ଯେ, ଚିମନାଜୀ ଢେଙ୍କାନାଳ ଗଡ଼ ଅଧିକାର କରିବା ପାଇଁ ସସୈନ୍ୟ ଯାତ୍ରା କରିଛନ୍ତି ( ୬ ) ।”

(ଗ) “ଏହି ଇଂରାଜ ଡାଭିଡ୍ ଆଣ୍ଡରସନ ଚିମନାଜୀଙ୍କ ସହ ସମ୍ପର୍କ ସ୍ଥାପନ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କଲେ ; କିନ୍ତୁ କଟକରୁ ଓ୍ୱାରେନ୍ ହେଷ୍ଟିଂସଙ୍କ ନିକଟକୁ ଲେଖିଥିବା ତାଙ୍କର ଏକ ଅପ୍ରକାଶିତ ଚିଠିରେ (ଏହା ଦିଲ୍ଲୀ National Archives ରେ ଥିବାର ଘନଶ୍ୟାମବାବୁ ଲେଖିଛନ୍ତି ) । ସେ ଉଲ୍ଲେଖ କରିଛନ୍ତି ଯେ, ଯତ୍ନ ଓ ଦୃଢ଼ତାର ସହ ଢେଙ୍କାନାଳ ରାଜା ସମସ୍ତ ପଥ ଏପରି ଭାବରେ ଜଗାରଖା କରାଇଥିଲେ ଯେ, କେତେଦିନ ଧରି କ୍ରମାଗତ ବାରମ୍ବାର ଚେଷ୍ଟା ସତ୍ତ୍ୱେ ସେ ଚିମନାଜୀଙ୍କ ନିକଟକୁ କୌଣସି ସମ୍ବାଦ ପଠାଇ ପାରିଲେ ନାହିଁ । ତେଣୁ କବି ବ୍ରଜନାଥ ବଡ଼ଜେନାଙ୍କ ଲିଖିତ ଯୁଦ୍ଧ ସମ୍ବନ୍ଧୀୟ ଘଟଣା କାବ୍ୟିକ ପରିକଳ୍ପନା ନୁହେଁ, ବାସ୍ତବ ସତ୍ୟ ( ୭ ) ।”

( ଘ ) “ଇତି ମଧ୍ୟରେ ଚିମନାଜୀ ସମତଳ ଅଞ୍ଚଳକୁ ଆସି ସାରିଥିଲେ । ସେ ନିର୍ବିବାଦରେ ମରହଟ୍ଟା ରାଜ୍ୟରେ ପ୍ରବେଶ କରିବା ପାଇଁ କର୍ଣ୍ଣେଲ ପିଅର୍ସଙ୍କ ସୈନ୍ୟମାନଙ୍କୁ ଅନୁମତି ଦେଲେ ଓ ଅନ୍ୟାନ୍ୟ ସରବରାହ ସହ ସମସ୍ତ ପ୍ରକାର ସହାଯ୍ୟ କଲେ ( ୮ ) ।

“ଆଣ୍ଡରସନ ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ୩୧ ତାରିଖ ଦିନ କଟକରେ ପହଞ୍ଚିଲେ ଓ ଚିମନାଜୀଙ୍କ ସହ ସମ୍ପର୍କ ସ୍ଥାପନ କରିବା ପାଇଁ

ଅକ୍ଷମ ହୋଇ ଫେବୃଆରୀ ୬ ତାରିଖରେ କଟକ ଛାଡ଼ି କଲିକତା ଫେରିଗଲେ (୯) । କର୍ଣ୍ଣେଲ ପିଅର୍ସ ୧୭୮୧ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସରେ ଓଡ଼ିଶା ଦେଇ ମାନ୍ଦ୍ରାଜ ଅଭିମୁଖରେ ଯାତ୍ରା କଲେ (୧୦) ।"

ଘନଶ୍ୟାମ ବାବୁଙ୍କ ଉଦ୍ଧୃତ ମତାମତ ସହ ଉପରୋକ୍ତ ଘଟଣା ଗୁଡ଼ିକର ସମୟ ମିଳାଇ ବିଚାର କଲେ ଗୋଟିଏ ସିଦ୍ଧାନ୍ତ ବାହାରିପାରେ ଯେ, ୧୭୮୦ ଖ୍ରୀଷ୍ଟାବ୍ଦ ମେ ମାସ ଠାରୁ ୧୭୮୧ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସର ମଧ୍ୟଭାଗ ପର୍ଯ୍ୟନ୍ତ ଚିମନାଜୀ ଢେଙ୍କାନାଳ ଆକ୍ରମଣରେ ନିଯୁକ୍ତ ଥିଲେ । ପୁନଶ୍ଚ ଘନଶ୍ୟାମବାବୁ ଚିମନାଜୀ ଓ ଢେଙ୍କାନାଳ ରାଜାଙ୍କ ମଧ୍ୟରେ ୨୦ ଦିନ କାଳ ହୋଇଥିବା ଏକ ଯୁଦ୍ଧ ବିଷୟ ଉଲ୍ଲେଖ କରିଛନ୍ତି । ତେଣୁ ଧାରଣା ହୁଏ ଯେ ୧୭୮୦ ଖ୍ରୀଷ୍ଟାବ୍ଦ ମେ ମାସଠାରୁ ୧୭୮୧ ଫେବୃଆରୀ ପର୍ଯ୍ୟନ୍ତ ଯାଇଥିବା ଦୀର୍ଘକାଳ ସ୍ଥାୟୀ ଢେଙ୍କାନାଳ ଅବରୋଧ ମଧ୍ୟରେ କେବେ ଏ ଯୁଦ୍ଧ ହୋଇଥିବ । ( ଘନଶ୍ୟାମ ବାବୁଙ୍କ ପ୍ରବନ୍ଧ ପାଠକ ମାନଙ୍କୁ ଏହି ଧାରଣା ଦିଏ ; ଯଦି ଓ ଘନଶ୍ୟାମ ବାବୁ ପ୍ରତ୍ୟକ୍ଷ ଭାବରେ ଚିମନାଜୀ ଢେଙ୍କାନାଳ ଯୁଦ୍ଧର ସମୟ ସମ୍ବନ୍ଧରେ କିଛି କହି ନାହାନ୍ତି )

ଏବେ ବିସ୍ତୃତ ମୁଖବନ୍ଧ, ଶୁଦ୍ଧପାଠ ଓ ଟୀକା ଆଦି ସହ ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକଙ୍କ ଦ୍ୱାରା 'ସମର ତରଙ୍ଗ' ସମ୍ପାଦିତ ଓ ପ୍ରକାଶିତ ହୋଇଛି । ଚିମନାଜୀଙ୍କ ଢେଙ୍କାନାଳ ଆକ୍ରମଣରେ କାଳ ନିର୍ଣ୍ଣୟ କରିବାକୁ ଯାଇ ସୁଧାକର ବାବୁ ଲେଖିଛନ୍ତି– "ଏ ସବୁରୁ ସ୍ପଷ୍ଟ ଜଣାଯାଏ ଯେ ୧୭୮୧ ସାଲର ଜାନୁଆରୀ ଫେବୃଆରୀ ମାସରେ 'ସମର ତରଙ୍ଗ' ବର୍ଣ୍ଣିତ ଚିମନାଜୀ ଢେଙ୍କାନାଳ ଯୁଦ୍ଧ ସଙ୍ଘଟିତ ହୋଇଥିଲା ।" (୧୧)

ଉଭୟ ସିଦ୍ଧାନ୍ତ ମଧ୍ୟରୁ କୌଣସି ଗୋଟିଏ ହେଲେ ଅଭ୍ରାନ୍ତ ନୁହେଁ । ପ୍ରଥମେ ଚିମନାଜୀଙ୍କ ଢେଙ୍କାନାଳ ଆକ୍ରମଣ କେବେ ଶେଷ ହେଲା ତାର ଆଲୋଚନା କରାଯାଉ । ଆକ୍ରମଣ ଯେ ୧୭୮୧ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସରେ ହେଲା ସେ ବିଷୟରେ ସୁଧାକର ବାବୁ ଓ ଘନଶ୍ୟାମ ବାବୁ ଉଭୟେ ଏକମତ । ଏଥିପାଇଁ ଆଣ୍ଡରସନଙ୍କ ବାଲେଶ୍ୱର ଓ କଟକରୁ ଲିଖିତ ଚିଠି ହିଁ ସେମାନଙ୍କୁ ଭ୍ରମାତ୍ମକ ସିଦ୍ଧାନ୍ତରେ ଉପନୀତ କରାଇଛି ।

୧୭୮୧ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ତା ୧ ରିଖରେ ( ୫ ସଫର ୧୧୯୫ ) ବିଶ୍ୱମ୍ଭର ପଣ୍ଡିତ କଲିକତାରେ ଥିବା ନାଗପୁର ଭୋନସଲାଙ୍କ ପ୍ରତିନିଧି, ତାଙ୍କ ଭାଇ ବେଣୀରାମ ପଣ୍ଡିତଙ୍କ ନିକଟକୁ ଲେଖିଥିବା ଚିଠିର ସାରମର୍ମରୁ କିୟଦଂଶ ହେଉଛି—"ବେଣୀରାମ ପଣ୍ଡିତ ଢେଙ୍କାନାଳରୁ ଲେଖିଥିବା ତାଙ୍କ ( ବିଶ୍ୱମ୍ଭର ପଣ୍ଡିତଙ୍କ ) ଚିଠି ନିଶ୍ଚୟ ପାଇଥିବେ । ସେନାବାହିନୀରେ ଯେଠାରୁ ( ଢେଙ୍କାନାଳରୁ ) ଅଗ୍ରସର ହୋଇ ବର୍ତ୍ତମାନ ହାଜିପୁରଠାରେ ଛାଉଣୀ ପକାଇ ଅଛନ୍ତି ଓ ରାଜାରାମ ପଣ୍ଡିତ ସେନାବାହିନୀ ଯୋଗ ଦେଇଛନ୍ତି........ଆସନ୍ତାକାଲି ସେନାବାହିନୀ କେନ୍ଦୁଝର ଯାତ୍ରା କରିବେ ( ୧୨ ) ।"

ସେହି ପତ୍ରର ଶେଷାଂଶରୁ ଜଣାଯାଏ ଯେ ବିଶ୍ୱମ୍ଭର ପଣ୍ଡିତ ସେନାବାହିନୀ ସଙ୍ଗେ ଥାଇ ଏ ପତ୍ର ଲେଖିଛନ୍ତି, ସୁତରାଂ ଏ ପତ୍ରରୁ ମିଳୁଥିବା ତଥ୍ୟ ସମ୍ବନ୍ଧେ ସନ୍ଦେହର ଅବକାଶ ନାହିଁ । ଏ ପତ୍ର ଲେଖା ହେଲା ବେଳକୁ ଅର୍ଥାତ୍ ୧୭୮୧ ଫେବ୍ରୁଆରୀ ତା ୧ ରିଖ ପୂର୍ବରୁ ଚିମନାଜୀଙ୍କ ଢେଙ୍କାନାଳ ଆକ୍ରମଣର ଅବସାନ ହୋଇ ସାରିଥିଲା, କିନ୍ତୁ ଠିକ୍ କେବେ ହୋଇଥିଲା ତାହା ଏକ ପ୍ରଶ୍ନ । ଯଦିଓ ନିର୍ଦ୍ଦିଷ୍ଟ ତାରିଖ ଦେବା ଏବେ ବି ସମ୍ଭବ ନୁହେଁ, ତଥାପି ଜାନୁଆରୀ ( ୧୭୮୧ ) ମାସରେ ଆକ୍ରମଣର ଅବସାନ ହେବା ହିଁ ସମ୍ଭବ । କାରଣ ଆକ୍ରମଣ 'ସମର ତରଙ୍ଗ' ଅନୁଯାୟୀ ୧୮ ଦିନ ସ୍ଥାୟୀ ହୋଇଥିଲା ଓ ୧୭୮୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୦ ତାରିଖ ପରେ କୌଣସି ଦିନ ଆକ୍ରମଣ ଆରମ୍ଭ ହୋଇଥିବ ଓ ବିଶ୍ୱମ୍ଭର ଢେଙ୍କାନାଳରେ ପହଞ୍ଚିଥିବେ । ( ପରେ ଆକ୍ରମଣ କେବେ ଆରମ୍ଭ ହୋଇଥିବ ତାର ଆଲୋଚନା କରାଯାଉଛି । ) ସେ ଯାହା ହେଉ, ଆକ୍ରମଣର ଅବସାନ ସୁଧାକରବାବୁ ଓ ଘନଶ୍ୟାମ ବାବୁଙ୍କ ମତାନୁଯାୟୀ ଫେବ୍ରୁଆରୀ ନୁହେଁ, ତା ପୂର୍ବରୁ ହୋଇ ସାରିଥିଲା । ଏ ସମ୍ବନ୍ଧରେ ସନ୍ଦେହ ନାହିଁ ।

ବର୍ତ୍ତମାନ ଘନଶ୍ୟାମ ବାବୁ ଓ ସୁଧାକର ବାବୁଙ୍କ ମତର ଭିତ୍ତି ସ୍ୱରୂପ ଆଣ୍ଡରସନଙ୍କ ପତ୍ର ବିଷୟରେ ଆଲୋଚନା କରାଯାଉ । ଆଣ୍ଡରସନଙ୍କ ଚିଠି ( ଯାହା ସେ କଟକରୁ ଲେଖିଥିଲେ ଓ ଯାହା ଦିଲ୍ଲୀ **National Archives** ରେ ଅଛି ) ଦେଖିବାର ସୌଭାଗ୍ୟ ମୋର

ହୋଇନାହିଁ ତେଣୁ ଆଣ୍ଡ୍ରସନ କଣ ଲେଖିଥିଲେ ସେ ବିଷୟରେ ମତାମତ ଦେବା ଧୃଷ୍ଟତା ; କିନ୍ତୁ ଆଣ୍ଡ୍ରସନ କଲିକତା ଫେରିବା ପରେ କଲିକତାର ଗଭର୍ଣ୍ଣର ଜେନେରାଲ ଚମନାଜୀବାପୁଙ୍କ ନିକଟକୁ ଯାହା ଲେଖିଥିଲେ ତାର ସାରମର୍ମର କିୟଦଂଶ ହେଉଛି—"ଗଭର୍ଣ୍ଣର ଜେନେରାଲ ଲେଖିଛନ୍ତି ଯେ ଆଣ୍ଡ୍ରସନ କଟକରେ ପହଞ୍ଚି ଜାଣିବାକୁ ପାଇଲେ ଚମନାଜୀ ପାର୍ବତ୍ୟ ଅଞ୍ଚଳକୁ ଯାତ୍ରା କରିଛନ୍ତି । ତେଣୁ ସେ ତାଙ୍କ ନିକଟକୁ ଚିଠି ସହ ହରକରାମାନଙ୍କୁ ପଠାଇଲେ ଓ କେବେ ତାଙ୍କ ସହ ସୁବିଧାରେ ସାକ୍ଷାତ ହୋଇପାରିବ ଜାଣିବାକୁ ଚାହିଁଥିଲେ । ଶୀଘ୍ର ସେମାନେ ଫେରିଆସି ଜଣାଇଲେ ଯେ ପାର୍ବତ୍ୟ ଅଞ୍ଚଳକୁ ଯାଇଥିବା ସମସ୍ତ ପଥ ରୁଦ୍ଧ ଓ ପ୍ରାୟ ଅଗମ୍ୟ । ଚମନାଜୀ ପାର୍ବତ୍ୟ ଅଞ୍ଚଳର ଆହୁରି ଅଭ୍ୟନ୍ତରକୁ ଅଗ୍ରସର ହେଉଥିବାର ସମ୍ବାଦ ମଧ୍ୟ ମିଳିଲା । ମିଷ୍ଟର ଆଣ୍ଡ୍ରସନ ନିର୍ଦ୍ଦେଶ ପାଇଁ ଗଭର୍ଣ୍ଣର ଜେନେରାଲଙ୍କ ନିକଟକୁ ଲେଖିଲେ । ରାଜାରାମ ପଣ୍ଡିତ ବା ତାଙ୍କର ଅନୁପସ୍ଥିତିରେ କଟକର ସର୍ବୋଚ୍ଚ କର୍ମକର୍ତ୍ତାଙ୍କୁ ତାଙ୍କର ବକ୍ତବ୍ୟ ଜଣାଇ କଲିକତା ଫେରିଯିବା ପାଇଁ ତାଙ୍କୁ ଆଦେଶ ଦିଆଗଲା । ଏହାର ଠିକ୍ ପରେ ଗଭର୍ଣ୍ଣର ଜେନେରାଲ ଖବର ପାଇଲେ ଯେ ଚମନାଜୀ ଯାଜପୁରରେ ଅଛନ୍ତି ଓ ସେ ( ଗଭର୍ଣ୍ଣର ) ଆଣ୍ଡ୍ରସନଙ୍କୁ ତାଙ୍କର କଟକ ପ୍ରତ୍ୟାଗମନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଲେଖିଲେ । କିନ୍ତୁ କଥିତ ଭଦ୍ରବ୍ୟକ୍ତି ଆଣ୍ଡ୍ରସନ ଇତିମଧ୍ୟରେ କଟକ ଛାଡ଼ି ସାରିଥିଲେ ଓ ଅନ୍ୟ ବାଟ ଦେଇ କଲିକତାକୁ ଫେରି ଆସିଲେ ।" (୧୩)

ଗଭର୍ଣ୍ଣର ଜେନେରାଲଙ୍କ ପତ୍ରରେ ପଥ ରୁଦ୍ଧ ଓ ଅଗମ୍ୟ ଥିବାର ବର୍ଣ୍ଣିତ ଅଛି । କିନ୍ତୁ ଏହା ଢେଙ୍କାନାଳ ରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥିବାର କୌଣସି ସୂଚନା ନାହିଁ । ତେଣୁ ଆଣ୍ଡ୍ରସନ ଚିଠିରେ ପ୍ରକୃତରେ କଣ ଲେଖିଥିଲେ ସେ ସମ୍ବନ୍ଧରେ ସନ୍ଦେହ ହୁଏ । ପୁନଶ୍ଚ ଏପରି ହୋଇପାରେ ଯେ ଆଣ୍ଡ୍ରସନ ଯେଉଁ ହରକରାମାନଙ୍କୁ ପଠାଇଥିଲେ ସେମାନେ କିଛିଦୂର ଅଗ୍ରସର ହୋଇ ଅଞ୍ଚଳ ଲୋକମାନଙ୍କଠାରୁ ପୂର୍ବରୁ ଅବସାନ ହୋଇଥିବା ଚମନାଜୀ - ଢେଙ୍କାନାଳ ଯୁଦ୍ଧ କଥା ଶୁଣି ଭୟରେ ଫେରିଆସି ସେ ସମ୍ବନ୍ଧରେ ଭ୍ରମାତ୍ମକ ବିବରଣ ଆଣ୍ଡ୍ରସନଙ୍କୁ ଦେଇଥିବେ ଓ ଆଣ୍ଡ୍ରସନ ତାହା ବିଶ୍ୱାସ କରି ଚିଠି ଲେଖିଥିବେ । ବିଶ୍ୱମ୍ଭର ପଣ୍ଡିତଙ୍କ ପୂର୍ବୋକ୍ତ

ଚିଠିରେ ରାଜାରାମ ପଣ୍ଡିତ ଜାନୁଆରୀ ତା ୨୮ ରିଖ (ସଫର ୫ ୧୧୯୫) ଦିନ ସେନବାହିନୀ ସହଯୋଗ ଦେଇଥିବାର ଉଲ୍ଲେଖ ଅଛି (୧୪ । ତେଣୁ ଜାନୁଆରୀ ତା ୨୮ ରିଖ (୧୭୮୧) ପର୍ଯ୍ୟନ୍ତ ଚିମନାଜୀଙ୍କ ଛାଉଣୀ ନିକଟକୁ ଯିବା ବାଟ ବନ୍ଦ ହୋଇ ନ ଥିଲା । ତାପରେ ପୁଣି ଫେବୃଆରୀ ତା ରିଖ ପୂର୍ବରୁ ଯୁଦ୍ଧର ଅବସାନ ହୋଇଥିବ । ସୁତରାଂ ଆଣ୍ଡରସନଙ୍କ ପ୍ରେରିତ ହରକରା ଢେଙ୍କାନାଳ ରାଜାଙ୍କ ଦ୍ୱାରା ପଥରୁଦ୍ଧ କରାଯାଇଥିବାରୁ ଫେରିଆସିବା ସମ୍ବାଦ ନିତାନ୍ତ ଅମୂଳକ । କାରଣ ଆଣ୍ଡରସନ କ୍ଲକରେ ପହଞ୍ଚିଲେ ୧୭୮୧ ର ଜାନୁଆରୀ ତା ୩୧ରିଖରେ ଓ କଟକ ଛାଡିଲେ ଫେବୃୟାରୀ ତା ୬ରିଖରେ । ଏଠାରେ ଦୁଇଟି ବିଷୟ ଲକ୍ଷ୍ୟ କରିବାର ଅଛି, ୧ମରେ ଚିମନାଜୀ ପାର୍ବତ୍ୟ ଅଞ୍ଚଳର ଅଭ୍ୟନ୍ତରକୁ ଆହୁରି ଅଗ୍ରସର ହୋଇଥିବା ସମ୍ବାଦ ଆଣ୍ଡରସନ ପାଇଛନ୍ତି ଓ ତାହା ଗଭର୍ଣ୍ଣର ଜେନେରାଲଙ୍କୁ ଜଣାଇଛନ୍ତି । ବିଶ୍ୱମ୍ଭର ପଣ୍ଡିତଙ୍କ ପୂର୍ବୋକ୍ତ ଫେବୃଆରୀ ତା ୧ରିଖରେ ପତ୍ରରୁ ଅନୁମିତ ହୁଏ ଯେ ଚିମନାଜୀ କେନ୍ଦୁଝର ଯାତ୍ରା କରୁଥିବାର ସମ୍ବାଦ ଆଣ୍ଡରସନ ପାଇଛନ୍ତି ଓ ଗଭର୍ଣ୍ଣର ଜେନେରାଲଙ୍କୁ ଜଣାଇଛନ୍ତି । ସୁତରାଂ ସେ ସମୟକୁ ଢେଙ୍କାନାଳ ଯୁଦ୍ଧର ଅବସାନ ହୋଇଥିବା ପ୍ରମାଣିତ ହେଉଛି ।

ଦ୍ୱିତୀୟରେ ଗଭର୍ଣ୍ଣର ଜେନେରାଲ ଲେଖିଛନ୍ତି ଯେ ସେ ଏ ଖବର ପାଇ ଆଣ୍ଡରସନଙ୍କୁ ନିର୍ଦ୍ଦେଶ ଦେବା ପରେ ପରେ ଚିମନାଜୀ ଯାଜପୁରରେ ଥିବାର ଖବର ସେ ପାଇଛନ୍ତି । ହୁଏତ କେନ୍ଦୁଝର ଅଭିମୁଖରେ ଯାତ୍ରା କରିବା ସମୟରେ ଚିମନାଜୀ ଯାଜପୁରରେ ଛାଉଣୀ ପକାଇଥିବେ କିମ୍ବା କେନ୍ଦୁଝରରୁ ପ୍ରତ୍ୟାବର୍ତ୍ତନ ପଥରେ ଚିମନାଜୀ ଯାଜପୁରରେ ଛାଉଣୀ ପକାଇଥିବେ (ଯୁକ୍ତି ଅଧିକ ସଙ୍ଗତ । ସେ ଖବର ଗଭର୍ଣ୍ଣର ପାଇ ଆଣ୍ଡରସନଙ୍କୁ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଆଣ୍ଡରସନଙ୍କ ପ୍ରଦତ୍ତ ସମ୍ବାଦ କଳ୍ପିତ ଭ୍ରମାତ୍ମକ ।

ମୋଟ ଉପରେ ବିଶ୍ୱମ୍ଭରଙ୍କ ଚିଠି ତୁଳନାରେ ଆଣ୍ଡରସନଙ୍କ ପ୍ରଦତ୍ତ ସମ୍ବାଦ ପ୍ରମାଣିତ ନୁହେଁ ।

ବର୍ତ୍ତମାନ ଶମନାଙ୍ଗଙ୍କ ଢେଙ୍କାନାଳ ଆକ୍ରମଣ କେବେ ଆରମ୍ଭ ହୋଇଥିବ ତାର ଆଲୋଚନା କରାଯାଉ । ଘନଶ୍ୟାମ ବାବୁଙ୍କ ଲେଖାରୁ ୧୭୮୦ ଖ୍ରୀଷ୍ଟାବ୍ଦ 'ମେ' ମାସରେ ଏହି ଆକ୍ରମଣ ଆରମ୍ଭ ହୋଇଥିବାର ଧାରଣା ହୁଏ । ଏ ସମ୍ବନ୍ଧରେ ନିମ୍ନଲିଖିତ ବିଷୟମାନ ପ୍ରଣିଧାନର ଯୋଗ୍ୟ ।

(କ) ୧୭୮୦ ଖ୍ରୀଷ୍ଟାବ୍ଦ 'ମେ' ମାସରେ ଶମନାଙ୍ଗଙ୍କ ଢେଙ୍କାନାଳ ଆକ୍ରମଣ ଆରମ୍ଭ ହେବାର କୌଣସି ପ୍ରମାଣ ନାହିଁ ବା ଘନଶ୍ୟାମବାବୁ ଦେଇ ନାହାନ୍ତି ।

(ଖ) 'ସମର ତରଙ୍ଗ'ର ବର୍ଣ୍ଣନା ଅନୁଯାୟୀ ଶମନାଙ୍ଗ ଗ୍ରୀଷ୍ମ କାଳରେ ଢେଙ୍କାନାଳ ଆକ୍ରମଣ କରିବା ପାଇଁ ଚେଷ୍ଟା କରିଥିଲେ । ଢେଙ୍କାନାଳ ନିକଟରେ କେଉଁଠାରେ ମଧ୍ୟ ୧୨ ଦିନ କାଳ ଛାଉଣୀ ପକାଇ ରହିଥିଲେ । ମାତ୍ର ଆକ୍ରମଣ କରିବା ସୁବିଧାଜନକ ନ ହେବାରୁ ସେ ସୈନ୍ୟମାନଙ୍କ ସହ କଟକ ଫେରିଗଲେ । ସେଠାରେ ଗ୍ରୀଷ୍ମ ଓ ବର୍ଷାଋତୁ କଟାଇ ବର୍ଷାଋତୁ ଶେଷରେ ଢେଙ୍କାନାଳ ଆକ୍ରମଣ କଲେ (୧୪), ଓଡ଼ିଶାରେ 'ମେ' ମାସ ଗ୍ରୀଷ୍ମଋତୁର ଅନ୍ତର୍ଗତ । ସୁତରାଂ ୧୭୮୦ ମେ ମାସରେ ଶମନାଙ୍ଗ ଢେଙ୍କାନାଳ ଆକ୍ରମଣ କରିବା ସମ୍ଭବ ନୁହେଁ ।

କୁହାଯାଇପାରେ ଯେ ଆକ୍ରମଣ ଉଦ୍ଦେଶ୍ୟରେ ଢେଙ୍କାନାଳ ନିକଟରେ କେଉଁଠାରେ ୧୨ ଦିନ ଛାଉଣୀ ପକାଇ ରହିବା ଓ ଫେରି ଆସିବା—ପ୍ରଥମ ଥରର ଏହି ଅସଫଳ ପ୍ରଚେଷ୍ଟାକୁ ଲକ୍ଷ୍ୟକରି ଘନଶ୍ୟାମ ବାବୁ 'ମେ' ମାସ ଲେଖିଛନ୍ତି ; କିନ୍ତୁ ଘନଶ୍ୟାମବାବୁ 'ମେ' ମାସରେ ଆକ୍ରମଣ କରିବାକୁ ହୋଇଥିବା ପ୍ରଚେଷ୍ଟାର ଅସଫଳତା ଓ ଦ୍ୱିତୀୟବାରର ଆକ୍ରମଣ ବିଷୟ ଆଦୌ ଉଲ୍ଲେଖ କରି ନାହାନ୍ତି । ବରଂ ଶମନାଙ୍ଗ 'ମେ' ମାସରେ ଆକ୍ରମଣ ଆରମ୍ଭ କଲେ ଓ ଢେଙ୍କାନାଳ ରାଜାଙ୍କ ସହ ୨୦ ଦିନ କାଳ ଲଢ଼େଇ କଲେ, ଏକଥା ତାଙ୍କ ଲେଖାରେ ସ୍ପଷ୍ଟ ; କିନ୍ତୁ ଏହି ୨୦ ଦିନ ଧରି ଯୁଦ୍ଧ ଠିକ୍ କେବେ ହୋଇଥିଲା ସେ ବିଷୟରେ ସ୍ପଷ୍ଟତଃ କିଛି ଉଲ୍ଲେଖ କରି ନାହାନ୍ତି ।

ପୁନଶ୍ଚ 'ମେ' ମାସରେ ହୋଇଥିବା ଆକ୍ରମଣ ସମୟରେ ଚମନାଙ୍ଗ 'ଷାଠିଏ ବାଟି' ବଳରେ ଗୁଳି ପକାଇବା କଥା ସେ ଉଲ୍ଲେଖ କରିଛନ୍ତି । 'ସମର ତରଙ୍ଗ'ରୁ ଜଣାଯାଏ ଯେ ଚମନାଙ୍ଗ ଦ୍ୱିତୀୟବାରର ଆକ୍ରମଣ ସମୟରେ ହିଁ ଷାଠିଏ ବାଟି ବଳଠାରେ ଗୁଳି ପକାଇଥିଲେ ( ୬ । ପ୍ରଥମ ଥର ଆକ୍ରମଣ କରିବା ଚେଷ୍ଟା ସମୟରେ କେଉଁ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ତାର କୌଣସି ବିବରଣୀ 'ସମର ତରଙ୍ଗ'ରେ ନାହିଁ । ଏଥିରୁ ଧରି ନିଆଯାଇପାରେ ଯେ ଚମନାଙ୍ଗଙ୍କ ଦ୍ୱିତୀୟ ବାର—ଢେଙ୍କାନାଳ ଆକ୍ରମଣକୁ ଲକ୍ଷ୍ୟ କରି ଘନଶ୍ୟାମ ବାବୁ 'ମେ' ମାସର ଉଲ୍ଲେଖ କରିଛନ୍ତି ।

(ଗ) 'ସମର ତରଙ୍ଗ'ରେ ଚମନାଙ୍ଗଙ୍କ ଢେଙ୍କାନାଳ ଆକ୍ରମଣ ୧୮ ଦିନ ସ୍ଥାୟୀ ହୋଇଥିବାର ଉଲ୍ଲେଖ ଅଛି (୧୭) । ଘନଶ୍ୟାମବାବୁ ବୋଧହୁଏ 'ସମର ତରଙ୍ଗ' ୪ର୍ଥ ଛାନ୍ଦର ଖୋରଠା ଭାଷାରେ ଲିଖିତ "ବିଶ ବିଶରୋଜ୍ ସଉ୍‌ଗଇ ପଉ୍‌କେ କ୍ୟା କହୁଁ ଭୟା ତୁହ୍ମାରେ ।" କୁ ଭିତ୍ତି କରି ଯୁଦ୍ଧ ୨୦ ଦିନ ଧରି ହୋଇଥିବାର ଉଲ୍ଲେଖ କରିଛନ୍ତି ; କିନ୍ତୁ କବି ଚମନାଙ୍ଗଙ୍କ ମୁଖରେ ଏହାକୁ ହାରାହାରି ଭାବରେ ଦେଇଥିବା ସମ୍ଭବ । କାରଣ 'ସମର ତରଙ୍ଗ' ର ଏକାଧିକ ସ୍ଥାନରେ ୧୮ ଦିନ ଧରି ଯୁଦ୍ଧ ହୋଇଥିବାର ଉଲ୍ଲେଖ ଅଛି । ପୁନଶ୍ଚ ନୀଳକଣ୍ଠଙ୍କ 'ଭଞ୍ଜ ମହୋଦୟମ୍'ରେ ୧୮ ଦିନ ଧରି ଯୁଦ୍ଧ ହୋଇଥିବାର ବର୍ଣ୍ଣନା ଅଛି ଓ ଏହା ସୁଧାକର ବାବୁ ଉଦ୍ଧାର କରିଛନ୍ତି (୧୮) ।

ସେ ଯାହାହେଉ 'ସମର ତରଙ୍ଗ'ରେ ଏହି ୧୮ ଦିନ ଧରି ହୋଇ-ଥିବା ଯୁଦ୍ଧ ବ୍ୟତୀତ ଦୀର୍ଘକାଳ ଧରି ଚମନାଙ୍ଗ ଢେଙ୍କାନାଳ ଅବରୋଧ କରିଥିବାର କୌଣସି ସୂଚନା ମଧ୍ୟ ନାହିଁ । ଯଦି କେବଳ ମାତ୍ର ୧୮ ଦିନ ଧରି ଯୁଦ୍ଧ ହୋଇଥାଏ ଓ ତାହା ୧୭୮୦ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସ ପୂର୍ବରୁ ଶେଷ ହୋଇଥାଏ, ତେବେ ୧୭୮୦ ଖ୍ରୀଷ୍ଟାବ୍ଦ 'ମେ' ମାସରୁ ଢେଙ୍କାନାଳ ଅବରୋଧ ଆରମ୍ଭ ହୋଇଥିବାର କୌଣସି ପ୍ରଶ୍ନ ଉଠି ନପାରେ ।

(ଘ) ୧୭୮୦ ଖ୍ରୀଷ୍ଟାବ୍ଦର 'ମେ' ଓ ତତ୍ପରବର୍ତ୍ତୀ ଜୁଲାଇ, ଅଗଷ୍ଟ ପ୍ରଭୃତି ମାସରେ ଚମନାଙ୍ଗ ପୁରୀ ଯାଇଥିବାର ଓ କଟକରେ ଥିବାର ପ୍ରମାଣ

ପୁରୁଣା ଚିଠିପତ୍ର ଆଦରୁ ମିଳେ (୧୯) । କିନ୍ତୁ ସେ ସେ ସମୟରେ ଢେଙ୍କାନାଳ ଯାଇଥିବାର କୌଣସି ପ୍ରମାଣ ମିଳୁ ନାହିଁ ।

ଏହିସବୁ କାରଣରୁ ଘନଶ୍ୟାମବାବୁଙ୍କ ସିଦ୍ଧାନ୍ତ ଭ୍ରମାତ୍ମକ ବୋଲି ସ୍ୱୀକାର କରିବାକୁ ହୁଏ ଓ ବୋଧହୁଏ ଏହି କାରଣରୁ ସୁଧାକର ବାବୁ ଚିମନାଜୀ ଢେଙ୍କାନାଳ ଯୁଦ୍ଧ ଜାନୁଆରୀ, ଫେବ୍ରୁଆରୀ ମାସରେ, ଅର୍ଥାତ୍ ଜାନୁଆରୀ ମାସରେ ଆକ୍ରମଣ ଆରମ୍ଭ ହୋଇଥିବାର ଅନୁମାନ କରିଛନ୍ତି । ସେ ଢେଙ୍କାନାଳ ମରହଟ୍ଟା ସଂଘର୍ଷ ୧୮ ଦିନ ଧରି ହୋଇଥିବାର ତଥ୍ୟ ସହ ଆଣ୍ଡରସନଙ୍କ ଚିଠି ବିଷୟରକୁ ଆଣିଥିବାରୁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ; କିନ୍ତୁ ଆଣ୍ଡରସନଙ୍କ ଚିଠି କିପରି ଭ୍ରମରେ ପକାଇପାରେ ତା ପୂର୍ବରୁ ଦର୍ଶାଯାଇଛି ।

ମୋଟ ଉପରେ ନିର୍ଦ୍ଦିଷ୍ଟ ଭାବରେ ଜାନୁଆରୀ (୧୭୮୧) ମାସରେ ଆକ୍ରମଣ ଆରମ୍ଭ ହୋଇଥିବା କଥା କୁହାଯାଇ ନ ପାରେ । କାରଣ ବିଶ୍ୱମ୍ଭର ପଣ୍ଡିତ କଲିକତାର ବେଣୀରାମ ପଣ୍ଡିତଙ୍କ ନିକଟକୁ ଲେଖିଥିବା ଏକ ଚିଠିର ସାରମର୍ମ ହେଉଛି—"ଖୁବ୍ ସକାଳେ ଲେଖକ (ବିଶ୍ୱମ୍ଭର ପଣ୍ଡିତ) ବିଜାରାମ ପଣ୍ଡିତଙ୍କ ସହ ଲୋକନପୁର ନିକଟବର୍ତ୍ତୀ ଠଙ୍କା ଗ୍ରାମରେ ଥିବା ଚିମନାଜୀଙ୍କ ଛାଉଣୀ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ । ସୈନ୍ୟ ବାହିନୀ ଯାତ୍ରା ଆରମ୍ଭ କରିବା ସମୟରେ ସେମାନେ ସେଠାରେ ପହଞ୍ଚିଲେ (୨୦) ।"

ଏ ଚିଠି ଲେଖା ଯାଇଛି ୧୭୮୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ତା ୨୦ ରିଖରେ । ଏ ଚିଠିରେ ପୁନଶ୍ଚ ବର୍ଣ୍ଣିତ ଅଛି ଯେ ବିଶ୍ୱମ୍ଭର ପଣ୍ଡିତଙ୍କୁ ସୈନ୍ୟବାହିନୀ ସଙ୍ଗେ ରହିବା ପାଇଁ ଚିମନାଜୀ କହିବାରୁ ସେ (ବିଶ୍ୱମ୍ଭର ପଣ୍ଡିତ) ଯାତ୍ରା ସମ୍ବନ୍ଧୀୟ ଆୟୋଜନ କରିବାକୁ କଟକ ଫେରି ଆସିଲେ । ତାପରେ ସେ ଲେଖିଛନ୍ତି– "ସେ ବର୍ତ୍ତମାନ (ଚିଠି ଲେଖିବା ସମୟରେ) ଯାତ୍ରା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି ଓ ବ୍ରାହ୍ମଣୀ ଆଡ଼କୁ ଯାଉଥିବା ସେନା ବାହିନୀକୁ ଦିନେ ଦୁଇଦିନ ମଧ୍ୟରେ ଧରିବାକୁ ଆଶା କରିଛନ୍ତି । ସେନା ବାହିନୀ ବ୍ରାହ୍ମଣୀ କୂଳରେ ଛାଉଣୀ ପକାଇ କିଛିଦିନ ରହିବେ । ପଛରେ ପଡ଼ି ଯାଇଥିବା ପ୍ରତ୍ୟେକଙ୍କୁ ସେନାବାହିନୀ

ସହଯୋଗ ଦେବାକୁ ଅଦେଶ ଦିଆଯାଇଛି । × × × ବ୍ରାହ୍ମଣୀ ନିକଟରେ ପହଞ୍ଚିବା ପରେ କେତେକ ଲୋକ 'ଡିକନାଲ୍ଲ' (Dika Nulla) ଆଡ଼େ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଶାନ୍ତି ସ୍ଥାପନ ପାଇଁ ପ୍ରେରିତ ହେବେ । (୨୧)

ଏ ଚିଠିରେ ଉଲ୍ଲିଖିତ ଡିକନାଲ୍ଲ( Di a Nulla ) କୁ ମୁଁ ଢେଙ୍କାନାଳ ରୂପେ ଗ୍ରହଣ କରିଛି । ଲେଖକଙ୍କର ଭ୍ରମ ବା ଅନୁବାଦରେ ଭ୍ରମ ହେତୁ ଢେଙ୍କାନାଳ ଡିକନାଲ୍ଲ ହେବା ଖୁବ୍ ସମ୍ଭବ । ଚିଠିରେ ଲିଖିତ ହୋଇଥିବା "କେତେକ ଲୋକ ଡିକନାଲ୍ଲ ଆଡ଼େ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଶାନ୍ତି ସ୍ଥାପନ କରିବାକୁ ଯିବେ"ରୁ ଢେଙ୍କାନାଳ ରାଜ ବିଦ୍ରୋହର ସୂଚନା ମଧ୍ୟ ମିଳେ ।

ପୁନଶ୍ଚ ୧୭୮୧ ଖ୍ରୀଷ୍ଟାବ୍ଦର ଫେବ୍ରୁଆରୀ ୧ ତାରିଖ ପୂର୍ବରୁ ବିଶ୍ୱମ୍ଭର ପଣ୍ଡିତ ଢେଙ୍କାନାଳରୁ ବେଣୀରାମ ପଣ୍ଡିତଙ୍କ ନିକଟକୁ ଚିଠି ଲେଖିଛନ୍ତି (୨୨ । ଏଣେ ୧୭୮୦ ଡିସେମ୍ବର ତା ୨୦ ରିଖରେ ସେ ଡିକନାଲ୍ଲ ଅଭିମୁଖରେ ଯାଉଥିବା ସେନାବାହିନୀ ସଙ୍ଗେ ଯୋଗ ଦେବାପାଇଁ ଯାତ୍ରା କରିଛନ୍ତି ।

ବର୍ଷାକାଳ ପରେ ଢେଙ୍କାନାଳ ଆକ୍ରମଣ ଆରମ୍ଭ ହୋଇଥିଲା ବୋଲି 'ସମର ତରଙ୍ଗ'ରୁ ଜଣାଯାଏ (୨୩) । ଆଣ୍ଡରସନ ଜାନୁଆରୀ (୧୭୮୧) ୨୨ ତାରିଖରେ ବାଲେଶ୍ୱରଠାରେ ପହଞ୍ଚି ଚିମନାଜୀଙ୍କ ଢେଙ୍କାନାଳ ଅଭିଯାନ ବିଷୟ ଶୁଣିଛନ୍ତି । ଏ ସବୁରୁ 'ଡିକନାଲ୍ଲ' କୁ ଢେଙ୍କାନାଳ ବୋଲି ଅନୁମାନ କରିବା ଅସଙ୍ଗତ ନୁହେଁ ।

ମୋଟ ଉପରେ ୧୭୮୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ତା ୨୦ ରିଖରେ ଚିମନାଜୀ ଢେଙ୍କାନାଳ ଆକ୍ରମଣ ଉଦ୍ଦେଶ୍ୟରେ କୈକନପୁର ନିକଟବର୍ତ୍ତୀ ଟଙ୍ଗା ଗ୍ରାମରୁ ଯାତ୍ରା ଆରମ୍ଭ କରିଥିଲେ ; କିନ୍ତୁ ଏହାପରେ ଠିକ୍ କେବେ ସେ ଢେଙ୍କାନାଳ ଅବରୋଧ ଆରମ୍ଭ କରିଥିଲେ, ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଏ ପର୍ଯ୍ୟନ୍ତ ସୁଦ୍ଧା ମିଳି ନାହିଁ । ତେଣୁ ସେ ୧୭୮୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ବା ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ଢେଙ୍କାନାଳ ଆକ୍ରମଣ ଆରମ୍ଭ କରିଥିଲେ ବୋଲି ନିର୍ଦ୍ଦିଷ୍ଟ ଭାବରେ କହିବା ଯୁକ୍ତିସଙ୍ଗତ

ନୁହେଁ ; ବରଂ ୧୭୮୦ ଖ୍ରୀଷ୍ଟାବ୍ଦ ଡିସେମ୍ବର ତା ୨୦ ରିଖ ପରେ କୌଣସି ଦିନ ଆକ୍ରମଣ ଆରମ୍ଭ କରିଥିଲେ ବୋଲି କହିବା ଉଚିତ ଓ ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସରେ ଏହି ଆକ୍ରମଣର ଅବସାନ ଘଟିଥିଲା ।

ସମର ତରଙ୍ଗ ସମ୍ପର୍କୀୟ ଏହିପରି ଅନେକ ବିଷୟ ଅଜ୍ଞାତ ରହିଯାଇଛି । ସେ ସମ୍ବନ୍ଧରେ ପରେ ଆଲୋଚନା କରିବାର ବାସନା ରହିଲା ।

ସଙ୍କେତ—

୧ (କ) **An Account of Orissa Proper or Cuttack by. A. Stirling P. 91-92.**

**('Bengal Secretariate Press' edition 1©04)**

(ଖ) ମାଦଳା ପାଞ୍ଜି ପୃ ୭୯ (ପ୍ରାଚୀ ସଂସ୍କରଣ)

(ଗ) ଓଡ଼ିଶାର ଇତିହାସ - ପ୍ୟାରୀମୋହନ ଆଚାର୍ଯ୍ୟ, ପୃ ୧୭୫

(୧୯୨୫ ଉତ୍କଳସାହିତ୍ୟ ପ୍ରେସ ସଂସ୍କରଣ)

୨ **History of Orissa (Vol. II) R.D. Banerji. P. 201**

୩ **(a) History of Orissa (Vol II) R. D. Banerji. P 201**

**(b) Calendar of Persian Correspondence Vol. V**

**(Sea for detail accounts)**

୪ **History of Orissa, by R. D. Banerji Vol II. p.203**

୫ **The Orissa Historical Research Journal Vol II. No. 2, P-1-2**

୬ ତତ୍ରୈବ (ପୃ୪)

୭ ତତ୍ରୈବ (ପୃ୮-୯)

୮ ତତ୍ରୈବ (ପୃ୫)

୯ (କ) ମାରାଠୀ ରିଅସତ (ମରହଟ୍ଟା) by. G.S. Sardesai

(ଉତ୍ତର ବିଭାଗ-୧) ପୃ ୩୬୭

(ଖ)**A Study in Maratha Diplomacy by. S. P. Varma.**

୧୦ The New History of Marathas Vol III. P. 99, by. G. S, Saradesai.

୧୧ । ସମର ତରଙ୍ଗ ମୁଖବନ୍ଧ ପୃ ୫୦ (ଶ୍ରୀ ସୁଧାକର ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ)

୧୨ Calender of Persion Correspondence (C. P. C). Vol. VI Letter No. 73.

୧୩ C. P. C. Vol VI letter No 94.

୧୪ C. P. C. VI letter No 73.

୧୫ । ସମର ତରଙ୍ଗ ୧ମ ଛାନ୍ଦ ୨୩ପଦରୁ ୨୭ ପଦ ।

୧୬ । ସମର ତରଙ୍ଗ ୨ୟ ଛାନ୍ଦ ୮ମ ପଦ ।

୧୭ । ସମର ତରଙ୍ଗ ୫ମ ଛାନ୍ଦ ୫ମ ପଦ ଓ ୮ମ ପଦ ।

୧୮ । ସମର ତରଙ୍ଗ (ସୁଧାକର ବାବୁଙ୍କ ସମ୍ପାଦିତ) ମୁଖବନ୍ଧ ପୃ ୫୦ ଓ ଟୀକା ପୃ ୧୭ ।

୧୯ C. P. C. Vol V letter No. 1949, 1950, 1956, 1969, 1977.

୨୦ C. P. C, Vol V letter No. 2070

୨୧ C. P. C. Vol V letter No. 2070

୨୨ C. P. C. Vol VI letter No. 73

୨୩ । ସମର ତରଙ୍ଗ ୧ମ ଛାନ୍ଦ ୨୭ ପଦ ।

ବି:ଦ୍ର— ଇଂରାଜୀ ପୁସ୍ତକରୁ ଉଦ୍ଧୃତ ଅଂଶମାନ ଲେଖକ ଅନୁବାଦ କରିଅଛି ।

□ □ □

# "ବିଦଗ୍ଧ ଚିନ୍ତାମଣି"

## ଏକ ପୁନର୍ମୂଲ୍ୟାୟନ

ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି'କୁ ଏକ ଅସମ୍ପୂର୍ଣ୍ଣ କାବ୍ୟ ବୋଲି ସମାଲୋଚକମାନେ କହିଛନ୍ତି । କୁହାଯାଏ ଯେ ଏହି ମହାକାବ୍ୟକୁ ଶହେ ଛାନ୍ଦରେ ସଂପୂର୍ଣ୍ଣ କରିବାର ପରିକଳ୍ପନା ଅଭିମନ୍ୟୁଙ୍କର ଥିଲା । କିନ୍ତୁ ଏହା ସଂପୂର୍ଣ୍ଣ ହେବା ପୂର୍ବରୁ କବିଙ୍କର ମୃତ୍ୟୁ ହେବାରୁ ଏହା ଅସଂପୂର୍ଣ୍ଣ ରହିଗଲା ।

ଏକ ଅସଂପୂର୍ଣ୍ଣ କଳାକୃତି ସଂପର୍କରେ କୌଣସି ମତବ୍ୟକ୍ତ କରିବା ସ୍ପୃହଣୀୟ ନୁହେଁ; ନିରାପଦ ବି ନୁହେଁ । କିନ୍ତୁ 'ବିଦଗ୍ଧ ଚିନ୍ତାମଣି'ର ଅସମ୍ପୂର୍ଣ୍ଣତା ସତ୍ତ୍ୱେ ଏହି ନିବନ୍ଧର ବକ୍ତବ୍ୟ ଯେ ତାହାପ୍ରତି ସଂପୂର୍ଣ୍ଣ ଭାବରେ ପ୍ରଯୋଜ୍ୟ, ଏଥିରେ ସନ୍ଦେହ ଥିଲେ ଏ ନିବନ୍ଧ ଲେଖାଯାଇ ନ ଥାନ୍ତା । କାରଣ ଏ ନିବନ୍ଧରେ ବକ୍ତବ୍ୟ ପ୍ରଚଳିତ ସିଦ୍ଧାନ୍ତର ବିରୋଧ ତ କରୁଛି ଓ କାହାର କାହାର ଭାବପ୍ରବଣତା ଉପରେ ଆଘାତ ଦେବାର ସମ୍ଭାବନା ମଧ୍ୟ ରହିଛି ।

ଅଭିମନ୍ୟୁ ଜଣେ ଉଚ୍ଚକୋଟିର କବି ଥିଲେ । ତାଙ୍କର କବିତ୍ୱ ଶକ୍ତି ସଂପର୍କରେ ସନ୍ଦେହ କରିବାର କିଛି ନାହିଁ । କିନ୍ତୁ ଅସାଧାରଣ କବିତ୍ୱ ଶକ୍ତିର ଅଧିକାରୀ ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' ଏକ ଅସଫଳ ଓ ଅସାର୍ଥକ ମହାକାବ୍ୟ—ଏହା ହିଁ ଏ ନିବନ୍ଧର ପ୍ରତିପାଦ୍ୟ ।

ଅଭିମନ୍ୟୁ ମଧ୍ୟଯୁଗୀୟ ଓଡ଼ିଆ କବିମାନଙ୍କ ମଧ୍ୟରେ ଅତି ଉଚ୍ଚ ଆସନର ଅଧିକାରୀ । ସେ କିନ୍ତୁ ଥିଲେ ମୂଳତଃ କ୍ଷୁଦ୍ର କବିତାର କବି । ତାହା ହିଁ ଥିଲା ତାଙ୍କର ସ୍ୱଧର୍ମ । ସେ କେତେକ ସଫଳ ଓ ସାର୍ଥକ କ୍ଷୁଦ୍ର କବିତା ମଧ୍ୟ ରଚନା କରିଥିଲେ, କିନ୍ତୁ ନିଜର ଜ୍ଞାତସାରରେ ହେଉ

ବା ଅଜ୍ଞାତସାରରେ ହେଉ ସେ ସ୍ୱଧର୍ମ ଲଙ୍ଘନ କରି, ସ୍ୱଧର୍ମର ବିରୁଦ୍ଧାଚରଣ କରି କାବ୍ୟ/ମହାକାବ୍ୟ ରଚନାରେ ମଧ୍ୟ ହାତ ଦେଇଥିଲେ ।

ପ୍ରତ୍ୟେକ କଳା କାରର ସ୍ୱଧର୍ମ ଥାଏ; କଳାର ଏକ ବିଶେଷ ଦିଗ, ଏକ ବିଶେଷ ବିଭବ **(aspect)** ପ୍ରତି ପ୍ରବଣତା ଥାଏ । ସେମାନେ କଳାର ସେଇ ବିଶେଷ ଦିଗ, ସେଇ ବିଶେଷ ବିଭବ ପ୍ରତି ଆକର୍ଷଣ ଅନୁଭବ କରନ୍ତି ଓ ସେଥିରେ ଦକ୍ଷତା ଦେଖାଇ ପାରନ୍ତି ; କିନ୍ତୁ ବେଳେବେଳେ କଳାକାରମାନେ ବିଭିନ୍ନ କାରଣରୁ—ବିଶେଷ ଭାବରେ ବାହ୍ୟ ପ୍ରଭାବରୁ ନିଜ ନିଜର ଏହି ସ୍ୱାଭାବିକ ବୃତ୍ତିକୁ ଜାଣିବାରେ, ଆବିଷ୍କାର କରିପାରିବାରେ ଅକ୍ଷମ ହୁଅନ୍ତି ବା ଆବିଷ୍କାର କରିପାରିଲେ ମଧ୍ୟ ଉପେକ୍ଷା କରନ୍ତି । ଫଳରେ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ କଳାକାରମାନେ କଳାଚର୍ଚ୍ଚା କ୍ଷେତ୍ରରେ ସ୍ୱଧର୍ମର ବିରୁଦ୍ଧାଚରଣ କରି ପରଧର୍ମ ଆଚରଣ କରନ୍ତି ; ସ୍ୱଭାବ ବିରୁଦ୍ଧ କାର୍ଯ୍ୟ କରନ୍ତି । ତାଙ୍କର ସୃଷ୍ଟି ସଂପଦ ମଧ୍ୟରେ, କଳାକୃତି ମଧ୍ୟରେ ଏହାର ପ୍ରତିଫଳନ ଦେଖିବା ପାଇଁ ମିଳେ ।

ସେହିପରି କେତେକ କବି କ୍ଷୁଦ୍ର କବିତା ରଚନାରେ ଅଧିକ ପ୍ରବଣତା, ଅଧିକ ପାରଦର୍ଶିତା ଦେଖାଇ ଥାନ୍ତି । ତାହା ହିଁ ସେମାନଙ୍କର ସ୍ୱଧର୍ମ । ଆଉ କେତେକ କବି କାବ୍ୟ/ମହାକାବ୍ୟ ରଚନାରେ ଅଧିକ ପ୍ରବଣତା ଓ ପାରଦର୍ଶିତା ଦେଖାଇ ଥାଆନ୍ତି । ତାହା ମଧ୍ୟ ସେମାନଙ୍କର ସ୍ୱଧର୍ମ । ଅବଶ୍ୟ କେତେକ କବି ଉଭୟ କ୍ଷୁଦ୍ର କବିତା ଓ କାବ୍ୟ ମହାକାବ୍ୟ ରଚନାରେ ସମ ପରିମାଣରେ ପ୍ରବଣତା ଓ ପାରଦର୍ଶିତା ଦେଖାନ୍ତି । ସେମାନଙ୍କ ସଂଖ୍ୟା କିନ୍ତୁ କମ । ଅଧିକାଂଶ କ୍ଷେତ୍ରରେ ଜଣେ କବି ଉଭୟ କ୍ଷୁଦ୍ର କବିତା ଓ କାବ୍ୟ/ମହାକାବ୍ୟ ରଚନାରେ ପ୍ରବଣତା ଓ ପାରଦର୍ଶିତା ଦେଖାଇପାରେ ନାହିଁ ।

ଶିଳ୍ପକର୍ମ ଓ ଭାବଧର୍ମ ଦୃଷ୍ଟିରୁ ବିଚାର କଲେ କ୍ଷୁଦ୍ର କବିତା ଓ କାବ୍ୟ/ମହାକାବ୍ୟ ମଧ୍ୟରେ ଉଭୟ ଆକୃତିଗତ ଓ ପ୍ରକୃତିଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଏହାକୁ କିଛିଟା କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ମଧ୍ୟରେ ଥିବା ପାର୍ଥକ୍ୟ ସହ ତୁଳନା କରାଯାଇପାରେ । କ୍ଷୁଦ୍ର କବିତା ତନ୍ମୟ **(objective)**

ହେଉ ବା ମନ୍ମୟ (subjective) ହେଉ କେବଳ ଗୋଟିଏ କଥା କୁହେ । କ୍ଷୁଦ୍ର କବିତାର ବକ୍ତବ୍ୟ "ଏକମ୍ ଏବମ ଅଦ୍ୱିତୀୟମ୍", ତାହାର ଆରମ୍ଭ ବିକାଶ ଓ ପରିଣତି ସେହି ଏକ ବକ୍ତବ୍ୟ-ଭିତ୍ତିକ । ଏକ ବିନ୍ଦୁ ମଧ୍ୟରେ ସୀମାବଦ୍ଧ । କିନ୍ତୁ କାବ୍ୟ/ମହାକାବ୍ୟର ବକ୍ତବ୍ୟ ଏକ ହୋଇ-ଥିଲେ ମଧ୍ୟ ତା ମଧ୍ୟରେ 'ଅନେକ'ର ସନ୍ଧାନ କରାଯାଇପାରେ ; ଆବିଷ୍କାର କରାଯାଇପାରେ । କାବ୍ୟ/ମହାକାବ୍ୟରେ ପ୍ରକୃତ ପକ୍ଷେ ଅନେକ କଥା କୁହାଯାଏ । ଅବଶ୍ୟ ସେଇ 'ଅନେକ' ମଧ୍ୟରେ 'ଏକ' ବି ଥାଏ । ତେବେ କାବ୍ୟ/ମହାକାବ୍ୟର ଏଇ ଏକ' କ୍ଷୁଦ୍ର କବିତାର 'ଏକ' ନୁହେଁ । କାବ୍ୟ/ମହାକାବ୍ୟର 'ଏକ' ମଧ୍ୟରେ 'ଅନେକ' ଥାଏ ବା 'ଅନେକ'କୁ ଆଶ୍ରୟ କରି 'ଏକ'ର ଉତ୍ପତ୍ତି ହୁଏ, କାରଣ ବୈଚିତ୍ର୍ୟ ହିଁ କାବ୍ୟ/ମହା-କାବ୍ୟର ଅନ୍ୟତମ ବିଭବ । ଏହି ହେତୁ ଅଧିକାଂଶ କ୍ଷୁଦ୍ର କବିତା ମନ୍ମୟ (Subjective) ବା ଶିଳ୍ପକର୍ମ ଦୃଷ୍ଟିରୁ ତନ୍ମୟ (Objective) ହୋଇଥିଲେ ମଧ୍ୟ ଭାବଧର୍ମ ଦୃଷ୍ଟିରୁ ମନ୍ମୟ ଧର୍ମୀ । ଆଉ ଅଧିକାଂଶ କାବ୍ୟ/ ମହାକାବ୍ୟ ତନ୍ମୟ ( Objective ) ବା ବର୍ଣ୍ଣନାଧର୍ମୀ ( narrative) । ଏହିଠାରେ କହି ରଖିବା ଉଚିତ ଯେ ତତ୍ତ୍ୱ ଦିଗରୁ ମନ୍ମୟ କାବ୍ୟ/ମହାକାବ୍ୟ ରଚନା କରିବାରେ କୌଣସି ପ୍ରତିବନ୍ଧକ ନାହିଁ ।

ପୁଣି 'ଅନେକ' ମଧ୍ୟରେ ଏକ'ର ସନ୍ଧାନ କରିବାର ପ୍ରୟାସ ହେତୁ କାବ୍ୟ/ମହାକାବ୍ୟରେ ସଜ୍ଜୀକରଣର ଆବଶ୍ୟକତା ଥାଏ । ଏ ସଜ୍ଜୀକରଣ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ଏହା ଠିକ୍ ନ ଥିଲେ 'ଅନେକ' ମଧ୍ୟରେ 'ଏକର' ସନ୍ଧାନ ଠିକ୍‌ରୂପେ ଦିଆଯାଇପାରେ ନାହିଁ । 'ଅନେକ' 'ଏକ' ହୋଇପାରେ ନାହିଁ, 'ଅନେକ' ହୋଇ ହିଁ ରହିଯାଏ । ଏହି ସଜ୍ଜୀକରଣଗତ ତ୍ରୁଟି ଯୋଗୁ କାବ୍ୟ/ମହାକାବ୍ୟରେ ଅନେକ ମଧ୍ୟରେ ଏକ' ବା 'ଏକ' ମଧ୍ୟରେ 'ଅନେକ'ର ପରିକଳ୍ପନା କରାଯାଇ-ପାରେ ନାହିଁ । 'ଅନେକ'ର ସମାହାର ହୁଏତ ହୁଏ, ସେ 'ଅନେକ' ସହ 'ଏକ' ର ଓତପ୍ରୋତ ସମ୍ପର୍କ ରହେ ନାହିଁ । ଫଳରେ କାବ୍ୟ/ ମହାକାବ୍ୟ ବ୍ୟର୍ଥ ହୁଏ । ଏଇ ଦୃଷ୍ଟିରୁ କ୍ଷୁଦ୍ରକବିତା ଓ କାବ୍ୟ/ମହା-କାବ୍ୟକୁ କିଛି ପରିମାଣରେ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ସହ ତୁଳନା କରାଯାଇ

ପାରେ । କ୍ଷୁଦ୍ର କବିତାର କବି ଓ କାବ୍ୟ/ମହାକାବ୍ୟର କବିଙ୍କ ମଧ୍ୟରେ କାଷ୍ଠା ଭାସ୍କର ଓ ସ୍ଥପତିର ସାଦୃଶ୍ୟ ଆରୋପଣ କରାଯାଇ-ପାରେ ।

କୁହାଯାଇଛି ଅଭିମନ୍ୟୁ ଥିଲେ ମୁଖ୍ୟତଃ କ୍ଷୁଦ୍ରକବିତାର କବି । ତାଙ୍କ ନାମରେ କେତେକ କ୍ଷୁଦ୍ର କବିତାର ପ୍ରଚଳନ ଅଛି । ତା ବ୍ୟତୀତ "ବିଦଗ୍ଧ ଚିନ୍ତାମଣି"ର କେତେକ ଛାନ୍ଦ ଅତ୍ୟନ୍ତ ସଫଳ ଓ ସ୍ୱୟଂ-ସମ୍ପୂର୍ଣ୍ଣ କ୍ଷୁଦ୍ର କବିତାର ଆଖ୍ୟା ପାଇ ପାରେ । ଅନ୍ୟ କଥାରେ "ବିଦଗ୍ଧ ଚିନ୍ତାମଣି" ମହାକାବ୍ୟରେ କେତେକ ସ୍ୱୟଂସମ୍ପୂର୍ଣ୍ଣ ଓ ସଫଳ କ୍ଷୁଦ୍ର କବିତା ଗର୍ଭିତ ହୋଇ ପଡ଼ିଛି । ପୁଣି ଗୋଟିଏ ମହାକାବ୍ୟର ଅଂଶ ବିଶେଷ ଭାବରେ ପରିକଳ୍ପିତ ହୋଇଥିବାରୁ ଏହି ଛାନ୍ଦ ଆଖ୍ୟାଧାରୀ କ୍ଷୁଦ୍ର କବିତାଗୁଡ଼ିକୁ ଶିଳ୍ପକର୍ମ ଦୃଷ୍ଟିରୁ ତନ୍ମୟ ବା ବସ୍ତୁନିଷ୍ଠ କ୍ଷୁଦ୍ରକବିତା ବୋଲି କୁହାଯାଇପାରେ ; କିନ୍ତୁ ଭାବଧର୍ମ ଦୃଷ୍ଟିରୁ ବିଚାର କଲେ ପ୍ରକୃତ ପକ୍ଷେ ଏଗୁଡ଼ିକ ମନ୍ମୟ ବା ବ୍ୟକ୍ତିନିଷ୍ଠ । ମୋଟ ଉପରେ ଏ କବିତାଗୁଡ଼ିକ ମଧ୍ୟରେ ମନ୍ମୟ ବା ତନ୍ମୟର ବିରୋଧ ବା ଭେଦାଭେଦର ସୀମାରେଖା ଲୋପ ପାଇଯାଇଛି ବୋଲି ଧାରଣା ହୁଏ । "ବିଦଗ୍ଧ ଚିନ୍ତାମଣି"ର ଛାନ୍ଦ ଆଖ୍ୟାଧାରୀ ଏ କ୍ଷୁଦ୍ରକବିତାଗୁଡ଼ିକ ପଢ଼ିଲେ ମନେହୁଏ ମଣିଷର ମନ ଭିତରର ଗୋପନତମ କୋଣରେ ନବବସନ୍ତ ବା ଶୀତସନ୍ଧ୍ୟାର ଯେଉଁ ସ୍ପର୍ଶ ଲାଗେ, ମଣିଷର ମନବୀଣାର ସୂକ୍ଷ୍ମାତିସୂକ୍ଷ୍ମ ତନ୍ତ୍ରୀରେ ଯେଉଁ ଅଦୃଶ୍ୟ ଆଘାତ ଲାଗେ ଓ ସେଥିରୁ କାନକୁ ଶୁଣାଯାଉ ନ ଥିବା ସଂଗୀତର ଯେଉଁ ଅପୂର୍ବ ମୂର୍ଚ୍ଛନା ସୃଷ୍ଟି ହୁଏ, ତାକୁ ଜାଣିବାର ଶକ୍ତି, ଅନୁଭବ କରିବାର ଶକ୍ତି ଓ ସୁନ୍ଦର ଭାବରେ ବ୍ୟକ୍ତ କରିବାର ଶକ୍ତି କବି ଅଭିମନ୍ୟୁଙ୍କର ଥିଲା । ଆଉ ସେଇଥିପାଇଁ ସେ ଜଣେ ଅତି ସଫଳ କଳାକାର; ଜଣେ ଉଚ୍ଚକୋଟିର କବି । "ବିଦଗ୍ଧ ଚିନ୍ତାମଣି"ର ୪୮ଶ, ୫୨ଶ, ୬୭ଶ, ୭୧ଶ, ୭୯ଶ ଓ ୭୫ଶ ଛାନ୍ଦ ଆଦି ଏହାର ପ୍ରକୃଷ୍ଟ ଉଦାହରଣ । ଏହା ବ୍ୟତୀତ ୧୩ଶ, ୩୦ଶ, ୩୯ଶ ଓ ୪୨ଶ ଛାନ୍ଦକୁ ମଧ୍ୟ ସାର୍ଥକ ତଥା ସ୍ୱୟଂସମ୍ପୂର୍ଣ୍ଣ କ୍ଷୁଦ୍ର କବିତା ଭାବରେ ଗ୍ରହଣ କରାଯାଇପାରେ । ପୃଥିବୀର ସାହିତ୍ୟରେ ଏତେ ସଫଳ କ୍ଷୁଦ୍ର କବିତା ଖୁବ କମ୍ ଲେଖାହୋଇଛି । ଅଭି ଏଇସବୁ ଛାନ୍ଦଗୁଡ଼ିକୁ ପଢ଼ିଲେ

ବିଶ୍ୱକବି ରବୀନ୍ଦ୍ରନାଥଙ୍କ "ବୈଷ୍ଣବ କବିତାର' ସେଇ ପ୍ରସିଦ୍ଧ ପଂକ୍ତିଗୁଡ଼ିକ ମନରେ ପଡ଼େ ।

ସତ୍ୟ କରି କହ ମୋରେ ହେ ବୈଷ୍ଣବ କବି
କୋଥା ତୁମି ପେୟେଛିଲେ ଏଇ ପ୍ରେମ ଛବି
କୋଥା ତୁମି ଶିଖେଛିଲେ ଏଇ ପ୍ରେମଗାନ
ବିରହ ତାପିତ ହେରି କାହାର ନୟନ
ରାଧିକାର ଅଶ୍ରୁ ଆଖି ପଡେ଼ ଛିଲ ମନେ ।

କିନ୍ତୁ ମହାକାବ୍ୟ ଦୃଷ୍ଟିକୋଣରୁ ବିଗ୍ଭର କଲେ "ବିଦଗ୍ଧ ଚିନ୍ତାମଣି" ଏକ ସଫଳ ମହାକାବ୍ୟ ନୁହେଁ । ବିଷୟବସ୍ତୁର ପରିକଳ୍ପନାଗତ ଓ ସଜ୍ଜୀକରଣଗତ ବହୁ ତ୍ରୁଟି ହେତୁ ହିଁ ଏହା ସଫଳ ଓ ସାର୍ଥକ ହୋଇ-ପାରି ନାହିଁ । ଏହି ବିଷୟବସ୍ତୁ ପରିକଳ୍ପନାଗତ ଓ ସଜ୍ଜୀକରଣ ସମ୍ବନ୍ଧୀୟ ତ୍ରୁଟିର କେତେଗୋଟି ଉଦାହରଣ ନିମ୍ନରେ ଦିଆଗଲା ।

(କ) ପରସ୍ପର ବିରୋଧ (contradiction)—

ବିଷୟବସ୍ତୁର ଗୋଟିଏ ଅଂଶ ଅନ୍ୟ ଅଂଶର ବିରୋଧ କରିବା ଏକ ସଜ୍ଜୀକରଣଗତ ତ୍ରୁଟି । "ବିଦଗ୍ଧ ଚିନ୍ତାମଣି"ର ୭୪ଶ ଛାନ୍ଦରେ କୃଷ୍ଣ ଦୂତୀ ନିକଟରେ ନିଜର ମନୋବେଦନା ପ୍ରକାଶ କରି କହିଛନ୍ତି—

"ସ୍ନାନ ଦିନେ ଦିନେ ବନେ ଧୂଳି ଖେଳିବାରେ
ଏ ମୋ ଭିଗ ବୋଲି ରାଗ ଲତା ଏ ଦେହଭରେ (୪)

× × ×

କୁମାର କୁମାରୀ ମେଳେ ଖେଳିବା ବିଧିରେ
ବର ମୁହିଁ କନ୍ୟା ସେହି ହୋଇଛୁ ବିଧିରେ
ଦୂତୀ ଗୋ, କହିବୁ ସହିକି
ସେଦିନର ମନ ମାନ ମନରେ ନାହିଁ କି ? (୫)

× × ×

ପଡ଼ି ଜଡ଼ି ଯାଇଥିଲି ଧୂଳି ଲେପନରେ
ଲୁଚିଯାଇ ବୋଲି ପୋଛିଦେଲି ବସନରେ
        ଦୂତୀ ଗୋ, କହିବୁ ରାଧାକୁ
କି କରି ପାସୋରି ଦେଲି ଡେଡ଼େ ଶଉଧାକୁ । (୯)

କନ୍ୟା ସନ୍ଧିକାଳେ ଦିନେ କୁଞ୍ଜ ଶୟନରେ
ଗଣି ବଣା ଏଣୀ ଆଖି ରଖି ନୟନରେ
        ଦୂତୀ ଗୋ, କହିବୁ ପ୍ରୀତିକି
ଏକାନ୍ତେ ସେକାନ୍ତେ ବିକିଦେଇଛି ମତିକି । (୧୦)

ପୁଣି ୭୯ଶ ଛାନ୍ଦରେ ରାଧା ସଖୀ ନିକଟରେ କହିଛନ୍ତି —

"କୁଣ୍ଢାଇ ଖେଳିଲି କାହ୍ନୁ ମୋତେ
ଅନୁସରି ଥିଲେ କେତେ ମତେ
ଯାହୁ ଧନେ ଋଣୀ ଦରିଦ୍ର ପରାଣ ପରାୟେ
                ହୋଇଲେ ଅବିରତ ।

ଏଥିରୁ ପ୍ରମାଣିତ ହେଉଛି ଯେ ଶୈଶବ ଓ କୈଶୋରାବସ୍ଥାରେ ରାଧା ଓ କୃଷ୍ଣ ପରସ୍ପର ସହ ଖେଳବୁଲ କରୁଥିଲେ ଓ ପରସ୍ପରକୁ ନିବିଡ଼ ଭାବରେ ଜାଣିଥିଲେ ; କିନ୍ତୁ "ବିଦଗ୍ଧ ଚିନ୍ତାମଣି"ର ପ୍ରଥମାର୍ଦ୍ଧରେ ତାର କୌଣସି ସୂଚନା ମଧ୍ୟ ନାହିଁ । କେବଳ ସେତିକି ନୁହେଁ, ପ୍ରଥମାର୍ଦ୍ଧରେ ବର୍ଣ୍ଣନା କରାଯାଇଛି ଯେ ରାଧା ପ୍ରଥମେ ତାଙ୍କ ଯୌବନାବସ୍ଥାରେ କୃଷ୍ଣଙ୍କ ନାମ ଶ୍ରବଣରେ ତାଙ୍କ ପ୍ରେମରେ ପଡ଼ିଲେ (୭ମ ଛାନ୍ଦ), କୃଷ୍ଣଙ୍କ ଚିତ୍ରପଟ ଦର୍ଶନରେ ମଧ୍ୟ ତାଙ୍କ ପ୍ରେମରେ ପଡ଼ିଲେ (୧୦ମ ଛାନ୍ଦ), ପୁଣି କୃଷ୍ଣଙ୍କ ବଂଶୀସ୍ୱନ ଶୁଣି ତାଙ୍କ ପ୍ରେମରେ ପଡ଼ିଲେ (୨୩ଶ ଛାନ୍ଦ) । ସେଥିରେ ପୁଣି କୃଷ୍ଣନାମଧାରୀ ପୁରୁଷ, ଚିତ୍ରପଟରେ ପୁରୁଷ ଓ ବଂଶୀବାଦକ ପୁରୁଷ ଏମାନଙ୍କୁ ସେ ତିନି ଭିନ୍ନ ଜଣ ସ୍ୱତନ୍ତ୍ର ପୁରୁଷ ବୋଲି ଭ୍ରମରେ ପଡ଼ିଛନ୍ତି ଓ ତାଙ୍କର "ନିପୁଂସ ଭ୍ରମ" ସୃଷ୍ଟି ହୋଇଛି । ଏଣେ କୃଷ୍ଣ ମଧ୍ୟ ପ୍ରଥମେ ତାଙ୍କ ଯୌବନାବସ୍ଥାରେ ରାଧା ନାମ ଶ୍ରବଣ କରି ତାଙ୍କ ପ୍ରେମରେ ପଡ଼ିଲେ (୭ଷ୍ଠ ଛାନ୍ଦ) । ପୁଣି କାମସେଣ ଶ୍ରୀକୃଷ୍ଣଙ୍କୁ "କେଉଁ ରାଧାରତ ନାମକୁ ଧରିତ ଦୁଇ ରାଧାରତ ନାମ ଖ୍ୟାତି", ବୋଲି ପଚ୍ଚାରନ୍ତେ "ଗୋବିନ୍ଦ ବୋଇଲେ ଦୁଇ କେ ନହିଲେ ଜାଣିତ ପଦ୍ମିନୀ ଏକମୂର୍ତ୍ତି ।" (୧୨/୩୭)

ଯେଉଁ ରାଧା ଓ କୃଷ୍ଣ ପିଲଦିନେ ସାଙ୍ଗ ହୋଇ ଖେଳବୁଲ କରୁଥିଲେ, ବାଲ୍ୟକାଳରୁ ବୟଃସନ୍ଧି କାଳ ପର୍ଯ୍ୟନ୍ତ ପରସ୍ପରକୁ ନିବିଡ଼ ଭାବରେ ଜାଣିଥିଲେ, ସେମାନେ କିପରି ପରସ୍ପରର ନାମ ମଧ୍ୟ ଶୁଣି ନ ଥିଲେ ? ପୁନଶ୍ଚ ନାମ ଶୁଣି ଓ ଚିତ୍ରପଟ ଦର୍ଶନ କରି ରାଧା କୃଷ୍ଣଙ୍କୁ ଚିହ୍ନି ମଧ୍ୟ ପାରିଲେ ନାହିଁ କିପରି ? କୃଷ୍ଣ ମଧ୍ୟ ଦୁଇ ରାଧାଙ୍କ ମଧ୍ୟରେ ତାଙ୍କ ପ୍ରେମ କାହାପ୍ରତି ଉଦ୍ଦିଷ୍ଟ ତାହା ଜାଣିପାରିଲେ ନାହିଁ କିପରି ? "ବିଦଗ୍ଧ ଚିନ୍ତାମଣି"ର ବିଷୟବସ୍ତୁ ପରିକଳ୍ପନାରେ ଦେଖାଯାଉଥିବା ଏହି ପରସ୍ପର ବିରୋଧ ଏକ ଗୁରୁତର ତ୍ରୁଟି । (ଏ ପର୍ଯ୍ୟନ୍ତ କୌଣସି ସମାଲୋଚକ ଏ ସମ୍ପର୍କରେ ଅବହିତ ଥିବାର ଜଣାପାଏ ନାହିଁ) ଅବଶ୍ୟ କବି ମଧ୍ୟ ଏ ବିରୋଧ ପ୍ରତି ହଠାତ୍ ସଚେତନ ହୋଇପଡ଼ି ପୂର୍ବୋକ୍ତ ୭୪ଶ ଛାନ୍ଦରେ କୃଷ୍ଣଙ୍କ ମୁଖରେ କୁହାଇଛନ୍ତି—

ଜନ୍ମାନ୍ତର କଥା ପରି ନ ଥିଲା ମନରେ
ଯେଉଁ ବିନ୍ଦୁ ନାମ ପୁଣି ପଡ଼ିଲା କର୍ଣ୍ଣରେ
ଦୂତି ଗୋ, କହୁଛି ବାରେ
ଜାତିସ୍ମର ସ୍ଫୁର୍ତ୍ତି ଏବେ ହେଲା ଚେତିବାରେ । ୨୦ ।

କିନ୍ତୁ ଏହା ସମ୍ଭବ କି ? ଉଭୟ ଉଭୟଙ୍କୁ ନିବିଡ଼ ଭାବରେ ଜାଣିବା ପରେ ସମ୍ପୂର୍ଣ୍ଣ ବିସ୍ମୃତ ହେବା ଅସମ୍ଭବ । ପ୍ରକୃତପକ୍ଷେ ଅଭିମନ୍ୟୁ କାବ୍ୟ/ମହାକାବ୍ୟର କବି ନ ଥିଲେ । ତେଣୁ "ବିଦଗ୍ଧ ଚିନ୍ତାମଣି"ର ବିଷୟବସ୍ତୁ ପରିକଳ୍ପନା ପାଇଁ ସେ ରୂପଗୋସ୍ୱାମୀ ବିରଚିତ ସଂସ୍କୃତ 'ବିଦଗ୍ଧ ମାଧବ' ନାଟକ ଉପରେ ନିର୍ଭର କରିଛନ୍ତି, ଆଉ ସେଥିରୁ ରାଧାଙ୍କ "ଦ୍ୱିପୁଂସଭ୍ରମ" ପ୍ରସଙ୍ଗକୁ ଧାରକରି ଆଣିଛନ୍ତି । ଏଣେ କିନ୍ତୁ କ୍ଷୁଦ୍ର କବିତାର କବି ଓ ଗୀତି କବିତାର କବି ଅଭିମନ୍ୟୁ ୭୯ଶ ଓ ୨୪ଶ ଛାନ୍ଦ ରଚନା କରିବା ବେଳେ କାବ୍ୟ/ମହାକାବ୍ୟର ବିଷୟବସ୍ତୁ ପରିକଳ୍ପନା ଓ ସଜ୍ଜୀକରଣର ମାତ୍ରନିୟମକୁ ସମ୍ପୂର୍ଣ୍ଣଭାବରେ ବିସ୍ମୃତ ହୋଇପଡ଼ି ଦୁଇଟି ସ୍ୱତନ୍ତ୍ର ସ୍ୱୟଂସମ୍ପୂର୍ଣ୍ଣ ଓ ସାର୍ଥକ ଗୀତି କବିତାଧର୍ମୀ କ୍ଷୁଦ୍ର କବିତା ହିଁ ରଚନା କରିପକାଇଛନ୍ତି ଭାବାବେଗର ବଶବର୍ତ୍ତୀ ହୋଇ । ପୂର୍ବୋକ୍ତ "ଜନ୍ମାନ୍ତର କଥା ପରି ନ ଥିଲା ମନରେ" ଇତ୍ୟାଦି (୨୪/୨୦) ବିଷୟବସ୍ତୁ ପରିକଳ୍ପନା ଓ ସଜ୍ଜୀକରଣ ପ୍ରତି ଆଖିମିଟିକା ମାତ୍ର ।

(ଖ) ଅପ୍ରାସଙ୍ଗିକ ବିଷୟର ଅବତାରଣା :

ଅଭିମନ୍ୟୁ "ବିଦଗ୍ଧ ଚିନ୍ତାମଣି"ର ଆରମ୍ଭରେ ସୂଚାଇଛନ୍ତି ଯେ ରାଧାକୃଷ୍ଣଙ୍କ ପ୍ରେମ ବର୍ଣ୍ଣନା ହିଁ ଥିଲା ଏ କାବ୍ୟର ଉଦ୍ଦେଶ୍ୟ । ଯଥା—

କାମନା କଳ୍ପତରୁ ଚିନ୍ତାମଣି ନାମ
କଲ୍ପୁଛି କବିତ୍ୱେ ବର୍ଣ୍ଣିବାକୁ ତବ ପ୍ରେମ ।

କିନ୍ତୁ କାବ୍ୟର ଏକମାତ୍ର ବା ମୁଖ୍ୟ ଉଦ୍ଦେଶ୍ୟ ସହ ସଂପର୍କ ନ ଥିବା କେତେକ ଅବାନ୍ତର, ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବିଷୟର ଅବତାରଣା କରାଯାଇ କେତେକ ଛାନ୍ଦ ରଚିତ ହୋଇଛି; ଯଥା—

୧୮ଶ ଛାନ୍ଦ: ବସ୍ତ୍ରହରଣ ।

୨୯ଶ ଛାନ୍ଦ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ।

୬୪ଶ ଛାନ୍ଦ ସ୍ୱ ନକ୍ଷତ୍ର ଉତ୍ସବ ପରେ କୃଷ୍ଣ ବଳରାମଙ୍କ ଗୋଚାରଣ ପାଇଁ ପ୍ରସ୍ତୁତି ।

୬୫ଶ ଛାନ୍ଦ : ଗୋଚାରଣ, କୌତୁକ, ଗୋପୀମାନଙ୍କ ସହ ଉକ୍ତି ପ୍ରତ୍ୟୁକ୍ତି ।

୬୭ଶ ଛାନ୍ଦ ଯଶୋଦାନୁଚିନ୍ତା ।

୬୮ଶ ଛାନ୍ଦ ଗୋଧନ ବାହୁଡ଼ା ଦୃଶ୍ୟ ଓ ୮୩ଶର ପରବର୍ତ୍ତୀ ସମସ୍ତ ଛାନ୍ଦ ।

ଏଇ ଛାନ୍ଦଗୁଡ଼ିକ ଘଟଣାର ଗତି ପ୍ରବାହରେ କୌଣସି ଭୂମିକା ତ ଗ୍ରହଣ କରି ନାହାନ୍ତି; ବରଂ ଘଟଣାର ଗତିକୁ ବ୍ୟାହତ କରିଛନ୍ତି । ପୁଣି ଏ ଛାନ୍ଦଗୁଡ଼ିକ ପ୍ରକୃତ ପକ୍ଷେ ମୁଖ୍ୟ ଚରିତ୍ରକୁ ପୁଷ୍ଟି ମଧ୍ୟ କରି ନାହାନ୍ତି । ମୋଟ ଉପରେ ବିଷୟବସ୍ତୁ ଦିଗରୁ ଦେଖିଲେ ମୂଳ ବିଷୟବସ୍ତୁ ସହ ସଂପର୍କ ବିରହିତ ଏ ଛାନ୍ଦଗୁଡ଼ିକ ସଂପୂର୍ଣ୍ଣ ଭାବେ ଅବାନ୍ତର ଓ ଅପ୍ରାସଙ୍ଗିକ । ମଧ୍ୟଯୁଗୀୟ କାବ୍ୟଧାରାର ଅନ୍ୟତମ ବିଶେଷତ୍ୱ ହେଉଛି ଅବାନ୍ତର ଓ ଅପ୍ରାସଙ୍ଗିକ ବିଷୟର ଅବତାରଣା ; କିନ୍ତୁ "ବିଦଗ୍ଧ ଚିନ୍ତାମଣି" ଏଇ ଅପ୍ରାସଙ୍ଗିକ ଓ ଅବାନ୍ତର ବିଷୟର ଅବତାରଣାରେ ସବୁ ମଧ୍ୟଯୁଗୀୟ କାବ୍ୟ/ମହାକାବ୍ୟକୁ ଟପି ଯାଇଛି ବୋଲି ଧାରଣା ହୁଏ । ମୋଟ ଉପରେ ମଧ୍ୟଯୁଗୀୟ କାବ୍ୟଧାରାର ମାପକାଠିରେ ମଧ୍ୟ ଏଇ ଛାନ୍ଦଗୁଡ଼ିକ ଅବାନ୍ତର

ଓ ଅପ୍ରାସଙ୍ଗିକ । ବୋଧହୁଏ ଏକଶତ ଛାନ୍ଦରେ ଏହି ମହାକାବ୍ୟ ସମ୍ପୂର୍ଣ୍ଣ କରିବା ଉଦ୍ଦେଶ୍ୟ ଥିବାରୁ ଅଭିମନ୍ୟୁ ମୂଳ ବିଷୟବସ୍ତୁ ସହ ସଂପର୍କ ନ ଥିବା ବହୁ ଅବାନ୍ତର ବିଷୟର ଅବତାରଣା କରି ଏଇ ଛାନ୍ଦସବୁ ଲେଖି ଛାନ୍ଦ ସଂଖ୍ୟା ବଢ଼ାଇବା ପାଇଁ ବାଧ୍ୟ ହୋଇଛନ୍ତି । ଶହେ ଛାନ୍ଦରେ ରଚିତ ହେଲେ ଏହା ମହାକାବ୍ୟ ଭାବରେ ଅଧିକ ସାର୍ଥକ ଓ ସଫଳ ହେବ— ଏପରି ଏକ ଭ୍ରାନ୍ତ ଧାରଣା ହୁଏତ ତାଙ୍କର ଥିଲା । ସେ ଯାହାହେଉନା କାହିଁକି, ମୋଟ ଉପରେ ବହୁ ଅପ୍ରାସଙ୍ଗିକ ଓ ଅବାନ୍ତର ବିଷୟର ଅବତାରଣା କରିବାଦ୍ୱାରା "ବିଦଗ୍ଧ ଚିନ୍ତାମଣି" ମହାକାବ୍ୟ ଭାବରେ ସଫଳ ଓ ସାର୍ଥକ ହୋଇପାରି ନାହିଁ । ଅବଶ୍ୟ ସଙ୍କଳନ ଦୃଷ୍ଟିରୁ ଅବାନ୍ତର ଓ ଅପ୍ରାସଙ୍ଗିକ ଛାନ୍ଦଗୁଡ଼ିକ ମଧ୍ୟରେ ୭୬ଶ ଛାନ୍ଦ ଏକ ସ୍ୱୟଂ-ସମ୍ପୂର୍ଣ୍ଣ ସଫଳ ଓ ସାର୍ଥକ ଗୀତିକବିତାଧର୍ମୀ କ୍ଷୁଦ୍ର କବିତା । ମହାକାବ୍ୟ ଦୃଷ୍ଟିରୁ ଅନାବଶ୍ୟକ ଓ ଅବାନ୍ତର ବିଷୟର ଅବତାରଣା କରିବା ଭିତରେ ଅଭିମନ୍ୟୁ ଅତି ଉଚ୍ଚକୋଟିର ସ୍ୱୟଂସମ୍ପୂର୍ଣ୍ଣ କବିତା ରଚନା କରିପାରିଛନ୍ତି । କାରଣ, ଅଭିମନ୍ୟୁ କାବ୍ୟ/ମହାକାବ୍ୟର କବି ନ ଥିଲେ; ଥିଲେ କ୍ଷୁଦ୍ର କବିତାର କବି ।

(ଗ) ପୁନରାବୃତ୍ତି **(Repetition)** :

ମଧ୍ୟଯୁଗୀୟ କାବ୍ୟଧାରାର ଅନ୍ୟତମ ଲକ୍ଷଣ ହେଲା ପୁନରାବୃତ୍ତି । କିନ୍ତୁ "ବିଦଗ୍ଧ ଚିନ୍ତାମଣି"ରେ ଏହି ପୁନରାବୃତ୍ତି ଏତେ ଅଧିକ ଘଟିଛି ଯେ, ମଧ୍ୟଯୁଗୀୟ କାବ୍ୟଧାରାର ମାନଦଣ୍ଡରେ ତାକୁ ସମର୍ଥନ କରାଯାଇ-ପାରିବ ନାହିଁ । ପୁଣି ମଧ୍ୟଯୁଗୀୟ କାବ୍ୟଗୁଡ଼ିକରେ ପୁନରାବୃତ୍ତି ଅନ୍ତତଃ କିଛିଟା ବିଷୟବସ୍ତୁର ପରିବେଷଣ ଓ ସଙ୍କଳନରେ ଅଙ୍ଗୀଭୂତ ହୋଇ-ଥାଏ; ବହିର୍ଭୂତ ହୁଏ ନାହିଁ ; କିନ୍ତୁ ବିଷୟବସ୍ତୁର ପରିବେଷଣ ଓ ସଙ୍କଳନକୁ ସମ୍ପୂର୍ଣ୍ଣ ଭାବରେ ଉପେକ୍ଷା କରି "ବିଦଗ୍ଧ ଚିନ୍ତାମଣି"ରେ ପୁନରାବୃତ୍ତି କରାଯାଇଛି । ବୋଧହୁଏ ତାହା କେବଳ ଛାନ୍ଦସଂଖ୍ୟା ବୃଦ୍ଧି କରିବା ପାଇଁ । ଉଦାହରଣ ସ୍ୱରୂପ ରାଧାଙ୍କ ପୂର୍ବରାଗ ଓ ବିରହ ବର୍ଣ୍ଣନା ପାଇଁ "ବିଦଗ୍ଧ ଚିନ୍ତାମଣି"ରେ ୮ମ, ୯ମ, ୧୦ମ, ୧୧ଶ, ୨୩ଶ, ୨୪ଶ, ୨୫ଶ, ୨୬ଶ, ୩୧ଶ, ୩୨ଶ, ୩୮ଶ, ୩୯ଶ, ୪୫ଶ, ୪୯ଶ, ୫୧ଶ, ୫୨ଶ ୫୮ଶ, ୬୯ଶ, ୭୧ଶ, ୭୫ଶ, ୭୬ଶ, ୭୮ଶ, ଓ ୮୦ଶ ଏହି

୨୩ ଗୋଟି ଛାନ୍ଦ ସଂପୂର୍ଣ୍ଣ ବା ଆଂଶିକ ଭାବରେ ବ୍ୟୟ କରାଯାଇଛି । ଗୋଟିଏ ମହାକାବ୍ୟ ମଧ୍ୟରେ କେବଳ ନାୟିକାର ବିରହ ବର୍ଣ୍ଣନା ପାଇଁ ଏତେଗୁଡ଼ିଏ ଛାନ୍ଦ ରଚନା କରିବାର ଆଦୌ ଆବଶ୍ୟକତା ନ ଥିଲା । ଏହା ଦ୍ୱାରା କାବ୍ୟଟି ବୈଚିତ୍ର୍ୟହୀନ ହୋଇପଡ଼ିଛି । ଏହା ଏକ ସଙ୍କୀକରଣଗତ ତ୍ରୁଟି । ସେହିପରି କୃଷ୍ଣଙ୍କର ରାଧାଙ୍କ ପ୍ରତି ପୂର୍ବରାଗ ଓ ରାଧା ବିରହ ବର୍ଣ୍ଣନାରେ ୧୨ଶ, ୧୭ଶ, ୨୮ଶ, ୩୩ଶ, ୩୪ଶ, ୩୫ଶ, ୩୬ଶ, ୪୩ଶ, ୪୪ଶ, ୪୬ଶ, ୫୦ଶ, ୫୬ଶ, ୫୭ଶ, ୭୦ଶ, ୭୨ଶ, ୭୪ଶ, ୭୮ଶ ଓ ୭୯ଶ, ଏହି ଅଠରଗୋଟି ଛାନ୍ଦ ସଂପୂର୍ଣ୍ଣ ବା ଆଂଶିକ ଭାବରେ ବିନିଯୋଗ କରାଯାଇଛି । (ଏହା ବ୍ୟତୀତ କୃଷ୍ଣଙ୍କର ଚନ୍ଦ୍ରାବଳୀ ପ୍ରତି ପୂର୍ବରାଗ ଓ ଚନ୍ଦ୍ରାବଳୀ-ବିରହ ବର୍ଣ୍ଣନା ପାଇଁ ମଧ୍ୟ ଆଉ କେତେଗୋଟି ଛାନ୍ଦ ବିନିଯୁକ୍ତ) ଫଳରେ ଗୋଟିଏ ବିଷୟର ବାରମ୍ବାର ପୁନରାବୃତ୍ତି ହେବାରୁ କାବ୍ୟଟି ପାଠ କରିବା ପାଇଁ ବିରକ୍ତି ଜାତ ହୁଏ । ଅବଶ୍ୟ ଏ ମଧ୍ୟରୁ କେତୋଟି ଛାନ୍ଦକୁ ସ୍ୱୟଂସଂପୂର୍ଣ୍ଣ ଓ ସାର୍ଥକ ଗୀତି କବିତାଧର୍ମୀ କ୍ଷୁଦ୍ର କବିତା ଭାବରେ ଗ୍ରହଣ କରାଯାଇପାରେ ଓ କ୍ଷୁଦ୍ର କବିତା ରଚନାରେ କବିଙ୍କ ପାରଦର୍ଶିତାର ନିଦର୍ଶନ ରୂପେ ପ୍ରଦର୍ଶନ କରାଯାଇପାରେ ; କିନ୍ତୁ ମହାକାବ୍ୟର ବିଷୟ ବସ୍ତୁ ସଂସ୍ଥାପନା ଓ ସଙ୍କୀକରଣ ଦୃଷ୍ଟିରୁ ବିଚାର କଲେ ଏହା ଏକ ଗୁରୁତର ତ୍ରୁଟି । ପୁଣି କୃଷ୍ଣ ଓ ରାଧାଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ମଧ୍ୟ କବିଙ୍କ ଏହି ପୁନରାବୃତ୍ତି-ପ୍ରବଣତା ଲକ୍ଷ୍ୟ କରାଯାଇପାରେ । ଏହାଦ୍ୱାରା ଘଟଣାର ଗତି ଯଥେଷ୍ଟ ବ୍ୟାହତ ହୋଇଛି । ମନେହୁଏ କେବଳ ଛାନ୍ଦର ସଂଖ୍ୟାବୃଦ୍ଧି କରିବା ପାଇଁ ଏପରି କରାଯାଇଛି । ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କବିଙ୍କର ଏହି ପୁନରାବୃତ୍ତି ପ୍ରବଣତାର ସୂଚନା ମିଳେ । ଯଥା : "କୁମ୍ଭକାର କାଠ ପାଷା" ଗ୍ରହଣ କରିବାର ସୂଚନା ୩୯/୩୪, ୪୨/୫୦ ଓ ୬୯/୨୦ ଏହି ତିନିସ୍ଥାନରେ ଦେଖିବା ପାଇଁ ମିଳେ । ଆନନ୍ଦ ହଠାତ୍ ଦୁଃଖରେ ପରିଣତ ହେବା ସହ କୁମ୍ଭରଷିଙ୍କ ସନ୍ତାନ (ଅଗସ୍ତ୍ୟ ସମୁଦ୍ର ଚଳୁ କରିବାର ତୁଳନା ୬୨/୩ ଓ ୬୨/୪୬ ଏହି ଦୁଇ ସ୍ଥାନରେ କରାଯାଇଛି । ଶେଷରେ ୫୮/୧୬ର "କୃଷ୍ଣ ନାଗର ସୁରସେ ବୁଡ଼ିବ"ର ପ୍ରତିଫଳନ ୭୨/୧୦ରେ (ନାଗର କୃଷ୍ଣ ସାଙ୍ଗରେ ମିଳାଇବ) ମଧ୍ୟ ଲକ୍ଷ୍ୟ କରାଯାଇ-ପାରେ ।

(ଘ) ଅସଙ୍ଗତି :

'ବିଦଗ୍ଧ ଚିନ୍ତାମଣି''ରେ ବହୁ ପ୍ରକାରର ଅସଙ୍ଗତି ରହିଛି । କେତେକ ଅସଙ୍ଗତି ପଛରେ ଅବଶ୍ୟ ଧାର୍ମିକ ଓ/ବା ମଧ୍ୟଯୁଗୀୟ କାବ୍ୟ-ଧାରାର ସମର୍ଥନ ମିଳେ । ସେସବୁ ବ୍ୟତୀତ ମଧ୍ୟ ଆଉ କେତେକ ଅସଙ୍ଗତି ଦୃଷ୍ଟିଗୋଚର ହୁଏ । ଯଥା—ଯେଉଁ ଆତ୍ମସଚେତନ ଥିବା ବିଭୁ ଚିନ୍ତା କରିପାରନ୍ତି ଯେ "ଚିନ୍ତ ଏ ନାରୀ ବଶ ନୁହେଁ ସହିଁ । ଚରାଚର ଭାର ହରିବ କେହି । ଚଉଦ ଲୋକ ଦୈତ୍ୟ ଭୋଗ ହେଉ । ଚନ୍ଦ୍ର ଧରି ମୁଁ ନ ମାରିବି ଆଉ ।" (୧୭/୯) ସେ ରାଧାଙ୍କୁ ଆକର୍ଷଣ କରିବା ପାଇଁ କିପରି ଅସମର୍ଥ ହେଲେ, ବ୍ରହ୍ମାଙ୍କଠାରୁ ମୋହନ ବଂଶୀର ଶକ୍ତି ଓ ତା ଲାଭ କରିବାର ଉପାୟ ଜାଣିଲେ, ମାତ୍ର ନିଜେ ଆପେ ଆପେ କିପରି ଜାଣିପାରିଲେ ନାହିଁ ? ଏକ ଦିଗରେ ସେ ସର୍ବଶକ୍ତିମାନ, ସର୍ବଜ୍ଞ ଆତ୍ମସଚେତନ ; ଅନ୍ୟ ଦିଗରେ ସେ ଶକ୍ତିହୀନ, ଅଜ୍ଞ । ମୋଟାଉପରେ ଏପରି ପରିକଳ୍ପନା ଅସଙ୍ଗତ । ଏହିପରି ବହୁ ଅସଙ୍ଗତି 'ବିଦଗ୍ଧ ଚିନ୍ତାମଣି''ରେ ରହିଅଛି ।

"ବିଦଗ୍ଧ ଚିନ୍ତାମଣି''ରେ ଘଟଣାର ଘନଘଟା ନାହିଁ । ରସ ସୃଷ୍ଟିରେ ବିଶେଷ ବୈଚିତ୍ର୍ୟ ମଧ୍ୟ ନାହିଁ । ତେଣୁ ମହାକାବ୍ୟ ଭାବରେ "ବିଦଗ୍ଧ ଚିନ୍ତାମଣି" ଦୁର୍ବଳ । ସେଥିରେ ପୁଣି ପୂର୍ବୋକ୍ତ ବିରୋଧ, ଅପ୍ରାସଙ୍ଗିକ ବିଷୟର ଅବତାରଣା, ପୁନରାବୃତ୍ତି ଓ ଅସଙ୍ଗତିର ସମାହାର ହେତୁ "ବିଦଗ୍ଧ ଚିନ୍ତାମଣି" ମହାକାବ୍ୟ ହିସାବରେ ଆଦୌ ସଫଳ ଓ ସାର୍ଥକ ନୁହେଁ । ଅଳଙ୍କାର ଶାସ୍ତ୍ର ଦୃଷ୍ଟିରୁ ବିଚାର କଲେ "ବିଦଗ୍ଧ ଚିନ୍ତାମଣି''ରେ ମହାକାବ୍ୟର ସମସ୍ତ ଲକ୍ଷଣ ଥାଇପାରେ; ତେଣୁ ତାହା ହୁଏତ ମହାକାବ୍ୟ କିନ୍ତୁ ସଫଳ ଓ ସାର୍ଥକ ମହାକାବ୍ୟ ନୁହେଁ । ବିଖ୍ୟାତ ସମାଲୋଚକ S. K De ରୂପଗୋସ୍ୱାମୀଙ୍କ ସଂପର୍କରେ ଯେଉଁ ମତବ୍ୟକ୍ତ କରିଛନ୍ତି ତାହା ଏଠାରେ ସ୍ମରଣ କରାଯାଇପାରେ । ସେ କହନ୍ତି—
"Rupa Goswami certainly possess considerable literary skill, and is always elegart, often picturesque, and sometimes touching, but the general artificiality of his style and treatment can not be mistaken.………Even if he is a poor dramatist,

**he adheres laboriously and consciectiously to the prescriptions of Natya-Sastra and Rasa-Sastra; but sastra is of course neither drama nor poetry." (The Early History of Vaishnava Faith and Movement in Bengal, 1961, P-589-90)** । ନାଟ୍ୟକାର ରୂପଗୋସ୍ୱାମୀଙ୍କ ପ୍ରତି ଏଇ ସମାଲୋଚନା ମହାକାବ୍ୟର କବି ଅଭିମନ୍ୟୁଙ୍କ ପ୍ରତି ସାମାନ୍ୟ ପରିବର୍ତ୍ତିତ ରୂପରେ ପ୍ରଯୋଜ୍ୟ । "ବିଦଗ୍ଧ ଚିନ୍ତାମଣି"ର ପ୍ରଥମାର୍ଦ୍ଧରେ ମହାକାବ୍ୟ ରଚନା କରିବାରେ କବିଙ୍କ ସଚେତନତା ଓ ସଜ୍ଜୀକରଣ ପ୍ରୟାସର ପ୍ରତିଫଳନ ଲକ୍ଷ୍ୟ କରାଯାଇପାରେ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ କେବଳ ଛାନ୍ଦର ସଂଖ୍ୟା ବୃଦ୍ଧି କରିବାରେ ସେ ଯେପରି ଅଧିକ ସଚେତନ ହୋଇପଡ଼ିଛନ୍ତି; ଛାନ୍ଦ ଲେଖୁ ଲେଖୁ ମହାକାବ୍ୟର ସଜ୍ଜୀକରଣ ନାଗପାଶରୁ ମୁକ୍ତହୋଇ ସ୍ୱୟଂସଂପୂର୍ଣ୍ଣ ଓ ସାର୍ଥକ କ୍ଷୁଦ୍ର କବିତା ମଝିରେ ମଝିରେ ଲେଖି ପକାଇଛନ୍ତି । କାରଣ ସେ ଥିଲେ କ୍ଷୁଦ୍ର କବିତାର କବି ।

ମୃତ୍ୟୁଞ୍ଜୟ ରଥ କହିଥିଲେ ଯେ "ବିଦଗ୍ଧ ଚିନ୍ତାମଣି"ରେ ଉପମା-ଅର୍ଥଗୌରବ, ଓ ପଦଲାଳିତ୍ୟ—ଏ ତିନି ଗୁଣ ଅଛି । ତା ହୁଏତ ସତ୍ୟ; କିନ୍ତୁ ତା ସତ୍ତ୍ୱେ "ବିଦଗ୍ଧ ଚିନ୍ତାମଣି" ଏକ ଅସଫଳ ଓ ଅସାର୍ଥକ ମହାକାବ୍ୟ ।

# ଓଡ଼ିଶାରେ ଶୈବ, ବୈଷ୍ଣବ ବିବାଦର ଗୋଟିଏ ଅଧ୍ୟାୟ

ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଶାରେ ଜନସାଧାରଣଙ୍କ ଉପରେ ଓ ରାଜନୀତି କ୍ଷେତ୍ରରେ ପ୍ରଭାବ ବିସ୍ତାର କରିବାପାଇଁ ହିନ୍ଦୁଧର୍ମର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ପ୍ରତିଯୋଗିତା ଲାଗିରହିଥିଲା । ଏହି ସମ୍ପ୍ରଦାୟଗୁଡ଼ିକ ଭିତରୁ ଶୈବ ଓ ବୈଷ୍ଣବମାନଙ୍କ ମଧ୍ୟରେ ହେଉଥିବା ପ୍ରତିଯୋଗିତା ଓଡ଼ିଶାର ରାଜନୀତି ସହ ବିଶେଷ ଭାବରେ ଜଡ଼ିତ ହୋଇପଡ଼ିଥିବାରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ସାରଳା ମହାଭାରତରେ ସ୍ଥାନ ପାଇଥିବା ନାଗାର୍ଜୁନ ସହ ଯୁଦ୍ଧରେ ଅର୍ଜୁନଙ୍କ ମୃତ୍ୟୁ ଓ ପରେ ତାଙ୍କର ପୁନର୍ଜୀବନ ଲାଭ ପ୍ରସଙ୍ଗରେ ( ସାରଳା ମହାଭାରତ ସଭାପର୍ବ, ୨ୟ ଖଣ୍ଡ, ୧୯୬୮, ପୃଷ୍ଠା-୫୮୧-୬୧୭ ) ମାଳେନ୍ଦ୍ରୀ ହରଣ ପ୍ରସଙ୍ଗରେ ( ସାରଳା ମହାଭାରତ, ମଧ୍ୟପର୍ବ, ପ୍ରଥମଖଣ୍ଡ ୧୯୬୫ ପୃଷ୍ଠା ୪୫୦ ୫୧୧) ଓ ସୁଭଦ୍ରାହରଣ ପ୍ରସଙ୍ଗ ଅନ୍ତର୍ଭୁକ୍ତ ଲକ୍ଷ୍ମୀ ଓ ପାର୍ବତୀଙ୍କ ବିଦ୍ରୂପାତ୍ମକ କଥୋପକଥନ ଭିତରେ (ସାରଳା ମହାଭାରତ, ମଧ୍ୟପର୍ବ ୧ମଖଣ୍ଡ, ୧୯୬୫, ପୃ-୨୧୭-୨୨୭ ) ଏହି ବିରୋଧର ପ୍ରତିଫଳନ ଦେଖିବା ପାଇଁ ମିଳେ । ସେହିପରି ପରବର୍ତ୍ତୀ କାଳରେ ଏହି ବିବାଦର ଫଳ ସ୍ୱରୂପ ପୂର୍ବ ଭାରତର କୌଣସି ସ୍ଥାନରେ ରଚିତ ହୋଇଥିବା 'ତନ୍ତ୍ର ରତ୍ନାକରରେ' ଶୈବମାନେ ଘୋଷଣା କରିଥିଲେ ଯେ ଶିବଙ୍କ ଦ୍ୱାରା ବିନଷ୍ଟ ତ୍ରିପୁରାସୁର ଶିବଧର୍ମ ବିନାଶ କରିବା ଓ ଲୋକମାନଙ୍କୁ ମୋହଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଚୈତନ୍ୟ, ନିତ୍ୟାନନ୍ଦ ଓ ଅଦ୍ୱୈତ ଏହି ତିନି ଅସୁର ରୂପରେ ଜନ୍ମ ଗ୍ରହଣ କରିଥିଲା ।

ଯଥା—"ଶିବଧର୍ମ ବିନାଶାୟ ଲୋକନାଂ ମୋହ ହେତବେ
ହିଂସାର୍ଥଂ ଶିବଭକ୍ତାନା ସୁତାୟୂଣା— ସ୍ୱଜନ୍ମ ହିନ
ଅଂଶେ ନାଦ୍ୟେନ ଗୌରାଖ୍ୟ ଶଚୀଗର୍ଭେ ବଭୂବ ସଃ

× × ×

ତତୋ ଦୁରାତ୍ମା ନିପୁରଃ ଶସ୍ତ୍ରୈ ସ୍ତୀଭବସୁରୈଃ
ଉତ୍ପନ୍ନବାପ୍ୟା ଲୋକାନାଂ ନାଶଭବମୁପାଦ୍ଦଶତ୍ ।”

ମଧ୍ୟଯୁଗର ଓଡ଼ିଶାରେ ପୁରୁଷୋତ୍ତମ-ଜଗନ୍ନାଥଙ୍କ ପ୍ରଭାବ, ପ୍ରତିପତ୍ତି, ବିଭିନ୍ନ କାରଣରୁ, ( ବିଶେଷଭାବେ ବଙ୍ଗ ସମ୍ରାଟମାନଙ୍କ ପୃଷ୍ଠପୋଷକତା ହେତୁ ) ବୃଦ୍ଧି ପାଇବାରୁ ଏହି ପ୍ରତିଯୋଗିତାର ସ୍ୱର ପରିବର୍ତ୍ତନ ଘଟି ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ ବଦଳିଯାଇ ଏହା ଏକ ନୂଆ ଢଗରେ ଗତି କଲା । ଜଗନ୍ନାଥ ଅବଶ୍ୟ ମୋଟାମୋଟି ବୈଷ୍ଣବ ସମ୍ପ୍ରଦାୟ ସହ ଚିହ୍ନିତ ହୋଇପଡ଼ିଥିଲେ ଓ ଏହା ବୈଷ୍ଣବ ସମ୍ପ୍ରଦାୟର ପ୍ରଭାବ ପ୍ରତିପତ୍ତି ବୃଦ୍ଧିରେ ବିଶେଷ ସହାୟକ ହୋଇପଡ଼ିଥିଲା । ସେହିପରି ଶୈବ ସଂପ୍ରଦାୟର ପ୍ରଭାବ ପ୍ରତିପତ୍ତି ମଧ୍ୟ ହ୍ରାସ ପାଇବାରେ ଲାଗିଥିଲା; ଦେଖନ୍ତୁ **( Panigrahi 1961, P. 257 ff, ଓ Dash G N. 1978 a P. P 159—162 )** କିନ୍ତୁ ବାହାରକୁ ଜଗନ୍ନାଥ ଧର୍ମ **(The Cult of Jagannath)** ଓ ବୈଷ୍ଣବ ସଂପ୍ରଦାୟ ଏକ ଓ ଅଭିନ୍ନ ବୋଲି ମନେହେଉଥିଲେ ହେଁ ଜଗନ୍ନାଥ ଧର୍ମ ଭିତରେ ବୈଷ୍ଣବମାନଙ୍କର ଅସପତ୍ନ ଅଧିକାର ସଂପୂର୍ଣ୍ଣ ରୂପେ ସାବ୍ୟସ୍ତ ହୋଇପାରୁ ନ ଥିଲା । ବାହାରେ ବୈଷ୍ଣବ ସଂପ୍ରଦାୟ ସହ ଚିହ୍ନିତ ହୋଇପଡ଼ିଥିବା ଏହି ଜଗନ୍ନାଥ ଧର୍ମ ଭିତରେ ମଧ୍ୟ ପ୍ରଭାବ ପ୍ରତିପତ୍ତି ବଜାୟ ରଖିବା ପାଇଁ, ଲାଭ କରିବା ପାଇଁ ଓ ବିସ୍ତାର କରିବା ପାଇଁ ବୈଷ୍ଣବ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ସଂପ୍ରଦାୟର ବିଶେଷ ଭାବେ ବୈଷ୍ଣବ ସଂପ୍ରଦାୟର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଲା । ଅତୀତରେ ହିନ୍ଦୁଧର୍ମର ବିଭିନ୍ନ ସଂପ୍ରଦାୟ ସହ ବିଭିନ୍ନ ସମୟରେ ସଂପର୍କାନ୍ୱିତ ହୋଇ ପଡ଼ିଥିବାରୁ ଏହି ଅସାଧାରଣ ହିନ୍ଦୁ ଦେବତା ଜଗନ୍ନାଥଙ୍କ ମୂଳ ରହସ୍ୟ ଛିନ୍ନ ହୋଇପଡ଼ିଥିଲା । ଫଳରେ ଏଇପରି ଆପାତତଃ ପରସ୍ପର-ବିରୋଧୀ ତଥା ଅଖାଡ଼ୁଆ ପରିସ୍ଥିତିର ଉଦ୍ଭବ ହୋଇଥିଲା । ତାପରେ ପୁଣି ସେପରି କାରଣକୁ କେନ୍ଦ୍ରକରି ବୈଷ୍ଣବ ସମ୍ପ୍ରଦାୟ ଅନ୍ତର୍ଗତ ବିଭିନ୍ନ ଉପ-ସଂପ୍ରଦାୟଗୁଡ଼ିକ ମଧ୍ୟରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ଭାବରେ ଚାଲି ରହିଥିଲା ବୋଲି ଜଣାଯାଏ । ଓଡ଼ିଶାରେ ବିଶେଷ ଭାବରେ ପୁରୀରେ ସ୍ଥାପିତ ହୋଇଥିବା ମଠଗୁଡ଼ିକହିଁ ଏଇ ପ୍ରତିଦ୍ୱନ୍ଦ୍ୱିତାରେ ବିଭିନ୍ନ ସଂପ୍ରଦାୟର ମୁଖ୍ୟ କାର୍ଯ୍ୟାଳୟରେ

ପରିଣତ ହୋଇପଡ଼ିଥିଲା ଓ ସେଠାରେ ଅବସ୍ଥାନ କରୁଥିବା ମଠାଧୀଶ ମହାନ୍ତମାନେ ଏହି ପ୍ରତିଦ୍ୱନ୍ଦ୍ୱିତାରେ ନେତୃତ୍ୱ ଗ୍ରହଣ କରିଥିଲେ । ସେହି ପ୍ରତିଦ୍ୱନ୍ଦ୍ୱିତାର ଛୋଟ ଗୋଟିଏ ଅଧ୍ୟାୟ ଉପରେ କିଛି ଆଲୋକପାତ କରିବା ବର୍ତ୍ତମାନ ପ୍ରବନ୍ଧର ଉଦ୍ଦେଶ୍ୟ ।

ବିଭିନ୍ନ ସୂତ୍ରରୁ ଜଣାଯାଉଛି ଯେ ଅଷ୍ଟାଦଶ ଶତକର ଶେଷ ଆଡ଼କୁ ପୁରୀ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ରତ୍ନ ସିଂହାସନ ଉପରେ ପ୍ରତିଷ୍ଠିତ ଓ ଅବସ୍ଥାପିତ ଏକ ବା ଏକାଧିକ ଶୈବ ବିଗ୍ରହକୁ ଅସହିଷ୍ଣୁ ବୈଷ୍ଣବମାନେ ଭାଙ୍ଗି ନଷ୍ଟ କରିଦେଇଥିଲେ । ସେମାନଙ୍କ ଉଦ୍ଦେଶ୍ୟ ଥିଲା ଜଗନ୍ନାଥ ଧର୍ମରେ ଶୈବ ପ୍ରଭାବର ବିଲୋପ ସାଧନ । ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ଭବାନୀ ଚରଣ ରାୟ (**Ray, 1960, P. 145**), କେଦାରନାଥ ମହାପାତ୍ର (**Mahapatra, 1969, P. P. 287-288**), ପ୍ରଭାତ ମୁଖାର୍ଜୀ (**Mukharjee, 1977, P. P. 21-23**) ଓ **Jurgen Lutt** (**Lutt, 1978, P. 413**) ଏହି ଅଧ୍ୟାୟଟି ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆଲୋକପାତ କରିସାରିଛନ୍ତି । ଭବାନୀ ଚରଣ ରାୟ ଉପାଦାନ ସଂଗ୍ରହ କରିଛନ୍ତି **Orissa National Archives (Orissa State Archives ?)** ରେ ସଂରକ୍ଷିତ ଥିବା ଏକ ଚିଠିରୁ; କିନ୍ତୁ କେଦାରନାଥ ମହାପାତ୍ରଙ୍କର ଆଲୋଚନାର ମୂଳଭିତ୍ତି ହେଉଛି ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦିତ 'ମାଦଳାପାଞ୍ଜି'ର 'ରାଜଭୋଗ' ଅଂଶ । ଜଗବନ୍ଧୁ ସିଂହ ବ୍ୟବହାର କରିଥିବା "ମାଦଳାପାଞ୍ଜି" ରାଜଭୋଗରେ ମଧ୍ୟ ସେହି ଏକ ବିବରଣୀ ସ୍ଥାନ ପାଇଛି । (ଦେଖନ୍ତୁ **Singh, 1964 P-388**) ପ୍ରଭାତ ମୁଖାର୍ଜୀ ତାଙ୍କର ଆଲୋଚନା ପାଇଁ ନିର୍ଭର କରିଛନ୍ତି ରାମଶଙ୍କର ଭାରତୀ ୧୮୦୬ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣର-ଜେନେରାଲ (**Governor General**) ଲେଖିଥିବା ଏକ ଦରଖାସ୍ତ ଉପରେ । **Jurgen Lutt** ଏହି ଅଧ୍ୟାୟ ଉପରେ ଆଲୋକପାତ କରିବା ପାଇଁ ଚେଷ୍ଟା କରିଛନ୍ତି ୧୮୧୨-୧୩ର **Parliamentary Papers (Papers leading to East India Affairs)** ଉପରେ ଅବଲମ୍ବନ କରି ।

ଏହି ଆଲୋଚନାଗୁଡ଼ିକ ମଧ୍ୟରେ ଭବାନୀଚରଣ ରାୟଙ୍କ ଆଲୋଚନା କିଛିଟା ଖଣ୍ଡିତ ବା ଅସଂପୂର୍ଣ୍ଣ ବୋଲି କୁହାଯାଇପାରେ । କାରଣ

କୌଣସି ଶୈବମୂର୍ତ୍ତି ଭଙ୍ଗାଯିବାର ବା ନଷ୍ଟ କରାଯିବାର ଉଲ୍ଲେଖ ତାଙ୍କ ଆଲୋଚନାରେ ନାହିଁ । ଜଗନ୍ନାଥଙ୍କ ରତ୍ନ ସିଂହାସନ ଉପରେ ଏକ ନୂତନ ମୂର୍ତ୍ତି ପ୍ରତିଷ୍ଠାର ଉଦ୍ୟମ ହେଉଛି ତାଙ୍କ ଆଲୋଚନାରେ କେନ୍ଦ୍ର ବିନ୍ଦୁ, କିନ୍ତୁ ଏଇ ମୂର୍ତ୍ତି ପ୍ରତିଷ୍ଠାର ଉଦ୍ୟମ ଯେ ତାର ଅଳ୍ପଦିନ ପୂର୍ବରୁ ନଷ୍ଟ କରାଯାଇଥିବା ଶୈବମୂର୍ତ୍ତି ସହ ସଂପୂର୍ଣ୍ଣ ଭାବରେ ଜଡ଼ିତ ( ଯାହାର ବିବରଣୀ ଅନ୍ୟ ଆଲୋଚକମାନଙ୍କ ଆଲୋଚନାରୁ ମିଳେ ତାର କୌଣସି ସୂଚନା ମଧ୍ୟ ତାଙ୍କ ଆଲୋଚନାରୁ ମିଳେ ନାହିଁ । ତେବେ ତାଙ୍କ ଆଲୋଚନାରୁ ଏତିକି ନୂତନ ତଥ୍ୟ ମିଳେ ଯେ ଏଇ ନୂତନ ମୂର୍ତ୍ତି ପ୍ରତିଷ୍ଠା ଉଦ୍ୟମର ନେତୃତ୍ୱ ନେଇଥିଲେ ଶଙ୍କରପନ୍ଥୀ ଲକ୍ଷ୍ମଣନାଥ କୃଷ୍ଣ ଗୋସ୍ୱାମୀ । କେଦାରନାଥ ମହାପାତ୍ର ରାଜଭୋଗ ପ୍ରଦତ୍ତ ବିବରଣୀକୁ ଅଭ୍ରାନ୍ତ ବୋଲି ଗ୍ରହଣ କରି ସେହି ବିବରଣୀର ବିସ୍ତୃତ ବ୍ୟାଖ୍ୟା ପ୍ରଦାନ କରିଛନ୍ତି, କିନ୍ତୁ ତାଙ୍କ ବାଖ୍ୟା କୌଣସି ପ୍ରମାଣ ଆଧାରିତ ବ୍ୟାଖ୍ୟା ନୁହେ । ସେ ନିଜର କେତେକ ଧାରଣାକୁ ସତ୍ୟ ବୋଲି ଗ୍ରହଣ କରିନେଇ ସେଇ ଦୃଷ୍ଟିକୋଣରୁ ବିଷୟଟିକୁ ବିଚାର କରିଛନ୍ତି । ପ୍ରଭାତ ମୁଖାର୍ଜୀ କିନ୍ତୁ ତାଙ୍କ ଉପାଦାନକୁ ଅଧିକ ପ୍ରାମାଣିତ ବୋଲି ମନେକରିଛନ୍ତି । ତେଣୁ ତାଙ୍କ ଉପାଦାନ ଓ ମାଦଳାପାଞ୍ଜି ରାଜଭୋଗ ପ୍ରଦତ୍ତ ବିବରଣୀ ମଧ୍ୟରେ ବିରୋଧ ପରିଲକ୍ଷିତ ହେଉଥିବାରୁ ମାଦଳାପାଞ୍ଜି ପ୍ରଦତ୍ତ ବିବରଣୀ ଭ୍ରମାତ୍ମକ ବୋଲି ମତ ଦେଇଛନ୍ତି । ସେହିପରି **Jurgen Lutt** ମଧ୍ୟ ତାଙ୍କର ଉପାଦାନକୁ ଅଧିକ ପ୍ରମାଣିତ ବୋଲି ମନେକରିଥିବାରୁ ପ୍ରଭାତ ମୁଖାର୍ଜୀଙ୍କ ଆଲୋଚନା ପ୍ରତି ପାଠକ/ ପଣ୍ଡିତମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେହେଁ ନିଜେ କିନ୍ତୁ ସେଇ ମତକୁ ଗ୍ରହଣ ନ କରି ସ୍ୱତନ୍ତ୍ର ମତ ପ୍ରଦାନ କରିଛନ୍ତି ।

ମୋଟ ଉପରେ ଏଇ ଚାରି ଜଣଯାକ ଆଲୋଚକ ଚାରି ବିଭିନ୍ନ ସୂତ୍ରରୁ ସେମାନଙ୍କ ଆଲୋଚନାର ଉପାଦାନ ସଂଗ୍ରହ କରିଥିବାରୁ ଓ ନିଜ ନିଜର ଉପାଦାନକୁ ଅଧିକ ପ୍ରମାଣିତ ବୋଲି ଗ୍ରହଣ କରିଥିବାରୁ ସେମାନଙ୍କ ଆଲୋଚନା ସଂପୂର୍ଣ୍ଣ ଭାବେ ପରସ୍ପରର ପରିପୂରକ ହୋଇ ଇ-ପାରି ନାହିଁ । ସେମାନଙ୍କ ମଧ୍ୟରେ କିଛି ଅମେଳ ରହିଯାଇଛି । ପୁଣି ଏସହେତୁ ତଥା ଅଧିକ ତଥ୍ୟର ଅଭାବ ଥିବା କାରଣରୁ ସେମାନଙ୍କ ପ୍ରଦତ୍ତ

ଟଣର ଅଂଶ ବିଶେଷ କିନ୍ତୁ ଅସ୍ପଷ୍ଟ ଓ ଅସଂପୂର୍ଣ୍ଣ ରହିଯାଇଛି । ଏଇ ଆଲୋଚକମାନଙ୍କ ଆଲୋଚନା ପରିସରର ଅନ୍ତର୍ଗତ ହୋଇପାରି ନ ଥିବା କେତେକ ନୂତନ ଉପାଦାନ ସାହାଯ୍ୟରେ ଓ ଅନ୍ୟ ଭାବରେ ଉପରୋକ୍ତ ଅମେଳ ମଧ୍ୟରେ ମେଳର ସନ୍ଧାନ କରିବା ତଥା ସେମାନଙ୍କ ପ୍ରଦତ୍ତ ଟଣର ଅସ୍ପଷ୍ଟ ଓ ଅସଂପୂର୍ଣ୍ଣ ଅଂଶ ବିଶେଷକୁ ଅଧିକ ସ୍ପଷ୍ଟ ତଥା ପୂର୍ଣ୍ଣାଙ୍ଗ କରିବା ପାଇଁ ନିମ୍ନ ଆଲୋଚନା ମାଧ୍ୟମରେ ଉଦ୍ୟମ କରାଯିବ ।

ଏଇ ନୂତନ ଉପାଦାନଗୁଡ଼ିକ ମଧ୍ୟରେ ପ୍ରଧାନ ହେଉଛି, ୧୮୬୭ ଖ୍ରୀଷ୍ଟାବ୍ଦରେ ମୁର୍ଶିଦାବାଦର ପ୍ରସିଦ୍ଧ ପଣ୍ଡିତ ଶ୍ରୀଗଙ୍ଗାଧର କବିରାଜଙ୍କ ନିକଟକୁ ପୁରୀର ଶ୍ରୀଜଗବନ୍ଧୁ ମିଶ୍ର ଓ ଶ୍ରୀଦାଶରଥି ପ୍ରହରାଜ ଲେଖିଥିବା ଏକ ଚିଠି । ଏ ଚିଠିଟି ବର୍ତ୍ତମାନ କଲିକତାସ୍ଥ ସଂସ୍କୃତ କଲେଜରେ ସଂରକ୍ଷିତ ଅଛି (ଏ ଚିଠିର ସଂପର୍କରେ ସମସ୍ତ ବିବରଣ ପାଇଁ ଦେଖନ୍ତୁ **Mitra Sisir Kumar, 1960)** ଅନ୍ୟ ଏକ ଉପାଦାନ ହେଉଛି ଫକୀରମୋହନଙ୍କ "ଉତ୍କଳ ଭ୍ରମଣ"ର ନିମ୍ନଲିଖିତ ଅଂଶ :

"ମନ୍ଦିର ଦକ୍ଷିଣ ପାର୍ଶ୍ୱେ ଅଛି ଭଲ ମଠ
ଗାଲବ ଋଷିଙ୍କ ଗାଦି ସିଦ୍ଧ ମହାପୀଠ ।
ଏ ମଠ ମହନ୍ତ ଥିଲେ ରାମଦାସ ଯତି
ମରହଟ୍ଟା ତାଙ୍କୁ କରିଥିଲେ ସେନାପତି ।
ଜବରଦସ୍ତ ଲୋକଟା ସେ ଖୁବ୍ ଥିଲା ବଳ
ଅଧିକାର କରିଥିଲେ ଓଡ଼ିଶା ମଣ୍ଡଳ ।
ଜଗନ୍ନାଥ ସିଂହାସନେ ଭୈରବ ମୂରତି
ପୂଜା କରୁଥିଲେ ମିଳି ଶୈବଶାକ୍ତ ଯତି ।
ଶ୍ରୀରାମ ମହନ୍ତ ସେହି ବିଗ୍ରହକୁ ଭାଙ୍ଗି
ଖଣ୍ଡ ଖଣ୍ଡ କରି ସମୁଦ୍ରକୁ ଦେଲେ ଫିଙ୍ଗି ।"

ଏଇ ଉଭୟ ଉପାଦାନର ମୂଳ ହେଉଛି ପରଂପରା ବା ଜନଶ୍ରୁତି । ଚିଠିଟି ଲେଖା ଯାଇଥିଲା ୧୮୬୭ ଖ୍ରୀଷ୍ଟାବ୍ଦରେ ଓ ସେତେବେଳେ ଘଟଣାଟି ସଂପର୍କରେ ଯାହା ପରଂପରାରେ ପ୍ରତିଷ୍ଠିତ ଥିଲା ତାହା ଚିଠିଟିରେ ରୂପ ପାଇଥିଲା । 'ଉତ୍କଳ ଭ୍ରମଣ'ର ପୂର୍ବୋଦ୍ଧୃତ ଅଂଶଟି ୧୮୯୬ରୁ ୧୯୦୩

ଖ୍ରୀଷ୍ଟାବ୍ଦ ମଧ୍ୟରେ କୌଣସି ସମୟରେ ପ୍ରକାଶ ପାଇଥିବା ଏକ ସଂସ୍କରଣରେ ସ୍ଥାନ ପାଇଥିଲା । କିନ୍ତୁ ତାର ପୂର୍ବବର୍ତ୍ତୀ ୧୮୯୭ ଖ୍ରୀଷ୍ଟାବ୍ଦର ସଂସ୍କରଣରେ ଏହି ଅଂଶଟି ସ୍ଥାନ ପାଇଥିବାର ସମ୍ଭାବନାକୁ ମଧ୍ୟ ବାଦ୍ ଦେଇ ହେବ ନାହିଁ ( ଉତ୍କଳ ଭ୍ରମଣଂ ସଂପର୍କିତ ସମସ୍ତ ବିବରଣ ପାଇଁ ଦେଖନ୍ତୁ, **Samantray N. 1972, P P. 81—101)** ସେ ସମୟରେ ଘଟଣାଟିର ସ୍ୱରୂପ ପରଂପରାରେ ଯାହା ଥିଲା ତା ଏଥିରେ ସ୍ଥାନ ପାଇଛି । ଫକୀର ମୋହନ ପୁସ୍ତକରେ ହିଁ ଏହି ପରଂପରାର ପରିଚୟ ପାଇଥିବା ସମ୍ଭବ ।

ପୂର୍ବୋକ୍ତ ଆଲୋଚକମାନଙ୍କ ଆଲୋଚନାରେ ଯେଉଁ ଅସ୍ପଷ୍ଟତା ରହିଯାଇଛି ତା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବିନଷ୍ଟ ଶୈବମୂର୍ତ୍ତି (ଗୁଡ଼ିକ)ର ସଂଖ୍ୟା ଓ ସ୍ୱରୂପ ନିର୍ଣ୍ଣୟ । କୁହାଯାଇଛି ଯେ ଭବାନୀଚରଣରାୟ ଗୋଟିଏ ମୂର୍ତ୍ତି-ପ୍ରତିଷ୍ଠା-ଉଦ୍ୟମ ସଂପର୍କରେ ଉଲ୍ଲେଖ କରିଥିଲେ ହେଁ କୌଣସି ମୂର୍ତ୍ତି ନଷ୍ଟ କରାଯିବା ବା ଭଙ୍ଗା ଯିବା ସଂପର୍କରେ କିଛି ସୂଚନା ଦେଇ ନାହାନ୍ତି । କେଦାରନାଥ ମହାପାତ୍ର ମାଦଳାପାଞ୍ଜି ଅବଲମ୍ବନରେ ଶଙ୍କରାଚାର୍ଯ୍ୟ ଓ ପଦ୍ମପାଦାଚାର୍ଯ୍ୟ ( ମାଦଳାପାଞ୍ଜିରେ ଲେଖାହୋଇଥିବା ପଦ୍ମାଚାର୍ଯ୍ୟ, ପ୍ରଭାତ ମୁଖାର୍ଜୀ କହନ୍ତି ପଦ୍ମନାଭାଚାର୍ଯ୍ୟ ) ଏପରି ଦୁଇଟି ମୂର୍ତ୍ତି ବିନଷ୍ଟ ହୋଇଥିଲା । କିନ୍ତୁ ପ୍ରଭାତ ମୁଖାର୍ଜୀ 'ମାଦଳାପାଞ୍ଜି' ପ୍ରଦତ୍ତ ତଥ୍ୟକୁ ଭ୍ରମାତ୍ମକ ବୋଲି ମତ ଦେଇ କହନ୍ତି ଗୋଟିଏ ମୂର୍ତ୍ତି ଭଙ୍ଗାଯାଇଥିଲା ଓ ଭଙ୍ଗା ଯାଇଥିବା ମୂର୍ତ୍ତିଟି ଥିଲା ଭୈରବ ମୂର୍ତ୍ତି । **Jurgen Lutt** ଙ୍କ ମତରେ ଦୁଇଟି ମୂର୍ତ୍ତି ଭଙ୍ଗା ଯାଇଥିଲା; ସେ ମଧ୍ୟରୁ ଗୋଟିଏ ଶିବଙ୍କର ଓ ଅନ୍ୟଟି ଆଦ୍ୟ ଶଙ୍କରାଚାର୍ଯ୍ୟଙ୍କର ମୂର୍ତ୍ତି ଥିଲା । ତେଣୁ ଭଂଗା ଯାଇଥିବା ଶୈବ ମୂର୍ତ୍ତିର ସଂଖ୍ୟା ଓ ସ୍ୱରୂପ ନିର୍ଣ୍ଣୟରେ ଗୋଳମାଳିଆ ପରିସ୍ଥିତିର ସୃଷ୍ଟି ହୋଇଛି ।

ଦୁଇଟି ସ୍ୱତନ୍ତ୍ର **(Independent)** ତଥା ପରସ୍ପର ସମ୍ପର୍କବିହୀନ ସୂତ୍ର "ମାଦଳା ପାଞ୍ଜି" (କେଦାରନାଥ ମହାପାତ୍ରଙ୍କ ମତର ଭିତ୍ତିଭୂମି) ଓ **Parliamentary Papers ( Jurgen Lutt** ମତର ଭିତ୍ତିଭୂମି ) ଏକମତ ଯେ ଦୁଇଟି ମୂର୍ତ୍ତି ଧ୍ୱଂସ କରାଯାଇଥିଲା । ଅନ୍ୟାନ୍ୟ ସୂତ୍ରରୁ ଧ୍ୱଂସ ହୋଇଥିବା ଗୋଟିଏ ମୂର୍ତ୍ତି ସମ୍ପର୍କରେ ପ୍ରତ୍ୟକ୍ଷ ବା ପରୋକ୍ଷ ସୂଚନା ମିଳିଲେ ହେଁ କେବଳ ଗୋଟିଏ ମୂର୍ତ୍ତି ନଷ୍ଟ କରାଯାଇଥିଲା ବୋଲି ସ୍ପଷ୍ଟ

ଭାବରେ କୁହାଯାଇ ନାହିଁ । ଅନ୍ୟ କଥାରେ ଏକାଧିକ ଶୈବ ମୂର୍ତ୍ତି ଧ୍ୱଂସ କରାଯାଇ ନ ଥିଲା ବୋଲି କୌଣସି ପ୍ରମାଣ ନାହିଁ । ତେଣୁ ଅନ୍ୟ କୌଣସି ବିରୁଦ୍ଧ ପ୍ରମାଣ ନ ମିଳିବାଯାଏଁ ଦୁଇଟି ଶୈବ ମୂର୍ତ୍ତି ଧ୍ୱଂସ ହୋଇଥିବାର ସମ୍ଭାବନାକୁ ବାଦ ଦେଇ ହେବ ନାହିଁ ।

ସେହିପରି ଏ ମୂର୍ତ୍ତି ଦୁଇଟି ମଧ୍ୟରୁ ଗୋଟିଏ ମୂର୍ତ୍ତି ଭୈରବ ବୋଲି ରାମଶଙ୍କର ଭାରତୀଙ୍କ ଦରଖାସ୍ତ ( ପ୍ରଭାତ ମୁଖାର୍ଜୀଙ୍କ ଉପାଦାନ ) ପୁରୀରୁ ଗଙ୍ଗାଧର କବିରାଜଙ୍କ ନିକଟକୁ ଲେଖାଯାଇଥିବା ଚିଠି ଓ ଫକୀର ମୋହନଙ୍କ "ଉତ୍କଳ ଭ୍ରମଣଂ"ରୁ ଜଣାଯାଏ । ପୁଣି ସେତିକି ନୁହେଁ; **Parliamentary Paper** ସହ ଏ ତିନୋଟି ସୂତ୍ରରୁ ମିଳୁଥିବା ବିବରଣୀର ଆପାତ ବିରୋଧ ଥିଲେହେଁ ପ୍ରକୃତ ବିରୋଧ ନାହିଁ, କାରଣ **Parliamentary Paper** ରେ ଉଲ୍ଲିଖିତ ଶିବ ମୂର୍ତ୍ତିକୁ ପୂର୍ବୋକ୍ତ ତିନୋଟି ସୂତ୍ରରୁ ଜଣାଯାଉଥିବା ଭୈରବ ମୂର୍ତ୍ତି ସହ ଚିହ୍ନିତ କରାଯାଇ ପାରେ । ପୁରୀରୁ ଗଙ୍ଗାଧର କବିରାଜଙ୍କ ନିକଟକୁ ଲେଖାଯାଇଥିବା ଚିଠିରେ ମଧ୍ୟ ଧ୍ୱଂସ କରାଯାଇଥିବା ଭୈରବ ମୂର୍ତ୍ତିକୁ ଶିବଙ୍କ କଳାବତାର ବୋଲି କୁହାଯାଇ ଶିବଙ୍କ ସହ ଚିହ୍ନିତ କରାଯାଇଛି । ପୁଣି **T. A. Gopinath Ray** ଙ୍କର **Elements of Hindu Iconography, Vol I'**, part. 1, P. 177 ଅନୁଯାୟୀ ଭୈରବ ହେଉଛନ୍ତି ଶଙ୍କର ବା ଶିବଙ୍କର ପୂର୍ଣ୍ଣରୂପ **(mentioned in Panigrahi, 1961,P. ୫0)** । ତେଣୁ ମନେହୁଏ **Parliamentary Papers** ରେ ଭୈରବ ମୂର୍ତ୍ତି ଅର୍ଥରେ ହିଁ ଶିବ ମୂର୍ତ୍ତି ବୋଲି ଉଲ୍ଲିଖିତ ହୋଇଛି ଓ ଏପରି ଉଲ୍ଲେଖ ମଧ୍ୟ ଭ୍ରମାତ୍ମକ ନୁହେଁ । ମୋଟ ଉପରେ ଚାରିଗୋଟି ସ୍ୱତନ୍ତ୍ର ସୂତ୍ରରୁ ଭଙ୍ଗା ଯାଇଥିବା ଶୈବ ମୂର୍ତ୍ତି ମଧ୍ୟରୁ ଗୋଟିଏ ମୂର୍ତ୍ତି ଭୈରବ ମୂର୍ତ୍ତି ବୋଲି ଜଣାଯାଉଥିବାରୁ ଏ ସ୍ଥଳରେ "ମାଦଳା ପାଞ୍ଜି"ର ବିବରଣୀକୁ ଭ୍ରମାତ୍ମକ ବୋଲି ଅଗ୍ରାହ୍ୟ କରାଯାଇପାରେ, ଅର୍ଥାତ୍ ଭଙ୍ଗା ଯାଇଥିବା ମୂର୍ତ୍ତି-ଦ୍ୱୟ ଆଦି ଶଙ୍କରାଚାର୍ଯ୍ୟ ଓ ପଦ୍ମାଚାର୍ଯ୍ୟ (ପଦ୍ମପାଦାଚାର୍ଯ୍ୟ)ଙ୍କର ନୁହେଁ । ଶିବଙ୍କର ଅନ୍ୟ ନାମ ଶଙ୍କର ହେତୁ ଭୁଲ୍‌ରେ ସେ ଆଚାର୍ଯ୍ୟ ଶଙ୍କରଙ୍କ ସହ ଯୋଡ଼ି ହୋଇଯାଇ "ମାଦଳା ପାଞ୍ଜି"ରେ ଶଙ୍କରାଚାର୍ଯ୍ୟ ଭାବରେ ସ୍ଥାନ ପାଇଥିବା ସମ୍ପୂର୍ଣ୍ଣ ଭାବରେ ସମ୍ଭବ ।

ଅନ୍ୟ ଏକ ସୂତ୍ରରୁ ମଧ୍ୟ ଭଙ୍ଗାଯାଇଥିବା ଶୈବ ମୂର୍ତ୍ତି ମଧ୍ୟରୁ ଗୋଟିଏ ଭୈରବ ମୂର୍ତ୍ତି ଥିଲା ବୋଲି ପରୋକ୍ଷ ସମର୍ଥନ ମିଳିଥାଏ । ଜଗବନ୍ଧୁ ସିଂହ ବ୍ୟବହାର କରିଥିବା 'ମାଦଳା ପାଞ୍ଜି' ରାଜଭୋଗର ଅନ୍ୟ ଏକ ସଂସ୍କରଣ ଅନୁଯାୟୀ ଅନଙ୍ଗଭୀମଦେବ "ମହାପ୍ରଭୁଙ୍କ ଶ୍ରୀମୁଖରେ ଭୈରବ ମୂର୍ତ୍ତି ସ୍ଥାପନ କରିଥିଲେ ।" (Singh Jagabandhu 1964, P. 361) "ଜଗନ୍ନାଥ କୈଫିୟତ" (Geneology of the Kings of Odradesa, Local records, Vol 60, Oriental Manuscript Library, Madras) ରେ ମଧ୍ୟ ଅନୁରୂପ ବିବରଣୀ ସ୍ଥାନ ପାଇଛି । (Orissa) Research Project, Paper Manuscript, P 23) । ଏଥିରୁ ଅନ୍ତତଃ ଏତିକି ଜଣାଯାଏ ଯେ 'ମାଦଳା ପାଞ୍ଜି' ରାଜଭୋଗ ଓ 'ଜଗନ୍ନାଥ କୈଫିୟତ'ର ସଂକଳନ ସମୟରେ ଏପରି ଜନଶ୍ରୁତି ପ୍ରଚଳନ ଥିଲା । ସେ ସମୟରେ ପ୍ରଚଳିତ ଜନଶ୍ରୁତିରେ କିଛି ଐତିହାସିକ ସତ୍ୟ ଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ବିଶେଷ ଭାବରେ ସେତେବେଳେ ନିଜକୁ "ପୁରୁଷୋତ୍ତମ ପୁତ୍ର, ରୁଦ୍ରପୁତ୍ର, ଦୁର୍ଗାପୁତ୍ର" ବୋଲି ଅଭିହିତ କରୁଥିବା ୩ୟ ଅନଙ୍ଗଭୀମ ଦେବ (୧୨୧୬ - ୧୨୨୯ ଖ୍ରୀଷ୍ଟାବ୍ଦ) ଜଗନ୍ନାଥ ଧର୍ମର ବିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ପଣ୍ଡିତମାନେ ମତ ପ୍ରକାଶ କରି ସାରିଛନ୍ତି । Eschmann etc ed-1978, Chapters 8, 9, and 10) ଓଡ଼ିଶାର ରାଜମାନଙ୍କରେ ଏକଦା ଅତ୍ୟନ୍ତ ପ୍ରଭାବଶାଳୀ ଥିବା ଭୁବନେଶ୍ୱରର ଶୈବମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏହା କରାଯାଇ ପାରିଥାଏ । ୩ୟ ଅନଙ୍ଗଭୀମ ଦେବ ବର୍ତ୍ତମାନର କଟକ ସ୍ଥାପନ କରିଥିବା ନିଜର ନୂତନ ରାଜଧାନୀକୁ 'ଅଭିନବ ବାରଣାସୀ' ବୋଲି ନାମିତ କରିବାରେ ମଧ୍ୟ ତାଙ୍କର ଶୈବ ମନୋବୃତ୍ତିର ପ୍ରତିଫଳନ ପଡ଼ିଥାଇପାରେ । "ମାଦଳାପାଞ୍ଜି" 'ରାଜଭୋଗ' ଅନୁଯାୟୀ କୋଦଣ୍ଡା ଦଣ୍ଡପାଟ ଅନ୍ତର୍ଗତ ଏକ ସ୍ଥାନରେ ପୂର୍ବରୁ ଶିବ ବିଶ୍ୱେଶ୍ୱର ବିରାଜମାନ କରିଥିଲେ ମଧ୍ୟ ଏ ସ୍ଥାନର ନାମ ବାରବାଟୀ ଥିଲା । ସେ ପ୍ରଥମେ ଏ ସ୍ଥାନକୁ ଅଭିନବ ବାରଣାସୀ ବୋଲି ନାମିତ କଲେ (ଏ ସମ୍ପର୍କରେ ଅଧିକ ଆଲୋଚନା ପାଇଁ ଦେଖ Dash G. N. 1978 a, PP 161-192 F. n 18) । ତେଣୁ 'ମାଦଳାପାଞ୍ଜି' ତଥା 'ଜଗନ୍ନାଥ କୈଫିୟତ'ରେ ଥିବା ଅନଙ୍ଗଭୀମ ଦେବ ଜଗନ୍ନାଥଙ୍କ

ଶାମ୍ଭମ୍ ରେ ଭୈରବ ମୂର୍ତ୍ତି ସ୍ଥାପନ କରିଥିବାର ବିବରଣ ସତ୍ୟ ହୋଇଥିବାର ସମ୍ଭାବନା ରହିଛି । ତେଣୁ ଜଗନ୍ନାଥଙ୍କ ରତ୍ନ ସିଂହାସନରୁ ଅପସାରିତ ହୋଇ ବୈଷ୍ଣବମାନଙ୍କ ଦ୍ୱାରା ଭଙ୍ଗା ଯାଇଥିବା ଶୈବ ବିଗ୍ରହ ମଧ୍ୟରେ ଭୈରବ ବିଗ୍ରହ ଅନ୍ତର୍ଭୁକ୍ତ ଥିଲି ବୋଲି ଧାରଣା ହୁଏ । ସେତିକି ନୁହେଁ, ବିଭିନ୍ନ ତନ୍ତ୍ର ଶାସ୍ତ୍ରରେ ବିମଳାଙ୍କୁ ଭୈରବୀ ଓ ଜଗନ୍ନାଥଙ୍କୁ ତାଙ୍କର ଭୈରବ ରୂପରେ ଗ୍ରହଣ କରାଯାଇ "ବିମଳା ଭୈରବୀ ଯନ୍ତ୍ର ଜଗନ୍ନାଥସ୍ତୁ ଭୈରବମ୍" ଶ୍ଳୋକାଂଶରେ ପାଠାନ୍ତର ସ୍ଥାନ ପାଇଛି । ଜଗନ୍ନାଥଙ୍କ ରତ୍ନ ସିଂହାସନରେ ଭୈରବ ମୂର୍ତ୍ତି ଥିବାର ପରୋକ୍ଷ ସମର୍ଥନ ଏଥିରୁ ମଧ୍ୟ ମିଳିଯାଉଛି ।

କିଛିଟା ଅବାନ୍ତର ହେଲେ ମଧ୍ୟ ଏଠାରେ କହିଦେବା ଉଚିତ ଯେ ଶବର ଦେବତାରୁ ବ୍ରାହ୍ମଣ୍ୟ ଧର୍ମର ବିଷ୍ଣୁ-ନୃସିଂହ, ବିଷ୍ଣୁ-ପୁରୁଷୋତ୍ତମ, ପୁରୁଷୋତ୍ତମ-ଜଗନ୍ନାଥ ଓ ଶେଷରେ କୃଷ୍ଣ-ଜଗନ୍ନାଥର ଯେଉଁ ବିବର୍ତ୍ତନ କ୍ରମ ଅନୁମିତ ହୋଇଛି, ସେଇ ବିବର୍ତ୍ତନରେ ଏକପାଦ-ଭୈରବ ଏକ ସଂଯୋଜକ ସେତୁର ଭୂମିକା ଗ୍ରହଣ କରିଥିଲେ ବୋଲି ବିଚାର କରାଯାଇଛି (Stitencron H. Von, 1978) । ଏହି ବିଚାରର ମୂଳଭିତ୍ତି ହେଉଛି ଜଗନ୍ନାଥ ଓ ଏକପାଦ ଭୈରବ ମଧ୍ୟରେ ମୂର୍ତ୍ତିଗତ ସାମଞ୍ଜସ୍ୟ ଓ ମଧ୍ୟଯୁଗୀୟ ଓଡ଼ିଶାରେ ନିର୍ମିତ ହୋଇଥିବା ଭୈରବ ମୂର୍ତ୍ତିର ବହୁଳତା । ଜଗନ୍ନାଥଙ୍କ ସହ ଶିବ ଭୈରବଙ୍କର ସମ୍ପର୍କ ଦୃଷ୍ଟିରୁ ଏ ବିଚାରର ମୂଳଭିତ୍ତି ଆପେ ଆପେ ଦୃଢ଼ୀଭୂତ ହେଉଅଛି । ପଣ୍ଡିତମାନେ ଶିବଙ୍କ ସହ ବଳଭଦ୍ରଙ୍କର ନିବିଡ଼ ସମ୍ପର୍କ ଥିବାର ପ୍ରତିପାଦନ କରିଛନ୍ତି । (Pradhan, P. 1953, & Eschmann, etc. ed. 1978, Chapetr 6 to 10) । ମୋଟ ଉପରେ ଆଦ୍ୟ ଜଗନ୍ନାଥ ଧର୍ମ ସହ ଶୈବ ସଂପ୍ରଦାୟର ନିବିଡ଼ ଯୋଗସୂତ୍ର ଥିଲା । ପ୍ରାଚୀନ ଓଡ଼ିଶାରେ ଶୈବ ସଂପ୍ରଦାୟର ବିଶେଷ ପ୍ରଭାବ ପ୍ରତିପତ୍ତି ଥିବାରୁ ଏଇ ଧାରଣା ବଳବତ୍ତର ହୁଏ । (Stiterencron, H. Von. 1978) । ଏ ସଂପର୍କରେ ମନେ ରଖିବାର କଥା ହେଉଛି ଯେ ଜଗନ୍ନାଥ ଧର୍ମର ଆଦ୍ୟ ରାଜ-ପୃଷ୍ଠପୋଷକମାନେ ବିଶେଷ ଭାବରେ ଜଗନ୍ନାଥ ମନ୍ଦିରର ନିର୍ମାଣ କର୍ତ୍ତା ତଥା ଓଡ଼ିଶାରେ ଗଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବ ( ୧୦୭୭-୧୧୪୭ )

ବ୍ୟକ୍ତିଗତ ଜୀବନରେ ଶୈବ ଥିଲେ (ଦେଖ Kulke, H., 1978)। ଚୋଡ଼ଗଙ୍ଗ ପୁଣି ଶୈବମାନଙ୍କର ସକ୍ରିୟ ସହାୟତାରେ ଓଡ଼ିଶାର ସିଂହାସନ ଅଧିକାର କରିଥିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ (Dash, G. N. 1978 a)। ତେଣୁ ଆଦ୍ୟ ଜଗନ୍ନାଥ ଧର୍ମ ଯେତେବେଳେ ବୈଷ୍ଣବ ସମ୍ପ୍ରଦାୟ ସହ ସମ୍ପୃକ୍ତ ହେଲା; ବୈଷ୍ଣବ କୃଷ୍ଣ ଓ କୃଷ୍ଣଙ୍କ ଭାଇ ବଳଭଦ୍ର ବା ବଳରାମ ଯେତେବେଳେ ବୈଷ୍ଣବ ଦେବତା ରୂପରେ ଜଗନ୍ନାଥ ଧର୍ମରେ ସ୍ଥାନ ପାଇ ବୈଷ୍ଣବ ସମ୍ପ୍ରଦାୟର ପ୍ରଭାବ ଓ ପ୍ରତିପତ୍ତି ବୃଦ୍ଧି କଲେ, ବଦଳରେ ସେଇ ସ୍ତରରେ ହୁଏତ ବହୁକାଳ ଧରି ଆଦ୍ୟ ଜଗନ୍ନାଥ ଧର୍ମରେ ସ୍ଥାନ ପାଇ ଆସିଥିବା ଶୈବ ପ୍ରଭାବକୁ ପରିଷ୍କାର ରୂପରେ ସ୍ପଷ୍ଟ ସ୍ୱୀକୃତି (explicit recognition) ଦେଇ ଶୈବମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଭୈରବ ମୂର୍ତ୍ତିକୁ ଜଗନ୍ନାଥଙ୍କ ରତ୍ନ ସିଂହାସନରେ ସ୍ଥାନ ଦିଆଯାଇଥିଲା ବୋଲି ମନେହୁଏ। ମୋଟ ଉପରେ ନଷ୍ଟ କରାଯାଇଥିବା ଶୈବମୂର୍ତ୍ତିଦ୍ୱୟ ମଧ୍ୟରୁ ଗୋଟିଏ ଶୈବମୂର୍ତ୍ତି ଭୈରବଙ୍କର ଥିବାର ବିଶେଷ ସମ୍ଭାବନା ରହିଅଛି।

ବର୍ତ୍ତମାନ ପ୍ରଶ୍ନ ହେଉଛି ଭୈରବ ଭିନ୍ନ ଅନ୍ୟ ଶୈବ ମୂର୍ତ୍ତିଟିର ସ୍ୱରୂପ କଣ ଥିଲା ? 'ମାଦଳା ପାଞ୍ଜି'ର 'ରାଜଭୋଗ' ଓ 'Parliamentary papers' ଏଇ ଦୁଇ ସ୍ୱତନ୍ତ୍ର ସୂତ୍ରରୁ ଜଣାଯାଏ ଯେ ଭଙ୍ଗାଯାଇଥିବା ମୂର୍ତ୍ତିଦ୍ୱୟ ମଧ୍ୟରେ ଗୋଟିଏ ଆଦ୍ୟ ଶଙ୍କରାଚାର୍ଯ୍ୟଙ୍କର ଥିଲା। 'ମାଦଳାପାଞ୍ଜି'ରେ ଭୈରବ ମୂର୍ତ୍ତି ଭୁଲରେ ଶଙ୍କରାଚାର୍ଯ୍ୟ ମୂର୍ତ୍ତି ବୋଲି ସ୍ଥାନ ପାଇ-ଥିବାର ସମ୍ଭାବନାକୁ ଗ୍ରହଣ କଲେ ମାଦଳା ପାଞ୍ଜି ଅନୁଯାୟୀ ଦ୍ୱିତୀୟ ଶୈବ ମୂର୍ତ୍ତିଟି ଥିଲା ପଦ୍ମାଚାର୍ଯ୍ୟ ବା ଆଦ୍ୟ ଶଙ୍କରଙ୍କର ଶିଷ୍ୟ ପଦ୍ମପାଦା-ଚାର୍ଯ୍ୟଙ୍କର। Parliamenatary papers ମଧ୍ୟ ଏହି ସିଦ୍ଧାନ୍ତକୁ ସମ୍ପୂର୍ଣ୍ଣ ଭାବରେ ବିରୋଧ କରେ ନାହିଁ, କାରଣ ଶଙ୍କରାଚାର୍ଯ୍ୟ ବା ଆଦ୍ୟ ଶଙ୍କରଙ୍କ ସଂପ୍ରଦାୟଭୁକ୍ତ ପୀଠାଧୀଶ ସନ୍ନ୍ୟାସୀମାନେ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କର ନାମରେ ଅଭିହିତ ହେବାର ପରମ୍ପରା ରହିଛି। ତେଣୁ ଆଦ୍ୟ ଶଙ୍କରଙ୍କର ଶିଷ୍ୟ ପଦ୍ମପାଦାଚାର୍ଯ୍ୟ ଏଇ ଅର୍ଥରେ ଶଙ୍କରାଚାର୍ଯ୍ୟ ନାମରେ ଅଭିହିତ ହୋଇ Parliamentary papersରେ ଭ୍ରମ କ୍ରମେ ଆଦ୍ୟ ଶଙ୍କରଙ୍କ ସହ ସମ୍ପୃକ୍ତ ଓ ତାଙ୍କ ନାମରେ ନାମିତ ହୋଇପାରିଥାନ୍ତି। ଜଗନ୍ନାଥ ମନ୍ଦିରରେ

ବସ୍ତୁତଃ ଜଗନ୍ନାଥଙ୍କ ରତ୍ନ ସିଂହାସନରେ ଶଙ୍କରପନ୍ଥୀ ସନ୍ନ୍ୟାସୀ ଓ ପୀଠାଧୀଶମାନଙ୍କର (ଓ ଆଦ୍ୟ ଶଙ୍କରଙ୍କର ଶିଷ୍ୟ ପଦ୍ମପାଦାଚାର୍ଯ୍ୟଙ୍କ) ମୂର୍ତ୍ତି ସ୍ଥାନ ପାଉଥିବାର ସମ୍ଭାବନାକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରି ହେବ ନାହିଁ କାରଣ ଜଗନ୍ନାଥ ମନ୍ଦିର ବେଢ଼ାରେ ଅବସ୍ଥିତ ଶ୍ରୀଲକ୍ଷ୍ମୀ ମନ୍ଦିରରେ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ ଓ ରାମାନୁଜପନ୍ଥୀ ସନ୍ନ୍ୟାସୀ ଓ ଦକ୍ଷିଣ-ପାର୍ଶ୍ୱ ମଠର ମହନ୍ତ ବା ମଠାଧୀଶମାନଙ୍କର ମୂର୍ତ୍ତି ସ୍ଥାନ ପାଇବାର ଏବଂ ସଂରକ୍ଷିତ ହେବାର ପ୍ରାଚୀନ ପରଂପରା ରହିଅଛି (ଏହି ତଥ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧି ପାଇଁ ପୁରୀର ମଠଗୁଡ଼ିକ ଉପରେ ଗବେଷଣା କରୁଥିବା ନୃତତ୍ତ୍ୱବିତ୍ ରବିନାରାୟଣ ସ୍ୱାଇଁଙ୍କଠାରୁ ପ୍ରାପ୍ତ) । ତେଣୁ କୌଣସି ବିରୁଦ୍ଧ ପ୍ରମାଣ ମିଳିବାଯାଏ ବିଚ୍ଛିନ୍ନ ମୂର୍ତ୍ତିଟି ଶଙ୍କରପନ୍ଥୀ କୌଣସି ପୀଠାଧୀଶ ସନ୍ନ୍ୟାସୀଙ୍କର ଥିଲା ବୋଲି ଗ୍ରହଣ କରାଯାଇପାରେ । ଭବାନୀ ଚରଣ ରାୟ, ପ୍ରଭାତ ମୁଖାର୍ଜୀ ଓ **Jurgen Luit** ପ୍ରମାଣିତ ତଥ୍ୟ ଭିତ୍ତିରେ ଦେଖାଇଛନ୍ତି ଯେ, ପରବର୍ତ୍ତୀ କାଳରେ ଜଗନ୍ନାଥ ମନ୍ଦିରରେ (ଓ ରତ୍ନ ସିଂହାସନ ଉପରେ) ଦେବମୂର୍ତ୍ତି ପୁନଃ ପ୍ରତିଷ୍ଠାର ଉଦ୍ୟମରେ ଶଙ୍କରପନ୍ଥୀ ସନ୍ନ୍ୟାସୀମାନେ ନେତୃତ୍ୱ ନେଇଥିଲେ । ତେଣୁ ଶଙ୍କରପନ୍ଥୀ କୌଣସି ସନ୍ନ୍ୟାସୀଙ୍କର ମୂର୍ତ୍ତି ଭଙ୍ଗା ଯାଇଥିଲା ବୋଲି ସହଜରେ ବିଶ୍ୱାସ କରାଯାଇପାରେ ।

ପୂର୍ବୋକ୍ତ ଆଲୋଚକମାନଙ୍କ ଆଲୋଚନାରେ ଅପୂର୍ଣ୍ଣ ରହିଯାଇଥିବା ଆଉ ଗୋଟିଏ ଦିଗ ହେଉଛି ଏ ଘଟଣାର ସମୟ ନିରୂପଣ । ଭବାନୀ ଚରଣ ରାୟ ଏ ସମ୍ପର୍କରେ ନୀରବ ରହିଛନ୍ତି । କେଦାରନାଥ ମହାପାତ୍ର "ମାଦଳା ପାଞ୍ଜି—ରାଜାବଂଶ"କୁ ଅବଲମ୍ବନ କରି ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ (୧୭୯୩—୧୭୯୮) ଙ୍କ ରାଜତ୍ୱ କାଳରେ ଏହା ଘଟିଥିଲା ବୋଲି ମତ ଦେଇଛନ୍ତି ଓ ଦିବ୍ୟସିଂହ ଦେବଙ୍କର ବୈଷ୍ଣବ ପୃଷ୍ଠପୋଷକତା ଏ ଘଟଣାର ମୂଳରେ ଥିବାର ସୂଚନା ଦେଇଛନ୍ତି । ପ୍ରଭାତ ମୁଖାର୍ଜୀଙ୍କ ଆଲୋଚନାରୁ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳୁ ନ ଥିଲେ ହେଁ ଏହା ୧୨୦୧ A. .H ବା ୧୭୮୬—୮୭ ଖ୍ରୀଷ୍ଟାବ୍ଦର ଢେର ପୂର୍ବରୁ ଘଟିଥିବାର ଜଣାଯାଏ । କାରଣ ୧୬୦୧ A H. (ବା ୧୭୨୨-୨୩ ଖ୍ରୀଷ୍ଟାବ୍ଦ) ବେଳକୁ କେବଳ ସେ ମୂର୍ତ୍ତି ଭଙ୍ଗାଯାଇ ସାରିଥିଲା

ତା ନୁହେଁ, ତା ପରେ ରଘୁଜୀ ଭୋଁସଲାଙ୍କ ମାତା ଚିମାବାଈ ଜଗନ୍ନାଥଙ୍କ ଦର୍ଶନକୁ ଆସିଥିବା ଅବକାଶରେ ବୈଷ୍ଣବମାନଙ୍କର ଭୈରବମୂର୍ତ୍ତି ଭାଙ୍ଗିବା ରୂପକ ଗର୍ହିତ ଆଚରଣ ବିରୁଦ୍ଧରେ ସ୍ୱାମୀ ସଂପ୍ରଦାୟର ଦଣ୍ଡୀ ସନ୍ନ୍ୟାସୀମାନେ ତାଙ୍କ ( ଚିମାବାଈଙ୍କ ) ପାଖରେ ଆପତ୍ତି କରି ପାରିଥିଲେ ଓ ଚିମାବାଈ ଏ ସଂପର୍କରେ ରଘୁଜୀ ଭୋଁସଲାଙ୍କୁ ଅବଗତ କରାଇ ପାରିଥିଲେ । ତେଣୁ ଏହି ୧୨୦୧ A. H. ରେ ରଘୁଜୀ ତାଙ୍କର ନାଏବ ସୁବାଦାର ଏଙ୍କାଜୀ ଶୁକଦେବଙ୍କୁ ଚିଠି ଲେଖି ଏକ ନୂତନ ଭୈରବ ମୂର୍ତ୍ତି ନିର୍ମାଣ କରାଇ ପ୍ରତିଷ୍ଠା କରିବା ପାଇଁ ଆଦେଶ ଦେଇଥିଲେ । **Jurgen Lutt** ମଧ୍ୟ ଏ ଘଟଣାର କୌଣସି ସମୟ ନିର୍ଣ୍ଣୟ କରି ନାହାନ୍ତି । ତେବେ ସେ ୧୮୦୦ ଖ୍ରୀଷ୍ଟାବ୍ଦ ଆଖପାଖରେ ଏହି ଘଟଣା ଘଟିଥିବାର ମତ ଦେଇଛନ୍ତି ।

ପ୍ରଭାତ ମୁଖାର୍ଜୀ ଓ **Lutt** ସ୍ପଷ୍ଟ ଭାବରେ କହନ୍ତି ଯେ, ଜଗନ୍ନାଥଙ୍କର ରତ୍ନ ସିଂହାସନ ମରାମତି ଉପଲକ୍ଷ୍ୟ ଓ ଅବକାଶରେ ସେଥିରୁ ଶୈବମୂର୍ତ୍ତି ସବୁ ପ୍ରଥମେ ଅପସାରିତ ହୋଇଥିଲା ଓ ସେତିକିବେଳେ ବୈଷ୍ଣବମାନେ ସେ ମୂର୍ତ୍ତିକୁ ଭାଙ୍ଗିବାର ସୁଯୋଗ ପାଇଲେ । ( ମାଦଳା ପାଞ୍ଜିରେ ମଧ୍ୟ ଏହାର ସୂଚନା ମିଳେ ) । ବର୍ତ୍ତମାନ ପ୍ରଶ୍ନ ହେଉଛି ରତ୍ନ ସିଂହାସନ କେବେ ମରାମତି ହୋଇଥିଲା ? ଏ ପ୍ରଶ୍ନର ଉତ୍ତର ପାଇପାରିଲେ ଶୈବମୂର୍ତ୍ତି (ବିଶେଷ ଭାବରେ ଭୈରବ ମୂର୍ତ୍ତିଟି) କେବେ ଭଙ୍ଗା ଯାଇଥିଲା ତା ଜଣାପଡ଼ିବ । ରତ୍ନ ସିଂହାସନରେ ଖୋଦିତ ଲିପିରୁ ଅନୁମିତ ହୁଏ, ଏ ରତ୍ନ ସିଂହାସନ ଖୋର୍ଦ୍ଧା ରାଜା ବୀରକେଶରୀ ଦେବ ( ୧୭୩୭—୧୭୯୩ ଖ୍ରୀ. ଅ )ଙ୍କ ରାଜତ୍ୱ କାଳରେ ନିର୍ମିତ ଓ ସ୍ଥାପିତ ହୋଇଥିଲା । **(Raiguru, S. N., 1971, P. 6 । R, D. Banarji** ଅବଶ୍ୟ ଏହି ରତ୍ନ ସିଂହାସନରେ ଅଙ୍କିତ ପୁଷ୍ପ ସୁଶୋଭିତ ହସ୍ତୀଶାଳା ସନ୍ନିକରଣ କଳାର ପ୍ରତିଫଳନ ଦେଖିପାରିଥିଲେ ଓ ଏହା ସୂର୍ଯ୍ୟବଂଶୀ ଗଜପତିମାନଙ୍କ ସମୟରେ ଦକ୍ଷିଣ ଭାରତରୁ ଆନୀତ ହୋଇଥିବାର ସମ୍ଭାବନା ସଂପର୍କରେ ସୂଚନା ଦେଇଥିଲେ । **Banarji R. D, 1930 P. 361** ) । ତେଣୁ ଦିବ୍ୟସିଂହ ଦେବଙ୍କ ପୂର୍ବବର୍ତ୍ତୀ ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କ ରାଜତ୍ୱ କାଳରେ ହିଁ ରତ୍ନ ସିଂହାସନରେ ଥିବା ଶୈବ ମୂର୍ତ୍ତି ଭଙ୍ଗାଯାଇଥିଲା ।

ଅବଶ୍ୟ ଅନ୍ୟ କୌଣସି ପ୍ରମାଣ ଭିତ୍ତିରେ କୌଣସି ନିର୍ଦ୍ଦିଷ୍ଟ ଦିନ ବା ତାରିଖ ସ୍ଥିର କରିବା ସମ୍ଭବ ନୁହେଁ ।

ପୂର୍ବୋକ୍ତ ଆଲୋଚକମାନଙ୍କ ଆଲୋଚନାରୁ ବୈଷ୍ଣବ ବୈରାଗୀମାନେ ଶୈବ ମୂର୍ତ୍ତି ଭାଙ୍ଗିଥିବାର ଜଣାଯାଏ ; କିନ୍ତୁ ପ୍ରଶ୍ନ ହେଉଛି ବୈଷ୍ଣବ ସଂପ୍ରଦାୟ ଅନ୍ତର୍ଭୁକ୍ତ କେଉଁ ଉପସଂପ୍ରଦାୟର ବୈରାଗୀ ବା ସନ୍ନ୍ୟାସୀମାନେ ଶୈବମୂର୍ତ୍ତି ଭାଙ୍ଗିଥିଲେ । ସେ ସଂପର୍କରେ କେବଳ କେଦାରନାଥ ମହାପାତ୍ରଙ୍କ ବ୍ୟତୀତ ଅନ୍ୟ ଆଲୋଚକମାନେ ନୀରବ ରହିଛନ୍ତି । କେବଳ କେଦାରନାଥ ମହାପାତ୍ର ନିଛକ ଅନୁମାନ କରି କହନ୍ତି ଯେ ଖୋର୍ଦ୍ଧା ରାଜା ବୀରକେଶରୀ ଦେବଙ୍କ ରାଜତ୍ୱ କାଳରେ "ରାଜଦରବାରରେ ଚୈତନ୍ୟ ମତାବଲମ୍ବୀ ମହନ୍ତମାନଙ୍କର ପ୍ରଭାବ ଓ ପ୍ରତିପତ୍ତି ଯଥେଷ୍ଟ ବୃଦ୍ଧି ଲାଭ କରିଥିଲା । ଗଜପତି ଦିବ୍ୟସିଂହ ଦେବ ତଥା ମରହଟ୍ଟା ଶାସକ ମଧ୍ୟ ଉକ୍ତ ଧର୍ମମତର ପ୍ରଧାନ ପୃଷ୍ଠପୋଷକ ଥିଲେ । ତେଣୁ ବୈଷ୍ଣବ ମହନ୍ତମାନଙ୍କ ପ୍ରଭାବରେ ରତ୍ନ ସିଂହାସନରୁ ଶ୍ରୀଶଙ୍କର ଓ ପଦ୍ମପାଦ ବିଗ୍ରହ ଦ୍ୱୟ ଅପସାରିତ ହୋଇଥିଲେ ।" **Lutt** ଅବଶ୍ୟ କହନ୍ତି ଯେ ଜଗନ୍ନାଥ ମନ୍ଦିରର ସେବକ ପୂଜକମାନେ ଶୈବମୂର୍ତ୍ତି ଭାଙ୍ଗି ପକାଇଥିଲେ । ଏହା ମନା ଅନୁମାନ ।

କିନ୍ତୁ ଫକୀରମୋହନଙ୍କ "ଉତ୍କଳଭ୍ରମଣ"ର ପୂର୍ବରେ ଦିଆଯାଇଥିବା ଉକ୍ତିରୁ ଜଣାଯାଏ ଯେ, ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ରାମଦାସ ଯତି ମରହଟ୍ଟାମାନଙ୍କର ସେନାପତି ଭାବରେ କାମ କରୁଥିଲେ ଓ ସେ ବଡ଼ ଜବରଦସ୍ତ ଲୋକ ଥିଲେ । ସେଇ ରାମଦାସ ଯତି ଜଗନ୍ନାଥଙ୍କ ସିଂହାସନ ଉପରେ ଥିବା ଭୈରବ ମୂର୍ତ୍ତିକୁ ଖଣ୍ଡ ଖଣ୍ଡ କରି ସମୁଦ୍ରରେ ପକାଇ ଦେଇଥିଲେ । ଏହି ତଥ୍ୟ ଫକୀର ମୋହନ ପରଂପରା ବା ଜନଶ୍ରୁତି **(Traditional account)** ରୁ ସଂଗ୍ରହ କରିଥିବାର ଅନୁମାନ କରାଯାଇ ପାରେ । ମାଦଳା ପାଞ୍ଜି ଅନ୍ତର୍ଗତ ବୀରକେଶରୀ ଦେବଙ୍କ ଦୁଇଟି 'ଚୁମୁଚଟାଉ'ରୁ ଜଣାଯାଏ ଯେ, ବୀରକେଶରୀଙ୍କ ୩୭ ଅଙ୍କ ( ଅର୍ଥାତ୍ ୧୭୬୫-୬୬ ଖ୍ରୀଷ୍ଟାବ୍ଦ ) ରେ ରାମଦାସଙ୍କୁ ରାମଯତି ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ରୂପେ ସ୍ୱୀକୃତି ଦିଆଯାଇ ଶାଢ଼ୀ ଆଜ୍ଞା ହୋଇଥିଲା । ଜଗନ୍ନାଥ ମନ୍ଦିରର ଭ୍ରମର ଆଲଟ ସେବାର ଅଧିକାର ଦିଆଯାଇଥିଲା । ଏଥିରୁ

ରାମଦାସବନ୍ଧୁ ପ୍ରଭାବଶାଳୀ ଥିବାର ପ୍ରମାଣ ମିଳେ । (ଏ ଗ୍ରନ୍ଥଚିଠାଉ ଦୁଇଟି Orissa Research Project ଦ୍ୱାରା ସଂଗୃହୀତ ବର୍ତ୍ତମାନ Orissa State Museum ରେ ସଂରକ୍ଷିତ "ମାଦଳା ପାଞ୍ଜି"ର ଅନ୍ତର୍ଗତ ଓ ନିକଟରେ Hermann Kulke ଓ କେଦାରନାଥ ମହାପାତ୍ରଙ୍କ ସଂପାଦନାରେ ଅନ୍ୟ କେତେକ ଗ୍ରନ୍ଥଚିଠାଉ ସହ ପ୍ରକାଶିତ ହେବ) । ଏହି ରାମଦାସ ଓ 'ଉତ୍କଳଭ୍ରମଣ'ର ରାମଦାସ ଏକ ଓ ଅଭିନ୍ନ ବୋଲି ଅନୁମାନ କରାଯାଇପାରେ । ଭବାନୀଚରଣ ରାୟ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଦକ୍ଷିଣପାର୍ଶ୍ୱ ମଠର ମହନ୍ତ ମରହଟ୍ଟା ଶାସନକର୍ତ୍ତାଙ୍କ ଗୁରୁ ଥିଲେ ଓ ତାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । **(Ray, B. C., 1960, P. 145)**

ଦକ୍ଷିଣପାର୍ଶ୍ୱ ମଠ ମରହଟ୍ଟାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା ବୋଲି ହିମାଂଶୁ ଶେଖର ପଟ୍ଟନାୟକ ସୂଚନା ଦେଇଅଛନ୍ତି । **(Pattanaik, H. S. 1977, P. 433)** । କିନ୍ତୁ ଏ ମଠ ଏକ ପ୍ରାଚୀନ ଓ ରାମାନୁଜପନ୍ଥୀ ମଠ ଥିବାର ଜଣାଯାଏ । (ଏ ତଥ୍ୟ ନୃସିଂହଦାସ ରଘୁନାଥପ୍ରପନ୍ନ ସ୍ୱାମୀଙ୍କଠାରୁ ପ୍ରାପ୍ତ) । ତେଣୁ ଭୈରବ ମୂର୍ତ୍ତି କେନ୍ଦ୍ରିକ ବିବାଦକୁ କେବଳ ଶୈବ ଓ ବୈଷ୍ଣବମାନଙ୍କ ବିବାଦ ନୁହେଁ, ଜଗନ୍ନାଥଙ୍କ ମନ୍ଦିରରେ ପ୍ରଭାବ ବିସ୍ତାର କରିବା ପାଇଁ ରାମାନୁଜପନ୍ଥୀ ଓ ଶଙ୍କରପନ୍ଥୀ ମଠାଧୀଶଙ୍କ ମଧ୍ୟରେ ବିବାଦ ରୂପେ ଗ୍ରହଣ କରାଯାଇପାରେ । ବୀରକିଶୋର ଦେବ ୧୭୬୦ ପରେ ମରହଟ୍ଟାମାନଙ୍କୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରୀସହ ରହାଙ୍ଗ, ଲେମ୍ବାଇ ଓ ଚଉଦ ଗୋଟି ଗଡ଼ଜାତରେ ସତ୍ତ୍ୱ ଛାଡ଼ି ଦେଇଥିଲେ (ଦେଖନ୍ତୁ ମାଦଳାପାଞ୍ଜି, **1940, P, 179. Mahapatra, K N. 1969, P-205,)** ଏହା ପରେ ପରେ ଜଗନ୍ନାଥ ମନ୍ଦିରରେ ଖୋର୍ଦ୍ଧା ରାଜାଙ୍କ ପ୍ରଭାବ କ୍ରମଶଃ ହ୍ରାସ ପାଇବାରେ ଲାଗିଲା । ଏହି ବିବାଦରୁ ଯାହା ଜଣାଯାଉଛି ମରହଟ୍ଟାମାନଙ୍କ ସମୟରେ ପୁରୀରେ କେତେକ ମଠର ମହନ୍ତମାନଙ୍କର ବେଶ୍ ଶକ୍ତିବୃଦ୍ଧି ଘଟିଥିଲା ଓ ସେମାନେ ଜଗନ୍ନାଥ ମନ୍ଦିରରେ ମଧ୍ୟ ବିଶେଷ ପ୍ରଭାବଶାଳୀ ହୋଇପଡିଥିଲେ । ଏହାର ଅର୍ଥ ଏକଦା ଅତ୍ୟନ୍ତ ପ୍ରଭାବଶାଳୀ ଓ ଶକ୍ତିଶାଳୀ ଥିବା ଜଗନ୍ନାଥଙ୍କ ପୂଜକ ସେବକମାନେ ଶକ୍ତିହୀନ ହୋଇପଡ଼ିଥିଲେ । ଜଗନ୍ନାଥଙ୍କ

ରତ୍ନ ସିଂହାସନରୁ ଶୈବମୂର୍ତ୍ତି ଅପସାରଣରେ ସେମାନେ ନୂହନ୍ତି, ଏଙ୍କ ମଠର ମହନ୍ତ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଣୁ ପୂଜକ ସେବକମାନେ କ୍ଷୁବ୍ଧ ଥିବା ସ୍ୱାଭାବିକ । ଅନୁମାନ କରାଯାଇପାରେ ଯେ ସେମାନେ ଏହି କାରଣରୁ ବ୍ରିଟିଶମାନଙ୍କୁ ସ୍ୱାଗତ ଜଣାଇଥିଲେ ଓ ଓଡ଼ିଶା ବ୍ରିଟିଶ୍ ଶାସନକୁ ଅଧୀନକୁ ଦିବା ଜଗନ୍ନାଥଙ୍କ ଇଚ୍ଛା ଓ ନିର୍ଦ୍ଦେଶ ବୋଲି ପ୍ରଚାର କରିଥିଲେ । ଦେଖନ୍ତୁ Dash G. N. 19 9 P: P. 42-44, Kulke, H• 19786, P. P. 346-347 )

ଉପାଦାନ ପଞ୍ଜି:—

(କ) ୧ । ଉତ୍କଳ ଭ୍ରମଣଂ—ଫକୀର ମୋହନ ସେନାପତି

୨ । ଗ୍ରାମ୍ୟ ଚଟାଉ (ମାଦଳା ପାଞ୍ଜି, ଅପ୍ରକାଶିତ)

୩ । ଜଗନ୍ନାଥ କୈଫିୟତ ( Criental Manuscript Librarv, Madras)

୪ । ମାଦଳାପାଞ୍ଜି (୧୯୪୦) ସମ୍ପାଦନା—ଆର୍ତ୍ତବଲ୍ଲଭ ମହାନ୍ତି

୫ । ସାରଳା ମହାଭାରତ ମଧ୍ୟପର୍ବ ଓ ସଭାପର୍ବ

(ଖ)

Dash, G. N. (1978,a) The Evolution of priestly power Ganga Vamsa Period. in Eschmann etc. ed. 1977, p, p. 67-168.

(1978b) The Evolution of Priestly power; Surya Vamsa period. in Eschmann etc, ed, 1978, p p. 209-221.

(1979) ଜନଶ୍ରୁତି କାଞ୍ଚି କାବେରୀ, ବ୍ରହ୍ମପୁର

Eschnann, A., Kulke, H. and Tripathi G. C ed- (1978) The cult of Jagannath and Regional tradition of Orissa.

Kulke, H. (1978,a) Early Royal patronage of the Jagannath cult in Eschmann etc. ed. (1978) p. p. 139-155.

(1978b) Juggernaut under British supremacy……etc. in Eschmann, etc. 1978. p p. 345-357

Lune, Jurgen (1978) The Sankaracharyas of Puri, in Eschmann etc. ed. 1978, p p. 411-419.

Mahapatra, K. N (1969) ଖୁର୍ଦ୍ଧା ଇତିହାସ

Mitra, Sisir Kumar, (1960) A Document Relating to the worship at Puri Temple in J. N. Banarji, Volume p. p. 284 ff.

Mukharji, P. (1977) History of Jagannath Temple in the 19th Century.

Panigrahi. K. C. (1961) Archaeological at Remains Bhubaneswar.

Pattanaik, H S, (1977) Monasteries in Puri. in side light on History and lutture of Orissa (1977) ed. by M. N Das.

Pradhan, Prahalad: ରୁଦ୍ର କଳଭଦ୍ର in ଝଙ୍କାର IV, II

Rajguru, S. N (1971) ଶ୍ରୀ ଜଗନ୍ନାଥଙ୍କ ପ୍ରାଚୀନ ରତ୍ନ ସିଂହାସନର ସଂଧାନ; in ଉତ୍କଳ ପ୍ରସଙ୍ଗ XXVII, II.

Ray, B. C. (1960) Orissa under the Marahatas,

Samantray, N. (1972) ବ୍ୟାସକବି ଫକୀର ମୋହନ

Singh, Jagabandhu (1964) ପ୍ରାଚୀନ ଉତ୍କଳ (ପ୍ରଥମେ ୧୯୨୯ରେ ପ୍ରକାଶିତ) ।

Stitercron H. Von. (1978) The Savia components in the Early Evolution of Jagannath. in Eschmann etc. ed 1978 p p. 119 ff.

(University of Heidelberg, W. Germany ପ୍ରଯୋଜିତ Orissa Research project ଆନୁକୂଲ୍ୟରେ ଏ ପ୍ରବନ୍ଧ ପାଇଁ ଉପାଦନ ସଂଗ୍ରହ କରଯାଇଥିଲା ।

(ପ୍ରଥମ ପ୍ରକାଶ "ପାଞ୍ଚଜନ୍ୟ" ୨ୟ ବର୍ଷ ୧ମ ସଂଖ୍ୟା) ।

[ ଟିପ୍‌ପଣୀ—ଏ ପ୍ରବନ୍ଧଟି ପ୍ରଥମେ ପାଞ୍ଚଜନ୍ୟ, ୬ଷ୍ଠ ବର୍ଷ ୧ମ ସଂଖ୍ୟା, ଜାନୁୟାରୀ—ମାର୍ଚ୍ଚ—୧୯୮୧ ରେ ପ୍ରକାଶିତ ହୋଇଥିଲା । ମୁର୍ଶିଦାବାଦର ଗଙ୍ଗାଧର କବିରାଜଙ୍କ ନିକଟକୁ ପୁରୀର ଜଗବନ୍ଧୁ ମିଶ୍ର ଓ ଦାଶରଥି ପ୍ରହରାଜ ଲେଖିଥିବା ଚିଠି ସମ୍ପର୍କରେ **P. Mukherji** ୧୯୭୭ ମସିହାରେ ପ୍ରକାଶିତ ତାଙ୍କ **"History of Jagannath Temple in 19th Century"** ପୁସ୍ତକରେ ପ୍ରଥମେ ସୂଚନା ପ୍ରଦାନ କରିଥିଲେ । ଏ ପ୍ରବନ୍ଧ ଲେଖିବା ସମୟରେ ଲେଖକ ସେଥିପ୍ରତି ଅବହିତ ନ ଥିଲା । ଏ ପ୍ରବନ୍ଧ ଲେଖା ହେବା ପରେ ତାହା ଲେଖକର ଆଖିରେ ପଡ଼ିଲା । ପରେ ଶ୍ରୀସଚ୍ଚିଦାନନ୍ଦ ମିଶ୍ର ଏକ ପତ୍ରରେ ସେଥିପ୍ରତି ଲେଖକର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଏ କାରଣରୁ ଏ ପ୍ରବନ୍ଧର ମୂଳବକ୍ତବ୍ୟ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ । ]

□ □ □

# ରାଧାନାଥଙ୍କ କାବ୍ୟରେ ନାଟକୀୟତାର ସ୍ୱରୂପ

ଅତୀତ ସହ ବର୍ତ୍ତମାନର, ଦୂର ସହ ନିକଟର, କଳ୍ପନା ସହ ବାସ୍ତବର ଯୋଗସୂତ୍ର ସ୍ଥାପନ କରିବା ନାଟକର କାର୍ଯ୍ୟ ।

କାବ୍ୟକୁ ନାଟକୀୟ କରିବାପାଇଁ ହେଲେ, ବର୍ଣ୍ଣନାକୁ ପ୍ରୟୋଗାତ୍ମକ କରିବାକୁ ହୁଏ । କାରଣ ପ୍ରୟୋଗ ହିଁ କାବ୍ୟ ଓ ନାଟକ ମଧ୍ୟରେ ସୀମାରେଖା, କାବ୍ୟ ବର୍ଣ୍ଣନାତ୍ମକ, ନାଟକ ପ୍ରୟୋଗାତ୍ମକ । ନାଟକ କାବ୍ୟିକ ହେଲେ ଯେପରି ବର୍ଣ୍ଣନାତ୍ମକ ହୋଇପଡ଼େ; କାବ୍ୟ ନାଟକୀୟ ହେଲେ ସେହିପରି ପ୍ରୟୋଗାତ୍ମକ ହୁଏ ।

ସେଥିପାଇଁ କାବ୍ୟର ଆକାର ପରିମିତ ହୁଏ । ଘଟଣାର ଗତି ଧୀର ମନ୍ଥର ନ ହୋଇ ଦ୍ରୁତ ହୁଏ । ବର୍ଣ୍ଣନା ପରିବର୍ତ୍ତେ ସଂଳାପ ସଂଯୋଜନା ଉପରେ ଗୁରୁତ୍ୱ ଆରୋପ କରାଯାଏ । ନାଟକ ଅଭିନୟ ବେଳେ ହଠାତ୍ ପରଦା ଉଠିଯିବା ଭଳି ସ୍ଥାନ-କାଳ-ପାତ୍ରର ପରିଚୟ ଦିଆ ନ ଯାଇ ହଠାତ୍ ଘଟଣାର ଘନଘଟା ମଧ୍ୟକୁ କଥାବସ୍ତୁର ମଧ୍ୟସ୍ଥଳରୁ କାବ୍ୟ ଆରମ୍ଭ କରି ପାଠକକୁ ଟାଣି ନିଆଯାଏ । ପରଦା ଉଠିଯିବା ପରେ ଘଟଣାର ଦ୍ରୁତ ଅଗ୍ରଗତି ସହ ଚରିତ୍ରମାନଙ୍କୁ ଧୀରେ ସୁସ୍ପଷ୍ଟ ମଞ୍ଚ ଉପରକୁ ଆଣି ଦର୍ଶକମାନଙ୍କ ସମକ୍ଷରେ ଉପସ୍ଥାପିତ କଲାପରି ବା ପରିଚିତ କଲାପରି କାବ୍ୟାରମ୍ଭ ପରେ କ୍ରମେ ଚରିତ୍ରମାନଙ୍କ ପରିଚୟ ପାଠକମାନଙ୍କୁ ଦିଆଯାଏ । ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ଅକ୍ଷୁର୍ଣ୍ଣ ରଖାଯାଏ ।

ମଧ୍ୟଯୁଗୀୟ କାବ୍ୟ ତୁଳନାରେ ରାଧାନାଥଙ୍କ ଅଧିକାଂଶ କାବ୍ୟ ଆକାରରେ କ୍ଷୁଦ୍ର । ଆଉ ବୋଧହୁଏ ସେଥିପାଇଁ ମଧ୍ୟଯୁଗର କାବ୍ୟ ଅପେକ୍ଷା ରାଧାନାଥଙ୍କ କାବ୍ୟରେ ଘଟଣାର ଗତି ଅନେକ ପରିମାଣରେ ଅପେକ୍ଷାକୃତ ଦ୍ରୁତ । ଛଅ ଋତୁରେ ନାୟକର ନାୟିକାନୁଚିନ୍ତା ବା ନାୟିକାର ନାୟକାନୁଚିନ୍ତା ମଧ୍ୟରେ ମଧ୍ୟଯୁଗୀୟ କାବ୍ୟରେ ଘଟଣାର

ଗତିପ୍ରବାହ ସମ୍ପୂର୍ଣ୍ଣ ରୂପରେ ସ୍ତବ୍ଧ ହୋଇଯାଇଥିଲାପରି ମନେହୁଏ । ବର୍ଣ୍ଣନାର ବାହୁଲ୍ୟ ଭିତରେ ଘଟଣାର ଗତି ଏଠାରେ ବ୍ୟାହତ । 'ପ୍ରେମ ସୁଧାନିଧି'ର ଆଖି ବର୍ଣ୍ଣନା ପାଇଁ କବି ଉପେନ୍ଦ୍ର ଭଞ୍ଜ, 'ଶ୍ରୀରାଧାଙ୍କ' ସ୍ତନ ବର୍ଣ୍ଣନା ପାଇଁ କବି ଅଭିମନ୍ୟୁ ଗୋଟିଏ ଲେଖାଏଁ ଛାନ୍ଦ ସମ୍ପୂର୍ଣ୍ଣ ରୂପେ ବ୍ୟୟ କରିବାର ଉଦାହରଣ ଦେଖାଇ ପାରନ୍ତି, କିନ୍ତୁ ଘଟଣାର ଗତି ପ୍ରତି ତାଙ୍କର ନିଷ୍ଠୁରତା ଏ ଉଦାହରଣର ଅନ୍ତରାଳରେ ଆତ୍ମଗୋପନ କରି-ପାରି ନାହିଁ । ତେଣୁ ରାଧାନାଥଙ୍କ କାବ୍ୟରେ ବର୍ଣ୍ଣନାର ସ୍ୱଳ୍ପତା ଘଟଣା ପ୍ରବାହରେ ଗତି ଆଣି ତାଙ୍କର କାବ୍ୟରେ ଯେଉଁ ନାଟକୀୟତାର ସ୍ପର୍ଶ ଦେଇଛି ମଧ୍ୟଯୁଗୀୟ କାବ୍ୟରେ ତାର ଏକାନ୍ତ ଅଭାବ ଲକ୍ଷ୍ୟ କରାଯାଇ-ପାରେ । ନାୟିକାର ରୂପ ବର୍ଣ୍ଣନାରେ ରାଧାନାଥ ପାଞ୍ଚ, ଛଅ ପଦରୁ ଅଧିକ ଦେବାକୁ ସତେ ଯେପରି ସବୁ ବେଳେ କୁଣ୍ଠିତ । ପ୍ରଧାନତଃ ଏହା ରାଧାନାଥୀ କାବ୍ୟର ଲକ୍ଷଣୀୟ ନାଟକୀୟ ବିଶିଷ୍ଟତା ।

ଦ୍ୱନ୍ଦ୍ୱ ସଂଳାପ ସଂଯୋଜନା ମଧ୍ୟ ଦେଇ ରାଧାନାଥ ତାଙ୍କ କାବ୍ୟକୁ ଅଧିକ ନାଟକୀୟ କରିପାରିଛନ୍ତି । ସଂଳାପ ଯୋଜନାରେ ରାଧାନାଥଙ୍କ କୃତିତ୍ୱକୁ ସମସ୍ତେ ସ୍ୱୀକାର କରିବେ । ଚନ୍ଦ୍ରଭାଗାର—

"ଗଲାବେଳେ ରବି କାମଙ୍କୁ କୋପ ଚକ୍ଷୁରେ ଚାହିଁ
କହିଲେ ଛଡ଼ାଇ ଦେବଟି ତୋର ଏହି ବଡ଼ାଇ ।"

ଯେଭଳି ସ୍ୱାଭାବିକ ସେହିଭଳି କଳାତ୍ମକ । ଏହି ସଂଳାପ ଭିତର ଦେଇ ରାଧାନାଥ ପ୍ରାୟ ସବୁ କାବ୍ୟର ଗତିଶୀଳତା ବଜାୟ ରଖି-ପାରିଛନ୍ତି । ଅବଶ୍ୟ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ମଧ୍ୟଯୁଗର କାବ୍ୟରେ ବିଶେଷ ଭାବେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଅନୁରୂପ ସୁନ୍ଦର ସଂଳାପର ଉଦାହରଣ ରହିଅଛି । ପୁଣି ଗଳ୍ପ ବା କଥାବସ୍ତୁର ମଧ୍ୟସ୍ଥଳରେ କାବ୍ୟ-ଆରମ୍ଭ କରି ରାଧାନାଥ ଅନେକ ସମୟରେ ତାଙ୍କ କାବ୍ୟରେ ନାଟକୀୟ ସ୍ପର୍ଶ ଦେଇପାରିଛନ୍ତି ।

ଚନ୍ଦ୍ରଭାଗାରେ:—

"ଅଭିଷେକୋତ୍ସବ ଦର୍ଶନ ଆଶେ ସିଂହ ଦୁଆରେ
ବିଜେ ଆଜ ଦେବା ଦେଖିଏ ଯେତ୍ଥା ପୂଜା ସଂଭାରେ ।"

ଯଯାତିକେଶରୀରେ :—

"କାଠଯୋଡ଼ି ତଟେ ଶୋଭଇ ଶିବିର
କୋଳାହଳ ପୂର୍ଣ୍ଣ କାଠଯୋଡ଼ି ତୀର ।"

ପାର୍ବତୀରେ :—

"ନୀଳାଚଳେ ଆଜି/ଦୋଳମହୋତ୍ସବ ମତ୍ତ ସର୍ବ ପୁରବାସୀ
ବାଦ୍ୟର ଶବଦ ହେଲେ ପକାଉଛନ୍ତି ସିନ୍ଧୁ କୋଳାହଳ ଗ୍ରାସି ।"

ଘଟୁଥିବା ଘଟଣାର ପ୍ରତ୍ୟେକ ପର୍ଯ୍ୟାୟ ଓ ପ୍ରତ୍ୟେକ ସ୍ତରର ସଂକ୍ଷିପ୍ତ ବର୍ଣ୍ଣନା ତଥା ପ୍ରଥମେ ଏକ ଦୃଶ୍ୟର ପରିକଳ୍ପନା କରି ତାପରେ ବିଭିନ୍ନ ଚରିତ୍ରର ଅବତାରଣା ମଧ୍ୟ ରାଧାନାଥଙ୍କ କାବ୍ୟର ଅନ୍ୟତମ ବିଶେଷତ୍ୱ ।

ଉତ୍କଣ୍ଠା ବା suspense ମାଧ୍ୟମରେ ନାଟକୀୟତା ସୃଷ୍ଟି ରାଧାନାଥଙ୍କ କାବ୍ୟର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ମଧ୍ୟଯୁଗର କାବ୍ୟ-ପରି, କାବ୍ୟର ପରିଣତିର ସୂଚନା ରାଧାନାଥ କେଉଁଠାରେ ହେଲେ କାବ୍ୟର ପ୍ରାରମ୍ଭରେ ଦେଇ ନାହାନ୍ତି ।

ଉପରୋକ୍ତ ବିଶେଷତ୍ୱଗୁଡ଼ିକ ବ୍ୟତୀତ ରାଧାନାଥଙ୍କ କାବ୍ୟର ଅନ୍ୟ ଏକ ବିଶେଷତ୍ୱ ରହିଛି ଯାହା ତାଙ୍କ କାବ୍ୟକୁ ନାଟକୀୟ କରିବାପାଇଁ କେତେକ ପରିମାଣରେ ଦାୟୀ ।

ଓଡ଼ିଆ ଭାଷାରେ କ୍ରିୟାପଦର କାଳ (ବା 'ଲ' କାର: ଗୁଡ଼ିଏଟି । ସେଥି ମଧ୍ୟରେ ଅତୀତ କାଳ ଓ ବର୍ତ୍ତମାନ କାଳ ଅନ୍ୟତମ । ଅତୀତରେ ସଂପାଦିତ କର୍ମ ଓ ଘଟୁଥିବା ଘଟଣାର ବର୍ଣ୍ଣନା ପାଇଁ ତଥା ଅତି ନିକଟ ଅତୀତରେ ସଂପାଦିତ ହୋଇଥିବା କର୍ମ ବା ଘଟଣାର—ଯାହାର ଫଳାଫଳ ବର୍ତ୍ତମାନ ବିଦ୍ୟମାନ—ର ବର୍ଣ୍ଣନା ପାଇଁ କ୍ରିୟାରେ ବର୍ତ୍ତମାନ କାଳର ପ୍ରୟୋଗ କରାଯାଏ ।

ରାଧାନାଥଙ୍କ ଅଧିକାଂଶ କାବ୍ୟ ଅତୀତାଶ୍ରୟୀ/ଅତୀତର ପୃଷ୍ଠଭୂମିରେ ରଚିତ । ଅତୀତରେ ଘଟିଥିବା ଘଟଣା ସେସବୁ କାବ୍ୟର ବିଷୟବସ୍ତୁ । ଏପରିକି ଚିଲିକାରେ ରକ୍ତବାହୁ ଅଭିଯାନ, କାଞ୍ଚି ଅଭିଯାନ ପ୍ରସଙ୍ଗରେ ରାଧାନାଥ ଅତୀତରେ ଘଟିଥିବା ଘଟଣାକୁ ଆଶ୍ରୟ କରି କାବ୍ୟ ରଚନା

କରିଛନ୍ତି । ତେଣୁ ଆଶା କରିବା ସ୍ୱାଭାବିକ ଯେ, ରାଧାନାଥ ତାଙ୍କ କାବ୍ୟରେ ସର୍ବତ୍ର କ୍ରିୟା ପଦରେ ଅତୀତ କାଳର ପ୍ରୟୋଗ କରିଥିବେ । କିନ୍ତୁ ପରୀକ୍ଷା କଲେ ଦେଖାଯିବ ଯେ ରାଧାନାଥଙ୍କ ଅଧିକାଂଶ କାବ୍ୟରେ ବହୁସ୍ଥଳରେ କ୍ରିୟାର କାଳ ଅତୀତ ନୁହେଁ; ବର୍ତ୍ତମାନ ।

ଅତୀତକୁ ଆଶ୍ରୟ କରି ବା ଅତୀତର ପୃଷ୍ଠଭୂମିରେ ରଚିତ କାବ୍ୟରେ ମଧ୍ୟ କେତେକ ସ୍ଥଳରେ ବର୍ତ୍ତମାନ କାଳର ବ୍ୟବହାର ଏକାନ୍ତ ଆବଶ୍ୟକ ମନେହୋଇପାରେ, ଯଥା ଉପମାଳଙ୍କାର ମଧ୍ୟରେ, ଚିରନ୍ତନ ସତ୍ୟର ପ୍ରକାଶରେ, ପ୍ରକୃତି ବର୍ଣ୍ଣନାରେ ଓ ସଂଳାପ ମଧ୍ୟରେ । କାବ୍ୟକୁ ନାଟକୀୟ କରିବା ପାଇଁ ସଂଳାପର ଅବଦାନ ଯଥେଷ୍ଟ ଅଧିକ ହୋଇଥିବାରୁ ଏ ମଧ୍ୟରୁ ସଂଳାପକୁ ବାଦ୍ ଦିଆଯାଇପାରେ ; କିନ୍ତୁ ରାଧାନାଥ ଯେଉଁ ଯେଉଁ ସ୍ଥଳରେ ବର୍ତ୍ତମାନ କାଳର ପ୍ରୟୋଗ କରିଛନ୍ତି ସେ ସ୍ଥଳଗୁଡ଼ିକରେ ବର୍ତ୍ତମାନ କାଳର ପ୍ରୟୋଗକୁ ଅତ୍ୟନ୍ତ ଆବଶ୍ୟକ ବୋଲି କୁହାଯାଇ ପାରିବ ନାହିଁ । ଯଥା—

"ସର୍ବେ ମନାସନ୍ତି କିନ୍ତୁ ରାଜକେମା ହାରୁ ରମଣୀ
ଜୟନ୍ତର ଜୟ ହେଉ ରବେ କମ୍ପୁଅଛି ଅବନୀ ।"

ପରିବର୍ତ୍ତିରେ ରାଧାନାଥ ଲେଖି ପାରିଥାନ୍ତେ—

ସର୍ବେ ମନାଇଲେ କିନ୍ତୁ ରାଜକେମା ହାରୁ ରମଣୀ
ଜୟନ୍ତର ଜୟ ହେଉ ରବେ କମ୍ପିଲେ ଅବନୀ ।

ଅଥବା--

" ଯେ ଯୁବତୀ ଖର ଗତି ବେଳେ ଜିଣିପାରେ ଅନିଳ
ସେ କମ୍ପା କରୁଛି ଠାବେ ଠାବେ ଆଜ ଗତି ଶିଥିଳ ।
ଅତିଦ୍ରୁତେ ଧାଇଁ ଜୟନ୍ତର ବହେ ଖର ନିଶ୍ୱାସ
ମନେ ମଣୁଅଛି ରାମାକୁ ଜିଣିବା ବୃଥା ପ୍ରୟାସ ।
ତୁଟିଅଛି କ୍ରମେ ବୀରମନୁ ବୀର୍ଯ୍ୟ ସୁଲଭ ଦମ୍ଭ
ତୁଟିଅଛି ଆଶା ଆଗେ ଛୁଇଁବାର ମାଣିକ୍ୟ ସ୍ତମ୍ଭ ।"

ପରିବର୍ତ୍ତିରେ ରାଧାନାଥ ଲେଖିପାରିଥାନ୍ତେ—

ଯେ ସୁବର୍ଣ୍ଣ ଖର ଗଣ୍ଡ ବଳେ ଜଣିପାରେ ଅନଳ
କଳ୍ପ କମ୍ପା ପିଏ ଠାବେ ଠାବେ ତାର ଗଣ୍ଡ ଶିଥିଳ
ଦ୍ରୁତେ ଧାଇଁ ଜୟନ୍ତର ବହିଲାଣି ଖର ନିଶ୍ୱାସ
ମନରେ ମଣିଲା ଶାମାକୁ ଜଣିବା ବୃଥା ପ୍ରୟାସ ।
ଛୁଟିଗଲା ଜମେ ଗାର ମନୁ ଶାର୍ଯ୍ୟ ସୁଲଭ ଦମ୍ଭ
ତୁଟିଗଲା ଆଶା ଆଗେ ଛୁଇଁବାର ମାଣିକ୍ୟ ଖମ୍ବ ।

ଏହିପରି ବହୁ ଉଦାହରଣ ଦିଆଯାଇପାରେ । ଏ ସବୁ ସ୍ଥଳରେ ବର୍ତ୍ତମାନ କାଳର ବ୍ୟବହାର ସଂପୂର୍ଣ୍ଣ ଭାବରେ ଐଚ୍ଛିକ (optional) ବ୍ୟତୀତ ଅନ୍ୟ କିଛି ନୁହେଁ, କିନ୍ତୁ ବର୍ତ୍ତମାନ କାଳର ବ୍ୟବହାର ଫଳରେ ଏଠାରେ ଊଷା ଜୟନ୍ତର ଦୌଡ଼ ପ୍ରତିଯୋଗିତାର ଅଭିନୟ ଦେଖିବାପରି ପାଠକ ମନେକରେ ।

କେବଳ ବର୍ତ୍ତମାନ କାଳର ବ୍ୟବହାର ନୁହେଁ, ବର୍ତ୍ତମାନ କାଳର ଅସମ୍ପନ୍ନ ବିଭାବର ପ୍ରୟୋଗରେ ବା ଅସମ୍ପନ୍ନ ବର୍ତ୍ତମାନ କାଳ (Present imperfect ବା Present Continuous) ର ପ୍ରୟୋଗ ଫଳରେ ରାଧାନାଥ ବର୍ଣ୍ଣିତ ଘଟଣା ଘଟିଥିଲା ବୋଲି ସିଧା ସଳଖ କହି ନ ଦେଇ ଘଟଣା (action) ର ପ୍ରତ୍ୟେକ ସ୍ତର ଓ ପର୍ଯ୍ୟାୟର ପୁଙ୍ଖାନୁପୁଙ୍ଖ ଚିତ୍ର ଦେଇ ତାଙ୍କ କାବ୍ୟରେ ଏକ ନାଟକୀୟ ବାତାବରଣ ସୃଷ୍ଟି କରି ପାରିଛନ୍ତି । ଅବଶ୍ୟ ପୃଷ୍ଠଭୂମିକୁ ସ୍ପଷ୍ଟ କରିବା ପାଇଁ ମଧ୍ୟେ ମଧ୍ୟେ କ୍ରିୟାରେ ଅତୀତ କାଳର ପ୍ରୟୋଗ ମଧ୍ୟ କରିଛନ୍ତି । ଅତୀତ ଓ ବର୍ତ୍ତମାନ କାଳ ରାଧାନାଥଙ୍କ କାବ୍ୟରେ ମିଳ ମିଶ୍ରିତ ଭାବରେ ରହି ଯଥାର୍ଥରେ କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିଛନ୍ତି ।

କୁହାଯାଇଛି ଯେ ରାଧାନାଥ ହଠାତ୍ ଘଟଣା ବା ଗଳ୍ପାଂଶର ମଧ୍ୟ ସ୍ଥଳରେ କାବ୍ୟର ଆରମ୍ଭ କରି ନାଟକୀୟ ବାତାବରଣ ସୃଷ୍ଟି କରିପାରିଛନ୍ତି । କିନ୍ତୁ ଏଥିପାଇଁ ସେ ଆଶ୍ରୟ ନେଇଛନ୍ତି ବର୍ତ୍ତମାନ କାଳର । ଉଦାହରଣ-ସ୍ୱରୂପ—

ନୀଳାଚଳେ ଆଜ ଦୋଳ ମହୋତ୍ସବ ମତ୍ତ ସର୍ବେ ପୁରବାସୀ
ବାଦିତ୍ର ଶବଦ ହେଲେ ଏକାଉଛି ସିନ୍ଧୁ କୋଳାହଳ ଗ୍ରାସି ।”

ବର୍ତ୍ତମାନ କାଳର ପ୍ରୟୋଗ ବାଂଛାତ ଯେ, କବ ଗଳ୍ପାଂଶ ବା ଘଟଣା ମଧ୍ୟରେ କାବ୍ୟର ଆରମ୍ଭ କରିପାର ନ ଥାନ୍ତେ ତା ନୁହେଁ, କିନ୍ତୁ ବର୍ତ୍ତମାନ କାଳର ପ୍ରୟୋଗରେ ଯେଉଁ ତୀବ୍ର ନାଟକୀୟ ବାତାବରଣ ସୃଷ୍ଟି କରାଯାଇ ପାରିଛି ତା ହୋଇପାରି ନ ଥାନ୍ତା । ତେଣୁ ଗଳ୍ପାଂଶ ବା କଥାବସ୍ତୁର ମଧ୍ୟସ୍ଥଳରେ କାବ୍ୟ ଆରମ୍ଭ କଲାବେଳେ ବର୍ତ୍ତମାନ କାଳର ପ୍ରୟୋଗ କରି ରାଧାନାଥ ତାଙ୍କ କାବ୍ୟକୁ ଅଧିକ ମନୋଜ୍ଞ କରିପାରିଛନ୍ତି ।

ରାଧାନାଥଙ୍କ କେତେକ କାବ୍ୟରେ 'ହେ' ଧାତୁର ବହୁଳ ବ୍ୟବହାର ପରିଲକ୍ଷିତ ହୁଏ । ତୁଳନା କଲେ ଦେଖାଯିବ ଯେ ରାଧାନାଥ କେତେକ କାବ୍ୟରେ 'ଥା' ଧାତୁ ଅପେକ୍ଷା ଅଧିକ ସଂଖ୍ୟକ 'ହେ' ଧାତୁର ବ୍ୟବହାର କରିଛନ୍ତି । 'ଥା' ଧାତୁ ଏକ ସ୍ଥିର ବା ସ୍ଥାଣୁ (**Static**) ଧାତୁ । ଏହା କୌଣସି କର୍ମର ଧାରାବାହିକତା ବା ପରିବର୍ତ୍ତନର ସୂଚନା ଦେଇପାରେ ନାହିଁ । କାରଣ ଏହା ଏକ (**detective**) ବା ଅସମ୍ପୂର୍ଣ୍ଣ ଧାତୁ । ଏହା ନିଜେ ସହଯୋଗୀ (**auxiliary**) ଧାତୁ ଭାବେ ବ୍ୟବହୃତ ହୁଏ । କିନ୍ତୁ ଅନ୍ୟ କୌଣସି ସହଯୋଗୀ ଧାତୁ ଗ୍ରହଣ କରିପାରେ ନାହିଁ । ତେଣୁ ଏହା ସମ୍ପନ୍ନ ଓ ଅସମ୍ପନ୍ନ ଭାବ ପ୍ରକାଶ କରିବା ପାଇଁ ଏକାନ୍ତ ଅସମର୍ଥ । ପକ୍ଷାନ୍ତରରେ 'ହେ' ଏକ କ୍ରିୟାତ୍ମକ (**dynamic**) ଧାତୁ । ଏହା କର୍ମରେ ଧାରାବାହିକତା ବା ପରିବର୍ତ୍ତନର ସୂଚନା ଦିଏ । ଏହା ସମ୍ପନ୍ନ ଓ ଅସମ୍ପନ୍ନ ଭାବ ଅନ୍ୟ ସହଯୋଗୀ ଧାତୁକୁ ଗ୍ରହଣ କରି ପ୍ରକାଶ କରିପାରେ । ରାଧାନାଥ ତାଙ୍କ କାବ୍ୟକୁ ଅଧିକ ନାଟକୀୟ କରିବା ପାଇଁ ଏହି 'ହେ' ଧାତୁର ବହୁଳ ପ୍ରୟୋଗ କରିଛନ୍ତି । ଏହାର ପ୍ରକୃଷ୍ଟ ଉଦାହରଣ 'ଉଷା' କାବ୍ୟ ।

ଅବଶ୍ୟ ରାଧାନାଥ ଯେପରି ସଚେତନ ଭାବରେ କାବ୍ୟକୁ ନାଟକୀୟ କରିବା ପାଇଁ ପ୍ରୟୋଗ କରିନାହାନ୍ତି ସେହିପରି କ୍ରିୟା ପଦରେ ସଚେତନ ଭାବରେ ବର୍ତ୍ତମାନ କାଳର ପ୍ରୟୋଗ ବା 'ହେ' ଧାତୁର ବ୍ୟବହାର କରି ନ ପାରିଥାନ୍ତି । କିନ୍ତୁ ରାଧାନାଥଙ୍କ କାବ୍ୟର ଏହା ଯେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ସେଥିରେ ଦ୍ୱିମତ ହେବାର ସମ୍ଭାବନା ନାହିଁ । ତେବେ ରାଧାନାଥଙ୍କ କାବ୍ୟାଲୋଚନା ପ୍ରସଙ୍ଗରେ ଏ ସମ୍ପର୍କରେ ସମାଲୋଚକମାନେ ଆଦୌ ସଚେତନ ବା ଆଗ୍ରହୀ ନୁହନ୍ତି ବୋଲି ମନେହୁଏ । □□□

(ପ୍ରଥମପ୍ରକାଶ 'ନୂପୁର' ପ୍ରଥମବର୍ଷ, ଷଷ୍ଠସଂଖ୍ୟା, ୧୯୮୩)

# ଶାନ୍ତିନିକେତନ ଓ ସତ୍ୟବାଦୀ

—୧—

ଶାନ୍ତିନିକେତନ ବିଦ୍ୟାଳୟର ପରିକଳ୍ପନା ୧୯୦୧ରେ । ସତ୍ୟବାଦୀ ବିଦ୍ୟାଳୟର ପରିକଳ୍ପନା ତା'ର କିଞ୍ଚିତ ପରବର୍ତ୍ତୀ । ବିଂଶ ଶତକର ଦ୍ୱିତୀୟ ଦଶକ ଉଭୟ ଅନୁଷ୍ଠାନର ଇତିହାସରେ ଏକ ସନ୍ଧିକ୍ଷଣ । ଏହି ସମୟରେ ଶାନ୍ତିନିକେତନ ବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ବିକଶିତ ରୂପ ଧାରଣ କଲା । ଆଉ ସମସ୍ତ ତ୍ୟାଗ ଓ ଅଧ୍ୟବସାୟ ସତ୍ତ୍ୱ, ୧୯୨୬ରେ ସତ୍ୟବାଦୀ ବିଦ୍ୟାଳୟର ଅବସାନ ଘଟିଲା । ତେବେ ୧୯୦୯ରୁ ୧୯୨୬ ପର୍ଯ୍ୟନ୍ତ ସମାନ୍ତରାଳ ଭାବରେ ଗଢ଼ି ଉଠୁଥିବା ଏହି ବିଦ୍ୟାଳୟଦ୍ୱୟ ମଧ୍ୟରେ କେତେକ ସାମଞ୍ଜସ୍ୟ ହୁଏତ ଥିଲା । ସେଥିମଧ୍ୟରେ ସବୁଠାରୁ ବଡ଼ ସାମଞ୍ଜସ୍ୟ ହେଉଛି ଉଭୟ ବିଦ୍ୟାଳୟରେ, ମୁକ୍ତାକାଶତଳେ ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶରେ ଅଧ୍ୟାପନା କରାଯାଉଥିଲା । ଉଭୟ ବିଦ୍ୟାଳୟ ଥିଲା ବନବିଦ୍ୟାଳୟ ବା ଯଥାର୍ଥ ଭାବରେ କହିଲେ, ଉପବନ ବିଦ୍ୟାଳୟ । ତେଣୁ ଅନେକ ସମୟରେ ଶାନ୍ତିନିକେତନସହ ସତ୍ୟବାଦୀ ବିଦ୍ୟାଳୟର, ତୁଳନା କରାଯାଏ । ଶାନ୍ତିନିକେତନ ମନରେ ପଡ଼ିଲେ ସତ୍ୟବାଦୀ ଓ ସତ୍ୟବାଦୀ ମନେପଡ଼ିଲେ ଶାନ୍ତିନିକେତନ ମନେପଡ଼େ; ଧରି ନିଆଯାଏ ଉଭୟ ବିଦ୍ୟାଳୟର ଆଦର୍ଶ ଏକ ଓ ଅଭିନ୍ନ ଥିଲା । କେବଳ ପ୍ରୟୋଗ ବା ସାଧନା କ୍ଷେତ୍ରରେ ସାମାନ୍ୟ ପାର୍ଥକ୍ୟ ଥିଲା ବୋଲି ଗ୍ରହଣ କରି ନିଆଯାଏ । ସେ ପ୍ରସଙ୍ଗରେ କୁହାଯାଏ ଯେ ଶାନ୍ତିନିକେତନରେ ସତ୍ୟବାଦୀ ପରି ନିଷ୍କାମ ନିଜେ କର ଆଦର୍ଶକୁ ସ୍ୱୀକାର କରାଯାଇଥିଲେ ମଧ୍ୟ କାର୍ଯ୍ୟ-କ୍ଷେତ୍ରରେ ତାର ପରମ୍ପରା ନ ଥିଲା । ଏଇଠି କହିଦେବାର ଅଛି ଆପାତ ସାମଞ୍ଜସ୍ୟ ତଳେ ଉଭୟ ବିଦ୍ୟାଳୟ ମଧ୍ୟରେ ପାର୍ଥକ୍ୟର ସୀମାରେଖା ଥିଲା ବ୍ୟାପକ ଓ ଗଭୀର । ଉଭୟ ବିଦ୍ୟାଳୟର ଆଦର୍ଶ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଥିଲା । ଅବଶ୍ୟ ଏଠାରେ ଆଦର୍ଶ ଓ ତା'ର ପ୍ରୟୋଗକୁ ସମ୍ପୂର୍ଣ୍ଣ ଅଲଗା କରି ଦେଖାଯାଉ ନାହିଁ । ତେଣୁ ରବୀନ୍ଦ୍ରନାଥଙ୍କର ପରିକଳ୍ପନା

କ'ଣ ଥିଲ ତା ଅଲଗା କଥା ; କିନ୍ତୁ ଶାନ୍ତିନିକେତନକୁ ସେ ଯେଉଁ ରୂପ ଦେଇ ନେଲେ ସେହି କଥା ହିଁ ଏଠି କୁହାଯାଉଛି । 'ନିଜ କାମ ନିଜେ କର' କେବେ ଶାନ୍ତିନିକେତନର ଆଦର୍ଶ ନଥିଲା । ୧୯୧୫ରେ ମହାତ୍ମାଗାନ୍ଧୀ ଶାନ୍ତିନିକେତନ ଆସିବା ସମୟରେ ତାଙ୍କର ପ୍ରତ୍ୟକ୍ଷ ଉଦ୍ୟମରେ ଶାନ୍ତିନିକେତନରେ 'ନିଜ କାମ ନିଜେ କର' ପରମ୍ପରା ପ୍ରବର୍ତ୍ତନର ପ୍ରଚେଷ୍ଟା କରାଯାଇଥିଲା । ରବୀନ୍ଦ୍ରନାଥ ଏଥିରେ ସ୍ୱରାଜ୍ୟର ବୀଜ ରହିଛି କହି ଏ ପ୍ରଚେଷ୍ଟାକୁ ଆଶୀର୍ବାଦ କରିଥିଲେ । ବାସନ ମାଜୁଥିବା ଛାତ୍ର, ଅଧ୍ୟାପକମାନଙ୍କ କ୍ଲାନ୍ତି ଅପନୋଦନ ପାଇଁ ଓ ସେମାନଙ୍କୁ ଆନନ୍ଦ ଦେବ ପାଇଁ ଆଉ ଦଳେ ଅଦୂରରେ ସୀତାର ବାଦନ କରିବା ପର୍ଯ୍ୟନ୍ତ କଥା ଗଲା । ଶେଷରେ କିନ୍ତୁ ଏ ପରଂପରାକୁ ପ୍ରବର୍ତ୍ତନର ପ୍ରଚେଷ୍ଟାକୁ ସଂପୂର୍ଣ୍ଣ ଭାବରେ ବାଦ ଦିଆଯାଇଥିଲା । ମୋଟ ଉପରେ ଶାନ୍ତିନିକେତନ ସତ୍ୟବାଦୀ ନୁହେଁ କି ସତ୍ୟବାଦୀ ଶାନ୍ତିନିକେତନ ନୁହେଁ । ଉଭୟ ବିଦ୍ୟାଳୟର ଭିତ୍ତିଭୂମି ସଂପୂର୍ଣ୍ଣ ଭିନ୍ନ ଥିଲା ।

—୨—

ସମିଷ୍ଟି ନୁହେଁ, ବ୍ୟଷ୍ଟି ହେଉଛି ଶାନ୍ତିନିକେତନ ସାଧନାର କେନ୍ଦ୍ରବିନ୍ଦୁ । ଶାନ୍ତିନିକେତନ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ରବୀନ୍ଦ୍ରନାଥ ଜଣେ ବ୍ୟକ୍ତି, ଏକ ଗୋଷ୍ଠୀ ନୁହନ୍ତି । ପୁଣି ପୁଅ ରବୀନ୍ଦ୍ରନାଥଙ୍କ ପାଇଁ ଉନ୍ନତ ଶିକ୍ଷାର ବ୍ୟବସ୍ଥା କରିବା ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନ ବିଦ୍ୟାଳୟ ସ୍ଥାପନର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ମୋଟ ଉପରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା ବ୍ୟକ୍ତିଦ୍ୱାରା ଓ ବ୍ୟକ୍ତିପାଇଁ । ତେଣୁ ବ୍ୟକ୍ତି କେନ୍ଦ୍ରିକତା ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ଏକ ମୁଖ୍ୟ ବିଭବ । ବାହାରର ମୁକ୍ତି ଅପେକ୍ଷା ଅନ୍ତରର ମୁକ୍ତି, ବହିର୍ବିକାଶ ଅପେକ୍ଷା ଅନ୍ତରର ବିକାଶ ବା ଆତ୍ମବିକାଶ ହେଲା ଶାନ୍ତିନିକେତନର ସାଧନା । ସମାଜ ପାଇଁ ଆତ୍ମତ୍ୟାଗ ନୁହେଁ, ଆତ୍ମ-ଆବିଷ୍କାର ହେଲା ଶାନ୍ତିନିକେତନ ଶିକ୍ଷାର ଆଦର୍ଶ । ଆଉ ଠିକ ଏହି କାରଣରୁ ଶାନ୍ତିନିକେତନ ସମାଜ ସଚେତନତାର ଘୋର ଅଭାବ, ସମାଜସହ ଯୋଗସୂତ୍ର ଅତ୍ୟନ୍ତ କ୍ଷୀଣ । ସମାଜର ବିଶ୍ଳେଷଣ ରୂପ ହିଁ ଶାନ୍ତିନିକେତନ ପକ୍ଷରେ ଏକମାତ୍ର ସତ୍ୟ । କର୍ମ କୋଳାହଳ-

ମୁଖର ସମାଜ ଶାନ୍ତି ଓ ସାନ୍ତ୍ୱନାର ଆଧାର ନୁହେଁ ଉତ୍ସ ନୁହେଁ । ତେଣୁ ସମାଜଠାରୁ ଦୂରକୁ ପଳାୟନ କରିବା ହେଉଛି ଏକମାତ୍ର ପନ୍ଥା । ଶାନ୍ତିନିକେତନର ସାଧନାରେ ଏହି ସତକୁ ସ୍ୱୀକୃତି ଦିଆଯାଇଥିଲା । ରବୀନ୍ଦ୍ରନାଥ ବାରମ୍ବାର ପ୍ରକାଶ କରିଥିଲେ "କଲିକତାର ଭିଡ଼େ ଆମାର ଜୀବନଟା ନିଷ୍ଫଳ ହୟେ ଥାକେ ।" "କଲିକତାର ଆବର୍ତ୍ତେର ମଧ୍ୟେ ଆର କିଛୁତେଇ ଫିରତେ ଇଚ୍ଛା କରେ ନା ।" ଫଳରେ ସମାଜର ନିଷ୍ଠୁର ବାସ୍ତବତା, କର୍ମକୋଳାହଳ, ଦୁଃଖ, ଦୈନ୍ୟ, ବିରୋଧ ଓ ସଂଘାତଠାରୁ ଦୂରରେ ରହି ପ୍ରକୃତିର ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧର ବାରିଧାରାରେ ଚିତ୍ତଭୂମିକୁ ସିକ୍ତ କରି ବ୍ୟକ୍ତିର ସ୍ୱାଧୀନ ଓ ସ୍ୱାଭାବିକ ବିକାଶର ତପସ୍ୟା ହେଉଛି ଶାନ୍ତିନିକେତନର ତପସ୍ୟା । ଧ୍ୟାନସ୍ଥ ଓ ଆତ୍ମ ସମାହିତ ହେବାର ତପସ୍ୟା ଶାନ୍ତିନିକେତନର ତପସ୍ୟା ।

ନାନାଦି କାରଣରୁ ରବୀନ୍ଦ୍ରନାଥ ଯେତେବେଳେ ସମସାମୟିକ କୌଣସି ପତ୍ରପତ୍ରିକାରେ ଲେଖିବେ ନାହିଁ ବୋଲି ସ୍ଥିର କଲେ, ସେତେବେଳେ ପ୍ରଥମ ଚୌଧୁରୀଙ୍କ ସମ୍ପାଦନାରେ ଓ ରବୀନ୍ଦ୍ରନାଥଙ୍କ ଆଶୀର୍ବାଦରେ ଶାନ୍ତିନିକେତନରୁ ପ୍ରକାଶିତ ହେଲା 'ସବୁଜପତ୍ର' । ଏହି 'ସବୁଜପତ୍ର' ନାମକରଣ ମଧ୍ୟରେ ଚିର ସବୁଜ ରବୀନ୍ଦ୍ର ମାନସର ପ୍ରତିଫଳନ ପରିଲକ୍ଷିତ ହୁଏ । ବ୍ୟକ୍ତିର ସ୍ୱାଭାବିକ ବିକାଶ ସମାଜ ମଧ୍ୟରେ ନୁହେଁ, ପ୍ରକୃତି ମଧ୍ୟରେ ହିଁ ସମ୍ଭବ । ତେଣୁ ସମାଜର କର୍ମ କୋଳାହଳରୁ ଆତ୍ମରକ୍ଷା କରି ଶବ୍ଦ, ସ୍ପର୍ଶ, ରୂପ-ରସ-ଗନ୍ଧମୟୀ ପ୍ରକୃତି ଦେବୀର ପୁଣ୍ୟପୀଠରେ ଶୈଶବ ଓ କୈଶୋର ସବୁଜ ମନକୁ ଚିର ସବୁଜ ରଖିବାର ସାଧନା ହେଉଛି ଶାନ୍ତିନିକେତନର ସାଧନା । ୧୯୧୩ରେ ଆମେରିକାରୁ ଏକ ଚିଠିରେ ରବୀନ୍ଦ୍ରନାଥ ଲେଖିଥିଲେ, "ଆମାଦେର ବିଦ୍ୟାଳୟେର ଏଇ ଏକଟି ବିଶେଷତ୍ୱ ଆଛେ ଯେ ବିଶ୍ୱ ପ୍ରକୃତିର ସଙ୍ଗେ ଅଖଣ୍ଡ ଯୋଗେ ଆମରା ଛେଲେଦେର ମାନୁଷ କରତେ ଚାଇ । କତକ ଗୁଲି ବିଶେଷ ଶକ୍ତିର ଉଗ୍ର ବିକାଶ ନୟ, କିନ୍ତୁ ସବଦିକେର ସଙ୍ଗେ ଚିତ୍ତେର ମିଲନେର ଦ୍ୱାରା ପ୍ରକୃତିର ପୂର୍ଣ୍ଣତା ସାଧନା ଆମାଦେର ଉଦ୍ଦେଶ୍ୟ ।" ତେଣୁ ଗୃହ ପ୍ରାକାର ମଧ୍ୟରେ ଆବଦ୍ଧ ନ ରହି ମୁକ୍ତ ପ୍ରାକୃତିକ ପରିବେଶରେ ଅଧ୍ୟୟନ ଓ ଅଧ୍ୟାପନା ଶାନ୍ତିନିକେତନ ଶିକ୍ଷାଧାରାର ଅନ୍ୟ

"ମୋଦେର ତରୁମୂଲେର ମେଲା,
ମୋଦେର ଖୋଲା ମାଠେର ଖେଲା
ମୋଦେର ନୀଲ ଗଗନେର ସୋହାଗ
ମାଖା ସକାଳ ସନ୍ଧ୍ୟା ବେଲା ।
ମୋଦେର ଶାଲେର ଛାୟା ବୀଥି
ବାଜାୟ ବନେର କଲ ଗୀତି
ମୋଦେର ପାତାୟ ନାଚେ
ମେତେ ଆଛେ ଆମଲକୀ କାନନ ।"

ଏକ ମୁଖ୍ୟ ଦିଗ ହେଉଛି ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସମାଜ ନୁହେଁ, ପ୍ରକୃତି ସହ ଏକାତ୍ମ ହେବା ଶାନ୍ତିନିକେତନ ସାଧନାର ଅଙ୍ଗ । ବୃକ୍ଷରୋପଣ, ବର୍ଷା ମଙ୍ଗଳ ଓ ଶାରଦୋତ୍ସବ ପ୍ରଭୃତି ଉତ୍ସବ ମଧ୍ୟରେ ଏ ଆଦର୍ଶର ବ୍ୟଞ୍ଜନା ସ୍ପଷ୍ଟ ।

ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ସ୍ୱାଧୀନତା । ରବୀନ୍ଦ୍ରନାଥଙ୍କର ରୋମାଣ୍ଟିକ ବିପ୍ଳବୀ ମନ, ଶୃଙ୍ଖଳାର ନିଗଡ଼ ମଧ୍ୟରୁ ସବୁବେଳେ ପଳାୟନର ସୁଯୋଗ ଖୋଜି ବୁଲୁଥିଲା । ସେଥିପାଇଁ ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ମୂଳମନ୍ତ୍ର ଥିଲା ନିରାନନ୍ଦମୟ ସଂଯମ ଓ ଶୃଙ୍ଖଳା ନୁହେଁ, ସ୍ୱାଧୀନତା ଓ ଆନନ୍ଦ । ଅବଶ୍ୟ ସ୍ୱାଧୀନତା କହିଲେ ସ୍ୱେଚ୍ଛାଚାରିତା, ନିୟମହୀନତା ବା ଅସଂଯମ ନୁହେଁ ; ତଥାପି ଆନନ୍ଦହୀନ ସଂଯମ ଓ ବିଚାରହୀନ ଆଚାର ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀରେ ସମ୍ପୂର୍ଣ୍ଣ ଭାବରେ ପରିତ୍ୟକ୍ତ ହୋଇଥିଲା । ନିୟମ ଓ ନୀତି-ନେତିର ନାଗପାଶ ମଧ୍ୟରେ ବ୍ୟକ୍ତିର ସ୍ୱାଧୀନ ଓ ସ୍ୱାଭାବିକ ବିକାଶ ସମ୍ଭବ ନୁହେଁ—ଏହା ହିଁ ଶାନ୍ତିନିକେତନ ସାଧନାର ପ୍ରତିପାଦ୍ୟ । ଆଚାର ବିରୁଦ୍ଧରେ ବିପ୍ଳବର ବାଣୀ 'ଅଚଳାୟତନ' ନାଟକରେ ପ୍ରତିଫଳିତ ହୋଇଛି । 'ସବୁଜେର ଅଭିଯାନ' କବିତାରେ ମଧ୍ୟ ପରାତନ ଓ ଶୃଙ୍ଖଳା ବିରୁଦ୍ଧରେ ବିପ୍ଳବର ବାଣୀ ରୂପାୟିତ ହୋଇଛି । ଏହା ହେଉଛି ଶାନ୍ତିନିକେତନର ଆଦର୍ଶ ।

ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀରେ ଅଧ୍ୟୟନ ସହ କ୍ରିୟାଶୀଳତାର ସ୍ଥାନ ମଧ୍ୟ ଥିଲା । ତେବେ ସେ କ୍ରିୟାଶୀଳତା ମଧ୍ୟରେ ଭିତରେ ଅର୍ଥୋପାର୍ଜନର ଯୋଜନା ନ ଥିଲା ; ଥିଲା ସୌନ୍ଦର୍ଯ୍ୟ ସୃଷ୍ଟି ପାଇଁ ପ୍ରେରଣା । ବୈଷୟିକ ଶିକ୍ଷା ନୁହେଁ, ଚାରୁକଳା ଓ କାରୁକଳା ଉପରେ ଗୁରୁତ୍ୱ ହିଁ ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ବିଶେଷତ୍ୱ । ସେଥିପାଇଁ ଗୀତ, ନାଟ୍ୟ ଓ ଚିତ୍ରବିଦ୍ୟା ପ୍ରଭୃତି ଥିଲା ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀର ସ୍ୱୀକୃତ ଅଙ୍ଗ । ରବୀନ୍ଦ୍ରନାଥ ନିଜେ ବିଭିନ୍ନ ନାଟକର ଅଭିନୟରେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ । ସଙ୍ଗୀତ ଶିକ୍ଷା ମଧ୍ୟ ଦେଉଥିଲେ । କବିଗୁରୁଙ୍କର ଉଦାତ୍ତ କଣ୍ଠସ୍ୱରରେ ଶାନ୍ତିନିକେତନର ବାୟୁମଣ୍ଡଳ ମୁଖରିତ ହୋଇ-ଉଠୁଥିଲା । କେବଳ ପାଣ୍ଡିତ୍ୟ ଅର୍ଜନ ଶାନ୍ତିନିକେତନ ଶିକ୍ଷାର ଆଦର୍ଶ ନଥିଲା । କାରଣ ପାଣ୍ଡିତ୍ୟ ଅର୍ଜନ ଭିତରେ ଜୀବନର ସ୍ୱାଧୀନ, ସ୍ୱାଭାବିକ ଓ ସାମୂହିକ ବିକାଶ ଘଟି ନପାରେ । ଜୀବନର ସାମୂହିକ ବିକାଶ ବଡ଼ କଥା ହିଁ ଶାନ୍ତିନିକେତନ ଶିକ୍ଷା ପ୍ରଣାଳୀରେ ତାଙ୍କ ଗୁରୁତ୍ୱ ଥିଲା । ରୂଢ଼ ବାସ୍ତବତା ଠାରୁ ଦୂରରେ ଶାନ୍ତିନିକେତନର ସବୁଜଶ୍ରୀ ମଧ୍ୟରେ ଅନ୍ତେବାସୀର ମନରେ ସ୍ୱପ୍ନରଚନା ଓ ସ୍ୱପ୍ନସ୍ଫୁରଣର ଯଥେଷ୍ଟ ସୁଯୋଗ ମିଳୁଥିଲା ।

ଶାନ୍ତିନିକେତନ ସାଧନାର ପ୍ରେରଣାର ଉତ୍ସ ଥିଲା ପ୍ରାଚୀନ ଭାରତର ତପୋବନ, ଋଷି ଆଶ୍ରମ । ଶାନ୍ତିନିକେତନ ବିଦ୍ୟାଳୟ ସ୍ଥାପନ କରିବା ସମୟରେ ରବୀନ୍ଦ୍ରମାନସଲୋକରେ ପ୍ରାଚୀନ ଗୁରୁକୁଳ ଆଶ୍ରମର ସ୍ମୃତି ଜୀବନ୍ତ ଥିଲା । ଫଳରେ ଅତୀତକୁ ଫେରିଯିବାର, ଅତୀତକୁ ପୁନରୁଜ୍ଜୀବିତ କରିବାର ପ୍ରବୃତ୍ତି ଶାନ୍ତିନିକେତନ ସାଧନାରେ ପ୍ରତିବିମ୍ବିତ ହୋଇଥିଲା । ଗାୟତ୍ରୀ ଆଦି ବୈଦିକ ମନ୍ତ୍ରର ଶିକ୍ଷା ଓ ଆବୃତ୍ତି ମଧ୍ୟରେ, ଛାତ୍ରମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ବର୍ଣ୍ଣବୈଷମ୍ୟ ନୀତି ମଧ୍ୟରେ ଏହା ଲକ୍ଷ୍ୟ କରାଯାଇପାରେ । ଏପରିକି ୧୯୧୫ରେ ମହାତ୍ମାଗାନ୍ଧୀ ଯେତେବେଳେ ଶାନ୍ତିନିକେତନ ଆସିଲେ ସେତେବେଳେ ଶାନ୍ତିନିକେତନରେ ଏହି ବର୍ଣ୍ଣବୈଷମ୍ୟ ନୀତି ପ୍ରଚଳିତ ଥିଲା । ବିଭିନ୍ନ ବର୍ଣ୍ଣ ବା ଜାତିର ଛାତ୍ରମାନେ ଏକସ ପଙ୍କ୍ତିରେ ଭୋଜନ ନକରି ପୃଥକ ପୃଥକ ଭାବରେ ଭୋଜନ କରୁଥିଲେ । ଶୃଙ୍ଖଳା ଓ ଆସ୍ଥର ବିରୁଦ୍ଧରେ ସମସ୍ତ ବିପ୍ଳବ ଭିତରେ ପ୍ରାଚୀନତା ପ୍ରତି ଏହି ମୋହ ଓ ସମାଜ ସଚେତନତାର ଅଭାବ ଲକ୍ଷ୍ୟ କରିବାର କଥା ।

—ଗ—

ସତ୍ୟବାଦୀ ବିଦ୍ୟାଳୟ କାହାରି ଜଣକର ନଥିଲା, ଥିଲା ସତ୍ୟବାଦୀ ଗୋଷ୍ଠୀର । ସତ୍ୟବାଦୀ ବିଦ୍ୟାଳୟ ସ୍ଥାପନର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଦେଶରେ ସମୂହ ଶିକ୍ଷା ବିସ୍ତାର ଓ ଦେଶର ଉନ୍ନତି । ସମଷ୍ଟି ପାଇଁ ବ୍ୟକ୍ତିର ଆତ୍ମତ୍ୟାଗ ସତ୍ୟବାଦୀ ସାଧନାର ମୂଳମନ୍ତ୍ର । ବ୍ୟକ୍ତି ନୁହେଁ ସମାଜ, ବ୍ୟଷ୍ଟି ନୁହେଁ ସମଷ୍ଟି ହେଉଛି ସତ୍ୟବାଦୀ ସାଧନାର କେନ୍ଦ୍ରବିନ୍ଦୁ । ତେଣୁ ସମାଜ ସଚେତନତାର ପ୍ରତିଫଳନ ସତ୍ୟବାଦୀ ଶିକ୍ଷାପ୍ରଣାଳୀର ସ୍ତରେ ସ୍ତରେ ଆବିଷ୍କାର କରିହୁଏ । ସମସାମୟିକ ସାମାଜିକ ଆନ୍ଦୋଳନ ଓ ଆଲୋଡ଼ନର ପ୍ରାଣକେନ୍ଦ୍ର ଥିଲା ସତ୍ୟବାଦୀ ବିଦ୍ୟାଳୟ । ପୁଣି ଶିକ୍ଷକ ନୀଳକଣ୍ଠଙ୍କର ନିଶ ଥିଲା ତା'ର ପ୍ରତୀକ । ତେଣୁ ସମସାମୟିକ ସାମାଜିକ ଆନ୍ଦୋଳନ 'ନିଶ ଆନ୍ଦୋଳନ' ନାମରେ ଖ୍ୟାତ । ପୁରୀର ରକ୍ଷଣଶୀଳ ଷୋଳ ଶାସନ ମଧ୍ୟରେ ଥାଇ ମଧ୍ୟ ସତ୍ୟବାଦୀ ବିଦ୍ୟାଳୟରେ ପ୍ରଥମରୁ ବର୍ଣ୍ଣବୈଷମ୍ୟ ନୀତି ଉଠିଯାଇଥିଲା ଛାତ୍ରମାନେ ଏକତ୍ର ବସି ଭୋଜନ କରୁଥିଲେ । ସେଥିରେ ଜାତିଭେଦର ପ୍ରଶ୍ନ ନଥିଲା । ପୁଣି ଅଗ୍ନି, ବନ୍ୟା, ମହାମାରୀରେ ପ୍ରପୀଡ଼ିତ ଜନତାର ସେବା ପାଇଁ ଶିକ୍ଷକମାନଙ୍କ ନେତୃତ୍ୱରେ ସତ୍ୟବାଦୀର ଛାତ୍ରମାନେ ଅଣ୍ଟା ଭିଡ଼ି ବାହାରି ପଡୁଥିଲେ । ସମସ୍ତ ପ୍ରକାର ସାମାଜିକ ଦୁଃଖ, ଦୈନ୍ୟ, କର୍ମକୋଳାହଳ, ବିରୋଧ ଓ ସଙ୍ଘାତ ମଧ୍ୟରେ ସତ୍ୟବାଦୀର ସାଧନା ସେବା (**Relief**) ଓ ସଂସ୍କାର (**Reform**) ଥିଲା ଏ ସାଧନାର ମୂଳମନ୍ତ୍ର । କ୍ୟ[illegible]ବି ଥିଲା ସମାଜ । ସତ୍ୟବାଦୀରୁ ପ୍ରକାଶିତ ହେଉଥିବା 'ସମାଜ' ନାମକରଣ ମଧ୍ୟରେ ସତ୍ୟବାଦୀ ଗୋଷ୍ଠୀର ଏହି ସମାଜ ସଚେତନ ମନର ପ୍ରତିଫଳନ ସ୍ପଷ୍ଟ-ସମାଜସହ ସତ୍ୟବାଦୀ ଗୋଷ୍ଠୀର ଯୋଗ ଥିଲା ଅତ୍ୟନ୍ତ ନିବିଡ଼ । ଜଗନ୍ନାଥ ଧର୍ମ ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କହନ୍ତି—'ସମାଜ ହେଉଛି ମାନବ ବ୍ୟକ୍ତିର ସେଇ ଜଗତ । ସେଇ ସମାଜ ଜଗତର କର୍ମଶୃଙ୍ଖଳା ଭିତରେ ନିଜକୁ ନିର୍ବିକଳ୍ପ ଭାବରେ ଓ ଅବାଧରେ ମିଶାଇଦେବାର କର୍ମ ହେଉଛି ଜଗନ୍ନାଥ ଧର୍ମ । ସତ୍ୟବାଦୀ ସାଧନାର ଏହି ଆଦର୍ଶରେ ଏହି ଜଗନ୍ନାଥ ଧର୍ମର ବ୍ୟଞ୍ଜନା ଦେଖିବା ପାଇଁ ମିଳେ । ଏଇଠି ଅପ୍ରାସଂଗିକ ହେଲେ ମଧ୍ୟ କହିଦେବାର ଅଛି ଯେ ଏହି ସେବା (**Relief**) ଓ ସଂସ୍କାର (**Reform**) କେବେ ରବୀନ୍ଦ୍ରନାଥଙ୍କର ବା ଶାନ୍ତିନିକେତନ ସାଧନାର ଆଦର୍ଶ ନ ଥିଲା ; କିନ୍ତୁ

ଅମ୍ବ ଆବସ୍ଥାର ନୁହେଁ ସମଷ୍ଟି ପାଇଁ ଆତ୍ମତ୍ୟାଗର ସାଧନା, ସମାଜସହ ଏକାତ୍ମ ହେବାର ସାଧନା ହେଉଛି ସତ୍ୟବାଦୀର ସାଧନା ।

ପୁଣି ଜାଣିରଖିବାର କଥା ମୂଳରୁ ସତ୍ୟବାଦୀର ବନବିଦ୍ୟାଳୟ ବା ମୁକ୍ତ ପ୍ରାକୃତିକ ପରିବେଶରେ ଅଧ୍ୟାପନାର ପରିକଳ୍ପନା ବା ଯୋଜନା ସତ୍ୟବାଦୀର ପ୍ରାଣ ପ୍ରତିଷ୍ଠାତାମାନଙ୍କ ମନରେ ନଥିଲା । ପଣ୍ଡିତ ହରିହରଙ୍କର ସ୍ମୃତି ହିଁ ସତ୍ୟବାଦୀର ବକୁଳ ଓ କୁଶଅନା ବନରେ ବିଦ୍ୟାଳୟ ସ୍ଥାପନର ପ୍ରେରଣା ଦେଇଥିଲା । ପୁଣି ୧୯୧୨ରେ 'ନଣ ଆନ୍ଦୋଳନ' ସମୟରେ କେହି ରକ୍ଷଣଶୀଳ ବ୍ୟକ୍ତି ବିଦ୍ୟାଳୟ ଗୃହରେ ଅଗ୍ନି ସଂଯୋଗ କରିବା ପୂର୍ବରୁ ରୀତିମତ ଗୃହ ମଧ୍ୟରେ ହିଁ ଅଧ୍ୟାପନା କରାଯାଉଥିଲା । ପୁଣି ବିଦ୍ୟାଳୟ ଗୃହଟି ପୋଡ଼ି ନଯାଇଥିଲେ କେବେ ମୁକ୍ତ ପ୍ରାକୃତିକ ପରିବେଶରେ ଅଧ୍ୟାପନା କରାଯାଇଥାନ୍ତା କି ନାହିଁ ସନ୍ଦେହଜନକ । ତେଣୁ ସତ୍ୟବାଦୀ ବିଦ୍ୟାଳୟର ବନବିଦ୍ୟାଳୟରେ ପରିଣତ ଏକ ଆକସ୍ମିକ ଘଟଣା (**Historical accident**) ମାତ୍ର । ଏ ପ୍ରସଙ୍ଗରେ ସୂଚନା ଦେବାର କଥା ଯେ ସ୍କୁଲ ଘରପୋଡ଼ି ସମ୍ବାଦ ପାଇ ଗୋପବନ୍ଧୁ ଯେତେବେଳେ ବାରିପଦାରୁ ଆସି ସତ୍ୟବାଦୀରେ ପହଞ୍ଚିଲେ, ସେତେବେଳେ ବିଷଣ୍ଣ ଶିକ୍ଷକମାନଙ୍କୁ ଉତ୍ସାହ ଉଦ୍ଦୀପନା ଦେଇ ସେ କହିଥିଲେ, "ଏଥିପାଇଁ ଦୁଃଖ କ'ଣ ? ଭଗବାନଙ୍କର ଇଚ୍ଛା ବୋଧହୁଏ ଏ ବିଦ୍ୟାଳୟ ପାଇଁ କୋଠାଘର ହେବ ।" ମୁକ୍ତ ଆକାଶ ଓ ମୁକ୍ତ ବତାସର ଉପଯୋଗିତା ନୁହେଁ ଆବଶ୍ୟକତା ହିଁ ସତ୍ୟବାଦୀ ବନବିଦ୍ୟାଳୟର ଜନନୀ । ପରେ ହୁଏତ ତା'ର ଉପଯୋଗିତା ଉପଲବ୍ଧି କରାଗଲା ; କିନ୍ତୁ ସତ୍ୟବାଦୀରେ କେବେ ଶାନ୍ତିନିକେତନ ପରି ମୁକ୍ତ ପ୍ରାକୃତିକ ପରିବେଶ ଉପରେ ଏତେ ଗୁରୁତ୍ୱ ଦିଆଯାଇ ନାହିଁ ।

ସବୁ ସମାଜ ସଂସ୍କାର ଓ ସାମାଜିକ ଆନ୍ଦୋଳନ ଆଲୋଡ଼ନର ପ୍ରାଣକେନ୍ଦ୍ର ସତ୍ୟବାଦୀ ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି କଠୋର ଶୃଙ୍ଖଳା ଓ ସଂଯମରେ ବିଶ୍ୱାସ । ଦେଶର ଉନ୍ନତି ପାଇଁ ଶୃଙ୍ଖଳିତ ନାଗରିକ ଗଢ଼ିବା ହିଁ ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଲକ୍ଷ୍ୟ ଥିଲା । ସେବା ଓ ସଂସ୍କାର ମଧ୍ୟରେ ମଧ୍ୟ ଶୃଙ୍ଖଳା ଲୋଡ଼ା । ଶୃଙ୍ଖଳା ଭିତରେ କର୍ମର ଓ ଆତ୍ମତ୍ୟାଗର ଦୀକ୍ଷା ନେଇ ସମାଜସହ ଏକାତ୍ମ ହେବା ସମ୍ଭବ । ସଂଯମ ଓ ଶୃଙ୍ଖଳା ସବୁସମୟରେ ଆନନ୍ଦଦାୟକ ହୋଇ ନ ପାରେ, କିନ୍ତୁ ସେଥିପାଇଁ

ସଂଯମ ଶୃଙ୍ଖଳାକୁ ପରିତ୍ୟାଗ କରିବା ସ୍ପୃହଣୀୟ ନୁହେଁ, ଏହା ହିଁ ଥିଲା ସତ୍ୟବାଦୀ ଶିକ୍ଷାପ୍ରଣାଳୀର ସ୍ୱୀକୃତ ଆଦର୍ଶ । ସମସ୍ତ ବିପ୍ଳବ ମଧ୍ୟରେ ମଧ୍ୟ ଶୃଙ୍ଖଳା ଓ ସଂଯମର ଆବଶ୍ୟକତା ସତ୍ୟବାଦୀ ଶିକ୍ଷାପ୍ରଣାଳୀରେ ଗ୍ରହଣ [illegible]ଇଥିଲା ତେଣୁ କଠୋର ସଂଯମ, ଶୃଙ୍ଖଳା ରୂପ ପାଇଥିଲା ସତ୍ୟବାଦୀର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ । ସତ୍ୟବାଦୀ ବିଦ୍ୟାଳୟର ନିୟମାବଳୀ ମଧ୍ୟରେ ତା'ର ନିଦର୍ଶନ ପରିଲକ୍ଷିତ ହୁଏ ।

ସ୍ୱାବଲମ୍ବନଶୀଳତା ଓ ନିର୍ଭରଶୀଳତା ସତ୍ୟବାଦୀ ଶିକ୍ଷାନୀତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । 'ନିଜ କାମ ନିଜେ କର' ଥିଲା ସତ୍ୟବାଦୀ ଶିକ୍ଷାନୀତିର ଆଦର୍ଶ । ହେଉ ଏଥିପାଇଁ ସତ୍ୟବାଦୀରେ ସାଧାରଣ ଶିକ୍ଷାକୁ କେବେ ଗୁରୁତ୍ୱହୀନ ବୋଲି ମନେକରାଯାଉ ନ ଥିଲା । 'ନିଜ କାମ ନିଜେ କର' ମନ୍ତ୍ରରେ ଦୀକ୍ଷିତ ହୋଇ, ଛାତ୍ରମାନେ କେବଳ ଛାତ୍ରାବାସର ଅଧିକାଂଶ କାମ ଯେ ହାତେ ହାତେ କରୁଥିଲେ, ତା' ନୁହେଁ; ବିଦ୍ୟାଳୟର ଗୃହ ନିର୍ମାଣରେ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ ଓ ସହଯୋଗ କରୁଥିଲେ । ପୁଣି ଭବିଷ୍ୟତରେ ଚାକିରି ନ କରି ମଧ୍ୟ ସ୍ୱାଧୀନ ଭାବରେ ଜୀବିକାର୍ଜନ କରି ସ୍ୱାବଲମ୍ବୀ ହେବାର ପ୍ରେରଣା ସତ୍ୟବାଦୀର ବୈଷୟିକ ଶିକ୍ଷା ମଧ୍ୟରେ ଥିଲା । ତେବେ ଏଥିପାଇଁ ମହାତ୍ମାଗାନ୍ଧୀଙ୍କର 'ନଇତାଲିମ' ବା 'ମୌଳିକ ଶିକ୍ଷା'ରେ ସାଧାରଣ ଅଧ୍ୟୟନ ଓ ଶିକ୍ଷା ଯେପରି ଗୁରୁତ୍ୱହୀନ ହୋଇପଡିଥିଲା, ସତ୍ୟବାଦୀ ଶିକ୍ଷା ନୀତିରେ ତା'ର ସୂଚନା ଆଦୌ ନ ଥିଲା । ସତ୍ୟବାଦୀର ଛାତ୍ରମାନେ ସ୍ଥୂଳତଃ ଥିଲେ ଜ୍ଞାନ-ତାପସ । ତେବେ ମାନସିକ ଶ୍ରମ ସହ ଶାରୀରିକ ଶ୍ରମ ଓ ବୁଦ୍ଧି ସହ ଶକ୍ତିର ମଧୁର ସମନ୍ୱୟର ପରିକଳ୍ପନା କରାଯାଇଥିଲା । ସତ୍ୟବାଦୀର ଶିକ୍ଷାନୀତିରେ । ପୁଣି ସତ୍ୟବାଦୀର ଛାତ୍ରମାନେ ଯେପରି ଆଳସ୍ୟପରାୟଣ ନ ହେବେ ଭବିଷ୍ୟତରେ ଶାରୀରିକ ଶ୍ରମକୁ ଘୃଣା ନ କରିବେ ଓ ଚାକିରିକୁ ଜୀବିକାର୍ଜନର ଏକମାତ୍ର ପନ୍ଥା ବୋଲି ନ ଭାବିବେ, ତା ଥିଲା ଏପରି ପରିକଳ୍ପନାର ମୂଳରେ ।

ସତ୍ୟବାଦୀରେ ସଂଗୀତ ଓ ଚିତ୍ରବିଦ୍ୟା ଶିକ୍ଷାର ବିଶେଷ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ, ସତ୍ୟବାଦୀରେ ମଧ୍ୟେ ମଧ୍ୟେ ନାଟକ ଅଭିନୀତ ହୋଇଥିଲେ ମଧ୍ୟ ଶାନ୍ତିନିକେତନ ପରି ଏ ସବୁ ଉପରେ ଏତେ ଗୁରୁତ୍ୱ ଆରୋପ କରାଯାଉ ନ ଥିଲା । ସତ୍ୟବାଦୀର ଶିକ୍ଷା ପ୍ରଣାଳୀରେ; ସେ ସବୁର

ସ୍ଥାନ ଥିଲ ଗୌଣ । ପୁଣି ସମାଜର ସେବା ଓ ସଂସ୍କାର ପାଇଁ ଓ ଦେଶର ଉନ୍ନତି ପାଇଁ ଶକ୍ତିର ଆବଶ୍ୟକତା ଉପଲବ୍ଧ କରାଯାଉଥିବାରୁ ସୌନ୍ଦର୍ଯ୍ୟ ସୃଷ୍ଟି ଅପେକ୍ଷା ଶକ୍ତିସଂଗ୍ରହ ପାଇଁ ଅଧିକ ପ୍ରେରଣା ଦିଆ ଯାଉଥିଲ ସତ୍ୟବାଦୀରେ ।

ସତ୍ୟବାଦୀ ବିଦ୍ୟାଳୟର ପ୍ରେରଣା ଉତ୍ସ ଥିଲ ଇଂଲଣ୍ଡର, ହାରୋ, ଏଟନ ଓ ରୁଗବି ପ୍ରଭୃତି ବିଦ୍ୟାଳୟ ଓ ପୁନାର ଫର୍ଗୁସନ କଲେଜ । ବିଶେଷ ଭାବେ ଏଡୱଇନ ଆର୍ନୋଲଡ (**Edwin Arnold**) ଙ୍କ ପିତା ରୁଗବି ବିଦ୍ୟାଳୟର କିପରି ସଂସ୍କାର ସାଧନ କରିଥିଲେ, ତା' ଥିଲ ସତ୍ୟବାଦୀର ପ୍ରାଣ ପ୍ରତିଷ୍ଠାତାମାନଙ୍କର ଆଲୋଚନାର ବିଷୟବସ୍ତୁ । ତେଣୁ ସତ୍ୟବାଦୀ ବିଦ୍ୟାଳୟ ପ୍ରାଚୀନତାର ଅନୁବର୍ତ୍ତନ ନ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତିର କ୍ଷେତ୍ର ଥିଲ । ସେଥିପାଇଁ ପୁରୀର ରକ୍ଷଣଶୀଳ ଶାସନଗୁଡ଼ିକର ମଧ୍ୟସ୍ଥଳରେ ରହି ମଧ୍ୟ ସତ୍ୟବାଦୀ ବିଦ୍ୟାଳୟରେ ଛାତ୍ରମାନେ ଜାତିଧର୍ମନିର୍ବିଶେଷରେ ଏକ ପଙ୍‌କ୍ତିରେ ଭୋଜନ କରୁଥିଲେ । ସତ୍ୟବାଦୀ ବିଦ୍ୟାଳୟ ଥିଲ ନୂତନ ଆଲୋକର ପ୍ରାଣକେନ୍ଦ୍ର ।

—୪—

ଶାନ୍ତିନିକେତନର ଶିକ୍ଷାରେ ଅତୀତର ସିଂହାବଲୋକନ ଓ ସତ୍ୟବାଦୀର ଶିକ୍ଷାରେ ଭବିଷ୍ୟତର ପୁରୋଦୃଷ୍ଟି ଫୁଟିଥିଲ । ଆଦର୍ଶବାଦର ଭିତ୍ତିଭୂମି ଉପରେ ଉଭୟ ବିଦ୍ୟାଳୟ ପ୍ରତିଷ୍ଠିତ ଥିଲେ ମଧ୍ୟ ଶାନ୍ତିନିକେତନ ଆଦର୍ଶ ମୂଳରେ ଥିଲ ବ୍ୟକ୍ତିମୁକ୍ତି ଓ ସୌନ୍ଦର୍ଯ୍ୟ ; କିନ୍ତୁ ସତ୍ୟବାଦୀ ଆଦର୍ଶର ମୂଳରେ ଥିଲ ସମଷ୍ଟି, ଶକ୍ତି ଓ ସଂଯମ । ଶାନ୍ତିନିକେତନ ଆଦର୍ଶ ସହ ବାହାରର, ବାସ୍ତବତାର କୌଣସି ସଂପର୍କ ନ ଥିଲ ; କିନ୍ତୁ ସତ୍ୟବାଦୀର ଆଦର୍ଶ ସହ ବାସ୍ତବତାର ସଂପର୍କ ଥିଲ ଅତ୍ୟନ୍ତ ନିବିଡ଼ । ତେଣୁ ସତ୍ୟବାଦୀର ସାଧନାରେ ଦେଶ ଓ କାଳର ପରିପ୍ରେକ୍ଷୀରେ ଭୂମ୍ୟାବକାଶର ଧାରା ପ୍ରତିବନ୍ଧିତ ହେଉଥିବା ସମୟରେ ଦେଶ ଓ କାଳର ପରିପ୍ରେକ୍ଷୀରୁ ମୁକ୍ତ କେବଳ ସାର୍ବଜନୀନ ଓ ସର୍ବକାଳୀନ ବିକାଶର

ଧାରା ପ୍ରତିବିମ୍ବିତ ହେଉଥିଲା ଶାନ୍ତିନିକେତନର ସାଧନାରେ । ତେଣୁ ଦେଶ ଓ କାଳଠାରୁ ଛାତ୍ରମାନଙ୍କୁ ବିଚ୍ଛିନ୍ନ କରି କେବଳ ମଣିଷ ରୂପେ ଶାନ୍ତିନିକେତନର ସାଧନା ଦେଖୁଥିଲା ଛାତ୍ରମାନଙ୍କୁ—ଦେଉଥିଲା ସେମାନଙ୍କ ମାନବୀୟ ଧର୍ମର ସ୍ୱତଃ ଓ ସ୍ୱାଭାବିକ ବିକାଶର ସୁଯୋଗ । କିନ୍ତୁ ସତ୍ୟବାଦୀର ସାଧନା ଛାତ୍ରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଦେଶ ଓ କାଳର ଅଙ୍ଗରୂପେ ଦେଖୁଥିଲା—ଚେଷ୍ଟା କରୁଥିଲା ସେହି ନିର୍ଦ୍ଦିଷ୍ଟ ଦେଶ ଓ କାଳର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ଗଢ଼ିବା ପାଇଁ । ଶାନ୍ତିନିକେତନ ଓ ସତ୍ୟବାଦୀର ସାଧନାରେ ଯଥାକ୍ରମେ ଭିତର ଓ ବାହାରର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଥିଲା । ଗୋଟିଏ ଥିଲା କବିର ଓ ଅନ୍ୟଟି ଥିଲା କର୍ମୀର ଆଶ୍ରମ ।

( ପ୍ରଥମ ପ୍ରକାଶ—କଳିଙ୍ଗ ୧୯୬୯-୭୦ )

□ □ □

# ଷଷ୍ଠିଷ୍ଣୁ ସାମନ୍ତବାଦ ଓ

# କଥାକାର ସୁରେନ୍ଦ୍ର ମହାନ୍ତି

"ତମେ ଖାଲି ଦେଖିଚ ହୁଏତ ସୂର୍ଯ୍ୟୋଦୟର ରକ୍ତିମ ଉଚ୍ଛ୍ୱାସ କିନ୍ତୁ ସୂର୍ଯ୍ୟାସ୍ତର ଧୂମ୍ର ସୌନ୍ଦର୍ଯ୍ୟ ଦେଖିନା ତମେ କେବଳ ଆଲୋକ ନେଇଚ ଛବି ଅଙ୍କା ଚଳେନା, ଛାୟାର ବି ପ୍ରୟୋଜନ ସେଥିପାଇଁ ।"

(ଧ୍ୱଂସାବଶେଷ, ମହାନଗରୀରରାତ୍ରୀ)

( ୧ )

ବିଭିନ୍ନ ସମୟରେ ରଚିତ 'ଧ୍ୱଂସାବଶେଷ' ପ୍ରଭୃତି ଗଳ୍ପ ଓ 'ଅନ୍ଧଦିଗନ୍ତ' ଉପନ୍ୟାସରେ ସୁରେନ୍ଦ୍ର ମହାନ୍ତି ଅସ୍ତୋନ୍ମୁଖୀ ସାମନ୍ତବାଦର ଧୂମ୍ର ସୌନ୍ଦର୍ଯ୍ୟକୁ ଧରିରଖିବାର ପ୍ରଚେଷ୍ଟା କରିଛନ୍ତି । ତାଙ୍କର ବିପୁଳାୟତନ କଥା ସାହିତ୍ୟ ମଧ୍ୟରେ ଏଇ ମୃତପ୍ରାୟ ସାମନ୍ତବାଦର ଶେଷପ୍ରତିନିଧି ବର୍ଗ ହେଉଛନ୍ତି- ହଳଦୀଗାଁର ଜଗବନ୍ଧୁ ମହାପାତ୍ର, ବଳୀଆର ମିତ୍ରଣ୍ଡକ, ମେଦିନୀ ରାୟ, ଚୂଡାମଣି ଇଷ୍ଟେଟ୍‌ର ଚନ୍ଦ୍ରଚୂଡ଼ ରାୟ ଚୂଡାମଣି, କାଞ୍ଚନଗଡ଼ର ମହାରାଜ ରାୟ ବ୍ରଜେଶ୍ୱର ରାୟ ଆଉ ଚଉଧୁରୀ ଉଆସର ରାଜେନ୍ଦ୍ର ଇତ୍ୟାଦି । ତାମଧ୍ୟରୁ ପୁଣି ମେଦିନୀ ରାୟ, କୌଶଲ୍ୟା ଚନ୍ଦ୍ରଚୂଡ଼ ଓ ବ୍ରଜେଶ୍ୱର ସେଇ ସାମନ୍ତ ଗୋଷ୍ଠୀର ପ୍ରତିନିଧିତ୍ୱ କରନ୍ତି, ଯେଉଁ ସାମନ୍ତ ଗୋଷ୍ଠୀର ସୃଷ୍ଟି ହୁଏତ ହୋଇଥିଲା ଓଡ଼ିଶାର କେଉଁ ଅଜ୍ଞାତନାମା ଭୌମ, ସୋମକୁଳୀ, ଗଙ୍ଗ ବା ଗଜପତି ରାଜାଙ୍କ ଅମଳରେ । ଆଉ ରାଜେନ୍ଦ୍ର ବ୍ରିଟିଶ୍ ସାମ୍ରାଜ୍ୟବାଦର ବାହୁଚ୍ଛାୟାତଳେ ସୃଷ୍ଟ ସାମନ୍ତ ଗୋଷ୍ଠୀର ପ୍ରତିନିଧି । ପୁଣି ମେଦିନୀ ରାୟ ଓ କୌଶଲ୍ୟାଙ୍କ ଆଚରଣ ବ୍ୟବହାରରେ ଏକ ଗ୍ରାମ୍ୟଓଡ଼ିଆଭାବ ଫୁଟିଉଠୁଥିବା ବେଳେ ଚନ୍ଦ୍ରଚୂଡ଼ ଓ ବ୍ରଜେଶ୍ୱରଙ୍କ ଆଚରଣ ବ୍ୟବହାରରେ ଫୁଟିଉଠେ ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିର ପ୍ରଭାବ । ଶ୍ରେଣୀଗତ ଓ ଇଷ୍ଟେଟ୍‌ର ପାର୍ଥକ୍ୟଟା ସେଠି ସ୍ପଷ୍ଟ, କାରଣ ପାରଂପାରିକ ସାମନ୍ତଗୋଷ୍ଠୀର ବ୍ରିଟିଶ୍ ସାମ୍ରାଜ୍ୟକୁ କେନ୍ଦ୍ରକରି ଯେଉଁ ପୁନର୍ଜନ୍ମ ହେଲା ଚନ୍ଦ୍ରଚୂଡ଼ ଓ ବ୍ରଜେଶ୍ୱର ତାର ପ୍ରତିନିଧି ।

ପୁଣି ବିଭିନ୍ନ ସମୟର ପୃଷ୍ଠଭୂମିରେ ଲେଖାଯାଇଥିବାରୁ ପତନୋନ୍ମୁଖୀ ସାମନ୍ତ ବାଦର ଦୁଇଟି ସ୍ତର ଏ କଥା ସାହିତ୍ୟ ମଧ୍ୟରେ ଦେଖାଯାଇପାରେ। ମେଦିନୀରାୟ, ଚନ୍ଦ୍ରଚୂଡ଼ ଓ ବ୍ରଜେଶ୍ୱରଙ୍କର ଜମିଦାରୀ ବା ଇଷ୍ଟେଟ୍ ରହିଥିଲେ ବି ରାଜେନ୍ଦ୍ରର ଜମିଦାରୀ ରହିପାରି ନ ଥିଲା। ଜମିଦାରୀ ଉଠିଯିବାର ଅବ୍ୟବହିତ ପୂର୍ବ ସାମନ୍ତବାଦର ପ୍ରତିନିଧି ହେଉଛନ୍ତି ରାଜେନ୍ଦ୍ର, କିନ୍ତୁ ଜମିଦାରୀ ଉଠିଯିବାର ଅବ୍ୟବହିତ ପର ସାମନ୍ତବାଦର ପ୍ରତିନିଧି ହେଉଛନ୍ତି ମେଦିନୀରାୟ, ଚନ୍ଦ୍ରଚୂଡ଼ ଓ ବ୍ରଜେଶ୍ୱର।

ବିଭିନ୍ନ ସ୍ଥାନରେ, ବିଭିନ୍ନ କାଳରେ ଓ ବିଭିନ୍ନ ଭାବରେ ସୃଷ୍ଟ ସାମନ୍ତବାଦର ଶେଷ ପ୍ରତିନିଧିବର୍ଗ କିନ୍ତୁ ବ୍ୟକ୍ତିଗତ ଓ ସମୂହ ଭାବରେ ସାମନ୍ତବାଦର ପ୍ରତିନିଧିତ୍ୱ କରନ୍ତି। ଆଚାର ବ୍ୟବହାର, ରୁଚି ଓ ଶିକ୍ଷା ମଧ୍ୟରେ ଥିବା ଆପାତ ବିଭେଦ ମଧ୍ୟରେ ସେମାନଙ୍କ ଚିନ୍ତା ଓ ଭାବ ମଧ୍ୟରେ ଅପୂର୍ବ ସାମଞ୍ଜସ୍ୟ, କଥା ଓ କାମ ମଧ୍ୟରେ ସାମନ୍ତବାଦର ସ୍ପଷ୍ଟ ମୁଦ୍ରାଙ୍କନ ଦେଖିବା ପାଇଁ ମିଳେ। କ୍ଷୟିଷ୍ଣୁ ସାମନ୍ତବାଦର ବିଭିନ୍ନ ସ୍ତର ମଧ୍ୟରେ ଥିବା ସୀମାରେଖା ସୁରେନ୍ଦ୍ର ମହାନ୍ତିଙ୍କ ଲେଖା ମଧ୍ୟରେ ଲୋପପାଇ କେବଳ ସାମନ୍ତବାଦର ରୂପ ସ୍ପଷ୍ଟ ହୋଇ ଉଠିଛି।

ଏ ସାମନ୍ତବାଦର ଭିତ୍ତି ଥିଲା ଶକ୍ତି ଓ ସମ୍ପଦ। ଏ ସାମନ୍ତବାଦ ତାର ଉଦୟକାଳ ବା ମଧ୍ୟାହ୍ନରେ ଠିଆ ହୋଇଥିଲା ଶକ୍ତି ଓ ସଂପଦର ପ୍ରତିପତ୍ତି ଓ ଅର୍ଥର ମୂଳଦୁଆ ଉପରେ; କିନ୍ତୁ ସାମନ୍ତବାଦର ସାୟାହ୍ନରେ ଏଇ ପ୍ରତିପତ୍ତି ଓ ଅର୍ଥର ମୂଳଦୁଆ ଦୋହଲି ଯାଇଥିଲା, ସାମନ୍ତବାଦର ଉକ୍ତ ପ୍ରତିନିଧିବର୍ଗ ଶକ୍ତି ଓ ସଂପଦରୁ ବଂଚିତ ହୋଇପଡ଼ିଥିଲେ।

ଇଉରୋପର ମଧ୍ୟଯୁଗୀୟ ସାମନ୍ତଗୋଷ୍ଠୀପରି କେବେ ସିନା ଓଡ଼ିଶାର ସାମନ୍ତବର୍ଗ ଶକ୍ତିଧର ଥିଲେ, କେବେ ସିନା ମହାସାମନ୍ତ ଚନ୍ଦ୍ର ଦଣ୍ଡି ମହାଦେବୀଙ୍କୁ ସାମ୍ରାଜ୍ଞୀରୂପେ ନିର୍ବାଚନ କରି କ୍ଷମତାର ପରିଚୟ ଦେଇଥିଲେ; କିନ୍ତୁ ଓଡ଼ିଶାର ସ୍ୱାଧୀନତା ଲୋପ ପାଇବା ସଂଗେ ସଂଗେ ସେମାନଙ୍କ ଶକ୍ତି କ୍ଷୟ ହୋଇ ଆସୁଥିଲା। କିନ୍ତୁ ମୁସଲମାନ, ମରହଟ୍ଟା ଓ ବ୍ରିଟିଶ୍ ରାଜତ୍ୱ ସେମାନଙ୍କ ଶକ୍ତି ଶୋଷଣ କରୁଥିଲା। ଇଂରେଜ ରାଜତ୍ୱରେ ସେପରି ଶକ୍ତିଶାଳୀ ସାମନ୍ତ ଗୋଷ୍ଠୀର ସୃଷ୍ଟି ଓ ପୁଷ୍ଟି ହୋଇ ନ ଥିଲା। ଆଉ ତା

ଆଦୌ ବିସ୍ମୟଜନକ ନୁହେଁ । ଖୋରଧା ପାଇକ ବିଦ୍ରୋହରେ ଓଡ଼ିଆ ସାମନ୍ତ ଗୋଷ୍ଠୀର ଭୂମିକା ବ୍ରିଟିଶ୍ ଭୁଲି ଯାଆନ୍ତେ ବା କିପରି ? ୧୮୫୭ର ସିପାହୀ ବିଦ୍ରୋହରେ ଭାରତର ଅନ୍ୟାନ୍ୟ ପ୍ରାନ୍ତର ତଥା ଓଡ଼ିଶା ସାମନ୍ତ ଗୋଷ୍ଠୀର ଭୂମିକା ଆଦୌ ହେୟ ନ ଥିଲା । ତେଣୁ ଚନ୍ଦ୍ରଚୂଡ଼ଙ୍କର ପ୍ରପିତାମହ ତଥା ଚୂଡ଼ାମଣି ବଂଶର ସପ୍ତମ ବଂଶଧର ପ୍ରତାପ ରାୟ ଚୂଡ଼ାମଣିଙ୍କ ରାୟଗଡ଼ ଖାସ ହୋଇ ଜମିଦାର ମାହାଲରେ ପରିଣତ ହେବାରେ ବୈଚିତ୍ର୍ୟ କିଛି ନ ଥିଲା । କାରଣ ସେ ସେହି ଅଂଚଳର ବ୍ରିଟିଶ ବିରୁଦ୍ଧରେ ପ୍ରଥମେ ଅସ୍ତ୍ର ଉତ୍ତୋଳନ କରିଥିଲେ । ଯାହା ବା ଶକ୍ତିର ଆଭାସ ଥିଲା ତାହା ଗଣତନ୍ତ୍ରର ଅଭ୍ୟୁଦୟରେ ଉଭେଇ ଯାଇଥିଲା । ଗଣତନ୍ତ୍ର ବା ଶାସନ-ତନ୍ତ୍ରର ଶକ୍ତିଧର ନବ୍ୟ ସାମନ୍ତମାନେ ଅଭ୍ୟର୍ଥିତ ହେଉଥିଲେ ସବୁଆଡ଼େ ।

"ମନ୍ତ୍ରୀ ଆସିଥିଲେ ସୁନ୍ଦରପଦା ଗାଁକୁ । ତୋରଣ ସଜା ହୋଇଥିଲା । ଦୁଆରେ ଦୁଆରେ ପୂର୍ଣ୍ଣ କୁମ୍ଭ ବସିଥିଲା ।"

ଆଉ ସମ୍ପଦ ! ବଣିକତନ୍ତ୍ରର ଅଭ୍ୟୁଦୟ ପରେ ବଣିକତନ୍ତ୍ରକୁ ନବ୍ୟ ସାମନ୍ତମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର ତ ହୋଇ ପଡ଼ିଥାନ୍ତା; କିନ୍ତୁ ବଣିକତନ୍ତ୍ର ସହ ଆସିଲା ଶିଳ୍ପ ବିପ୍ଳବ । ଆଉ ଯନ୍ତ୍ର-ଶିଳ୍ପସମୃଦ୍ଧ ବଣିକତନ୍ତ୍ର ସହ ଆସିଲା ସାମ୍ୟବାଦ, ସମାଜବାଦର ଦୃଷ୍ଟି । ସେ ଦୃଷ୍ଟିରେ ଯନ୍ତ୍ରଶିଳ୍ପସମୃଦ୍ଧ ବଣିକତନ୍ତ୍ରର ତ କିଛି କ୍ଷତି ହୋଇ ନାହିଁ ; କିନ୍ତୁ ସେଥିରେ ପରପରି ପ୍ରଥମେ ଉଡ଼ିଗଲା ବ୍ରଜେଶ୍ୱରଙ୍କ କାଞ୍ଚନଗଡ଼, ଚନ୍ଦ୍ରଚୂଡ଼ଙ୍କ ଚୂଡ଼ାମଣି ଇଷ୍ଟେଟ । ତା ପରେ ମେଦିନୀରାୟ ନିର୍ଭର କଲେ ଦେବୋତ୍ତର କୋଡ଼ିଏ ମାଣ ଜମି ଉପରେ ; କିନ୍ତୁ ତା ପୂର୍ବରୁ ସାମ୍ୟବାଦ ସମାଜବାଦର ବାତ୍ୟାରେ ରାଜେନ୍ଦ୍ରର ଜମିଦାରୀ ଯେତେବେଳେ ଯାଇ ନ ଥିଲା, ସେତେବେଳେ ମଧ୍ୟ ସେ ସଂପଦଠାରୁ ଦୂରରେ ଥିଲା ବିଶ୍ୱପତିଙ୍କ ଦାନ ଓ ଉମାପତିଙ୍କ ଖିଆଲରୁ । ରିକ୍ତ ଚନ୍ଦ୍ରଚୂଡ଼ କର୍ମଚାରୀମାନଙ୍କ ମାସିକ ବେତନ ଦେଇପାରୁ ନ ଥିଲେ । ମାସ ମାସ ଧରି ସେମାନଙ୍କ ବେତନ ବାକି ପଡ଼ୁଥିଲା । ମନୋମତ ପାତ୍ର ସହ ଜେମାଙ୍କ ବିବାହ ହୋଇପାରୁ ନ ଥିଲା ଟଙ୍କା ଦେବାର ସାମର୍ଥ ନ ଥିବାରୁ । ଆଉ ଚୂଡ଼ାମଣି ଉଆସକୁ ଉପହାସ କରି ଅଦୂରରେ ସିମେଣ୍ଟ କାରଖାନା ମାଲିକର ବିରାଟ ପ୍ରାସାଦ

ଛଆର ହେଉଥିଲା । ଆଉ ମେହେମାରାୟଙ୍କ ଦାରିଦ୍ର୍ୟ ହୁଏତ ଆହୁରି ଶୋଚ୍ଯ, ଆହୁରି ଅଶ୍ଳୀଳ । ତାଙ୍କ ଘରେ ଗୁଡ଼ ଥିଲେ ଚନା ନ ଥିଲା ଚ ଚନା ଥିଲେ ଗୁଡ଼ ନ ଥିଲା । ସାନଜେମା ରତ୍ନମାଳୀର ବିବାହ ହୋଇପାରୁ ନ ଥିଲା । ଆଉ ଲୀଳା କେତେବାର ଅନୁରୋଧ କରିଚି ନୂଆ ଛୁଟର ଗୋଟାଏ ସୁନାହାର ପାଇଁ, ନଇଲେ ଖଣ୍ଡେ ଶାଢ଼ୀ ପାଇଁ ଅଥଚ ରାଜେନ୍ଦ୍ର ନୀରବ ରହିଚି ମୂଢ଼ ପରି ।"

—୨—

ସୁରେନ୍ଦ୍ର ମହାନ୍ତିଙ୍କ କଥା ସାହିତ୍ୟରେ ଏଇ ଶକ୍ତି ଓ ସମ୍ପଦହୀନ ଜରାଜୀର୍ଣ୍ଣ ଓ କ୍ଷୟିଷ୍ଣୁଶୀଳ ସାମନ୍ତବାଦର ଅତୀତକୁ ଜାବୁଡ଼ି ଧରିବାର ପ୍ରଚେଷ୍ଟା ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବିଭିନ୍ନ ସ୍ଥାନରେ ବିଭିନ୍ନ କାଳରେ ଓ ବିଭିନ୍ନ ଭାବରେ ସୃଷ୍ଟି ଏ ସାମନ୍ତବାଦର ଶେଷପ୍ରତିନିଧି-ବର୍ଗଙ୍କର ମୁଖ୍ୟ ପରିଚୟ ହେଉଛି—ଅତୀତ ପ୍ରତି ଦୁର୍ବାର ଆକର୍ଷଣ । ଆଉ ଅତୀତ ପ୍ରତି ଦୁର୍ବାର ଆକର୍ଷଣ ହିଁ ସେମାନଙ୍କ ମଧ୍ୟରେ ଏକ ପ୍ରଧାନ ଯୋଗସୂତ୍ର । ଏକ ସ୍ୱପ୍ନପ୍ରବଣ ପଳାୟନବାଦର ଆଶ୍ରୟ ସେମାନେ ନେଇଛନ୍ତି । ଆଉ ଏଇ ସ୍ୱପ୍ନ କଳ୍ପନାର ରଙ୍ଗରେ ରଂଜିତ ଭବିଷ୍ୟତର ସ୍ୱପ୍ନ ନୁହେଁ —ଅତୀତର ସୁନେଲି ସ୍ୱପ୍ନ । ଏ ସାମନ୍ତବାଦର ବର୍ତ୍ତମାନ ନାହିଁ, ଭବିଷ୍ୟତ ଅନ୍ଧକାରମୟ । ତେଣୁ ଏ ସାମନ୍ତବାଦ ଅତୀତାଶ୍ରୟୀ । ଅତୀତକୁ ଆଶ୍ରୟ କରି ବଂଚି ରହିଛି । "ମେହେମାରାୟଙ୍କ ଅଫିମରଙ୍ଗା ସ୍ମୃତି ଲୋକରେ ନାଚି ଉଠୁଥିଲା, ଅତୀତର ନିଜ ଇଲାକା ବୁଲି ଯିବାର କେତେ ଦୃଶ୍ୟ ! ଆଖି ଆଗରେ ଭାସି ଉଠୁଥିଲା ତାଙ୍କ ବାପା କୃପାସିନ୍ଧୁ ମେହେମାରାୟଙ୍କ ଦୁଇଯୋଡ଼ି ବାଘୁଆ ନିଶ, ଆଉ କପାଳରେ ସିନ୍ଦୁର କଳି । ଜେଜେ ବାପା ନରସିଂହ ମେହେମାରାୟଙ୍କ ଛବି ମଧ୍ୟ ବେଳେ ବେଳେ ତାଙ୍କ ଆଖି ଆଗରେ ଝଲସି ଉଠୁଥିଲା । ଗର୍ଭିଣୀ ଗାଈ ମଧ୍ୟ ତାଙ୍କୁ ବାଟ ଛାଡ଼ୁଥିଲା । ପାଲିଙ୍କି ଚଢ଼ି ସେ ଇଲାକା ବୁଲି ଯାଉଥିଲେ । (ପୁଷ୍ପାଭିଷେକ) "ଆଜିକୁ ବିହ୍ମବର୍ଷ ତଳେ ଏଇ ସିମେଣ୍ଟ କାରଖାନାର ମାଲିକ, ନିଜେ ଥରେ ନୁହେଁ ବହୁଥର ଆସିଥିଲା ଚୂଡ଼ାମଣିଙ୍କ ସୁବିସ୍ତୀର୍ଣ୍ଣ ଜମିଦାରୀରୁ ମିଳିଥିବା "କ୍ୱାରି" ଠିକା ନେବା ପାଇଁ । ଆସୁଥିଲା ପାଦରୁ ଜୋତା ଓହ୍ଲାଇ, ମୁଣ୍ଡରୁ ଟୋପି

ଖୋଳ, କୁଣ୍ଡିସ କଣ କର ।” (ନିତ୍ୟ ବର୍ତ୍ତମାନ କାଳ) ଆଉ ଲୀଳାକୁ “ସୁରେନ୍ଦ୍ର କହୁଥାଏ ଚୌଧୁରୀବଂଶର ସେଇ ସବୁ ବସ୍ତୁ, ଛିସ୍ପାୟୁ କିମ୍ବଦନ୍ତୀ...... ...” (ଧ୍ୱଂସାବଶେଷ) । ଆଉ “ଚନ୍ଦ୍ରଚୂଡ଼ ବୁଲିବୁଲି ଦେଖିଲେ...... କାନ୍ଥରେ ଚୂଡ଼ାମଣି ବଂଶର ପୂର୍ବପୁରୁଷମାନଙ୍କର ପ୍ରତିକୃତି ।” ( ନିତ୍ୟ ବର୍ତ୍ତମାନ କାଳ )

ଏ ଅତୀତ ପୁଣି କଳ୍ପନାର ରଙ୍ଗରେ ରଂଜିତ । ବିଶ୍ୱାସଯୋଗ୍ୟ ଇତିହାସ ଆଉ ମନଗଢ଼ା କାହାଣୀ ମଧ୍ୟରେ ପାର୍ଥକ୍ୟର ସୀମାରେଖା ଏ ଅତୀତ ଭିତରେ ଲୋପ ପାଇଛି । “ଜଗବନ୍ଧୁ ନିଦରେ ବଳବଳେଇଲା ପରି କହିଲେ—ବୁଝିଲୁ ବାଜିଆ, ଗଜପତିରାଜା ଆମମାନଙ୍କୁ ମାନରେ ସ୍ୱର-ନୁହନ୍ତି । ଗଜପତି ଉଆସରେ ନିମିତ୍ତ ହେଲେ ଆମ ଘରେ ଗୁଆ ପଡ଼ୁଥିଲା ।” ବାଜିଆ ନିଦରେ ଉଲାଉ ଉଲାଉ କହିଲା........ ଇଏତ ଗୁମୁ, ଆମ ଆଖି ଦେଖା କଥା । ଗୁମୁଙ୍କ ମଙ୍ଗଳକୃତ୍ୟ ବୁଢ଼ାବେଳେ ସାନ୍ତେ ମୋ ହାତରେ ପରା ପୁରୀ ଉଆସକୁ ଗୁଆ ପଠାଇଥିଲେ ।” ଜଗବନ୍ଧୁଙ୍କଠାରୁ ବାଜିଆ ବୟସରେ ଦଶବର୍ଷ ସାନ ! ମାତ୍ର ଉଭୟ ଐତିହାସିକଙ୍କ ଇତିହାସରେ, ଘଟଣା ଅପେକ୍ଷା କଳ୍ପନା ବୃହତ୍ତର ସତ୍ୟ । ପୁଷ୍ୟାଭିଷେକ)

ଶକ୍ତିର ଦିନ ଚାଲି ଯାଇଛି; ସମ୍ପଦର ଦିନ ମଧ୍ୟ ଆଉ ନାହିଁ ; କିନ୍ତୁ ଅତୀତ ପ୍ରତି ଆକର୍ଷଣ ଅତୀତର ସେଇ ଶକ୍ତି-ସମ୍ପଦ-ଭିତ୍ତିକ ଗୌରବୋଜ୍ଜ୍ୱଳ ଦିନଗୁଡ଼ିକର ସ୍ମୃତି ସମ୍ପଦକୁ ଧରି ରଖିବାର ପ୍ରଚେଷ୍ଟା ଭିତରେ ଆତ୍ମପ୍ରକାଶ କରିଛି ସୁରେନ୍ଦ୍ରଙ୍କ କଥା ସାହିତ୍ୟରେ । ସାମନ୍ତବାଦର ଆତ୍ମା ନ ଥାଇପାରେ ; କିନ୍ତୁ ତାର ମୃତ ଶରୀରଟା ତ ପଡ଼ିଛି । ମେଦ୍ଧମାରାୟଙ୍କ ଭାଷାରେ ‘ମଲାହାତି ବି ଲାଖେ ଟଙ୍କା’ । ତେଣୁ ସାମନ୍ତବାଦର ଶେଷ ପ୍ରତିନିଧିବର୍ଗ ସାମନ୍ତବାଦର ସେଇ ପତନଶୀଳ ଶରୀରଟାକୁ ଆହୁରି ଧରି ବସିଛନ୍ତି । ସାମନ୍ତବାଦର ଭଙ୍ଗା ଖୋଳକୁ ସାମନ୍ତବାଦର ଭ୍ରମରେ ଜାବୁଡ଼ି ଧରିଛନ୍ତି ମାତ୍ର ଭାସିଯିବାବେଳେ କୁଟାଖିଅର ଆଶ୍ରୟ ନେବାଭଳି ସେମାନେ ସାମନ୍ତବାଦର ଭଙ୍ଗା ଖୋଳକୁ ଆଶ୍ରୟ କରିଛନ୍ତି । ସେ ଜଗବନ୍ଧୁ ମହାପାତ୍ର ନୁହନ୍ତି, ସେ ହେଉଛନ୍ତି ଜଗବନ୍ଧୁ ମହାପାତ୍ର ବଳୀପୁରର ମତ୍ତଗଜ ମେଦ୍ଧମା

ରାୟ । ଜନସୁମାରିବାଲା ଜନସୁମାରି ଫାରମରେ ଏତେ ଲମ୍ବା ନାଁକୁ ସଂକ୍ଷିପ୍ତ କରି ଖାଲି ଜଗବନ୍ଧୁ ମହାପାତ୍ର ଲେଖିଦେବାରୁ ମେଦ୍ଧମାରାୟ ଲେଖିବା ଲୋକର ଗାଲରେ ଠୋ କରି ଏକ ବ୍ରହ୍ମ ଚଟକଣା ପିଟିଛନ୍ତି । ତଳିଆ ଅମଲା ପୀତାମ୍ବର ନିଜ ପେଟରୁ କାଟି ବାପାଙ୍କ ଅଫିମ ଖର୍ଚ୍ଚ ପାଇଁ ପ୍ରତି ମାସରେ ପଠାଉଥିବା ପଚିଶଟଙ୍କାରୁ ପୁଷ୍ୟାଭିଷେକ ପାଇଁ ଦଶଟଙ୍କା ଖର୍ଚ୍ଚ କରିବା ପାଇଁ ମେଦ୍ଧମାରାୟ କୁଣ୍ଠାବୋଧ କରି ନାହାନ୍ତି । ବରଂ ପୁଷ୍ୟାଭିଷେକ ଦିନରେ ଅଭିଷିକ୍ତ ହେବାପାଇଁ ତାଙ୍କର ଭାବପ୍ରବଣତା ଲକ୍ଷ୍ୟ କରାଯାଇପାରେ । ଜେମା ରତ୍ନମାଳୀ ସେଥିପାଇଁ ଆମ୍ବକଷିଆ ସୁନାହାର ମାଳକ ବେକରୁ କାଢିଲା ବେଳେ ସାମାନ୍ୟ କୁଣ୍ଠା ମଧ୍ୟ ପ୍ରକାଶ କରି ନାହାନ୍ତି । ଆଉ ସୁନାର ହାର ଥିଲେ ମଧ୍ୟ ସେ ହାର ହାଲି ଫେସନର ନୁହେଁ ବୋଲି ଲୀଳା କେତେବାର ଜିଦ୍ ଧରିଛି ନୂଆ ହାର କିଣିବା ପାଇଁ; ଟଙ୍କା ନାହିଁ ଯଦି, ସେହି ପୁରୁଣା ହାରଟାକୁ ବଦଳାଇ ଗୋଟିଏ ନୂଆ ହାର ତିଆରି କରିବା ପାଇଁ । କିନ୍ତୁ ରାଜେନ୍ଦ୍ର ସେଥିରେ ମତ ଦେଇନି । କାରଣ ସେ ହାରଟା ଅନେକ ପୁରୁଣା ଦିନର । ରାଜେନ୍ଦ୍ର ପାଖରେ ତାର ମୂଲ୍ୟ ସ୍ୱତନ୍ତ୍ର ।" (ଧ୍ୱଂସାବଶେଷ) ରାଜେନ୍ଦ୍ର କହେ-ତମର "ଯାହା ମନେହୁଏ ଭଙ୍ଗା ଇଟାର କୁଢ଼ବୋଲି, ମୋର ତ ସେସବୁ ମନେହୁଏ ରୋମାନ ଇତିହାସର ଭଙ୍ଗା ମସୋଲିଅମ୍ । ମନେହୁଏ ମୁଁ ଯେପରି ସେଇ ପ୍ରତାପଶାଳୀ ରୋମ ସମ୍ରାଟ-ମାନଙ୍କର କୌଣସି ଏକ ପେନ୍‌ସନ୍‌ପ୍ରାପ୍ତ ବଂଶଧର । ଆଜି ବି ସେସବୁ ଭଙ୍ଗା ଇଟା ପଥର ଆଗୁଳି ବସି ରହିଛି ।" (ଧ୍ୱଂସାବଶେଷ) "ଆଗେ ଚନ୍ଦ୍ରଚୂଡ଼ ଏଇଠି ବସି ସକାଳ ଦଶଟାରୁ ଦିନ ଦୁଇଟା ପର୍ଯ୍ୟନ୍ତ ଇଷ୍ଟେଟର କାର୍ଯ୍ୟ ବୁଝାବୁଝି କରୁଥିଲେ । ଏବେ ଅବଶ୍ୟ ଇଷ୍ଟେଟର କୌଣସି କାର୍ଯ୍ୟ ନାହିଁ କହିଲେ ଚଳେ । ତଥାପି ଚନ୍ଦ୍ରଚୂଡ଼ଙ୍କର ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟରେ କୌଣସି ବ୍ୟତିକ୍ରମ ହୁଏ ନାହିଁ । ସକାଳ ଦଶଟାରୁ ଦିନ ଦୁଇଟା ପର୍ଯ୍ୟନ୍ତ ସେ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଖବର କାଗଜ ପଢ଼ନ୍ତି ।" (ନିତ୍ୟବର୍ତ୍ତମାନକାଳ)

ଆଉ ପରିବର୍ତ୍ତନ ପ୍ରତି ତାଚ୍ଛଲ୍ୟ, ଘୃଣା, ବିଦ୍ୱେଷଭିତରେ ଦେଇ ସାମନ୍ତବାଦର ଏଇ ଶେଷ ପ୍ରତିନିଧିବର୍ଗଙ୍କର ଅତୀତ ପ୍ରତି ଆକର୍ଷଣ ଆତ୍ମପ୍ରକାଶ କରିଛି । ପ୍ରକୃତରେ ଏହା ହେଉଛି ଅତୀତର ସ୍ମୃତି-ସନ୍ତକ । ଭଙ୍ଗା ଖୋଳ ଓ ପରମ୍ପରାକୁ ଜାବୁଡ଼ି ଧରି ରଖିବାର ଯେଉଁ ପ୍ରଚେଷ୍ଟା ତାର ଉଦାହ-

ପାଖ । ଜଗବନ୍ଧୁ ମହାପାତ୍ର ବଳୀୟାର ମଣ୍ଡରଜ ମେଦିନୀରାୟଙ୍କର କେବଳ ଜଗବନ୍ଧୁ ମହାପାତ୍ର ହେବାପାଇଁ ଲୁଣ୍ଠା, ରାଜେନ୍ଦ୍ର ରାୟ ପୁରୁଣା ହାର ବଦଳାଇ ନୂଆ ହାର କିଣିବା ଚିନ୍ତାକୁ ବିରୋଧ ଆଉ ପରିବର୍ତ୍ତନ ସମୟ ଅନୁଯାୟୀ ନିଜର କାର୍ଯ୍ୟ ନିର୍ଦ୍ଦେଶକୁ ପରିବର୍ତ୍ତିତ କରିବାପାଇଁ ଚନ୍ଦ୍ରଚୂଡ଼ଙ୍କର ଅନିଚ୍ଛା ଭିତରର ପରିବର୍ତ୍ତନ ପ୍ରତି ଏହି ତାଚ୍ଛଲ୍ୟ, ଘୃଣା ଓ ବିଦ୍ୱେଷ ପ୍ରକାଶିତ ହୋଇଛି । ସାମନ୍ତବାଦର କାଳ ନିତ୍ୟବର୍ତ୍ତମାନ କାଳ ପରିବର୍ତ୍ତନ ସହ ସାଲିସ୍ କରିବାର ଚିନ୍ତା ସାମନ୍ତବାଦ କରିପାରେ ନାହିଁ । ପରିବର୍ତ୍ତନ ଭିତରେ ସାମନ୍ତବାଦର ସମସ୍ତ ବୈଶିଷ୍ଟ୍ୟ ରହନ୍ତା ନାହିଁ । ତେଣୁ ଏଇ ସାମନ୍ତବାଦର ପ୍ରତିନିଧିଙ୍କ ମଧ୍ୟରୁ ଯେଉଁମାନେ ପରିବର୍ତ୍ତନକୁ ମାନି ନେଇଛନ୍ତି ଯେଉଁମାନେ ପରିବର୍ତ୍ତନ ସହ ସାଲିସ୍ କରିଛନ୍ତି ସେମାନେ ସାମନ୍ତବାଦର ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇଛନ୍ତି । ସେମାନେ ହେଉଛନ୍ତି ମେଦିନୀରାୟଙ୍କର ଦୁଇ ପୁଅ ପୀତାମ୍ବର ଓ ନୀଳାମ୍ବର । ଚନ୍ଦ୍ରଚୂଡ଼ଙ୍କର ପୁଅ ଓ ଝିଅ ଯୁବରାଜ ନରେନ୍ଦ୍ର ଓ ଜେମା ରୂପକୁମାରୀ । ସାମନ୍ତବାଦ କିନ୍ତୁ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ନାରାଜ । ସିଂହଦ୍ୱାର ଘଣ୍ଟାଠାରୁ ଚନ୍ଦ୍ରଚୂଡ଼ଙ୍କ ଘଣ୍ଟା ଦଶ ମିନିଟ୍ ଲେଟ୍ ଚାଲୁଛି । ସାମନ୍ତବାଦ ପରିବର୍ତ୍ତନ ସହ ପାଦମିଳାଇ ନ ଥିବା ଏଥିରେ ହିଁ ସୂଚିତ ହୋଇଛି । ସାମନ୍ତବାଦର **Motto** ହେଉଛି **No compromise, no surrender.** ତେଣୁ ପରିବର୍ତ୍ତନକୁ ଯେଉଁମାନେ ମାନି ନେଇଛନ୍ତି ସେମାନେ ସାମନ୍ତବାଦର ସଭାରେ ଅପାଙ୍କ୍ତେୟ । ବ୍ରଜେଶ୍ୱରଙ୍କଠାରେ ସାମନ୍ତବାଦ କହୁଛି .....ଦିନକାଳ ବଦଳିବା ସ୍ୱାଭାବିକ ; ମୁଁ କିନ୍ତୁ ବଦଳି ନାହିଁ, ବଦଳିବାର ଆକାଂକ୍ଷା ମଧ୍ୟ ନାହିଁ । (ଢ଼କୋସରର ଆତ୍ମା)

ପରିବର୍ତ୍ତନକୁ ଗ୍ରହଣ କରିନେଲେ ସାମନ୍ତବାଦର ସମସ୍ତ ବୈଶିଷ୍ଟ୍ୟ ଲୁଚିଯିବ ବୋଲି କେବଳ ନୁହେଁ, ଏ ପରିବର୍ତ୍ତନ କେବଳ ବାହ୍ୟରଙ୍ଗ ପରିବର୍ତ୍ତନ ବୋଲି, ଏ ପରିବର୍ତ୍ତନ ଭିତରେ ମୌଳିକ ମୂଲ୍ୟବୋଧର ପରିବର୍ତ୍ତନ ହେବ ନାହିଁ ବୋଲି ସାମନ୍ତବାଦ ଏ ପରିବର୍ତ୍ତନକୁ ଗ୍ରହଣ କରିନେବାକୁ ନାରାଜ ହୋଇଛି । ସେଥିପାଇଁ ପୁଷ୍ୟାଭିଷେକ ଗଳ୍ପରେ ଲେଖକ କହିଛନ୍ତି...“ନୂଆ ଠେକରେ ପୁରୁଣା ରହଣିଆ ଘିଅ ଢଳା ଯାଉଛି...ଗଜପତିଙ୍କ ସାମନ୍ତମାନେ ଯାଇଛନ୍ତି । ତାଙ୍କ ସ୍ଥାନରେ ଆସିଛନ୍ତି

କେନ୍ଦ୍ରୀକତନ୍ତ୍ର ଓ ଶାସନତନ୍ତ୍ରର ନବ୍ୟ ସାମନ୍ତମାନେ ।" "ନିତ୍ୟବର୍ତ୍ତମାନ କାଳ" ଗଳ୍ପର ପ୍ରାରମ୍ଭରେ ଲେଖକ ଅନୁରୂପ ଭାବରେ ପ୍ରଶ୍ନ କରିଛନ୍ତି— "ପୁରୁଣା ବୁନିଆଦିର ଭଙ୍ଗା କୁଢ଼ ଉପରେ ନୂଆ ବୁନିଆଦିର ଇମାରତ ଗଢ଼ାହେଉଛି ; କିନ୍ତୁ ନୂଆ ବୁନିଆଦି ଗଢ଼ାହେଉଛି କି ?" ସେଇଥିପାଇଁ ଚନ୍ଦ୍ରଚୂଡ଼ ସାମ୍ୟବାଦୀ ଯୁବରାଜ ନରେନ୍ଦ୍ରଙ୍କୁ କହିଛନ୍ତି : "ମୁଁ ଜାଣେ ଦିନେ ସେଇମାନଙ୍କ କ୍ଷମତା ପାଇଁ ତୁମେ ସେମାନଙ୍କୁ ଆଉରି ନିର୍ଯ୍ୟାତିତ କରିବ ।"

ସେତିକି ନୁହେଁ, ସାମନ୍ତବାଦର ଅଭିଧାନରେ ଏ ପରିବର୍ତ୍ତନର ଅର୍ଥ ପଶ୍ଚାତ୍ ଗତି; ଅଗ୍ରଗତି ନୁହେଁ । ସେଇଥିପାଇଁ ଚନ୍ଦ୍ରଚୂଡ଼ ଯୁବରାଜ ନରେନ୍ଦ୍ରଙ୍କୁ କହିଛନ୍ତି—"ତା ପୂର୍ବରୁ, ଆଉରି ସୁଦୂର ଅତୀତରେ ଥିଲା ଆଦିମ ମନୁଷ୍ୟର ପ୍ରାଗୈତିହାସିକ ସମାଜବାଦ ; କିନ୍ତୁ କହିପାରିବ ନରେନ୍ଦ୍ର, ସେ ପ୍ରାଚୀନ ସମାଜବାଦ ଭିତରୁ ସମ୍ଭବ ହେଲା କିପରି ରାଜାର, ରାଜ୍ୟର, ସାମ୍ରାଜ୍ୟର ।" ଚନ୍ଦ୍ରଚୂଡ଼ଙ୍କର ଅବଧାରଣାରେ ଗତିର କ୍ରମ ହେଉଛି ସମାଜବାଦରୁ ସାମନ୍ତବାଦ, କିନ୍ତୁ ସାମନ୍ତବାଦରୁ ପୁଞ୍ଜିବାଦ ଭିତର ଦେଇ ସାମ୍ୟବାଦ ବା ସମାଜବାଦ ଦିଗକୁ ନୁହେଁ । ସେଇଥିପାଇଁ ବୋଧହୁଏ ଚନ୍ଦ୍ରଚୂଡ଼ ଭାବିଛନ୍ତି— 'ଆଉ କିଛି ଲୋଡ଼ା ନାହିଁ ତାଙ୍କର । ସର୍ବସ୍ୱ ବିନିମୟରେ ସେ ଯଦି ପାଇପାରନ୍ତେ ଆଉ ଥରେ ଏହିପରି ଗୋଟିଏ ବୀର୍ଯ୍ୟମାନ, ଗତିମାନ ଅଶ୍ୱ, ଆଉ ତରବାରି ।"

ଅତୀତ ପ୍ରତି ଏହି ଦୁର୍ବାର ଆକର୍ଷଣ ପୁଣି ରୂପପାଇଛି ଆଭିଜାତ୍ୟର ଅହଂକାର ଭିତରେ । "ସମସ୍ତେ ଜାଣନ୍ତି, ରତ୍ନମାଳୀକୁ କୋଡ଼ିଏ ଚାଲୁଛି । ମାତ୍ର ମେଦିନୀରାୟ ଜାଣନ୍ତି ସାନ ଜେମା ପଚିଶ ଡେଇଁଲାଣି ।" "ସାଆନ୍ତ ଘରମାନଙ୍କରୁ ଯେଉଁ ଯୌତୁକ ଦାବି ଆସୁଛି, ତାହା ଜଗବନ୍ଧୁ ମହାପାତ୍ର ମେଦିନୀରାୟଙ୍କ ଶକ୍ତିର ବହିର୍ଭୂତ । ଖଜୁରିପଦା ଚମ୍ପେଇତି (ଚମ୍ପତିରାୟ)ଙ୍କ ମଝିଆ କୁଅଁରଙ୍କ ପାଇଁ ପ୍ରସ୍ତାବ ପଡ଼ିଥିଲା । ଚମ୍ପେଇତି ଘର କହିଲେ, ସ୍ୱୀକାର ମହାପ୍ରସାଦ ସୁନା ଥାଳିଆରେ ଆସିବ । ସେଥିପାଇଁ ମେଦିନୀରାୟଙ୍କର ବଳ କାହିଁ ?" "କାଳିକାପୁର ଦିନେଇ ପଧାନ ପୁଅ ବାନାମ୍ବର ପଧାନ, ଇଂରେଜୀ ପଢ଼ା ପଢ଼ିଛି, କଟକରେ ପୀତାମ୍ବର ସାଙ୍ଗରେ ଏକା ଅଫିସରେ କାମକରେ । ରତ୍ନମାଳୀର ମଙ୍ଗଳକୃତ୍ୟ ପ୍ରସ୍ତାବ ସେଇଟି

ପଡ଼ିଥିଲି । ଦେବାନେବା ସେମାନେ ବୁଝିହାନ୍ତି ନାହିଁ । ଝୋଟଗୁଷ କରି ଦଳେଇ ପଧାନ ହାଲ୍‌କୁ ବଡ଼ଲୋକ ହୋଇଛନ୍ତି । ରାତିଅଧରେ ସେ ଦଶ ହଜାର ଟଙ୍କା ଗଣିଦେବ । ଓଲଟି ଦଳେଇ ପଧାନ କଣ୍ଡ ଦେଇପାରେ । ...ମାତ୍ର ମେଦ୍ଧମାରାୟ ଏ କଥାରେ ରାଜିହେବେ କପରି ? କାଳକାପୁର ପଧାନମାନେ ଯେ ମେଦ୍ଧମାରାୟଙ୍କର ପାଇକାଳୀ ପ୍ରଜା । ଦଳେଇ ପଧାନ ଝୋଟଗୁଷ କରି ହୋଇଥାଉ ପଛେ ବଡ଼ଲୋକ ।" (ପୁଷ୍ୟାଭିଷେକ) ଏହି ଆଭିଜାତ୍ୟର ଅହଂକାରର ଯୂପକାଷ୍ଠରେ ରତ୍ନମାଳୀର ଜୀବନର ସ୍ୱପ୍ନକୁ ବଳିଦେବା ପାଇଁ ମେଦ୍ଧମାରାୟଙ୍କର କୁଣ୍ଠା ନାହିଁ । "ଝିଙ୍କିଆ ନାଁର ଝଲକରେ ରତ୍ନମାଳୀଙ୍କର ମୁହଁର ଗୋଟିଏ ଅଂଶ ଈଷତ୍ ଆଲୋକିତ ହୋଇ ଆହୁରି ବିଷଣ୍ଣ ଦିଶୁଥିଲା । ଜଗବନ୍ଧୁ ସେଆଡ଼େ ଗୁହିଁ ପାରିଲେ ନାହିଁ ।" (ପୁଷ୍ୟାଭିଷେକ) ଜଗବନ୍ଧୁ ଚିତ୍କାର କରି କହିଛନ୍ତି... "ମିରିଗ ଡିଆଁ ରାୟଘରର କେବେଠୁ ସାଆନ୍ତ ହେଲେ ହୋ ? ବାଇଶି ମାହାଳିଆ ରାଉତ ଥିଲେ, ତିନି ପୁରୁଷ ତଳୁ ରାୟ ହୋଇଛନ୍ତି । ତାଙ୍କ ଘରେ ରାଜାଭିଷେକ ବନ୍ଦ ହେଲା ବୋଲି, ଆମ ଘରେ ବନ୍ଦ ହୋଇଯିବ ?" "ମିରିଗ ଡିଆଁ ବାଇଶି ମାହାଳିଆ ରାଉତଘର ପୁଷ୍ୟାଭିଷେକ ଛାଡ଼ିଲେ ବୋଲି ଆମେ ପୁଷ୍ୟାଭିଷେକ ଛାଡ଼ି ପାରିବୁ ନାହିଁ । ଅଭିଷେକ ହେବ । ଅଲବତ୍ ହେବ । ଗଜପତି ସୁଦ୍ଧା ଆମକୁ ମାନରେ ସରି ନୁହନ୍ତି ।" (ପୁଷ୍ୟାଭିଷେକ) ଅନୁରୂପ ଭାବରେ "ଏକଦା ଜେମାଙ୍କ ସହିତ ମିହିରଭାନୁଙ୍କର ବିବାହର ସମ୍ବନ୍ଧ ଆସିଥିଲା । ମାତ୍ର ଏ ପ୍ରସ୍ତାବ ଚନ୍ଦ୍ରଚୂଡ଼ଙ୍କର ରୁଚିସମ୍ମତ ନ ହେବାରୁ ପ୍ରସ୍ତାବ ସେତିକିରେ ବନ୍ଦ ହୋଇଥିଲା । ଚନ୍ଦ୍ରଚୂଡ଼ଙ୍କର ଆଭିଜାତ୍ୟର ମାପକାଠିରେ ଖାଲିଗାଁଙ୍କର ରାଜପରିବାର ନିମ୍ନ ସ୍ତରର । (ନିତ୍ୟବର୍ତ୍ତମାନକାଳ)

ସାମନ୍ତବାଦ ତାର ସୁଦିନରେ ଯେଉଁ ଆଭିଜାତ୍ୟକୁ ନିଜର କରି ନେଇଥିଲା , ଏ ଦୁର୍ଦ୍ଦିନରେ ମଧ୍ୟ ସାମନ୍ତବାଦ ସେ ଆଭିଜାତ୍ୟକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହେଁ ।

ବିଲୟ ପାଇବା ଭିତରେ ଗୌରବବୋଧ, ଅଜ୍ଞାତ ପ୍ରତି ଆକର୍ଷଣ ପ୍ରଭୃତି ସୁରେନ୍ଦ୍ର ମହାନ୍ତିଙ୍କ କଥା-ସାହିତ୍ୟରେ ଶବିକ ପ୍ରତନୋନ୍ମୁଖୀ

ସାମନ୍ତବାଦର ଅନ୍ୟ ଏକ ବିଶିଷ୍ଟ ସ୍ୱଭାବ । "କିନ୍ତୁ ରାଜେନ୍ଦ୍ରର ମୁଣ୍ଡ ... ର ... ବ...ଚ୍ଛି କାଳର ଧ୍ୱଂସର ନିଶା ସବୁ ଶେଷ ପାଇ ଯିବାର ... ହବୁ ଶେଷ ...ଇ ଯାଉ, ... ଯାଉ । ଅତୀତର ...ମୁଁ ବଂଶ ନଈ ଆସୁ ଭିକ୍ଷୁକର ସ୍ତରକୁ । ପତନର ଶେଷ ସୀମା ...ନ୍ତ ...ସୁ ...ଗାମୀ ଅତୀତ ! ତା ପରେ ପତନର ସେଇ ଗ୍ଲାନି ଭିତରେ, ...ତ ଗୌରବର ସେଇ ଅନ୍ଧକାର ଭିତରେ ପୁଣି ଜନ୍ମ ନେବ ସେଇ ଅତୀତ, ସେଇ ନଷ୍ଟରାଜ ଚୌଧୁରୀ ।" ( ଧ୍ୱଂସାବଶେଷ ) 'ନିତ୍ୟବର୍ତ୍ତମାନ କାଳ' ଗଳ୍ପରେ ମଧ୍ୟ "ଚନ୍ଦ୍ରଚୂଡ଼ ପରିବର୍ତ୍ତିତ କାଳ ସହିତ ସାଲିସ କରି ନ ପାରିଲେ ରୂପକୁମାରୀ ଅପରିବର୍ତ୍ତିତ ପରମ୍ପରା ସହିତ କିପରି ବା ସାଲିସ କରି ପାରିବେ ?" ତେଣୁ ରୂପ କୁମାରୀ ଚାଲି ଯାଇଛି ମିହିରାନୁଙ୍କ ସଙ୍ଗରେ । ଯୁବରାଜ ନରେନ୍ଦ୍ର ତ ଆଗରୁ ଚନ୍ଦ୍ରଚୂଡ଼ଙ୍କୁ ଛାଡ଼ିଥିଲେ ; କିନ୍ତୁ ଚନ୍ଦ୍ରଚୂଡ଼ ଏକାକୀ ହେଲେ ମଧ୍ୟ ପରିବର୍ତ୍ତନ ସହ ଯେପରି ଏକ ଦିଗରେ ସାଲିସ୍ କରି ନାହାନ୍ତି ସେହିପରି ଅନ୍ୟ ଦିଗରେ ବିଳୟ ମଧ୍ୟରେ ଗୌରବବୋଧ କରିବା ପାଇଁ ଦ୍ୱିଧା କରି ନାହାନ୍ତି । "ସିଡ଼ିରେ ଓହ୍ଲାଇବାର ଶବ୍ଦ ଶୁଭୁଥାଏ...... ଅଚଞ୍ଚଳ, ଅବିଚଳିତ ଓ ଦୃଢ଼ ପଦଶବ୍ଦ ।" ଏହା ହେଉଛି ମସ୍ତକକୁ ସଗର୍ବରେ ଉନ୍ନତ କରି ପତନର ଅତଳ ଗହ୍ୱରକୁ ଓହ୍ଲାଇ ଯାଉଥିବା ଆତ୍ମୀୟସ୍ୱଜନ—ପରିତ୍ୟକ୍ତ ସାମନ୍ତବାଦର ଅଚଞ୍ଚଳ, ଅବିଚଳିତ ଓ ଦୃଢ଼ ପଦଶବ୍ଦ । ତନୋସରସପରି ପରିବର୍ତ୍ତିତ କାଳସହିତ ସାଲିସ୍ ନ କରି ଧ୍ୱଂସ ପାଇଯିବା ଭିତରେ ଥିବା ଗୌରବବୋଧରୁ ରାଜେନ୍ଦ୍ର, ଚନ୍ଦ୍ରଚୂଡ଼, ମେଦିନୀରାୟ, ରତ୍ନମାଳୀ, ଦେଓ୍ୱାନ୍ଜୀ କେହି ବଞ୍ଚିତ ନୁହନ୍ତି ।

ସୁରେନ୍ଦ୍ର ମହାନ୍ତି ଏହି ସାମନ୍ତବାଦର ଅନ୍ୟ ଏକ ବୈଶିଷ୍ଟ୍ୟର ଚିତ୍ର ମଧ୍ୟ ଅଙ୍କନ କରିଛନ୍ତି । ତାହା ହେଉଛି ପୌରୁଷ ଉପରେ ଗଭୀର ଆସ୍ଥା । ଏ ସାମନ୍ତବାଦ ଆଭିଜାତ୍ୟକୁ ଧରି ଗର୍ବ କଲେ ମଧ୍ୟ ପୁରୁଷକାରକୁ ସମ୍ମାନ ଦେବାକୁ କୁଣ୍ଠିତ ନୁହେଁ । ବରଂ ପୁରୁଷକାର ଉପରେ ବିଶ୍ୱାସ ହିଁ ଏହାର ଅନ୍ୟ ଏକ ପ୍ରଧାନ ବୈଶିଷ୍ଟ୍ୟ । ଏ ସାମନ୍ତବାଦ ଶକ୍ତିହୀନ, ସମ୍ପଦହୀନ ହୋଇପାରେ କିନ୍ତୁ ଶାସନତନ୍ତ୍ରର ଶକ୍ତିଧର ନବ୍ୟ-ସାମନ୍ତ, ଗଣତନ୍ତ୍ରର ଗଣ ଆଉ ବଣିକତନ୍ତ୍ରର ବଣିକମାନଙ୍କ ନିକଟରେ ଏ

ଜଗତ୍‌ଜଣ୍ଣ ଅସ୍ତଗାମୀ ସାମନ୍ତବାଦ ନିଜର ସ୍ପର୍ଦ୍ଧିତ ଶିର ନୁଆଁଇବାକୁ କୁଣ୍ଠାବୋଧ କରୁଛି; ଅଣ୍ଟା ନଇଁଯାଇଥିଲେ ମଧ୍ୟ ମୁଣ୍ଡନୁଆଁଇ ଶକ୍ତି ବା ସମ୍ପଦ ଭିକ୍ଷା କରୁନାହିଁ । ଚନ୍ଦ୍ରଚୂଡ଼ ନରେନ୍ଦ୍ରଙ୍କୁ କହୁଛନ୍ତି—"କିନ୍ତୁ ଲୋକଙ୍କଠାରୁ କ୍ଷମତାର ଏ ଦାନ ଭିକ୍ଷା କାହିଁକି ? ... କ୍ଷମତାର ଲାଳସା ଚରିତାର୍ଥ କରିବାକୁ ଚାହଁ ତ ? ତମର ପୂର୍ବପୁରୁଷମାନେ ଯାହା କରିଥିଲେ ସେଇଆ କର । ପଟେ ଖଣ୍ଡା ଧରି ଦୁର୍ବଳଙ୍କୁ ଜୟ କର, ଶାସନ କର ।" (ନିତ୍ୟବର୍ତ୍ତମାନ କାଳ) ତାଙ୍କ ମତରେ—"ସଭ୍ୟତାର ଇତିହାସ ବ୍ୟକ୍ତି ଓ ବ୍ୟକ୍ତିତ୍ୱର କାହାଣୀ ।" ବଣିକତନ୍ତ୍ରର ପୌରୁଷ-ହୀନତା ଏହା ସହ ତୁଳନା କରାଯାଇ ପାରେ । ଚନ୍ଦ୍ରଚୂଡ଼ଙ୍କ ଉଆସର ଅଦୂରରେ ତିଆରି ହେଉଥିବା ସିମେଣ୍ଟ କାରଖାନା ମାଲିକର ବିରାଟ ପ୍ରାସାଦ ତାଙ୍କ କୋଡ଼ିଏପୁରୁଷି ଉଆସ ପ୍ରତି ଉପହାସ କରୁଥାଇ ପାରେ ; କିନ୍ତୁ ସିମେଣ୍ଟ କାରଖାନାର ମାଲିକ ତାଙ୍କ ପାଖକୁ ଥରେ ନୁହେଁ, ବହୁ ଥର ଆସିଥିଲା ଜ୍ୱାଇଁ ଠିକା ନେବା ପାଇଁ । ଆସୁଥିଲା ଖାଦରୁ ଜୋତା ଓହ୍ଲାଇ, ମୁଣ୍ଡରୁ ଟୋପି ଖୋଲି, କୁର୍ଣ୍ଣିସ କରି କରି । ଯେହେତୁ ପାଇଁ ପୌରୁଷହୀନ ବଣିକତନ୍ତ୍ର ପ୍ରତି ସାମନ୍ତବାଦର ସମ୍ମାନବୋଧ ନାହିଁ । ସିନ୍ଧୁ ବୈଷ୍ଣବଙ୍କର ଆଣ୍ଠୁ ଉପରୁ ଖଣ୍ଡା ବାହାର କରିବା ପାଇଁ ବାରଂବାର ଆସ୍ଫାଳନ ଭିତରେ ରହିଛି ପୌରୁଷ ଉପରେ ତାଙ୍କର ଗଭୀର ଆସ୍ଥା ଆଉ ବିଶ୍ୱାସ । ଚନ୍ଦ୍ରଚୂଡ଼ କହୁଛନ୍ତି - "ଆଉ କିଛି ଲୋଡ଼ା ନାହିଁ ତାଙ୍କର । ସର୍ବସ୍ୱ ବିନିମୟରେ ସେ ଯଦି ପାଇ ପାରନ୍ତେ ଆଉ ଥରେ ଏହିପରି ଗୋଟିଏ ବୀର୍ଯ୍ୟମାନ, ଗତିବାନ୍ ଅଶ୍ୱ ଆଉ ତରବାରି ।"

ଆଉ ପୌରୁଷ ଉପରେ ଗଭୀର ଆସ୍ଥା, ବିଶ୍ୱାସ ଥିବାରୁ ଏହି ଅସ୍ତଗାମୀ ସାମନ୍ତବାଦ ଅଭିନୟକୁ, ପ୍ରତାରଣାକୁ ଘୃଣା କରୁଛି । ରାଜେନ୍ଦ୍ର ଲୀଳାକୁ ନକଲି ରତ୍ନର ହାର ପିନ୍ଧିବା ପାଇଁ ବାରଣ କରି କହୁଛି—"ଏ ଅଭିନୟ ଭିତରେ ଗ୍ଲାନି ଅଛି, ଅପମାନ ଅଛି, ସେ ହାରଟା ତମେ ପିନ୍ଧିବନି ଲୀଳା ।" ଅନୁରୂପ ଭାବରେ ଚନ୍ଦ୍ରଚୂଡ଼ କହୁଛନ୍ତି ନରେନ୍ଦ୍ରଙ୍କୁ—"ପଟେ ଖଣ୍ଡା ଧରି ଦୁର୍ବଳଙ୍କୁ ଜୟ କର, ଶାସନ କର । ସେଥିରେ ଅଭିନୟ ନାହିଁ । ପ୍ରତାରଣା ନାହିଁ ।"

ଅବଶ୍ୟ ଏ ଅଭିନୟ ଓ ମେଦ୍ଦମରାୟଙ୍କର ଅଭିଷେକ ହେବା ଭିତ୍ତିରେ ଥିବା ଅଭିନୟ ଓ ପ୍ରତାରଣା ମଧ୍ୟରେ ପାର୍ଥକ୍ୟ ଅଛି । ଅତୀତର ସ୍ମୃତିକୁ ଜାବୁଡ଼ିଧରି ସାମନ୍ତବାଦ ନିଜେ ନିଜକୁ ପ୍ରତାରଣା କରୁଛି କିନ୍ତୁ ଅନ୍ୟକୁ ପ୍ରତାରଣା କରି ନାହିଁ । ସାମନ୍ତବାଦର ଅଭିନୟ ମୂଳରେ ଅଛି ଦର୍ପବୋଧ, ଦୈନ୍ୟବୋଧ ନୁହେଁ । ଏହି ଦର୍ପବୋଧମୂଳକ ଅଭିନୟ ଭିତରେ ପୌରୁଷ ଉପରେ ଥିବା ଆସ୍ଥା ହିଁ ପ୍ରକଟିତ ହେଉଅଛି ।

ସାମନ୍ତବାଦ ଦାନଶୀଳ ମଧ୍ୟ । ସୁରେନ୍ଦ୍ର ମହାନ୍ତି ଏହି ଦାନଶୀଳ ସାମନ୍ତବାଦର ଚିତ୍ର ମଧ୍ୟ ଦେଇଛନ୍ତି । ଅର୍ଥ ଅଭାବରୁ ଝିଅକୁ ବିବାହ ଦେଇ ପାରୁ ନ ଥିବା ମେଦ୍ଦମରାୟ ଟଳିଆ ଅମଲ ପୀତାମ୍ବର ନିଜ ପେଟରୁ କାଟି ତାଙ୍କ ପାଖକୁ ପଠାଉଥିବା ଅଫିମ ଖଣ୍ଡିରୁ ବାଙ୍କିଆ ଭଣ୍ଡାରୀକୁ ଲୁଗା ଦେବାକୁ କୁଣ୍ଠିତ ହୋଇ ନାହାନ୍ତି । "ଜେମା ପାଖରେ ଅଳି କରିବୁ, ନୂଆ ଲୁଗା ଥିଲେ ଖଣ୍ଡେ ଖଣ୍ଡେ ଦବ ।" (ପୁଣ୍ୟାଭିଷେକ) କିନ୍ତୁ ଏ ଦାନଶୀଳତା ମଧ୍ୟରେ ଉଦାରତା ନାହିଁ । ବାଙ୍କିଆର ଦୁଃଖରେ ସହାନୁଭୂତିସୂଚକ ସାହାଯ୍ୟ ଏ ନୁହେଁ । ଏହା ଦାନ ମେଦ୍ଦମରାୟଙ୍କର ଦର୍ପବୋଧ ଓ ବାଙ୍କିଆର ଦୈନ୍ୟବୋଧର ପ୍ରତୀକ । ଏ ଦାନଶୀଳତା ଭିତରେ ଅହଂକାର ଅଛି, ଏଥିରେ ଦବାର ଦର୍ପ ଅଛି ।

—ଗ—

ଏହି ପତନୋନ୍ମୁଖ ସାମନ୍ତବାଦର ଦୁଇଟି ଦିଗ ସୁରେନ୍ଦ୍ର ମହାନ୍ତିଙ୍କ କଥା-ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ପ୍ରଥମତଃ ଏହି ପତନୋନ୍ମୁଖ ସାମନ୍ତବାଦ ବିଶାଳତା, ମହାନତା, ଦୃଢ଼ତା, ଅପରିବର୍ତ୍ତନୀୟତା ଓ ଅପରାଜେୟତାର ପ୍ରତୀକ । ଅତୀତ ପ୍ରତି ଦୁର୍ବାର ଆକର୍ଷଣ, ଅତୀତର ଭଂଗା ଖୋଳକୁ ଜାବୁଡ଼ି ଧରିବାର ପ୍ରଚେଷ୍ଟା, ପରିବର୍ତ୍ତନକୁ ହେୟଜ୍ଞାନ ଓ ତାଚ୍ଛଲ୍ୟ, ଆଭିଜାତ୍ୟ ଓ ଦାନଶୀଳତାର ଅହଂକାର, ବିଲୟ ପାଇବା ଭିତରେ ଗୌରବବୋଧ ଓ ପୌରୁଷ ଉପରେ ଆସ୍ଥା ପ୍ରଭୃତି ଭିତରେ ଏହି ପତନୋନ୍ମୁଖ ସାମନ୍ତବାଦର ଅବିଚଳତା ଓ ଦୃଢ଼ତା, ଅପରିବର୍ତ୍ତନୀୟତା ଓ ଅପରାଜେୟତା, ବିଶାଳତା ଓ ଉତ୍ତୁଙ୍ଗତା

ଆତ୍ମପ୍ରକାଶ କରିଛି । ଅତୀତର ଭଙ୍ଗା ଖୋଳକୁ ଜାବୁଡ଼ି ଧରିବା ପାଇଁ ସମସ୍ତ ପ୍ରକାର ଦୁଃଖକଷ୍ଟ ଓ ଦୁର୍ବିପାକକୁ ବରଣ କରିବାକୁ ଏ ସାମନ୍ତବାଦ କୁଣ୍ଠିତ ହୋଇ ନାହିଁ । ମେଦ୍ଦମାଗପୁ ଅକୁଣ୍ଠିତ ଭାବରେ ନିଜର ଅଫିମଖିଆ ଠଙ୍କାକୁ ପୁଷ୍ୟାଭିଷେକ ପାଇଁ ଦାନ କରିଛନ୍ତି । ରତ୍ନମାଳୀ ମଧ୍ୟ ପୁଷ୍ୟାଭିଷେକ ପାଇଁ ନିଜ ଦେହରୁ ଆମ୍ବକଷିଆ ସୁନାହାର ମାଳକ କାଢ଼ିବା ପାଇଁ ଦ୍ୱିଧା କରି ନାହାନ୍ତି । ପୁଣି ଆଭିଜାତ୍ୟର ବଳିଖୁଣ୍ଟରେ ରତ୍ନମାଳୀଙ୍କର ଜୀବନର ସ୍ୱପ୍ନକୁ ବଳିଦେବା ପାଇଁ ମେଦ୍ଦମାଗପୁ ଯେପରି କୁଣ୍ଠିତ ହୋଇ ନାହାନ୍ତି ରତ୍ନମାଳୀ ମଧ୍ୟ ବଳି ପଡ଼ିବା ପାଇଁ ସେହିପରି ଇତସ୍ତତ ହୋଇ ନାହାନ୍ତି । ପରିବର୍ତ୍ତିତ କାଳ ସହିତ ସାଲିସ୍ ନ କରି ଚନ୍ଦ୍ରଚୂଡ଼ ଆତ୍ମୀୟସ୍ୱଜନ—ପରିତ୍ୟକ୍ତ ହୋଇଛନ୍ତି ତଥାପି ତାଙ୍କର ଦୃଢ଼ତାର ଅଭାବ ନାହିଁ, ତଥାପି ସେ ଅଚଞ୍ଚଳ ଓ ଅବିଚଳିତ । ଶକ୍ତିଶାଳୀ ଓ ସମ୍ପଦଶାଳୀ ଶାସନତନ୍ତ୍ର ଓ ବଣିକତନ୍ତ୍ର ନିକଟରେ ସାମନ୍ତବାଦ ମଥା ନୁଆଁଇ ନାହିଁ ବରଂ ନିଜର ସ୍ପର୍ଦ୍ଧିତ ଶିର ଉଚ୍ଚ କରି ସଦର୍ପରେ ଦଣ୍ଡାୟମାନ ହୋଇଛି । ଘରେ ଘି ଥିଲେ ଚିନି ବା ଚିନି ଥିଲେ ଘି ନ ଥାଇ ପାରେ ; କିନ୍ତୁ ନିଜେ ଉପବାସ ରହି ମଧ୍ୟ ବାଜିଆ ଭଣ୍ଡାରୀକୁ ଦାନ କରିବା ପାଇଁ ସାମନ୍ତବାଦ କୁଣ୍ଠିତ ହୋଇ ନାହିଁ । ଏ ସବୁ ଭିତରେ ସାମନ୍ତବାଦର ସମସ୍ତ ପରାଜୟ ମଧ୍ୟରେ ଅପରାଜେୟତା, ସମସ୍ତ ଗ୍ଲାନି ଭିତରେ ଗୌରବ-ବୋଧ, ସମସ୍ତ ଦୈନ୍ୟ ଭିତରେ ପୌରୁଷର ଅହଂକାର ଲକ୍ଷ୍ୟ କରାଯାଇ ପାରେ । ସାମନ୍ତବାଦର ବିଶିଷ୍ଟତା ଓ ମହାନତା ଫୁଟିଛି ଏହାରି ଭିତରେ ।

ଏହି ପତନୋନ୍ମୁଖ ସାମନ୍ତବାଦର ଅନ୍ୟ ଯେଉଁ ଦିଗଟି ସୁରେନ୍ଦ୍ର ମହାନ୍ତିଙ୍କ କଥା-ସାହିତ୍ୟରେ ଧରାଦେଇଛି ତାହା ହେଉଛି ଏ ସାମନ୍ତବାଦର ଅସହାୟତା । ପତନର ଅତଳ ଗହ୍ୱରକୁ ଓହ୍ଲାଇ ଯାଉଥିବା ଶକ୍ତିହୀନ, ସମ୍ପଦହୀନ ଓ ସ୍ୱଜନ-ପରିତ୍ୟକ୍ତ ଘୃଣିତ ଏହି ସାମନ୍ତବାଦ ଏକ କରୁଣ ଅସହାୟତା ମଧ୍ୟ ସୁରେନ୍ଦ୍ର-ସାହିତ୍ୟରେ ଆତ୍ମ ପ୍ରକାଶ କରିଛି । ଶାସନତନ୍ତ୍ର ବଣିକତନ୍ତ୍ରର ଶକ୍ତିଧର ନବ୍ୟ ସାମନ୍ତମାନଙ୍କର ଶକ୍ତି ଓ ସମ୍ପଦ ପଦେ ପଦେ ଏ ସାମନ୍ତବାଦକୁ ଉପହାସ କରୁଛି । ସିମେଣ୍ଟ କାରଖାନା ମାଲିକର

ସୌଧ ଉପହାସ କରୁଛି ଚନ୍ଦ୍ରଚୂଡ଼ଙ୍କର କୋଡ଼ିଏପୁରୁଷି ଉଆସକୁ ।" କେଉଁ ଅନାଦି କାଳର ଖଣ୍ଡେ ଛିଣ୍ଡା, ବହୁ ଜାଗାରେ ସ୍ୟାଇତଲା ସତରଂଚି ମେଦିନୀପୁର ଉଆସର ଦରବାରୀ ଆସନ । ଏ ସତରଂଚିର ସୁଦିନରେ ସୁଦ୍ଧା ଏହା ବଣିକତନ୍ତ୍ର ଓ ହାକିମତନ୍ତ୍ରର ନବ୍ୟ-ସାମନ୍ତମାନଙ୍କର ନବ୍ୟ ଉଆସରେ ପା'ପୋଛୁ କାର୍ପେଟ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତା ନାହିଁ । ମାତ୍ର ଏବେ ବହୁ ଘୃଣିତ ସାମନ୍ତବାଦର ତାହା ହିଁ ମହାସନ ।" ଏ ସବୁ ଭିତରେ ସାମନ୍ତବାଦର କରୁଣ ଦୀନତା ରୂପପରିଗ୍ରହ କରିଛି ମାତ୍ର । ଏହି କରୁଣ ଦୀନତା ଓ ଅସହାୟତାର ଏକ ସ୍ପଷ୍ଟ ଚିତ୍ର ପୁଷ୍ୟାଭିଷେକ ଗଳ୍ପରେ ଦେଖିବା ପାଇଁ ମିଳେ । "ନିଦ୍ରୁତି ରାତିରେ ପେଚା ରାବ ଶୁଣିଲେ ରତ୍ନମାଳୀଙ୍କୁ ଭାରି ଡରମାଡ଼େ । କାହାର ଅଶ୍ରୁପୂର ଉଷ୍ଣ ଅଭୟ ପାଇଁ ସେ ମାଣ୍ଡିଆକୁ ଦୁଇ ବାହୁରେ ଭିଡ଼ି ଧରନ୍ତି, କେ ଜାଣେ ? - ରତ୍ନମାଳୀ କାନ୍ଦୁଥିଲେ—ତାଙ୍କୁ କିଛି ପଚାରନ୍ତୁ ନାହିଁ ।" (ପୁଷ୍ୟାଭିଷେକ)

ପତନୋନ୍ମୁଖୀ ସାମନ୍ତବାଦର ଏହି ଦୁଇଟି ଦିଗ ବିରାଟତା ଓ ଅସହାୟତା ଅବସ୍ଥାର କରିବା ମୂଳରେ ସୁରେନ୍ଦ୍ର ମହାନ୍ତିଙ୍କ ରକ୍ଷଣଶୀଳତାର ପରିଚୟ ମିଳେ । ଅସ୍ତଗାମୀ ସାମନ୍ତବାଦର ବିରାଟତା, ଦୃଢ଼ତା ତଥା ଅପରାଜେୟତା ସେ ଦେଖିଛନ୍ତି, ଦେଖି ଅଭିଭୂତ ହୋଇଛନ୍ତି । ପୁଣି ତାର କରୁଣ ଦୀନତା ଓ ଅସହାୟତାରେ କରୁଣାର୍ଦ୍ର ଓ ସମ୍ବେଦନଶୀଳ ହୋଇଛନ୍ତି । ଏକ ରକ୍ଷଣଶୀଳ ମନୋବୃତ୍ତି ଏଥିପାଇଁ ଦାୟୀ । ନୂତନ ନୁହେଁ ପୁରାତନ, ପରିବର୍ତ୍ତନ ନୁହେଁ, ଅନୁବର୍ତ୍ତନ ତାଙ୍କୁ ଅଧିକ ଆକୃଷ୍ଟ କରିଛି ।

—୪—

ଇଉରୋପର ଇତିହାସରେ ମଧ୍ୟଯୁଗ ସାମନ୍ତବାଦର ସ୍ୱର୍ଣ୍ଣଯୁଗ । ଇଉରୋପୀୟ ସାହିତ୍ୟରେ ପରବର୍ତ୍ତୀ କାଳରେ ଯେତେବେଳେ ରୋମାଣ୍ଟିକ୍ ବିପ୍ଳବ ହେଲା ସେତେବେଳେ ରୋମାଣ୍ଟିକ ସାହିତ୍ୟରେ ଏକ ମଧ୍ୟଯୁଗ ପ୍ରବଣତା ଦେଖାଦେଲା । ଇଂରାଜୀ ସାହିତ୍ୟରେ ସାର ୱାଲଟର ସ୍କଟ୍, ଫରାସୀ ସାହିତ୍ୟରେ ଭିକ୍ଟର ହ୍ୟୁଗୋ, ଜର୍ମାନ ସାହିତ୍ୟରେ ଗେଟେ ଓ ସିଲରର ପ୍ରଭୃତି ମଧ୍ୟଯୁଗର ଏକ ଜୀବନ୍ତ ଚିତ୍ର ଦେଲେ । ସ୍କଟ ପ୍ରଭୃତି ମଧ୍ୟ

ଯୁଗର ଚିତ୍ର ଦେଲାବେଳେ ତାର ଗୌରବ ଗାନ କଲେ । ମଧ୍ୟଯୁଗ ଇତିହାସର ସ୍ୱର୍ଣ୍ଣଯୁଗ ରୂପରେ ଚିହ୍ନିତ ହେଲା । ମଧ୍ୟଯୁଗ ସଭ୍ୟତା ବିକାଶର ଶୀର୍ଷବିନ୍ଦୁ ଆହରଣ କରିଛି ବୋଲି କଳ୍ପିତ ହେଲା । ଆଉ ଏହି ମଧ୍ୟଯୁଗର ଚିତ୍ରରେ ମୁଖ୍ୟସ୍ଥାନ ଅଧିକାର କଲା ମଧ୍ୟଯୁଗୀୟ ସାମନ୍ତମାନଙ୍କର ଚିତ୍ର । ତେବେ ରୋମାଣ୍ଟିକ ବିପ୍ଳବର ଏକ ଅଙ୍ଗ ହୋଇଥିବାରୁ ଏହି ମଧ୍ୟଯୁଗ ପ୍ରବଣତା ମଧ୍ୟରେ ରକ୍ଷଣଶୀଳତା ଯେତେ ଥିଲା ତା ଅପେକ୍ଷା ଅଧିକ ଥିଲା ଏକ ବୈପ୍ଳବିକ ଦୃଷ୍ଟିକୋଣ ।

ତେଣୁ ସ୍କଟ୍‌ଙ୍କ ତୁଳନାରେ ସୁରେନ୍ଦ୍ର ମହାନ୍ତି ରକ୍ଷଣଶୀଳ । ସ୍କଟଙ୍କ ପରି ସେ ହୁଏତ ସାମନ୍ତବାଦ ସଭ୍ୟତା ବିକାଶର ଚରମ ବିନ୍ଦୁ ବୋଲି ଧରି ନେଇଥିଲେ । ଚନ୍ଦ୍ରଚୂଡ଼ଙ୍କ ମୁହଁରେ ସେ ଇତିହାସର ଏହି ବ୍ୟାଖ୍ୟା ହିଁ ଦେଇଛନ୍ତି—"ତା-ପୂର୍ବରୁ ଆଉରି ସୁଦୂର ଅତୀତରେ ଥିଲା ଆଦିମ ଯୁଗର ପ୍ରାଗୈତିହାସିକ ସମାଜବାଦ ...ସେ ପ୍ରାଚୀନ ସମାଜରୁ ସମ୍ଭବ ହେଲା କିପରି ରାଜାର, ରାଜ୍ୟର, ସାମ୍ରାଜ୍ୟର ? କାର୍ଲାଇଲ୍‌ଙ୍କ ପରି ସେ କହିଛନ୍ତି—ସଭ୍ୟତାର ଇତିହାସ ବ୍ୟକ୍ତି ଓ ବ୍ୟକ୍ତିତ୍ୱର କାହାଣୀ; ବ୍ୟକ୍ତିଗତ ସମ୍ପତ୍ତି ଓ ଅଧିକାର ଉପରେ ସଭ୍ୟତାର ପ୍ରତିଷ୍ଠା ।" ଚନ୍ଦ୍ରଚୂଡ଼ଙ୍କ ମତରେ ସଭ୍ୟତା ବିକାଶର କ୍ରମ ହୁଏତ ହେଉଛି ସମାଜବାଦରୁ ସାମନ୍ତବାଦ । ଆଉ ଏ ସବୁ ଲେଖକଙ୍କର ମତ ବୋଲି ଗ୍ରହଣ କରି ନଆଯାଇ ପାରେ ।

କିନ୍ତୁ ସ୍କଟ ମଧ୍ୟଯୁଗୀୟ ସାମନ୍ତବାଦର ଗୌରବ ଗାନକରିବା ବେଳେ, ମଧ୍ୟଯୁଗୀୟ ସାମନ୍ତବାଦର ଏକ ଗୌରବୋଜ୍ଜ୍ୱଳ ଜୀବନ୍ତ ଚିତ୍ର ଦେବାବେଳେ ସୁରେନ୍ଦ୍ର ମହାନ୍ତି ସାମନ୍ତବାଦର ପତନ ଭିତରେ ମଧ୍ୟ ତାର ବିରାଟତାର ସନ୍ଧାନ ପାଇଛନ୍ତି । ସ୍କଟ୍ ସାମନ୍ତବାଦର ମଧ୍ୟାହ୍ନ ଦୀପ୍ତି ମଧ୍ୟରେ ତାର ମହତ୍ତ୍ୱ ସନ୍ଧାନ କଲାବେଳେ ସୁରେନ୍ଦ୍ର ମହାନ୍ତି ସାମନ୍ତବାଦର ସାୟାହ୍ନରେ ହିଁ ତାର ମହତ୍ତ୍ୱର ସନ୍ଧାନ କରିଛନ୍ତି । ସେତିକି ନୁହେ ପରିବର୍ତ୍ତନ ଓ ନୂତନ ପ୍ରତି ତାଙ୍କର ତାତ୍ସଲ୍ୟ ଓ ହେୟଜ୍ଞାନ ମଧ୍ୟ ବିସ୍ତୃତର ପରିସରକୁ ଅଣାଯାଇ ପାରେ । ସେ 'ନିତ୍ୟବର୍ତ୍ତମାନ କାଳ' ଗଳ୍ପରେ କହିଛନ୍ତି—"ପୁରୁଣା ବୁନିଆଦର ଭଙ୍ଗା କୁଢ଼ ଉପରେ ନୂଆ ବୁନିଆଦର

ଇମାରତ ଗଢ଼ା ହେଉଛି ; କିନ୍ତୁ ନୂଆ ବୁନିଆଦ ଗଢ଼ା ହେଉଛି କି ?" 'ପୁଷ୍ୟାଭିଷେକ' ଗଳ୍ପରେ କହିଛନ୍ତି –"ନୂଆ ଠେକରେ ପୁରୁଣା ରହିଣିଆ ଘିଅ ଢ଼ଳା ଯାଉଛି ।" ଏ ସବୁ ଭିତରେ ପରିବର୍ତ୍ତନ ପ୍ରତି ତାଙ୍କର କଟାକ୍ଷ ଲକ୍ଷ୍ୟ କରାଯାଇ ପାରେ । ପତନୋନ୍ମୁଖୀ ସାମନ୍ତବାଦର ମହତ୍ତ୍ୱ ନିକଟରେ ବଣିକତନ୍ତ୍ର ଓ ଶାସନତନ୍ତ୍ରର ପ୍ରତିନିଧିମାନଙ୍କୁ ହୀନ ପ୍ରତିପନ୍ନ କରିବା ଭିତରେ ମଧ୍ୟ ଅନୁରୂପ ଦୃଷ୍ଟିକୋଣ ପରିଲକ୍ଷିତ ହୁଏ । ନରେନ୍ଦ୍ରଙ୍କ ପ୍ରତି ଚନ୍ଦ୍ରଚୂଡ଼ଙ୍କ—"ମୁଁ ଜାଣେ ଦିନେ ସେଇମାନଙ୍କର କ୍ଷମତା ପାଇ, ତୁମେ ସେମାନଙ୍କୁ ଆଉରି ନିର୍ଯ୍ୟାତିତ କରିବ ।" କହିବା ଭିତରେ ବା ରାଜଗୁରୁଙ୍କ ପ୍ରତି ବ୍ରଜେଶ୍ୱରଙ୍କ—"ହୁଏତ ମନୁଷ୍ୟର ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ମନୁଷ୍ୟ ରାଷ୍ଟ୍ରର ସୃଷ୍ଟି କରିଥିଲା ; କିନ୍ତୁ ମନୁଷ୍ୟଠୁ ବଳି ରାଷ୍ଟ୍ର ଯେ ଆଉରି ଅତ୍ୟାଚାରୀ ହୋଇପାରେ ସେ ଆଶଙ୍କା ବା କିଏ କରିଥିଲା କହ !........ମୁଁ ଅତ୍ୟାଚାର ଓ ପୀଡ଼ନ କରୁଥିଲି ପ୍ରଜାମାନଙ୍କ ମତାମତ ନ ଲୋଡ଼ି, କିନ୍ତୁ ଗଣତନ୍ତ୍ରରେ ତାଠୁ ବଳି ଆଉରି ନିଷ୍ଠୁର ଅତ୍ୟାଚାର ଓ ପୀଡ଼ନ ଚାଲେ ପ୍ରଜାମାନଙ୍କ ମତାମତ ନେଇ ।" ଉକ୍ତି ଭିତରେ ପରିବର୍ତ୍ତନ ଓ ଗଣତନ୍ତ୍ର ଉପରେ ସମାନ ଆସ୍ଥାହୀନତା ପ୍ରକାଶିତ ହୁଏ ।

ପୁଣି ବ୍ରଜେଶ୍ୱରଙ୍କର—"ଅତ୍ୟାଚାର କରିବା ମନୁଷ୍ୟର ଧର୍ମ । ସୁଯୋଗ ପାଇଲେ ଜଣେ ମନୁଷ୍ୟ ଅନ୍ୟ ଜଣକ ପ୍ରତି ଯାହା କରିଥାଏ ତାହା ଅତ୍ୟାଚାର ।" ଉକ୍ତି ମଧ୍ୟ ତାଙ୍କର ସିନିସିଜିମ୍ ବା ବିଷାଦବାଦର ପରିଚାୟକ ।

ସାମନ୍ତବାଦର କରୁଣ ଅସହାୟତାର ଶବଦେବାରେ ଡନ୍ କୁଇକ୍ ସୋଟ୍ ଦ' ଲ' ମାଞ୍ଚା **(Dor Quixota dela Marcha)** ର ଲେଖକ ସ୍ପେନୀୟ ସାହିତ୍ୟିକ ମିଗୁଏଲ୍ ଦ ସେର ଭାଁଟ୍ **(Miguel de Cervants)** ଙ୍କ ସହ ତାଙ୍କର ସାମଞ୍ଜସ୍ୟ ରହିଛି । ତେବେ ସେର୍ଭାଁଟ୍ ସାମନ୍ତବାଦର କରୁଣ ଅସହାୟତାର ଶବ ଦେଇଥିଲେ ମଧ୍ୟ ରକ୍ଷଣଶୀଳ ନୁହନ୍ତି । ସେଥିପାଇଁ "ଡନ୍ କୁଇକ୍ ସୋଟ୍"ର ଛତେ ଛତେ ସାମନ୍ତବାଦକୁ ବିଦ୍ରୂପ କରାଯାଇଛି ; କିନ୍ତୁ ଏହି ବିଦ୍ରୂପାତ୍ମକ ଦୃଷ୍ଟିକୋଣ ସୁରେନ୍ଦ୍ର ମହାନ୍ତିଙ୍କର ନାହିଁ ।

ଔପନ୍ୟାସିକ ଫକୀର ମୋହନ ତାଙ୍କ ଉପନ୍ୟାସଗୁଡ଼ିକରେ 'ଓଡ଼ିଶାର ପୁରୁଣା ବୁନିଆଦି, ସମାଜ ଓ ସାମନ୍ତ ପରିବାରର ଚିତ୍ର ଦେଇଛନ୍ତି । ଫକୀର ମୋହନଙ୍କ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି— "ବାଲ୍ୟମୁଖୀ ଏହି ସମସ୍ତ ପୁରାତନ ବୁନିଆଦି ପରିବାର-ମାନଙ୍କରେ ସମାଜ ଜୀବନରେ ଯାହା କିଛି ଶ୍ରେଷ୍ଠ, ଉଦାର ଓ ମହତ୍ ଥିଲା ତାହା ପ୍ରକାଶ ପାଇଥିଲା । କିନ୍ତୁ ପୁରୁଣା ବୁନିଆଦିର ଭୁଷୁଡ଼ା କାନ୍ଥ ଉପରେ ଯେଉଁ ନୂଆ ବୁନିଆଦିର ମୂଳଦୁଆ ପଡୁଥିଲା, ସେଥିରେ ପ୍ରକାଶ ପାଇଥିଲା ମଣିଷମନର ସଙ୍କୀର୍ଣ୍ଣତା, କ୍ଷୁଦ୍ରତା, ଲୋଭ, ହିଂସା, ଅସୂୟା ଓ ପରସ୍ୱତ୍ତ୍ୱ ଅପହରଣର ହୀନ ପ୍ରବୃତ୍ତି ।" (ଫକୀର ମୋହନ ସମୀକ୍ଷା,' ୨ୟ ସଂସ୍କରଣ, ପୃଷ୍ଠା—୨୧୫—୧୬) ଅନ୍ୟତ୍ର ମଧ୍ୟ—"ଏହି ପୁରୁଣା ବୁନିଆଦି ଫକୀର ମୋହନଙ୍କ କଳ୍ପନାରେ ସବୁ ମହତ୍ତ୍ୱ ଓ ମାନବିକ ଆଦର୍ଶର ସଙ୍କେତ ଥିଲା ?" (ତତ୍ରୈବ-ପୃଷ୍ଠା-୨୧୪) । ତେଣୁ ସୁରେନ୍ଦ୍ର ମହାନ୍ତି ଶେଷରେ ମତ ଦେଇଛନ୍ତି—"ଫକୀର ମୋହନ ରକ୍ଷଣଶୀଳତାର ପୂଜାରୀ ଥିଲେ ।" (ତତ୍ରୈବ—ପୃଷ୍ଠା-୨୧୭)

ଏହି ଆପାତ ସାମଞ୍ଜସ୍ୟ ଦେଖି ହଠାତ୍ ହୁଏତ ମନେ ହୋଇ ପାରେ ଯେ ଫକୀର ମୋହନ ଓ ସୁରେନ୍ଦ୍ର ମହାନ୍ତିଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ଉଭୟେ ଏକ ପଥର ପଥିକ । କିନ୍ତୁ ଏହି ଆପାତ ସାମଞ୍ଜସ୍ୟ ମଧ୍ୟରେ ଉଭୟଙ୍କ ଦୃଷ୍ଟିଭଙ୍ଗୀରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି । ସୁରେନ୍ଦ୍ର ମହାନ୍ତି ଫକୀର ମୋହନଙ୍କ ସମ୍ପର୍କରେ ଅନ୍ୟତ୍ର କହିଛନ୍ତି—"ପୁଣି ସେତେବେଳେ ଦେଶରେ ଯେ ଏକ ନୂତନ ସମାଜାଦର୍ଶ ପ୍ରତିଷ୍ଠିତ ହେବାକୁ ଯାଉଥିଲା, ତାହା ନୁହେଁ । ସାମନ୍ତବାଦର ସୌଭାଗ୍ୟଦୀପ୍ତ ଆକାଶ, ସେତେବେଳେ ପର୍ଯ୍ୟନ୍ତ ଅବସାନର ଆସନ୍ନ ଅନ୍ଧକାରରେ ମଳିନ ହୋଇ ନ ଥିଲା ।" (ତତ୍ରୈବ, ପୃ-୨୧୭) ତେଣୁ ଫକୀର ମୋହନ ସାମନ୍ତବାଦର ପତନର ଚିତ୍ର କୁଆପି ଦେଇ ନାହାନ୍ତି । ବାଲ୍ୟମୁଖୀ ସାମନ୍ତବାଦର ଚିତ୍ର ସେ ଅଙ୍କନ ନ କରି କେବଳ ବୁନିଆଦି ସାମନ୍ତ ପରିବାରର ପତନର ଚିତ୍ର ଦେଇଛନ୍ତି । ତାଙ୍କ ରଚନାରେ ପୁରୁଣା ସାମନ୍ତ ପରିବାରର ପତନ ଓ ନୂଆ ସାମନ୍ତ ପରିବାରର ଅଭ୍ୟୁଦୟ ଭିତରେ ସାମନ୍ତବାଦର ପତନର ଚିତ୍ର କେଉଁଠାରେ ନାହିଁ ।

କିନ୍ତୁ ସୁରେନ୍ଦ୍ର ମହାନ୍ତି ବିଲୟମୁଖୀ ସାମନ୍ତବାଦର ଚିତ୍ର ଅଙ୍କନ କରିଛନ୍ତି । ତେବେ ଫକୀର ମୋହନ ଓ ସୁରେନ୍ଦ୍ର ମହାନ୍ତିଙ୍କ ମଧ୍ୟରେ ପାର୍ଥକ୍ୟ ଏତିକିରେ ସୀମାବଦ୍ଧ ନୁହେଁ । କାରଣ ଏ ପାର୍ଥକ୍ୟ ଗୁଣଗତ ପାର୍ଥକ୍ୟ ନ ହୋଇ ଏକ ପରିଣାମଗତ ପାର୍ଥକ୍ୟ ବ୍ୟତୀତ ଆଉ କିଛି ନୁହେଁ । କାରଣ ସୁରେନ୍ଦ୍ର ମହାନ୍ତି ମଧ୍ୟ ସାମନ୍ତବାଦର ପତନରେ ଯେଉଁ ପରିବର୍ତ୍ତନ ହେଉଛି ତାହା ମୌଳିକ ପରିବର୍ତ୍ତନ ନୁହେଁ ବୋଲି ସୂଚନା ଦେଇଛନ୍ତି । ଏହା ପରିବର୍ତ୍ତନ ନୁହେଁ ବରଂ ଅନୁବର୍ତ୍ତନ । "ନୂଆ ଠେକିରେ ପୁରୁଣା ରହଣିଆ ଘିଅ ଢଳା ଯାଉଛି ।" ବା "ପୁରୁଣା ବୁନିଆଦର ଭଙ୍ଗା କୁଡ଼ ଉପରେ ନୂଆ ବୁନିଆଦର ଇମାରତ୍ ଗଢ଼ା ହେଉଛି । କିନ୍ତୁ ନୂଆ ବୁନିଆଦ ଗଢ଼ାହେଉଛି କି ?"

କିନ୍ତୁ ଫକୀର ମୋହନ ବିଲୟଶୀଳ ପୁରାତନ ପରିବାରରେ ସମାଜ-ଜୀବନର ଯାହା କିଛି ଶ୍ରେଷ୍ଠ, ଉଦାର ଓ ମହତ୍ତ୍ୱ ଥିଲା ତା ଲକ୍ଷ୍ୟ କରିଛନ୍ତି ; କିନ୍ତୁ ସୁରେନ୍ଦ୍ର ମହାନ୍ତି ଉଦାରତା ଓ ମହତ୍ତ୍ୱ ପରିବର୍ତ୍ତେ ବିଲୟଶୀଳ ସାମନ୍ତବାଦର ସମସ୍ତ ପରାଜୟ ମଧ୍ୟରେ ଅପରାଜେୟତା ହିଁ ବିଶେଷ ଭାବରେ ଲକ୍ଷ୍ୟ କରିଛନ୍ତି । ପରାଜିତ ପୁରୁରାଜା ଆଲେକଜାଣ୍ଡରଙ୍କ ଠାରୁ ରାଜୋଚିତ ମର୍ଯ୍ୟାଦା ଆଶା କଲାପରି ଏ ସାମନ୍ତବାଦ ସମସ୍ତ ଦୁର୍ବିପାକ ମଧ୍ୟରେ ସାମନ୍ତୋଚିତ ମର୍ଯ୍ୟାଦା ହିଁ ଖୋଜୁଛି । ପତନ ଭିତରେ ମଧ୍ୟ ଏ ସାମନ୍ତବାଦର ସ୍ପର୍ଦ୍ଧା, ପୌରୁଷ ଓ ଦୃଢ଼ତା ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟର ମୂଳକଥା । ବଣିକତନ୍ତ୍ର ଓ ହାକିମତନ୍ତ୍ରର ନବ୍ୟ ସାମନ୍ତମାନଙ୍କର ସ୍ପର୍ଦ୍ଧାର ଅଭାବ, ପୌରୁଷର ଅଭାବ, ଦୃଢ଼ତାର ଅଭାବ ପ୍ରତି ସୁରେନ୍ଦ୍ର ମହାନ୍ତି କଟାକ୍ଷ କରିଛନ୍ତି ; କିନ୍ତୁ ଫକୀର ମୋହନଙ୍କ ପରି କେବଳ ସଂକୀର୍ଣ୍ଣତା କ୍ଷୁଦ୍ରତା, ଲୋଭ, ହିଂସା, ଅସୂୟା ଓ ପରସ୍ୱତ୍ତ୍ୱ ଅପହରଣର ହୀନ ପ୍ରବୃତ୍ତି ପ୍ରତି ନୁହେ । ଦର୍ପବୋଧ ହିଁ ହେଉଛି ଅସ୍ତୋନ୍ମୁଖୀ ସାମନ୍ତବାଦର କେନ୍ଦ୍ରବିନ୍ଦୁ ।

ପୁଣି ସୁରେନ୍ଦ୍ର ମହାନ୍ତି ଏହି ବିଲୟମୁଖୀ ସାମନ୍ତବାଦର ଯେଉଁ ଅସହାୟତାର ଚିତ୍ର ଦେଇଛନ୍ତି ତାହା ଫକୀର ମୋହନଙ୍କ ବିଲୟମୁଖୀ ପୁରୁଣା ବୁନିଆଦ ସମାଜର ଚିତ୍ରରେ ନାହିଁ । ତାର କାରଣ ହେଉଛି ଫକୀରମୋହନ ପୁରୁଣା ବୁନିଆଦି ଆଦର୍ଶର ବିଲୟର କଳ୍ପନା ନ କରି ତା

ସହ ନବ୍ୟ ଆଦର୍ଶର ସଂଘର୍ଷ କଳ୍ପନା କରିଛନ୍ତି । ଫଳରେ ସେଇ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ "ନୂତନ ସାମାଜିକ ମୂଲ୍ୟବୋଧ ଓ ଆଦର୍ଶହୀନ ଆଡମ୍ବରପ୍ରିୟ ପର ପ୍ରାଚୀନ ସମାଜ ବ୍ୟବସ୍ଥାକୁ ହତ୍ୟା କରିବା ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ ମଧ୍ୟ ତିଷ୍ଠି ପାରି ନାହିଁ । ପରିଣାମରେ ପ୍ରାଚୀନ ସମାଜଦର୍ଶର ହିଁ ଜୟ ହୋଇଛି । କିନ୍ତୁ ସୁରେନ୍ଦ୍ର ମହାନ୍ତି ପ୍ରକାଶ୍ୟରେ ହେଉ ବା ପରୋକ୍ଷରେ ପ୍ରଚ୍ଛନ୍ନ ଭାବରେ ହେଉ ସାମନ୍ତବାଦର ପୁନରୁତ୍ଥାନର କଳ୍ପନା କରି ନାହାନ୍ତି ।

କିନ୍ତୁ ସେଥିପାଇଁ ସୁରେନ୍ଦ୍ର ମହାନ୍ତି କମ୍ ରକ୍ଷଣଶୀଳ ନୁହଁନ୍ତି । ବରଂ ସାମନ୍ତବାଦର ଏହି କରୁଣ ଅସହାୟତାର ଚିତ୍ର ଭିତରେ ସେ ଅଧିକ ରକ୍ଷଣଶୀଳ । ପୁଣି ବ୍ରଜେଶ୍ୱରଙ୍କର "ଅତ୍ୟାଚାର କରିବା ମନୁଷ୍ୟର ଧର୍ମ । ସୁଯୋଗ ପାଇଲେ ଜଣେ ମନୁଷ୍ୟ ଅନ୍ୟ ଜଣକ ପ୍ରତି ଯାହା କରିଥାଏ ତାହା ଅତ୍ୟାଚାର ।" (ଡିନୋସରର ଆତ୍ମା) ଉକ୍ତି ମଧ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ଯେଉଁ ସିନିସିଜମ୍ ବା ବିଷାଦବାଦ ପ୍ରତିଫଳିତ ହେଉଛି ସେଥିରୁ ସେ ଅଧିକ ରକ୍ଷଣଶୀଳ ବୋଲି ମନେହୁଏ । କାରଣ ସଭ୍ୟତା ବା ମନୁଷ୍ୟ ସମାଜର ପ୍ରଗତିରେ ତାଙ୍କର ଆସ୍ଥାହୀନତା ହିଁ ଏହା ମଧ୍ୟରେ ପ୍ରକାଶିତ ହେଉଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟାନ୍ୟ ବହୁ ଗଳ୍ପରେ ମଧ୍ୟ ଏହିପରି ରକ୍ଷଣଶୀଳତା ଲକ୍ଷ୍ୟ କରାଯାଇ ପାରେ । ଆଧୁନିକ ସଭ୍ୟତା, କବିତା, ରାଜନୈତିକ ଦର୍ଶନ କର୍ମପନ୍ଥା ପ୍ରତି ବିଦ୍ରୂପ କୃଷ୍ଣଚୂଡ଼ା କାଳମାଟି, ସାଙ୍ଗ୍ରିଲା, ଭାଗାବଣ୍ଡ, ଶେଷ କବିତା, ରୁଟି ଓ ଚନ୍ଦ୍ର, ନରବଳି, ଅଣ୍ଡର-ଗ୍ରାଉଣ୍ଡ, ନୟନପୁର ଏକ୍ସପ୍ରେସ ପ୍ରଭୃତି ଗଳ୍ପଗୁଡ଼ିକରେ ପ୍ରତିଫଳିତ ହୋଇଛି ।

— ୪ —

ପତନୋନ୍ମୁଖ ସାମନ୍ତବାଦକୁ କେନ୍ଦ୍ର କରି ରଚିତ ହୋଇଥିବା ସୁରେନ୍ଦ୍ର ମହାନ୍ତିଙ୍କର ଏହିସବୁ ଗଳ୍ପଗୁଡ଼ିକର ଗଠନ ଶୈଳୀରେ ଥିବା ଏକ ପ୍ରଧାନ ବିଶେଷତ୍ୱ ହେଉଛି, ଏ ସବୁ ଚରିତ୍ରମୂଳକ ବା ଚରିତ୍ର-

କୈନ୍ଦ୍ରିକ କ୍ଷୁଦ୍ରଗଳ୍ପ । ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଚରିତ୍ରକୁ ଉପଜୀବ୍ୟ କରି ଏ ସବୁ ଗଳ୍ପର ସୃଷ୍ଟି । ସେଇ ନିର୍ଦ୍ଦିଷ୍ଟ ଚରିତ୍ରକୁ ପୁଷ୍ଟ କରିବା ପାଇଁ ବିଭିନ୍ନ ଘଟଣାର ଅବତାରଣା କରାଯାଇଛି ଓ ପରିବେଶ ସୃଷ୍ଟି କରାଯାଇଛି ।

କିନ୍ତୁ କ୍ଷୁଦ୍ରଗଳ୍ପର କେନ୍ଦ୍ରବିନ୍ଦୁ ଏଇ ଚରିତ୍ରଗୁଡ଼ିକର ମାତ୍ର ଗୋଟିଏ ବା ଦୁଇଟି ଦିଗ ହିଁ ତାଙ୍କର ଗଳ୍ପରେ ସ୍ଥାନ ପାଇଛି । ଚରିତ୍ରର ପୂର୍ଣ୍ଣାଙ୍ଗ ପରିଚୟ ପରିବର୍ତ୍ତରେ ଚରିତ୍ରର ଏକ ଆଙ୍ଗିକ ପରିଚୟ ହିଁ ସେ ସବୁଠାରେ ଦେଇଛନ୍ତି । ତେବେ କ୍ଷୁଦ୍ରଗଳ୍ପର ଏହା ହିଁ ଧର୍ମ । ଚରିତ୍ରର ପୂର୍ଣ୍ଣାଙ୍ଗ ଚିତ୍ର ପରିବର୍ତ୍ତରେ ଚରିତ୍ରର ଗୋଟିଏ ଗୋଟିଏ ଦିଗ ହିଁ ସାଧାରଣତଃ କ୍ଷୁଦ୍ରଗଳ୍ପରେ ସ୍ଥାନ ପାଇଥାଏ । ଚରିତ୍ରର ପୂର୍ଣ୍ଣାଙ୍ଗ ପରିଚୟ ନୁହେଁ, ତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗହିଁ କ୍ଷୁଦ୍ରଗଳ୍ପରେ ସାଧାରଣତଃ ଧରା ଦେଇଥାଏ । ପତନୋନ୍ମୁଖୀ ସାମନ୍ତବାଦର ପ୍ରତିନିଧିତ୍ୱ କରିବା ହିଁ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପର ମୁଖ୍ୟ ଚରିତ୍ରମାନଙ୍କର ଏକମାତ୍ର କାର୍ଯ୍ୟ; ସେମାନଙ୍କର ଏକମାତ୍ର ପରିଚୟ ହେଉଛି ସେମାନେ ସାମନ୍ତବାଦର ପ୍ରତିନିଧି ।

ପୁଣି ଏଇ କାରଣରୁ ଏସବୁ ଚରିତ୍ରମାନଙ୍କର ଗତି ନାହିଁ; ଆରମ୍ଭ, ବିକାଶ ଓ ପରିଣତି ନାହିଁ, ଗୋଟିଏ ଗୋଟିଏ ବିନ୍ଦୁରେ ହିଁ ସେମାନଙ୍କର ଆରମ୍ଭ, ବିକାଶ ଓ ପରିଣତି । ତେଣୁ ଏସବୁ ଚରିତ୍ରର ମନୋବିଶ୍ଳେଷଣର ବିଶେଷ ସୁଯୋଗ ମଧ୍ୟ ଗଳ୍ପଗୁଡ଼ିକରେ ନାହିଁ; ଏସବୁ ଚରିତ୍ର ମାନବିକ ଆବେଦନରେ ସିକ୍ତ ନୁହନ୍ତି । ଏଠାରେ ପିତା ପିତା ନୁହେଁ; ପୁତ୍ର ପୁତ୍ର ନୁହେଁ । ଏସବୁ ଚରିତ୍ର ଗୋଟିଏ ଗୋଟିଏ ଭାବଧାରାର ପ୍ରତୀକ । ସେମାନଙ୍କର ଅନ୍ୟ ପରିଚୟ ନାହିଁ; ଥିଲେ ବି ତାହା ଗୌଣ । ତେଣୁ ଏସବୁ ଚରିତ୍ର ପ୍ରାୟ ସରଳ ଚରିତ୍ର **(Flat Character)** । କେବଳ ସେତିକି ନୁହେଁ; ଯେଉଁଠାରେ ଏମାନଙ୍କର ବିରୋଧ ଚରିତ୍ରର ପରିକଳ୍ପନା କରାଯାଇଛି, ସେଠାରେ ସେହି ସେହି ବିରୋଧ ଚରିତ୍ରଗୁଡ଼ିକ ମଧ୍ୟ ଅନୁରୂପ ଗୁଣରେ ଭୂଷିତ ।

ସୁରେନ୍ଦ୍ର ମହାନ୍ତିଙ୍କ ପରିବେଷଣ ଶୈଳୀ ଅଧିକାଂଶ ସମୟରେ ନାଟକୀୟ । ନାଟକର ସେଟିଂ ସଜାଡ଼ିଲା ପରି ଟିକିନିଖି ବର୍ଣ୍ଣନା ମଧ୍ୟ ଏସବୁ

ଗଳ୍ପର ବିଶେଷତ୍ୱ । ପୁଣି 'ପୁରୁଣା ଠେକରେ ପୁରୁଣା ରହଣିଆ ଘିଅ ଢଳା ହେଉଛି ।' ପରିପ୍ରକାଶ ଭଙ୍ଗୀ ଓ ଚନ୍ଦ୍ରଚୂଡ଼ଙ୍କ ସିଂହଦ୍ୱାର ଘଣ୍ଟା ଦଶ ମିନିଟ୍ ଲେଟ ଥିବା (ଅତ୍ୟବର୍ତ୍ତମାନ କାଳ) ଚନ୍ଦ୍ରଚୂଡ଼ଙ୍କ ଅଚଞ୍ଚଳ, ଅବିଚଳିତ ଓ ଦୃଢ଼ ପଦଶବ୍ଦ (ତଦୈବ) ବା ବାଜଣାକୁ ଅପେକ୍ଷା କରି କରି ଜଗବନ୍ଧୁ ଶୋଇପଡ଼ିବା (ପୁଷ୍ପାଭିଷେକ)ର ବର୍ଣ୍ଣନା ଅତ୍ୟନ୍ତ ବ୍ୟଞ୍ଜନାଧର୍ମୀ ହୋଇଥିବାରୁ ଗଳ୍ପଗୁଡ଼ିକର ବକ୍ତବ୍ୟ ପାଠକ ନିକଟରେ ଅତି ସ୍ପଷ୍ଟ ହୋଇପାରୁଛି ।

(ପ୍ରଥମ ପ୍ରକାଶ, 'ଇସ୍ତାହାର'—୨୪, ଅକ୍ଟୋବର/ଡିସେମ୍ବର ୧୯୮୩)

□□□

# ମରାଳର ମୃତ୍ୟୁ : ଏକ ଅଧ୍ୟୟନ

ଅତୃପ୍ତି ପୀଡ଼ିତ ଆଧୁନିକ ଜୀବନ ଯନ୍ତ୍ରଣା ଓ ଦହନର ଚିତ୍ର ସୁରେନ୍ଦ୍ର ମହାନ୍ତିଙ୍କ ବହୁ କ୍ଷୁଦ୍ରଗଳ୍ପର ଉପଜୀବ୍ୟ । ତାଙ୍କର ମରାଳର ମୃତ୍ୟୁ ( ୧୯୭୨ ) କ୍ଷୁଦ୍ରଗଳ୍ପଟି ମଧ୍ୟ ଏହି ଭାବଧାରାକୁ ଆଶ୍ରୟ କରି ଲିଖିତ । କିନ୍ତୁ ଓଡ଼ିଶାର ସାଂସ୍କୃତିକ ଇତିହାସର ପରିପ୍ରେକ୍ଷୀରେ ଆଧୁନିକ ଜୀବନର ଚିତ୍ର ଅଙ୍କନ କରିବାର ପ୍ରଚେଷ୍ଟା ଏ ଗଳ୍ପଟିକୁ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ କରାଇଅଛି । ଏହି ସାଂସ୍କୃତିକ ଇତିହାସର କଳନାରେ ଗାଳ୍ପିକ ସୁରେନ୍ଦ୍ର; ପଣ୍ଡିତ ନୀଳକଂଠ ତଥା ଆଲୋଚକ ଚିତ୍ତରଂଜନ ଦାସଙ୍କ ଦୃଷ୍ଟିଭଙ୍ଗୀ ଓ ଭାବଧାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବାର ଅନୁମିତ ହୁଏ । ସୁରେନ୍ଦ୍ର ମହାନ୍ତିଙ୍କ ' ଓଡ଼ିଆ ସାହିତ୍ୟର ଆଦିପର୍ବ'' ଓ 'ଓଡ଼ିଆ ସାହିତ୍ୟର ମଧ୍ୟପର୍ବ' ୧୯୬୭) ରେ ଏହି ପ୍ରଭାବର ମୁଦ୍ରାଙ୍କନ ସ୍ପଷ୍ଟ ଭାବରେ ବାରିହୋଇ ପଡ଼େ । ତେଣୁ ଏହି ଗଳ୍ପର ପରିକଳ୍ପନାରେ ସେହି ପ୍ରଭାବକୁ ଆବିଷ୍କାର କରିବାର ପ୍ରଚେଷ୍ଟା ଆଦୌ ଅବାନ୍ତର ନୁହେଁ । ଏଇ ପ୍ରଭାବ ସ୍ପଷ୍ଟ ହୋଇଯିବ ତଥା ଗଳ୍ପଟିର ଅବବୋଧ ଯଥେଷ୍ଟ ସହଜ ହେବ ବୋଲି ଗଳ୍ପର ନଅ ବର୍ଷ ପୂର୍ବରୁ ଲିଖିତ ପଣ୍ଡିତ ନୀଳକଣ୍ଠଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ୨ୟ ଭାଗ ( ୧୯୬୩ )" ଗ୍ରନ୍ଥର ' ଆଦ୍ୟ କଥନ''ରୁ କିଛି ଉଦ୍ଧାର କରାଗଲା ।

"ଏଇ ପ୍ରାଚ୍ୟ ଦାର୍ଶନିକ ଧର୍ମ ସଂକୁଚିତ ହୋଇ ଓଡ଼ିଶାର ଏବେ ବି ବରାବର ଲୋପ ପାଇ ନାହିଁ । ପୁରୁଷୋତ୍ତମ ଜଗନ୍ନାଥ ଏଇ ସଂସ୍କୃତି ଓ ସାହିତ୍ୟର ନିତ୍ୟ ସଂକେତ ହୋଇ ଏବେ ମଧ୍ୟ ରହିଛନ୍ତି; କିନ୍ତୁ କାରଣ କହିବା ଦରକାର ନାହିଁ; ଏ ମହା ସଂକେତଟି ମଧ୍ୟ ବହୁ ଭାବରେ ଭକ୍ତି ଧର୍ମରେ ଆବୃତ୍ତ ହେବା ସଂଗେ ମୈତ୍ରୀଦେବ ଜଗନ୍ନାଥଙ୍କୁ କରୁଣାମୟ ପତିତପାବନରେ ପରିଣତ କରିବାର ଉଦ୍ୟମ ବହୁ କାଳରୁ ଚାଲି ଆସିଛି । X X X କିନ୍ତୁ ଆଜି ପୃଥିବୀରେ କରୁଣାମୟ ପତିତପାବନ, ଅର୍ଥାତ୍ ଭକ୍ତି ଧର୍ମର ଈଶ୍ୱର ଆଉ ରହି ପାରୁନାହାନ୍ତି । ନଶ୍ୱର ହେବା

ସଙ୍ଗେ ସଙ୍ଗେ ପୃଥିବୀ ଆସ୍ତିକତା ହରାଉଛି; ମାତ୍ର କେବଳ ଭୌତିକତା ସମାଜର କର୍ମନୀତିର ନିୟାମକ ହୋଇପାରିବ ନାହିଁ । ମାନବ କେବଳ ଶରୀର ବା ଅଜୀବ ନୁହେଁ, ତାହାର ଆତ୍ମା ବା ଜୀବ ଅଛି । 'ଜୀବ' 'ଅଜୀବ'ର ଏଇ ସମାଧାନର ଆଦର୍ଶ ସମାଜର ଚଳଣିକୁ ପ୍ରଭାବିତ ନ କଲେ, ମାନବ ଜୀବନର ଚିରକାମ୍ୟ ଶାନ୍ତି ଓ ସନ୍ତୋଷ ବା ଏକ କଥାରେ କହିଲେ ସମାଧାନରେ ଶୃଙ୍ଖଳା ଓ ସୌନ୍ଦର୍ଯ୍ୟ........

ଦେବ ଭାଷାରେ ଋତ ଫୁଟିବ ନାଇ ।" (୧)

"ପ୍ରାଚ୍ୟ ଦାର୍ଶନିକ ଧର୍ମ" ଉପରେ ଭକ୍ତିଧର୍ମ ଓ ଭୌତିକତା ବା ଜଡ଼ବାଦର ଆଘାତର ଯେଉଁ ଚିତ୍ର ନୀଳକଣ୍ଠଙ୍କ ଉକ୍ତିରୁ ଆମେ ପାଉ ତାର ରସଘନ ରୂପ ହେଉଛି 'ମରାଳର ମୃତ୍ୟୁ' କ୍ଷୁଦ୍ରଗଳ୍ପ । ଆଧୁନିକ ଜୀବନରେ ଆଧ୍ୟାତ୍ମିକତା ଉପରେ ଏକ ଦିଗରୁ ଭକ୍ତି ନାମରେ ପ୍ରମତ୍ତତା ଓ ଅନ୍ୟ ଦିଗରୁ ଜଡ଼ବାଦ ଯେଉଁ ଷଣ୍ଢ଼ ଆସୀ ଆକ୍ରମଣ ଚଳାଇଛନ୍ତି ତାହା ହିଁ କଳାତ୍ମକ ଭାବରେ ଏହି ଗଳ୍ପରେ ପରିବେଷଣ କରାଯାଇଛି । ଆଉ ଏ ଆକ୍ରମଣର ପୃଷ୍ଠଭୂମିକୁ ସ୍ପଷ୍ଟ କରିବା ପାଇଁ ଲେଖକ ମଧ୍ୟ-ଯୁଗରେ ପାରଂପରିକ ଅଧ୍ୟାତ୍ମସାଧନା ଓ ଅଭୀପ୍ସା ଉପରେ ଭକ୍ତି ନାମରେ ପ୍ରମତ୍ତତା, ଦୈନ୍ୟ, ଆକୃତି ଓ କାମୋନ୍ମତ୍ତତା ଯେଉଁ ଆକ୍ରମଣ-କାରୀର ଭୂମିକା ଗ୍ରହଣ କରିଥିଲେ ତାର ଚିତ୍ର ଦେଇଛନ୍ତି । ଏ ପ୍ରସଙ୍ଗରେ କହି ଦେବାର କଥା, ପଣ୍ଡିତ ନୀଳକଣ୍ଠ ମଧ୍ୟ ତାଙ୍କ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥର ବହୁ ସ୍ଥଳରେ ସଂଘର୍ଷର ସୂଚନା କିପରି ମଧ୍ୟ-ଯୁଗୀୟ ଓଡ଼ିଆ ସାହିତ୍ୟରେ ରହିଛି ତା ଦେଖାଇ ଦେବାର ପ୍ରଚେଷ୍ଟା କରିଛନ୍ତି ।

'ମରାଳର ମୃତ୍ୟୁ' ଗଳ୍ପରେ ମରାଳ ବା ହଂସ ହେଉଛି ଓଡ଼ିଶାର ପାରଂପରିକ ଅଧ୍ୟାତ୍ମ ଅଭୀପ୍ସା ଓ ସାଧନା ବା ପଣ୍ଡିତ ନୀଳକଣ୍ଠଙ୍କ "ଦର୍ଶନ ଧର୍ମ"ର ପ୍ରତୀକ । ଏଇ ପାରଂପରିକ ଅଧ୍ୟାତ୍ମ ଅଭୀପ୍ସା ଓ ସାଧନାର ସ୍ୱରୂପ ବିଶ୍ଳେଷଣ କଲେ ଉପଲବ୍ଧ ହେବ ଯେ ଏହା ହେଉଛି ଯୋଗ ପିଶ୍ରିତ ବା ଯୋଗ ଆଶ୍ରିତ ଜ୍ଞାନବାଦ । ଅଷ୍ଟାଙ୍ଗ ଯୋଗର ଏକ ଅଙ୍ଗ ହେଉଛି ପ୍ରାଣାୟାମ ବା ପ୍ରାଣବାୟୁର ସାଧନା । ଓଡ଼ିଶାର

ପାରଂପରିକ ଯୋଗ ସାଧନାର ପରିଭାଷାରେ 'ହଂସ' ପ୍ରାଣବାୟୁ ଓ ଜୀବାତ୍ମା ଅର୍ଥରେ ବ୍ୟବହୃତ ହୋଇଥିବାର ବହୁ ଉଦାହରଣ ରହିଅଛି । ତାର କାରଣ ପ୍ରଶ୍ୱାସ ଗ୍ରହଣ କରିବା ବେଳେ ଯେଉଁ ଶବ୍ଦ ହୁଏ "ହଂ" ଓ ନିଶ୍ୱାସ ତ୍ୟାଗ କରିବା ବେଳେ ଯେଉଁ ଶବ୍ଦ ହୁଏ ତାହା "ସ" ଧ୍ୱନି ବୋଲି ବିଶ୍ୱାସ କରାଯାଏ । ଏଇ ବିଶ୍ୱାସର ବଶବର୍ତ୍ତୀ ହୋଇ "ଶୂନ୍ୟ ସଂହିତା"ରେ ଅଚ୍ୟୁତାନନ୍ଦ ଲେଖିଛନ୍ତି—

"ଦେଖ ବାବୁ ରାମ ତୋ ଦେହେ ପୁଣ
ନାସିକାର ଦ୍ୱାରେ ହଂସ ଗମନ ।" (୨)

ତେଣୁ ହଂସ ହେଲା ପ୍ରାଣ ବା ପାରଂପାରିକ ଆଧ୍ୟାତ୍ମିକ ଅଭୀପ୍ସା ଓ ସାଧନାର ପରିଭାଷାରେ 'ଅଜପା' ଯାହା ପ୍ରଶ୍ୱାସ ଓ ନିଶ୍ୱାସ ମଧ୍ୟ ଦେଇ ଜୀବ ସବୁବେଳେ ଜପୁଥାଏ । ବିଶ୍ୱାସ କରାଯାଏ ଜୀବ ପ୍ରତ୍ୟହ ଏ ଅଜପା ମନ୍ତ୍ର ଏକୋଇଶ ହଜାର ଛଅ ଶହ ଥର ଜପେ । ଏହି ହଂସ ବା ହଂସା ଉଡ଼ିଗଲେ ପିଣ୍ଡରୁ ପ୍ରାଣ ଛାଡ଼ିଯାଏ । ଜୀବର ମୃତ୍ୟୁ ହୁଏ । ସେଥିପାଇଁ ଏକ ଭଜନ ରହିଛି-

"ବାଇ ମନରେ ବସି ହଂସକୁ ଖେଳା
ହଂସ ଉଡ଼ିଗଲେ
ହଂସ ଉଡ଼ିଗଲେ
ହଂସ ଉଡ଼ିଗଲେ ବୁଡ଼ିବ ଭେଳା ।"

ପୁଣି ଓଲଟାଇ ଏହି ହଂସକୁ ଉଚ୍ଚାରଣ କଲେ 'ସହଂ' ବା ସୋଽହଂ— ଯାହା ହେଉଛି ଅଦ୍ୱୈତବାଦୀ, ଜ୍ଞାନବାଦୀ ଆଚାର୍ଯ୍ୟ ଶଙ୍କରଙ୍କ ଦର୍ଶନର ମୂଳପିଣ୍ଡ । ତେଣୁ ହଂସ ହେଉଛି ଉଭୟ ଯୋଗ ଓ ଜ୍ଞାନ, ଅନ୍ୟ କଥାରେ ପାରଂପାରିକ ଯୋଗପିଣ୍ଡିତ ଜ୍ଞାନବାଦର ପ୍ରତୀକ । ମଧ୍ୟଯୁଗୀୟ ଯୋଗ ପିଣ୍ଡିତ ଜ୍ଞାନବାଦର ସାହିତ୍ୟରେ ତେଣୁ ଏହି ହଂସ ଶବ୍ଦର ବହୁଳ ବ୍ୟବହାର ପରିଲକ୍ଷିତ ହୁଏ । ଉପନିଷଦୀୟ 'ଊର୍ଦ୍ଧ୍ୱମୂଲୋଽବାକ୍‌ଶାଖ' ଅଶ୍ୱତ୍ଥ ବୃକ୍ଷର ପରିକଳ୍ପନା ଓ ତାର ପରଂପରାରେ ବିକାଶ ଲାଭ କରିଥିବା ଉଲଟା/ଓଲଟ ସାଧନା ବା ଉଜାଣି ସାଧନ ଥିଲା, ଏଇ ମଧ୍ୟଯୁଗୀୟ ଯୋଗପିଣ୍ଡିତ ଜ୍ଞାନବାଦର ଏକ ବିଶିଷ୍ଟ ଦିଗ । ସେଥିପାଇଁ 'ବ୍ରହ୍ମଶାଙ୍କୁଳୀ'ରେ କୁହାଯାଇଥିଲା—

'ବିନା ଭିଜାଣି ନ ଚକାଇ ।
କେ ଅଛୁ ସିଦ୍ଧ ଅଙ୍ଗ ବନ୍ଧ ॥
ଓଲଟ ଉଜାଣି ଚଳଲେ ।
ପୂରିତ ମାନ ସରୋବରେ ॥
ପରମ ସଙ୍ଗେ ଜୀବ ମିଶେ ।
ଏ ଆତ୍ମା ନିର୍ମଳ ପ୍ରକାଶେ ॥'(୩)

ସିଦ୍ଧ ନିରଂଜନଙ୍କ ଭଜନରେ ସ୍ଥାନ ପାଇଥିବା—

'ଓଲଟ ହଂସ ପିଉଛି ପାଣି
ଲଞ୍ଜରେ ଅଣ୍ଡା ଦେଉଛି ଟାଣି ।'

ଭିତରେ ଏଇ ଓଲଟ ସାଧନାର ସୂଚନା ମିଳେ ।

'ନିତ୍ୟ ହଂସ ଖେଳେ ଯମୁନା ଜଳେ' ର 'ଯମୁନା' ମଧ୍ୟ ଏହିଁ ଯୋଗ ପିଣ୍ଡିତ ଜ୍ଞାନବାଦର ପରିଭାଷାରେ ପରମାତ୍ମା । ତେଣୁ 'ପରଚେଗୀତା'ରେ ଦ୍ୱାରକା ଦାସ କହିଛନ୍ତି-

'ହରେ ହରେ ଯେଉଁ ଅକ୍ଷର
ସେଇଟି ଅଟଇ ଯମୁନା ଧାର ।'(୪)

ଏ ସବୁ ଦୃଷ୍ଟିରୁ ବିଚାର କଲେ ପାରଂପାରିକ ଅଧ୍ୟାତ୍ମ ଅଭୀପ୍ସା ଓ ସାଧନାର ଯଥାର୍ଥ ପ୍ରତୀକ ହେଉଛି ହଂସ ବା ମରାଳ । ଆଉ ଏହିଁ ହଂସ ବା ମରାଳକୁ ପ୍ରତୀକ ରୂପେ ବ୍ୟବହାର କରିବାରେ ଗାଳ୍ପିକ, ପଣ୍ଡିତ ନୀଳକଂଠଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିବା ଅନୁମିତ ହୁଏ । କାରଣ ପଣ୍ଡିତ ନୀଳକଂଠ ଓଡ଼ିଶାର ପାରଂପାରିକ ଯୋଗପିଣ୍ଡିତ ଜ୍ଞାନବାଦ ସହ ହଂସର ନିବିଡ଼ ସଂପର୍କ ଆଲୋଚନା କରି ମତ ଦେଇଛନ୍ତି ଯେ ବୈଦିକ ସାହିତ୍ୟକୁ ଓଡିଶା ବା କଳିଙ୍ଗବାସୀର ଦାନ ହେଉଛି 'ହଂସ' । (୫). ନୀଳକଂଠଙ୍କ ଏଇ ମତବାଦ ଠିକ୍ ହେଉ ବା ଭୁଲ ହେଉ ସେ ହଂସକୁ ଏପରି ଗୁରୁତ୍ୱ ଦେବାଦ୍ୱାରା ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ—ହଂସକୁ ପ୍ରତୀକ ରୂପେ ବ୍ୟବହାର କରିବାର ପ୍ରେରଣା ପାଇଛନ୍ତି ବୋଲି ଧାରଣା ହୁଏ ।

'ମଗଳର ମୃତ୍ୟୁ' ଗଳ୍ପରେ ସିଦ୍ଧ ନିରଂଜନ ହେଉଛନ୍ତି ଏଇ ମଗଳ ବା ଯୋଗପିଣ୍ଡିତ ଜ୍ଞାନବାଦର ସାର୍ଥକ ପ୍ରତିନିଧି ମଧ୍ୟଯୁଗରେ । ସେଥିପାଇଁ ତାଙ୍କ ମୁଖରେ ଗାଳ୍ପିକ କୁହାଇଛନ୍ତି "ପାଞ୍ଚ ମନ ପାଞ୍ଚ ଇନ୍ଦ୍ରିୟ ମେଳି ଏଠି ଠିଆ ହୋଇଛି ପଞ୍ଚଶାଖୀ ବଟ; ପଚିଶ ପ୍ରକୃତି ଭଳି ଓହଳ ସବୁ ଝୁଲି ମାଟି ଛୁଇଁଛି; ଶାଖା ଦୋହଲୁଛି ପବନରେ, ପତ୍ର ହଲୁଛି, ଓହଳ ଝୁଲୁଛି, ପତ୍ର ଝଡ଼ୁଛି, ପୁଣି ନୂଆ ପତ୍ର କଅଁଳୁଛି..... ଏସବୁ ମଝିରେ ପାଞ୍ଚ ମନ ପଚିଶ ପ୍ରକୃତି ରୁଦ୍ଧ. ପଞ୍ଚଶାଖୀ ବଟ ଠିଆ ହୋଇଛି ନିର୍ଲିପ୍ତ ଯୋଗୀପରି, ଅନ୍ୟନ ମଧ୍ୟ ହଂସ ବିନା ପିଣ୍ଡ କାହିଁ ? ଆଧୁନିକ ଯୁଗରେ ଜର୍ମାନୀ ଓ ଆମେରିକାରୁ ଉଚ୍ଚ ଇଞ୍ଜିନିୟରିଂ ଡିଗ୍ରି ହାସଲ କରିଥିବା ବିକାଶ ହେଉଛି ଏଇ ପାରଂପାରିକ ଅଧ୍ୟାତ୍ମିକ ଅଭୀପ୍ସାର ପ୍ରତିନିଧି । ସେଥିପାଇଁ ସେ କହିଚି, "ତୁମ୍ଭେମାନେ ମିସ୍ତ୍ରୀ, ମେସିନ୍‌ର କଳ କବ୍‌ଜା ଗଢ଼ିପାର ; କିନ୍ତୁ ମଣିଷ ଆତ୍ମାର କଥା ତୁମ୍ଭେମାନେ ବୁଝିବ କୁଆଡୁ ?' ଜଟଜୁଟାବୃତ ସିଦ୍ଧ ନିରଂଜନ ଓ ମୁହଁରେ କେତେଦିନର ଦାଢ଼ିଥିବା ବିକାଶ ଉଭୟ ଏହି ପାରଂପରିକ ଅଧ୍ୟାତ୍ମିକ ଅଭୀପସା ଓ ସାଧନାର ପ୍ରତିନିଧିତ୍ୱ କରିଛନ୍ତି ଦୁଇ ବିଭିନ୍ନ ଯୁଗରେ । ତେଣୁ ଏ ଦୁହିଁଙ୍କ ମଧ୍ୟରେ ସହଜରେ ଅଭେଦତ୍ୱ କଳ୍ପନା କରାଯାଇପାରେ । ମଧ୍ୟଯୁଗରେ ଯେ ସିଦ୍ଧ ନିରଂଜନ, ଆଧୁନିକ ସେ ଇଂଜିନିଅର ବିକାଶ ।

ସେହିପରି ମଧ୍ୟଯୁଗରେ ଭକ୍ତି ନାମରେ ପ୍ରମତ୍ତତା, ଦୈନ୍ୟ, ଆକୁଳତା ଓ କାମୋନ୍ମତ୍ତତାର ପ୍ରତିନିଧିତ୍ୱ କରିଛନ୍ତି କଦମ୍ବଗଡ଼ର ଗୋବିନ୍ଦ ବିଶୋୟୀ ତଥା ଅଗଣିତ ପରିଚୟ-ହୀନ ସାଧାରଣ ଲୋକ । ସେଥିପାଇଁ ଗୋବିନ୍ଦ ବିଶୋୟୀଙ୍କ ମାଳ ବନାରସୀ ଶାଢ଼ୀରେ ଦେହ ଆବୃତ୍ତ କରି ଅବଗୁଣ୍ଠନବତୀ ସାଜିଥିଲେ । ସେଇଥିପାଇଁ ବୃନ୍ଦାବନରୁ ଆସିଥିବା ସେବାଦାସୀମାନଙ୍କର କୀର୍ତ୍ତନ ଶୁଣିବା ଓ ଦର୍ଶନ ପାଇବା ଉଦ୍ଦେଶ୍ୟରେ ସେଦିନ କଦମ୍ବଗଡ଼ ଚଉପାଢ଼ୀରେ ତିଳ ଧାରଣରେ ସ୍ଥାନ ସୁଦ୍ଧା ନ ଥିଲା । ଅଧୁନିକ ଯୁଗରେ ମଧ୍ୟ ସେହି ପରିଚୟ-ହୀନ ଜନ ସାଧାରଣ ଏଇ ଭାବଧାରାର ପ୍ରତିନିଧିତ୍ୱ କରିଛନ୍ତି । ସେଇଥିପାଇଁ ଲେଖକ ଦେଇଛନ୍ତି ସିଦ୍ଧ ନିରଂଜନଙ୍କ

"ମାଳ କଳ୍ପ ବଟ ମୂଳେ
ନିତ୍ୟ ହଂସ ଖେଳେ ଯମୁନା ଜଳେ ।"

ଇତ୍ୟାଦି ଭଜନ ଗାଇ ଭକ୍ତବୃନ୍ଦଙ୍କ ପ୍ରମତ୍ତ ନର୍ତ୍ତନର ଶବ୍ଦ । ଏହି ପ୍ରମତ୍ତ ନର୍ତ୍ତନ କସ୍ମିନକାଳେ ସିଦ୍ଧ ନିରଂଜନଙ୍କ ଅଭିପ୍ରେତ ନ ଥିଲା । ଏଇ ଭଜନ ମଧ୍ୟରେ ନିହିତ ଅଧ୍ୟାତ୍ମ ସାଧନାକୁ ନିଜ ଜୀବନରେ ପ୍ରତିଫଳନ କରାଇବାରେ ପ୍ରଚେଷ୍ଟା ତ ଦୂରର କଥା, ଏଇ ଭଜନର ତାତ୍ତ୍ୱିକ ଅର୍ଥ ବୁଝିବା ପାଇଁ ଏଇ ଭକ୍ତମାନଙ୍କର ନା ଅଛି ସାମର୍ଥ୍ୟ ନା ଅଛି ପ୍ରବୃତ୍ତି । ଲହରିଆ 'ବୋଲ ହରିବୋଲ' ଧ୍ୱନି ସତେ ଯେପରି ଏଇ ଭଜନରେ ପ୍ରତିବିମ୍ବିତ ଅଧ୍ୟାତ୍ମ ଅଭୀପ୍ସାକୁ ଉପହାସ କରୁଛି ।

'ମରାଳର ମୃତ୍ୟୁ' କ୍ଷୁଦ୍ର ଗଳ୍ପରେ ଜଡ଼ବାଦର ପ୍ରତିନିଧିତ୍ୱ କରିଛନ୍ତି ଇଞ୍ଜିନିୟର ସୁବୋଧଚନ୍ଦ୍ର ଓ ତାଙ୍କର ସହକର୍ମୀଗଣ । ଏଇ ତରୁଣ ଇଞ୍ଜିନିୟର ଦଳ ମାଳ କଳ୍ପବଟ ମୂଳରେ ପ୍ରମତ୍ତ ନର୍ତ୍ତନରତ ଜନତା ଓ କଳକଳା ରଡ଼ିରେ ଉଦ୍‌ଘୋଷିତ ସେମାନଙ୍କ ଉକ୍ତିର ଉଚ୍ଛ୍ୱାସକୁ ଜିପ୍‌ଗାଡ଼ି ଭିତରୁ ଘୋର ଅବଜ୍ଞାର ସହିତ ଲକ୍ଷ୍ୟ କରିଛନ୍ତି । ଏଇ ଜଡ଼ବାଦୀ ଇଞ୍ଜିନିୟରମାନଙ୍କ ଦୃଷ୍ଟିରେ ଭକ୍ତି ଓ ଜ୍ଞାନ ସମପରିମାଣରେ ହେୟ ଓ ତୁଚ୍ଛ । ସେଥିପାଇଁ ନଦୀରେ ହଂସ ଲଉଟି ପହଁରୁଛି, ପୁଚ୍ଛରେ ଚଞ୍ଚୁ ଆଘାତ କରୁଛି, ପାଣି ପିଉଛି······ଏଥିରେ ବିହ୍ୱଳିତ ହେବାପାଇଁ କିଛି ଅଛି, ପ୍ରମତ୍ତ ହେବାପାଇଁ କି ତଥ୍ୟ ଅଛି, ଆତ୍ମବିସ୍ମୃତ ହେବାପାଇଁ କି ସତ୍ୟ ଅଛି, ତାହା ନିଜ ନିଜର ସମସ୍ତ ବୈଜ୍ଞାନିକ ବିଚାର ଓ ବିଶ୍ଳେଷଣ ପ୍ରୟୋଗ କରି କେହି ବୁଝିପାରି ନାହାନ୍ତି । ତେଣୁ ଭକ୍ତମାନେ ଯେତେ-ବେଳେ ଏହି ଭଜନର ଅର୍ଥ ଓ ତତ୍ତ୍ୱର ସୀମା ସ୍ପର୍ଶ କରି ନାହାନ୍ତି ସେତେବେଳେ ଜଡ଼ବାଦୀ ଇଞ୍ଜିନିୟର ଦେଇଛି ଏହାର ଜଡ଼ବାଦସମ୍ମତ ବ୍ୟାଖ୍ୟା । "ଏ ଜନତା ତଥାପି ସେହି ଯୁଗରେ ବଂଚିଛି ଯେଉଁ ଯୁଗରେ ହଂସ ଥିଲା ସବୁଠାରୁ ଦ୍ରୁତଗାମୀ । ଗତିର ପଥକୁ ରୁଦ୍ଧ କରିବାପାଇଁ ଏ ସେହି ପଶ୍ଚାଦ୍‌ଗତିର ସଂଗୀତ ।" ସେହି କାରଣରୁ ବିକାଶ ଯେତେ-ବେଳେ ମନୁଷ୍ୟ ଆତ୍ମାର କଥା କହୁଛି ସେତେବେଳେ ଫେନିଳ କଂଠରୁ ଏକ ପ୍ରଚଣ୍ଡ ଅଟ୍ଟହାସ୍ୟରେ ବାହାରର ଗୁମଟବନ୍ଧ ସଂଧ୍ୟା ମୁହୂର୍ତ୍ତକ ପାଇଁ ଚମକି ଉଠିଛି । ଆଉ ଜଣେ ଇଞ୍ଜିନିୟରଙ୍କଠାରେ ଉପହାସ ଭରି କହିଛନ୍ତି, "ବିକାଶ ତୁମ ସିଗାରେଟ୍‌ରେ ଗଂଜେଇ ପଶି ନାହିଁ ତ ?" ତାପରେ "ପୁଣି ଉଚ୍ଛ୍ୱସିତ ଅଟ୍ଟହାସ୍ୟ ।" ଏହା ହେଉଛି ପାରଂପରିକ ଆଧ୍ୟାତ୍ମିକ ଅଭୀପ୍ସାକୁ ଜଡ଼ବାଦର ଉପହାସ ।

ଜଡ଼ବାଦର ସ୍ୱରୂପ ହେଉଛି ଆକୁଳିତ ଅତୃପ୍ତ ଆକାଂକ୍ଷାର ସମାହାର । ଜଡ଼ବାଦୀ ଇଂଜିନିଅରର ସ୍ୱପ୍ନ ଭିତର ଦେଇ ଜଡ଼ବାଦର ପରିଚୟ ଦେବାକୁ ଲେଖକ ଚେଷ୍ଟା କରିଛନ୍ତି । ଜଡ଼ବାଦୀର ଜୀବନରେ ଆକାଂକ୍ଷାର ଅନ୍ତ ନାହିଁ । ତେଣୁ ସ୍ୱାଭାବିକ ଭାବରେ ବହୁ ଆକାଂକ୍ଷା ଅତୃପ୍ତ ରହିଯାଏ । ଏଇ ଆକାଂକ୍ଷାଗୁଡ଼ିକ ମଧ୍ୟରେ ଯୌନକାଂକ୍ଷା ପ୍ରଧାନ ବୋଲି ଫ୍ରୟେଡ଼ଙ୍କର ମତ । ପୁଣି ମଣିଷ ମନର ଅତୃପ୍ତ ଓ ଅବଦମିତ ଯୌନକାଂକ୍ଷା ତାର ସ୍ୱପ୍ନ ଭିତରେ ଆତ୍ମପ୍ରକାଶ କରେ । ସ୍ୱପ୍ନ ମଧ୍ୟ ଦେଇ ଏଇ ଅତୃପ୍ତ ଆକାଂକ୍ଷାର ଆଂଶିକ ପରିତୃପ୍ତି ହୁଏ । ସୁବୋଧ ସ୍ୱପ୍ନରେ ଦେଖିଛି ସନ୍ତରଣଶୀଳ ହଂସ ଓ ତାକୁ ଲକ୍ଷ୍ୟ କରି ସେ ବନ୍ଧୁକରୁ ଗୁଳି ଫୁଟାଇଛି । ଏଇ ସ୍ୱପ୍ନ ଭିତରେ ଗାଳ୍ପିକ ସୁବୋଧର ଅତୃପ୍ତ କାମନାର ପରିଚୟ ଦେଇଛନ୍ତି । ଯୌନ କାମନାର ପ୍ରତୀକ ହେଉଛି ନାରୀ, ଆଉ ନାରୀ ପ୍ରତୀକ ହେଉଛି ହଂସ । କାରଣ ହଂସର ଗମନ ଓ ନାରୀର ଗମନ ମଧ୍ୟରେ ସାମଞ୍ଜସ୍ୟ ଆବିଷ୍କାର କରିବାର ପରଂପରା ପ୍ରାଚୀନ ; ଯେପରି କବି ରସକଲ୍ଲୋଳରେ ଦୀନକୃଷ୍ଣ ଲେଖିଛନ୍ତି—

"କରୁଥିବ ହଂସ ପରାଏ ଗମନ କେଉଁ କଳହଂସ ଗମନା" (୬)

ଉପେନ୍ଦ୍ରଭଂଜ ମଧ୍ୟ ଲାବଣ୍ୟବତୀରେ ସେଇ ପରଂପରାର ଅନୁବର୍ତ୍ତନରେ ଲେଖିଛନ୍ତି—"ରୋମାବଳୀ ଆଳି ଆବଳୀ, ଗତି ହଂସ ସମାନ ।" (୭) ତେଣୁ ସହଜରେ ହଂସ ଓ ନାରୀ ମଧ୍ୟରେ ଅଭେଦତ୍ୱ କଳ୍ପନା କରାଯାଇପାରେ । ବନ୍ଧୁକ ପୁରୁଷର ଯୌନାଙ୍ଗର ପ୍ରତୀକ । ବନ୍ଧୁକ ମାରିବା ହେଉଛି ଯୌନକ୍ରିୟା । ଏହି ଦିଗରୁ ବିଚାର କଲେ ସୁବୋଧର ସ୍ୱପ୍ନ ସମ୍ପୂର୍ଣ୍ଣ ଭାବରେ ତାର ଅବଚେତନ ମନରେ ଅବଦମିତ ଭାବରେ ରହିଥିବା ଯୌନାକାଂକ୍ଷାର ଆତ୍ମପ୍ରକାଶ ମାତ୍ର । ଏହାକୁ ଅଧିକ ସ୍ପଷ୍ଟ କରିବା ପାଇଁ ଲେଖକ ସୁବୋଧର ସ୍ୱପ୍ନରେ ହଂସ ପରିବର୍ତ୍ତେ ତାର ବାଲ୍ୟ ସଙ୍ଗିନୀ ସୁଚରିତା ଆବିର୍ଭାବର ପରିକଳ୍ପନା କରିଛନ୍ତି । ସୁଚରିତା ସୁବୋଧର ଅପୂର୍ଣ୍ଣ ଯୌନକାମନାର ମୂର୍ତ୍ତିମନ୍ତ ପ୍ରକାଶ ଓ ପ୍ରତୀକ ; କିନ୍ତୁ ସ୍ୱପ୍ନରେ ସୁବୋଧର କାମନା ଅପୂର୍ଣ୍ଣ ରହିଯାଇଛି । ଏଇଟି ଲକ୍ଷ୍ୟ କରିବାର କଥା ଯେ ମଧ୍ୟଯୁଗୀୟ ଆଧ୍ୟାତ୍ମିକ ଅଭିପ୍ସାର ବାର୍ତ୍ତାବହ ହଂସ ଏଠାରେ ପରିଣତ ହେଉଛି ଅତୃପ୍ତ ଯୌନ ଆକାଂକ୍ଷାର ବାର୍ତ୍ତାବହରେ । ଏହା ହିଁ ଅଧ୍ୟାତ୍ମବାଦ

ସ୍ଥାନରେ ଜଡ଼ବାଦର ପ୍ରତିଷ୍ଠା ! ବ୍ୟଙ୍ଗାତ୍ମକ ଭାବରେ ଏହା ସୂଚାଇ ଦେବା ଯେପରି ଗାଳ୍ପିକଙ୍କର ଏକାନ୍ତ ଅଭିପ୍ରେତ, ଫଳରେ ଆଧ୍ୟାତ୍ମିକ ଅଭିପ୍ସାର ପ୍ରତୀକ ମରାଳର ମୃତ୍ୟୁ ହୋଇଛି । ନୀଳକଂଠଙ୍କ ହଂସ ପରିଣତ ହୋଇଛି ପ୍ରେସ୍ସିଡ଼ଙ୍କ ହଂସରେ ।

ସ୍ୱପ୍ନର ଅନ୍ୟ ଏକ ଅର୍ଥ ମଧ୍ୟ କରାଯାଇପାରେ । ସୁବୋଧ ସ୍ୱପ୍ନରେ ଦେଖିଥିବା ହଂସ ହେଉଛି ପୂର୍ବକଥିତ ଅଧ୍ୟାତ୍ମ ଅଭିପ୍ସାର ପ୍ରତୀକ । ତେଣୁ ଜଡ଼ବାଦୀ ସୁବୋଧ ସ୍ୱପ୍ନରେ ମଧ୍ୟ ତାକୁ ଗୁଳିକରି ହତ୍ୟା କରିଛି । ଫଳରେ ଅଧ୍ୟାତ୍ମବାଦର ହତ୍ୟାକାରୀ ସୁବୋଧ ସ୍ୱପ୍ନରେ ମଧ୍ୟ ଅତୃପ୍ତ ଆକାଂକ୍ଷାର ଶିକାର ହୋଇଛି । ତେଣୁ ସୁରାହା ପରିବର୍ତ୍ତରେ ସେ ପାଇଛି ମୃତ ଅଧ୍ୟାତ୍ମବାଦ ହଂସ ବା ଅତୃପ୍ତ ଆକାଂକ୍ଷା ।

ସ୍ୱପ୍ନର ଏ ଦୁଇଟି ଅର୍ଥ ମଧ୍ୟରୁ ପ୍ରଥମ ଅର୍ଥଟି ଯଥାର୍ଥ ବୋଲି ମନେହୁଏ । ଉଭୟ ଅର୍ଥ ମଧ୍ୟରୁ ଯେଉଁ ଗୋଟିକ ଠିକ୍ ହେଉନା କାହିଁକି ଲେଖକ ଜଡ଼ବାଦର ଯେଉଁ ପରିଚୟ ଦେଇଛନ୍ତି ତାହା ଗଳ୍ପର ଶେଷ ବାକ୍ୟଟିରେ ଦେଖିବାପାଇଁ ମିଳେ—"ଆଶାହୀନ, ଅବଲମ୍ବନହୀନ, ସ୍ୱପ୍ନହୀନ, ଅବଚଳିତ, ଅତୃପ୍ତ କାମନାର ଯନ୍ତ୍ରଣାରେ ଏ ଜଡ଼ବାଦର ଆଗ୍ରହୀଙ୍କୁ ତେଣୁ ବାର ବରୁଟରେ ବନ୍ଧିକାଗିଳି ବନ୍ଧୁକଷ୍ଟରେ ଶୋଇବାକୁ ପଡ଼େ । ଏହା ହିଁ ଜଡ଼ବାଦର ଯଥାର୍ଥ ପରିଚୟ ।

ଏହି ଗଳ୍ପଟି ତିନୋଟି ଅଂଶରେ ବିଭକ୍ତ । ଦ୍ୱିତୀୟ ଅଂଶରେ ମଧ୍ୟଯୁଗର ବିଭିନ୍ନ ଧର୍ମମତବାଦ ଓ ଭାବଧାରା ମଧ୍ୟରେ ଘଟୁଥିବା ସଂଘର୍ଷ ଓ ତା ମଧ୍ୟରେ ପାରଂପାରିକ ଯୋଗପିଣ୍ଡିତ ଜ୍ଞାନବାଦର ସ୍ଥିତି ଓ ପରିଣତିର ଚିତ୍ର ଆଧୁନିକ ଯୁଗରେ ସେହି ଯୋଗପିଣ୍ଡିତ ଜ୍ଞାନ ଓ ଅଧ୍ୟାତ୍ମ ବାଦକୁ କେନ୍ଦ୍ରକରି ହେଉଥିବା ସଂଘର୍ଷକୁ ବୁଝିବା ପାଇଁ ଯଥେଷ୍ଟ ସାହାଯ୍ୟ କରିଛି ; କିନ୍ତୁ ଏହି ମଧ୍ୟଯୁଗୀୟ ପୃଷ୍ଠଭୂମି ରଚନା ଅଂଶଟି ଗଳ୍ପ ଅପେକ୍ଷା ପ୍ରବନ୍ଧର ଅଧିକ ନିକଟବର୍ତ୍ତୀ ବୋଲି ମନେହୁଏ । ସୁରେନ୍ଦ୍ର ମହାନ୍ତିଙ୍କ ଅଧିକାଂଶ କ୍ଷୁଦ୍ରଗଳ୍ପରେ ଏହି ଧର୍ମ ଗୁଣ ଅଧିକେ ବିଦ୍ୟମାନ । ପାଠକମାନଙ୍କ ଉପରେ ଆସ୍ଥାହୀନତା ଏହାର କାରଣ ହୋଇପାରେ । ପାଠକମାନେ ଗଳ୍ପଗୁଡ଼ିକରେ ଯଥାର୍ଥ ଅବବୋଧରେ ଅସମର୍ଥ । ବୋଧହୁଏ

ଏହିପରି ଧାରଣା ହେତୁ ସେ ଅଧିକାଂଶ ଗଳ୍ପର ବ୍ୟାଖ୍ୟା ସେଇ ଗଳ୍ପ ମଧ୍ୟରେ ଦେବାର ପ୍ରଚେଷ୍ଟା କରିଛନ୍ତି । ଏଇ ବ୍ୟାଖ୍ୟା ଅଂଶଟି ସେଇ ସବୁ ଗଳ୍ପରେ ପ୍ରବନ୍ଧର ଯୋଜନା ହିଁ ଦେଇଛି । ଏ ପ୍ରସଙ୍ଗରେ କୁହାଯାଇ-ପାରେ ସେ ବୋଧହୁଏ ଲେଖନୀଗତ ଭ୍ରମ **(Slip of pen)** ହେତୁ ଗଜପତି ପ୍ରତାପରୁଦ୍ର ଗଜପତି ପୁରୁଷୋତ୍ତମରେ ପରିଣତ ହୋଇଛନ୍ତି ।

ସେତେବେଳେ ମଧ୍ୟଯୁଗରେ ଯୋଗପିଣ୍ଡିତ ଜ୍ଞାନବାଦକୁ କେନ୍ଦ୍ରକରି ଘଟିଥିବା ସଂଘର୍ଷର ଚିତ୍ର ଅସ୍ୱାଭାବିକ ହୋଇପଡ଼ିଛି । ଗୋବିନ୍ଦ ବିଶୋୟୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପ୍ରତିଷ୍ଠା ପାଇଁ ସିଦ୍ଧ ନିରଂଜନଙ୍କ ଆମନ୍ତ୍ରଣ କରିବା ଯେତିକି ଅସ୍ୱାଭାବିକ, ନିରଂଜନ ସେ ଆମନ୍ତ୍ରଣକୁ ରକ୍ଷା କରିବା ଅଦେଶ ପାଳନ କରି ତାଙ୍କୁ ଅନ୍ୱେଷଣ କରି କଦମ୍ବଗଡ଼ ପର୍ଯ୍ୟନ୍ତ ଆସିବା ସେତିକି ଅସ୍ୱାଭାବିକ । ପୁଣି ନିରଂଜନ ପ୍ରଶ୍ନ ଓ ତତ୍ପର ଘଟଣାବଳୀ ଅତିରଂଜିତ ମାତ୍ର ।

ପୁଣି ଆଧୁନିକ ଉଚ୍ଚ ଶିକ୍ଷିତମାନଙ୍କ ଉପରେ ଜଡ଼ବାଦର ପ୍ରଭାବ ଦେଖାଇବା ବେଳେ ଲେଖକ ମଧ୍ୟ ବାସ୍ତବ ପରିସ୍ଥିତିକୁ, ଉପେକ୍ଷା କରି ଅତିରଂଜନର ଆଶ୍ରୟ ନେଇଛନ୍ତି । ସୁବୋଧ ଜଡ଼ବାଦୀ ହୋଇପାରେ କିନ୍ତୁ ବିକାଶ ବ୍ୟତୀତ ତାର ସମସ୍ତ ଇଂଜିନିୟର ସହକର୍ମୀ ଯେ ଜଡ଼ବାଦୀ—ଏହା ଅବାସ୍ତବ ଆଧୁନିକ ଶିକ୍ଷିତ ସମାଜରେ ବାବା ସତ୍ୟସାଇ, ଅନୁକୂଳ ଚନ୍ଦ୍ର, ଅରବିନ୍ଦ, ଦାଦା ଠାକୁର, ଆଦିଙ୍କ ପ୍ରଭାବ ଦେଖି ଭକ୍ତି ନାମରେ ପ୍ରମତ୍ତତାର କଥା ସ୍ମରଣ ହୁଏ ସିନା ଜଡ଼ବାଦର ନୁହେଁ ।

ଗାଳ୍ପିକଙ୍କର ପ୍ରତୀକ ବ୍ୟବହାରରେ କିଛି ତ୍ରୁଟି ମଧ୍ୟ ଲକ୍ଷ୍ୟ କରାଯାଏ । ଅବଦମିତ ଆକାଂକ୍ଷା ସ୍ୱପ୍ନରେ ପ୍ରତୀକ ମାଧ୍ୟମରେ ଆତ୍ମପ୍ରକାଶ କରେ । ତେଣୁ ସ୍ୱପ୍ନରେ ସୁରିବାର ଉପସ୍ଥିତିର ଆବଶ୍ୟକତା ନ ଥିଲା । କେବଳ ପ୍ରତୀକ ମାଧ୍ୟମରେ ସୁବୋଧ ମନର ଅବଦମିତ ଆକାଂକ୍ଷା ପ୍ରକାଶ କରାଯାଇଥିଲେ ଭଲ ହୋଇଥାନ୍ତା । ପୂର୍ବକଥିତ ସ୍ୱପ୍ନର ଦୁଇଟିଯାକ ବ୍ୟାଖ୍ୟା ମଧ୍ୟରୁ ଯେକୌଣସି ଗୋଟିଏ ବ୍ୟାଖ୍ୟା ଗ୍ରହଣ କଲେ ବି ଏହି ତ୍ରୁଟି ପରିଲକ୍ଷିତ ହେବ ।

ମଧ୍ୟଯୁଗୀୟ ସନ୍ଦର୍ଭରେ ଚରିତ୍ର ଦେବାବେଳେ ଲେଖକ ବିଭିନ୍ନ ନାମକରଣ ମଧ୍ୟଦେଇ ସେଇ ସନ୍ଦର୍ଭକୁ ଅଧିକ ସ୍ପଷ୍ଟ ଓ ତୀବ୍ର କରିଦେଇଛନ୍ତି । ଯଥା-ମାଳାଦ୍ରି ବିଶୋୟୀ, ଗୋବିନ୍ଦ ବିଶୋୟୀ ଓ ନିରଂଜନ ; କିନ୍ତୁ ଆଧୁନିକ ଯୁଗରେ ଚରିତ୍ରରେ ଏଇ ଟେକ୍‌ନିକ୍ (Technich) ର ବ୍ୟବହାର କରି ନାହାନ୍ତି । ତେଣୁ ମନେହୁଏ ମଧ୍ୟଯୁଗୀୟ ବ୍ୟକ୍ତିମାନଙ୍କ ନାମକରଣରେ ସାଂସ୍କୃତିକ ସନ୍ଦର୍ଭର ସୂଚନା ଲେଖକଙ୍କ ଅଜ୍ଞାତସାରରେ ହିଁ ହୋଇଛି ।

କୁହାଯାଇଛି ଗଳ୍ପଟି ତିନୋଟି ଅଂଶରେ ବିଭକ୍ତ । ୨ୟ ଅଂଶଟି ନାଟକର ହୋଡ଼ି ଦୃଶ୍ୟ ସହ ତୁଳନା କରାଯାଇପାରେ । ଅନ୍ୟନ୍ୟ ମଧ୍ୟ ବିଶେଷଭାବରେ ଗଳ୍ପର ଆରମ୍ଭ ଓ ଶେଷରେ ଗଳ୍ପଟି ସମ୍ପୂର୍ଣ୍ଣ ଭାବରେ ନାଟକୀୟ ଶୈଳୀରେ ପରିବେଷଣ କରାଯାଇଛି । ଗଳ୍ପର ବିଭିନ୍ନ ସ୍ଥଳରେ ଦିଆଯାଇଥିବା ବଳିଷ୍ଠ ସଂଳାପ ସଂଯୋଜନାରେ ଏହି ନାଟକୀୟତାର ଭିତ୍ତି ଦୃଢ଼ ହୋଇଛି । ତାଙ୍କର ବହୁ ଗଳ୍ପରେ ଏହି ନାଟକୀୟତାର ସନ୍ଧାନ ମିଳେ ।

ତେବେ ଶେଷରେ ଶୈଳୀଗତ ସାମାନ୍ୟ ଦୋଷତ୍ରୁଟି ସତ୍ତ୍ୱେ ଏ ଗଳ୍ପଟି ସୁରେନ୍ଦ୍ର ମହାନ୍ତିଙ୍କର ଏକ ଉଚ୍ଚ କୋଟୀର ଗଳ୍ପ ।

ପାଦଟୀକା:—

୧ । ନୀଳକଂଠ ଦାସ, ଓଡ଼ିଆ ସାହିତ୍ୟର କ୍ରମପରିଣାମ ୨ୟ ଭାଗ, ଆଦ୍ୟକଥନ ।
୨ । ଅଚ୍ୟୁତାନନ୍ଦ, ଶୂନ୍ୟ ସଂହିତା, ୭ମ ଅଧ୍ୟାୟ ।
୩ । ଅଚ୍ୟୁତାନନ୍ଦ ବ୍ରହ୍ମ ଶାଙ୍କୁଳୀ, ୯ମ କଳ୍ପ ।
୪ । ଦ୍ୱାରିକା ଦାସ, ପରଚେ ଗୀତା ।
୫ । ନୀଳକଂଠ ଦାସ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ।
୬ । ଦୀନକୃଷ୍ଣ ଦାସ, ରସକଲ୍ଲୋଳ, ୮ମ ଛାନ୍ଦ ୧ମ ପଦ ।
୭ । ଉପେନ୍ଦ୍ରଭଂଜ, ଲାବଣ୍ୟବତୀ, ୬ଷ୍ଠଛାନ୍ଦ, ୩୫ଶ ପଦ ।

(ପ୍ରଥମ ପ୍ରକାଶ ଯୁଗଧାରା ୧୯୭୯)

☐ ☐ ☐

# କୁଳବୃଦ୍ଧ ଏକ ଦୃଷ୍ଟିପାତ

**"The biographical novel is the true story of a human being, written in an art form. The research must be honest and far-reaching, but the result must also stand as a compelling novel"**

**Irving Stone**

—୧—

ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନ ଚରିତକୁ ଉପଜୀବ୍ୟ କରି ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ "ଶତାବ୍ଦୀର ସୂର୍ଯ୍ୟ" ଓ "କୁଳବୃଦ୍ଧ" ଦୁଇଗୋଟି ସ୍ୱତନ୍ତ୍ର ଚରିତୋପନ୍ୟାସ ହୋଇଥିଲେ ହେଁ ଉଭୟ ମଧ୍ୟରେ ନିବିଡ଼ ଯୋଗସୂତ୍ର ଥିବା ହେତୁ ଓ କାଳାନୁକ୍ରମରେ ଉଭୟ ଉଭୟଙ୍କ ପରିପୂରକ ହୋଇଥିବାରୁ ଏ ଦୁଇଗୋଟିକୁ ଗୋଟିଏ ବିଶାଳକାୟ ଚରିତୋପନ୍ୟାସର ଦୁଇଗୋଟି ଭାଗରୂପେ ଗ୍ରହଣ କରାଯାଇପାରେ । ୧୮୦୩ ରୁ ୧୯୦୩ ପର୍ଯ୍ୟନ୍ତ ଦୀର୍ଘ ଏକ ଶତାବ୍ଦୀ କାଳର ଇତିହାସ ମଧୁସୂଦନଙ୍କ ଜୀବନୀ ସୂତ୍ରରେ "ଶତାବ୍ଦୀର ସୂର୍ଯ୍ୟ"ରେ ଗ୍ରଥିତ ହୋଇଅଛି ବୋଲି ଲେଖକ ଦାବୀ କରିଥିଲେ ହେଁ ପ୍ରକୃତ ପକ୍ଷେ ୧୮୪୮ ରେ ମଧୁସୂଦନଙ୍କ ଜନ୍ମଠାରୁ ୧୯୦୩ ପର୍ଯ୍ୟନ୍ତ ତାଙ୍କ ଜୀବନ ଚରିତର ଭିତ୍ତିଭୂମି ଉପରେ "ଶତାବ୍ଦୀର ସୂର୍ଯ୍ୟ" ରଚିତ । ସେହିପରି ୧୯୦୩ରୁ ୧୯୩୪ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମଧୁସୂଦନଙ୍କ ଜୀବନୀ ଉପରେ "କୁଳବୃଦ୍ଧ" ଆଧାରିତ । "ଶତାବ୍ଦୀର ସୂର୍ଯ୍ୟ"ର ରଚନାକାଳ ଜାନୁୟାରୀ ୧୯୬୮ ରୁ ମାର୍ଚ୍ଚ ୧୯୭୦ ଓ ପ୍ରକାଶକାଳ ୧୯୭୦ । "କୁଳବୃଦ୍ଧ"ର ରଚନା ଶେଷ ହୋଇଥିଲା ମାର୍ଚ୍ଚ ୧୯୭୮ ରେ । ତେବେ ୧୯୭୮ ରେ ପୁସ୍ତକାକାରରେ ପ୍ରକାଶ ପାଇବା ପୂର୍ବରୁ ପ୍ରକାଶିତ ପୁସ୍ତକର ପ୍ରଥମ ଦୁଇଗୋଟି ପରିଚ୍ଛେଦ "ଆସନ୍ତାକାଲି" ମାସିକ ପତ୍ରର ୧୯୭୭ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସର ତିନିଗୋଟି ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।

—୨—

"କୁଳବୃଦ୍ଧ"କୁ ଏକାନ୍ତ ଭାବେ ତଥ୍ୟନିଷ୍ଠ କରିବାପାଇଁ ସଚେତନ ଉଦ୍ୟମ କରାଯାଇଛି । ପୁଣି ମଧୁସୂଦନଙ୍କ ଜୀବନସହ ସମ୍ପର୍କିତ ; କିନ୍ତୁ ସର୍ବସାଧାରଣରେ ଅଜ୍ଞାତ ବହୁ ନୂତନ ତଥ୍ୟର ସମାବେଶ ଓ ତା ଭିତର ଦେଇ ତାଙ୍କ ବ୍ୟକ୍ତିତ୍ୱର ନୂତନ ରୂପକୁ କଳନା କରିବାର ପ୍ରଚେଷ୍ଟା 'କୁଳବୃଦ୍ଧ'ରେ ସ୍ପଷ୍ଟ । ତେଣୁ ଲେଖକଙ୍କୁ ବହୁ ମୌଳିକ ଗବେଷଣା କରିବା ପାଇଁ ପଡ଼ିଛି ଓ ସେଥିପାଇଁ ସେ ଧନ୍ୟବାଦାର୍ହ ; କିନ୍ତୁ ଏଇ ଗବେଷଣାରେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଅଭାବ ଓ ତ୍ରୁଟି ପରିଲକ୍ଷିତ ହୁଏ ।

ଉଦାହରଣ ସ୍ୱରୂପ "କୁଳବୃଦ୍ଧ"ରେ ଉତ୍କଳ ସମ୍ମିଳନୀର କେତେକ ଅଧିବେଶନ ସମ୍ପୂର୍ଣ୍ଣ ଭାବେ ବାଦ ପଡ଼ିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ମଧ୍ୟରେ ୧୯୧୮ର ଉତ୍କଳ ସମ୍ମିଳନୀ ଆଧୁନିକ ଓଡ଼ିଶାର ଇତିହାସ ତଥା ମଧୁସୂଦନଙ୍କ ଜୀବନ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦାବୀ କରେ । ଏଇ ଅଧିବେଶନରେ ସଭାପତିତ୍ୱ କରିଥିଲେ ବ୍ୟାସକବି ଫକୀର ମୋହନ, ତାଙ୍କ ମୃତ୍ୟୁର ଅଳ୍ପ ଦିନ ପୂର୍ବରୁ । ଏଇ ଅଧିବେଶନରେ ଅବ୍ୟବହିତ ପରେ ଓ ଉତ୍କଳ ସମ୍ମିଳନୀ ମଣ୍ଡପରେ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହେବାର ଓ ସେଥିରେ ମଧୁସୂଦନ ସଭାପତିତ୍ୱ କରିବାର ପ୍ରସ୍ତାବ ଥିଲା । ଏହି ଯୁବ ସମ୍ମିଳନୀର ଅନ୍ୟତମ ଉଦ୍ୟୋକ୍ତା ଥିଲେ ପଦ୍ମମଣି ମଙ୍ଗରାଜ । ସେ ମଧ୍ୟ ଥିଲେ ଉତ୍କଳ ସମ୍ମିଳନୀର ସ୍ୱେଚ୍ଛା ସେବକ-ମାନଙ୍କର ନେତା ଓ ଅଧ୍ୟକ୍ଷ । କୌଣସି ଏକ କାରଣରୁ ସମ୍ମିଳନୀର ଅବ୍ୟବହିତ ପୂର୍ବରୁ ମଧୁବାବୁଙ୍କ ସହ ମଙ୍ଗରାଜଙ୍କର କଳହ ହୁଏ । ଶୁଣାଯାଏ ଯେ ମଧୁସୂଦନ ବଙ୍ଗଳା ଭାଷାରେ ତାଙ୍କ ସହ କଥାବାର୍ତ୍ତା କରୁଥିଲେ । ମଙ୍ଗରାଜ ସେଇ ବଙ୍ଗଳାରେ ଉତ୍ତର ଦେବାରୁ ମଧୁସୂଦନ କ୍ଷୁବ୍ଧ ହୋଇ ଇଂରେଜୀରେ କହିଲେ ଓ ଏଥର ଇଂରେଜୀରେ ଜବାବ ପାଇଲେ । ଉତ୍ତ୍ୟକ୍ତ ମଧୁସୂଦନ ତାପରେ ହିନ୍ଦୀରେ କହିବା ପାଇଁ ଆରମ୍ଭ କରି ତାର ଜବାବ ହିନ୍ଦୀରେ ପାଇଲେ । ଏପରି ଏକ କ୍ଷୁଦ୍ରକାରଣକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କଳହ ହୁଏ । ଫଳରେ ମଧୁବାବୁ ଯୁବ ସମ୍ମିଳନୀରେ ସଭାପତି ହେବାପାଇଁ ଓ ଉତ୍କଳ ସମ୍ମିଳନୀ ମଣ୍ଡପରେ ଯୁବ ସମ୍ମିଳନୀ ପାଇଁ

ସ୍ଥାନ ଦେବାକୁ ନାସ୍ତି କରଦେଲେ । ମଙ୍ଗରାଜ ଓ ସ୍ୱେଚ୍ଛାସେବକମାନେ ମଧ୍ୟ ସମ୍ମିଳନୀ କାର୍ଯ୍ୟରେ ସହଯୋଗ କଲେ ନାହିଁ । ମଧୁସୂଦନଙ୍କୁ ଏ ବିପଦରୁ ରକ୍ଷା କରିବା ପାଇଁ ବ୍ରଜସୁନ୍ଦର ଦାସ ଗୋପବନ୍ଧୁଙ୍କ ଶରଣାପନ୍ନ ହେଲେ । ଶେଷରେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ରମାନେ ଏ ଅଧିବେଶନରେ ସ୍ୱେଚ୍ଛାସେବକ ରୂପେ କାମ କରିବାରୁ କୌଣସି ଅସୁବିଧା ହେଲା ନାହିଁ । ଯଦୁମଣି ମଙ୍ଗରାଜଙ୍କ ନେତୃତ୍ୱରେ ଓ ମିସ୍ ଫର୍ଗୁସନ୍‌ଙ୍କ* ସଭାନେତ୍ରୀତ୍ୱରେ କଟକର ମାତାମଠଠାରେ ଏକ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହେଲା । ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ରମାନେ ମଧୁସୂଦନଙ୍କ ପ୍ରେରଣାରେ ଉତ୍କଳ ସମ୍ମିଳନୀ ମଣ୍ଡପରେ ଫକୀର ମୋହନଙ୍କୁ ସଭାପତି କରି ଏକ ସମାନ୍ତରାଳ ଛାତ୍ର ସମ୍ମିଳନୀର ଅନୁଷ୍ଠାନ କରିଥିଲେ । ପୁନଶ୍ଚ ଅଧିବେଶନ ପୂର୍ବରୁ ଓଡ଼ିଶାର ସ୍ଥାୟୀ ବଙ୍ଗାଳୀମାନଙ୍କର ସଭା ଏହି ସମ୍ମିଳନୀର ଅନ୍ତର୍ଭୁକ୍ତ ହୋଇଥିଲା ବୋଲି ସମ୍ମିଳନୀ ମଣ୍ଡପରେ ଘୋଷଣା କରାଯାଇ ଥିଲେ ହେଁ (ଅଭ୍ୟର୍ଥନା ସଭାର ସଭାପତି ରାଜେନ୍ଦ୍ର ନାରାୟଣ ଭଂଜଦେଓଙ୍କ ଭାଷଣରେ ଏହା ଘୋଷଣା କରାଯାଇଥିଲା ।) ଉତ୍କଳ ସମ୍ମିଳନୀ ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ ହେଉଥିବାବେଳେ ମୁନିସିପାଲ୍ ଟି ପଡ଼ିଆରେ ଉତ୍କଳ ଅଧିବାସୀ ବଙ୍ଗାଳୀମାନଙ୍କ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ତତ୍‌କାଳୀନ ପତ୍ରପତ୍ରିକା ମାଧ୍ୟମରେ ଏ ସବୁ ପ୍ରସଙ୍ଗର ବିଶେଷ ଆଲୋଚନା ହୋଇ ତୀବ୍ର ବାଦାନୁବାଦ ମଧ୍ୟ ହୋଇଥିଲା । "ଉତ୍କଳ ସାହିତ୍ୟ"ର ପୃଷ୍ଠାରେ ଗୋପାଳଚନ୍ଦ୍ର ପ୍ରହରାଜ, ଚନ୍ଦ୍ରମଣି ଆଚାର୍ଯ୍ୟ ଓ ବିଶ୍ୱନାଥ କର ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ମଧୁସୂଦନଙ୍କୁ ତୀବ୍ର ସମାଲୋଚନା କରିଥିଲେ । **The Oriya** ଓ ଉତ୍କଳ ଦୀପିକା ମଧୁସୂଦନଙ୍କ ପକ୍ଷ ସମର୍ଥନ କରିଥିଲେ । ପୁଣି "ଏଇ ଉତ୍କଳ ସମ୍ମିଳନୀ"ରେ ମଧୁସୂଦନ ଜନସାଧାରଣଙ୍କ ଦ୍ୱାରା "ଓଡ଼ିଶାର ମୁକୁଟବିହୀନ ରାଜା" (**uncrowned king of Orissa**) ନାମରେ ଅଭିହିତ ଓ ସମ୍ମାନିତ ହୋଇଥିଲେ । ଏଇ ଅଧିବେଶନର ଏକ ମର୍ମସ୍ପର୍ଶୀ ଭାଷଣ ପ୍ରସଙ୍ଗରେ ମଧୁବାବୁ କହିଥିଲେ, "କାଲି ସଭା ଶେଷରେ ଶୁଣିଲି ଯେ କେତେ ଜଣ ଭ୍ରାତା ଏ ମଣ୍ଡପର ଧୂଳି ନେଇ ମୁଣ୍ଡରେ ବୋଳିଛନ୍ତି ଓ ଲୁଗାରେ ବାନ୍ଧି ଘରକୁ ନେଇଛନ୍ତି । ସେ

ପ୍ରକାର ଭ୍ରାତା କିଏ, ତାଙ୍କର ପରିଚୟ ପାଇବା ନିମନ୍ତେ ବହୁତ ଚେଷ୍ଟା କଲି, କିନ୍ତୁ ନ ପାଇବାରୁ ମୁଁ ମଧ୍ୟ ଏଥିରୁ ଧୂଳି ବାନ୍ଧି ନେଇ ରଖିଅଛି । କାରଣ ସେ ପ୍ରକୃତରେ ମାତାର ପରିଚୟ ପାଇଛନ୍ତି । ଏ ସଭା ମଣ୍ଡପରେ ଉତ୍କଳ ଜନନୀ ତାଙ୍କୁ ହିଁ ଦେଖା ଦେଇଛନ୍ତି ।

ସେ ମୋର ଅଗ୍ରଜ ଓ ପୂଜ୍ୟ । ତେଣୁ ତାଙ୍କର ପଦଧୂଳି ଏ ଧୂଳିରେ ନିଶ୍ଚୟ ଥିବ ମୁଁ ଭାବି ଧୂଳି ନେଇ ରଖିଅଛି । ଉତ୍କଳ ସମ୍ମିଳନୀର ବିବରଣୀ, ଦ୍ୱାବିଂଶ ଭାଗ 'ଉତ୍କଳ ସାହିତ୍ୟ'ର ପ୍ରଥମ କେତୋଟି ସଂଖ୍ୟା, ନୀଳକଣ୍ଠଙ୍କ 'ଆତ୍ମଜୀବନୀ' ଚନ୍ଦ୍ରଶେଖର ମିଶ୍ରଙ୍କ 'ସତ୍ୟବାଦୀରେ ସାତବର୍ଷ', ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ 'ଦେଶ ପ୍ରାଣ ମଧୁସୂଦନ' ପ୍ରଭୃତିରୁ ଏ ସଂପର୍କୀୟ ବହୁ ତଥ୍ୟ ମିଳିବ । ''କୁଳବୃଦ୍ଧ''ରୁ ୧୯୧୮ ଉତ୍କଳ ସମ୍ମିଳନୀ ବାଦ ପଡିବା ଉଚିତ ହୋଇ ନାହିଁ ।

ସେହିପରି ଉତ୍କଳର ଜାତୀୟ ଜୀବନର ଅନ୍ୟତମ ଉତ୍ସ ମୟୂରଭଂଜ ମହାରାଜା ରାମଚନ୍ଦ୍ର ଭଂଜଦେଓ କବିବର ରାଧାନାଥ, ଗୌରୀଶଙ୍କର ଓ ଗୋପବନ୍ଧୁ ପ୍ରଭୃତି ବ୍ୟକ୍ତିଙ୍କ ମୃତ୍ୟୁ ସଂପର୍କରେ ଉତ୍କଳପ୍ରାଣ ମଧୁସୂଦନ ଯେପରି ସଂପୂର୍ଣ୍ଣ ନିରାସକ୍ତ ନିସ୍ପୃହ, ଓ ଉଦାସୀନ ଥିଲେ ବୋଲି 'କୁଳବୃଦ୍ଧ' ପଢ଼ିଲେ ଧାରଣା ହୁଏ । 'ଶତାବ୍ଦୀର' ଓ 'କୁଳବୃଦ୍ଧ'ର ବିଷୟବସ୍ତୁ ପରିକଳ୍ପନାକୁ ବିଚାରକୁ ନେଲେ ଏହା 'କୁଳବୃଦ୍ଧ'ର ଏକ ଗୁରୁତ୍ୱପୂର୍ଣ୍ଣ ଅଭାବ ।

ମଧୁସୂଦନଙ୍କ ଜୀବନର ସାର୍ଥକ ଅବବୋଧ ପାଇଁ ତଥା ପୃଷ୍ଠଭୂମିକୁ ଅଧିକ ସ୍ପଷ୍ଟ କରିବା ପାଇଁ ଓଡ଼ିଶାରେ ଜାତୀୟ କଂଗ୍ରେସ ଓ ଅସହଯୋଗ ଆନ୍ଦୋଳନ ସଂପର୍କରେ ଅଧିକ ତଥ୍ୟ ଓ ବର୍ଣ୍ଣନାର ଆବଶ୍ୟକତା ଥିଲା । ସତ୍ୟବାଦୀ ବନବିଦ୍ୟାଳୟ ସଂପର୍କରେ ସେହିପରି ଅଧିକ ବିବରଣୀ ଦେବାର ଥିଲା । 'ଶତାବ୍ଦୀର ସୂର୍ଯ୍ୟ'ର ମୂଳ ବିଷୟବସ୍ତୁ ସହ ପ୍ରତ୍ୟକ୍ଷ ସଂପର୍କ ନଥିଲେ ମଧ୍ୟ ପୃଷ୍ଠଭୂମିକୁ ସ୍ପଷ୍ଟ କରିବାପାଇଁ ଲେଖକ ଗୌରୀଶଙ୍କର (୧ମଭାଗ ୯ମ ପରିଚ୍ଛେଦ) ଓ ସୁରେନ୍ଦ୍ରନାଥ ବାନାର୍ଜୀ (୨ୟ ଭାଗ ୩ୟ ପରିଚ୍ଛେଦ)ଙ୍କ ଜୀବନ ଇତିହାସ ସଂପର୍କରେ ବିଶେଷ ବିବରଣୀ ଦେବାକୁ କୁଣ୍ଠିତ ହୋଇ ନାହାନ୍ତି । ତାହାଦ୍ୱାରା ପୁସ୍ତକଟିର ମାନବୃଦ୍ଧି ଘଟିଛି

ବୋଲି କୁହାଯାଇପାରେ । 'କୁଳବୃଦ୍ଧ'ର ପୃଷ୍ଠଭୂମି ରଚନାରେ କିନ୍ତୁ ଏ ଉଦାହରଣର ସ୍ପର୍ଶ କୁହରୁ । ପୃଷ୍ଠଭୂମିର ବ୍ୟାପ୍ତି ଥିଲେ ପୁସ୍ତକଟି ଯେତେ ପ୍ରାଣବନ୍ତ ହୋଇଥାନ୍ତା ତା ହୋଇପାରି ନାହିଁ ।

'ଉତ୍କଳ ସେବକ' ଅବଲମ୍ବନରେ ଚନ୍ଦ୍ରଧରପୁରରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀର ଷୋଡ଼ଶ ଅଧିବେଶନର ବିବରଣୀ ଦେଇ ଲେଖକ କହିଛନ୍ତି ପ୍ରସ୍ତାବ ସପକ୍ଷରେ ୧୨୭ ଓ ବିପକ୍ଷରେ ମାତ୍ର ୨୭ ଗୋଟି ଭୋଟ ମିଳିଲା।' (ପୃଷ୍ଠା-୧୬୮) କିନ୍ତୁ ୧୯୨୧ ଜାନୁୟାରୀ ୧୨ ତାରିଖର **The Oriya**ର ବିବରଣୀ ଅନୁଯାୟୀ ପ୍ରସ୍ତାବ ସପକ୍ଷରେ ୧୨୭ ଓ ବିପକ୍ଷରେ ୧୬ଟି ଭୋଟ ମିଳିଥିଲା ଓ ୪ ଜଣ ଭୋଟ ଦାନରୁ ବିରତ ଥିଲେ । ଏ ମଧ୍ୟରୁ କେଉଁଟି ଠିକ୍ ?

ମଧୁସୂଦନଙ୍କ ବାସଭବନ ଶୈଳବାଳାଙ୍କ ନାମରେ ଚନ୍ଦ୍ରକୁମାର ହାଜରା ନିଲାମରେ ଧରିବା ପରେ ମଧୁସୂଦନ ଚନ୍ଦ୍ରକୁମାରଙ୍କୁ ନିୟମିତ ଭାବରେ ଘରଭଡ଼ା ଦେଇ ସେଠାରେ ବାସ କରୁଥିଲେ । ୧୯୨୭ ଡିସେମ୍ବର ତା ୩ ରିଖରେ ମଧୁସୂଦନ ଚନ୍ଦ୍ରକୁମାରଙ୍କୁ ଲେଖିଥିବା ଚିଠିରୁ ତାର ପ୍ରମାଣ ମିଳିବ । ଲେଖକ ଏଇ ଚିଠିର କେତେକ ଅଂଶ ଉଦ୍ଧାର କରିଛନ୍ତି (ପୃଷ୍ଠା-୩୦୮) ଓ ପରିଶିଷ୍ଟ-୧୮ରେ ସମ୍ପୂର୍ଣ୍ଣ ଚିଠିର ଆଲୋକ ଚିତ୍ର ମଧ୍ୟ ସଂଯୁକ୍ତ କରିଛନ୍ତି ; କିନ୍ତୁ ପୂର୍ବୋକ୍ତ ପୃ ୩୦୮ଷ୍ଠା ରେ ଚିଠିଟିର ନିମ୍ନଲିଖିତ ଅଂଶ ଉଦ୍ଧାର କରିଥିଲେ ତାଙ୍କ ବାସଭବନ ଶୈଳବାଳାଙ୍କ ନାମରେ ନିଲାମରେ ଉଠିବାପରେ ମଧୁସୂଦନ ଯେ ଚନ୍ଦ୍ରକୁମାରଙ୍କୁ ନିୟମିତ ଭଡ଼ାଦେଇ ସେଠାରେ ବାସ କରୁଥିଲେ ତା ପାଠକଙ୍କ ନିକଟରେ ସ୍ପଷ୍ଟ ଓ ପ୍ରମାଣିତ ହୋଇ ପାରିଥାନ୍ତା । "**I am sending you by money order Rs 200/—. That clears up the arrear end to the end of September, 1927 . I hope to pay up the balance of the arrear soon .**" କହିଦେବାର କଥା ଇଂରେଜୀରେ ଲିଖିତ ତାଙ୍କ **Madhusudan Das** ପୁସ୍ତକରେ ଚିଠିର ଯେ ଲେଖକ ଏଇ ଅଂଶଟି ମଧ୍ୟ ଉଦ୍ଧାର କରିଛନ୍ତି । (ପୃଷ୍ଠା-୧୧୬)

ସେହିପରି 'କୁଳବୃଦ୍ଧ'ରୁ ମଧୁସୂଦନଙ୍କ ସାହିତ୍ୟ ସଂସ୍କୃତି ପ୍ରୀତି ବା ସାମ୍ବାଦିକ ମଧୁସୂଦନ (**The Oriya**)ର ସମ୍ପାଦକ ଭାବରେ ତାଙ୍କ

ବିଶେଷ ପରିଚୟ ମିଳେ ନାହିଁ । ଏହାଦ୍ୱାରା ପୁସ୍ତକଟିର ଅଙ୍ଗହାନି ହୋଇଛି । ମଧୁସୂଦନଙ୍କୁ ସମାଲୋଚନା କରି—

"ଏଥର ମଲେ ମୁଁ ସାହେବ ହେବି
ଲାଲ ମୁଣ୍ଡରେ କ୍ୟାପ ଦେବି ।"

ପ୍ରଭୃତି ସିଦ୍ଧ ପଙ୍‌କ୍ତି ବହନ କରିଥିବା 'ଫିଡ଼ଚର ସାହବ' ପୁସ୍ତକର ରଚୟିତା ପଣ୍ଡିତ ଗୋବିନ୍ଦ ରଥଙ୍କ ଭେଟ 'ଶତାବ୍ଦୀର ସୂର୍ଯ୍ୟ' ବା 'କୁଳବୃଦ୍ଧ'ରେ ନମିଳିବା ମଧ୍ୟ ଦୁଃଖର କଥା । (ଶତାବ୍ଦୀର ସୂର୍ଯ୍ୟ ୨ । ୮ । ୧୧ ରେ 'ଲାଟ ଦର୍ଶନ'ର ଲେଖକ ଗୋବିନ୍ଦ ରଥଙ୍କ ପ୍ରକୃତ ସାକ୍ଷାତ ମିଳି ମଧ୍ୟ ମିଳି ନ ଥିଲା ପରି ମନେହୁଏ । )

—୩—

ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ଉତ୍କଳର ଜାତୀୟ ଜୀବନର ଦୁଇ ସ୍ୱତନ୍ତ୍ର ଗୋଷ୍ଠୀ ବା ଶ୍ରେଣୀ, ଦୁଇ ବିଭିନ୍ନ ସମୟ ତଥା ଦୁଇ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ପ୍ରତୀକ ଥିଲେ । ଓଡ଼ିଶା ରୂପକ ପବିତ୍ର ଯଜ୍ଞ କୁଣ୍ଡରେ ଜାତୀୟ ଜୀବନର ବହ୍ନିକୁ ପ୍ରଜ୍ୱଳିତ କରିବାର ମହା ଦାୟିତ୍ୱ ନେଇ ଓ କଣ୍ଠରେ ବିଗ୍ଭୟର ମନ୍ତ୍ର ଉଚ୍ଚାରଣ କରି ଦେବଦୂତ ସ୍ୱର୍ଗରୁ ଧରାବତରଣ କରିବାପରି ମଧୁସୂଦନ କଲିକତାରୁ ଆସିଥିଲେ ଓଡ଼ିଶା । ଗୋପବନ୍ଧୁ କିନ୍ତୁ ଏଇ ଦେଶର ମାଟିରୁ ଜନ୍ମଲାଭ କରି ଓ ସେଇ ମାଟିରୁ ରସ ଗ୍ରହଣ କରି ନିଜକୁ ପରିପୁଷ୍ଟ କରିଥିଲେ ସେଇ ଯଜ୍ଞକୁଣ୍ଡରେ ବଳି ଦେବାର ଦୁର୍ବାର କାମନା ନେଇ । ଉଚ୍ଚଶିକ୍ଷିତ, ସମ୍ଭ୍ରାନ୍ତ, ଅଭିଜାତ, ଉଚ୍ଚବିତ୍ତ ଓ ଉଚ୍ଚମଧ୍ୟବିତ୍ତ ଶ୍ରେଣୀକୁ ନେତୃତ୍ୱ ଦେଇ ସେମାନଙ୍କ ନେତା-ଭାବରେ ଓ ସେମାନଙ୍କ ସହାୟତାରେ ଉତ୍କଳର ଜାତୀୟ ଜୀବନକୁ ତାର ବାଲ୍ୟ ଓ ଶୈଶବାବସ୍ଥାରେ ରକ୍ଷା ଓ ଲାଳନ ପାଳନ କରିଥିଲେ ମଧୁସୂଦନ । ଗୋପବନ୍ଧୁ କିନ୍ତୁ ଶେଷ କୈଶୋର ଓ ଆଦ୍ୟଯୌବନରେ ପାଦ ଦେଇଥିବା ଉତ୍କଳ ଜାତୀୟ ଜୀବନର ପରମ ସୁହୃଦ, ଅନ୍ତରଙ୍ଗ ବନ୍ଧୁ ଓ ପ୍ରିୟ ସଖାର ଭୂମିକା ଗ୍ରହଣ କରି ତାକୁ ବିରାଟ କର୍ମ ପ୍ରେରଣାରେ ଉଦ୍‌ବୁଦ୍ଧକରି ବିଶାଳ କର୍ମକ୍ଷେତ୍ରରେ ପ୍ରବେଶ କରାଇଥିଲେ । ଏହି କର୍ମରେ ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ, ପରିଚୟହୀନ, ନିମ୍ନମଧ୍ୟବିତ୍ତ ଓ ଦରିଦ୍ର ଜନ-

ସାଧାରଣଙ୍କୁ ସେ ବାନ୍ଧବ ଭାବରେ ପାଇଥିଲେ । ବାଲ୍ୟ ଓ ଶୈଶବାବସ୍ଥାର ରକ୍ଷା କବଚ ଓ ଲାଳନ ପାଳନ କର୍ତ୍ତାର ଭୂମିକା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଯୌବନର ସଖାର ଆବଶ୍ୟକତା ସେ ପୂରଣ କରିପାରେ ନାହିଁ । ଯୌବନର ସଖାର ପ୍ରଭାବକୁ ସେ କ୍ଷୁଣ୍ଣ କରିପାରେ ନାହିଁ । ଯୌବନର ଆରମ୍ଭରେ ବାଲ୍ୟ ଶୈଶବର ରକ୍ଷାକବଚ, ଲାଳନ ପାଳନ କର୍ତ୍ତା ଓ ଆଦ୍ୟ ଯୌବନର ସଖା ଏଇ ଉଭୟଙ୍କ ପ୍ରଭାବ ମଧ୍ୟରେ ସଂଘର୍ଷ ହୋଇଥାଏ । ସେତେବେଳେ କୌଣସି ଗୋଟିଏ ଶକ୍ତିର ପ୍ରଭାବକୁ ଅସ୍ୱୀକାର କରିବା ସମ୍ଭବ ହୋଇପାରେ ନାହିଁ । ପରିଣତିରେ କିନ୍ତୁ ବାଲ୍ୟ, କୈଶୋରର ରକ୍ଷାକବଚ ଓ ଲାଳନ ପାଳନ କର୍ତ୍ତାଙ୍କ ପ୍ରଭାବ ଅପେକ୍ଷା ଯୌବନର ସଖାଙ୍କ ପ୍ରଭାବର ଶକ୍ତି ବିଶେଷ ଭାବରେ ଅନୁଭୂତ ହୁଏ । ସମସ୍ତ ଦ୍ୱନ୍ଦ୍ୱ ଓ ସଂଘର୍ଷର ଅବସାନ ହୁଏ । ଉତ୍କଳର ଜାତୀୟ ଜୀବନର କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ହୋଇଥିଲା । ୧୯୦୩ ଠାରୁ ଆରମ୍ଭ କରି ୧୯୨୦ ପର୍ଯ୍ୟନ୍ତ ଏକଦିଗରେ ରକ୍ଷା ଓ ଲାଳନ ପାଳନ କର୍ତ୍ତା ଓ ଅନ୍ୟ ଦିଗରେ ଅନ୍ତରଙ୍ଗ ବନ୍ଧୁ ଏହି ଉଭୟଙ୍କ ପ୍ରଭାବରେ ଉତ୍କଳର ଜାତୀୟ ଜୀବନ ପ୍ରତି ନିୟତ ଯେପରି ଦ୍ୱିଧା ବିଭକ୍ତ ହେଉଥିଲା । ତା ଉପରେ ପ୍ରଭାବ ବିସ୍ତାର କରିବାପାଇଁ ଉଭୟ ଶକ୍ତି ମଧ୍ୟରେ ହେଉଥିବା ସଂଘର୍ଷ ଥିଲା ତା ଜୀବନର ପରମ ସତ୍ୟ ।

୧୯୨୧ରେ ଏଇ ପରିସ୍ଥିତିର ଏଇ ସଂଘର୍ଷର ଅବସାନ ହେଲା । ଉତ୍କଳର ଜାତୀୟ ଜୀବନ ତାର ରକ୍ଷାକବଚ ଓ ଲାଳନ ପାଳନ କର୍ତ୍ତାଙ୍କ ଶାସନ ଦଣ୍ଡକୁ ଅସ୍ୱୀକାର କରି ଅନ୍ତରଙ୍ଗ ବନ୍ଧୁଙ୍କ ନିର୍ଦ୍ଦେଶକୁ ସାଦରେ ଗ୍ରହଣ କରିନେଲା । ତେଣୁ ସୁରେନ୍ଦ୍ର ମହାନ୍ତି ଯଥାର୍ଥରେ ୧୯୨୧କୁ 'ଓଡ଼ିଶା ଇତିହାସର ଏକ ଜଳ ବିଭାଜିକା ରେଖା' ରୂପେ ଅଭିହିତ କରିଛନ୍ତି (ପୃଷ୍ଠା-୧୭୬) ; କିନ୍ତୁ 'କୁଳବୃଦ୍ଧ'ରେ ସେ ୧୯୦୩ ରୁ ୧୯୨୧ ପର୍ଯ୍ୟନ୍ତ ଦୁଇ ପରସ୍ପର ବିରୋଧୀ ଶକ୍ତି ଓ ଆଦର୍ଶ ମଧ୍ୟରେ ପ୍ରଭାବ ବିସ୍ତାର ପାଇଁ ଚାଲିଥିବା ସଂଘର୍ଷର ସ୍ପଷ୍ଟ ଚିତ୍ର ଆଙ୍କିବାରେ ସମର୍ଥ ହୋଇପାରି ନାହାନ୍ତି । ମଧ୍ୟାହ୍ନ ଗଗନରୁ ତଳ ପଡୁଥିବା ମଧୁସୂଦନଙ୍କ ନେତୃତ୍ୱ ଓ ମଧ୍ୟାହ୍ନ ଗଗନ ଅଭିମୁଖୀ ଗୋପବନ୍ଧୁଙ୍କ ନେତୃତ୍ୱ ମଧ୍ୟରେ ଆଦର୍ଶଗତ ସଂଘର୍ଷର ଚିତ୍ର 'କୁଳବୃଦ୍ଧ'ରେ ଅସ୍ପଷ୍ଟ ରହିଯାଇଛି । ପୁସ୍ତକର ବିଭିନ୍ନ

ସ୍ଥାନରେ ତାଙ୍କ ସମ୍ପର୍କରେ ଉଲ୍ଲେଖ ଥିଲେ ମଧ୍ୟ (ଉଦାହରଣ ସ୍ୱରୂପ ପୃଷ୍ଠା ୩୫, ୩୬, ୫୫,-୫୭, ୧୧୪-୧୫, ୧୪୨, ୧୬୫,-୭୦,୧୮୭, ୨୪୮, ୨୫୨,-୫୪, ୨୭୭,-୭୮,ଓ ୩୭୨ ଇତ୍ୟାଦି) ଏହି ଆଦର୍ଶଗତ ସଂଘର୍ଷରେ ମଧୁସୂଦନଙ୍କ ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀରୂପେ 'କୁଳବୃଦ୍ଧ'ର ରଙ୍ଗମଞ୍ଚରେ ଗୋପବନ୍ଧୁଙ୍କୁ ଅବତୀର୍ଣ୍ଣ କରାଇବାରେ କିଞ୍ଚିତ କୁଣ୍ଠା, ତାଙ୍କୁ ଅନ୍ତରାଳରେ ରଖାଇବାରେ କିଞ୍ଚିତ ପ୍ରବଣତା ଏଥିରେ ଲକ୍ଷ୍ୟ କରାଯାଇପାରେ ; କିନ୍ତୁ ଗୋପବନ୍ଧୁଙ୍କୁ ବାଦ୍ ଦେଇ ବା ମଧୁସୂଦନଙ୍କ ଆଦର୍ଶର ପ୍ରଧାନ ପ୍ରତିପକ୍ଷ ରୂପେ ତାଙ୍କୁ ଠିଆ ନ କରାଇ ମଧୁସୂଦନଙ୍କ ପୂର୍ଣ୍ଣାଙ୍ଗ ଜୀବନ ଚରିତ ରଚନା କରିବା ସମ୍ଭବ ନୁହେଁ ।

ପୁଣି ଏଇ ସଂଘର୍ଷରେ ଚିତ୍ର ଦେବା ସମୟରେ ମଧୁସୂଦନଙ୍କୁ, ତାଙ୍କ ନେତୃତ୍ୱକୁ ଓ ତାଙ୍କ ଆଦର୍ଶକୁ ବିରୋଧ କରୁଥିବା ବ୍ୟକ୍ତି, ନେତୃତ୍ୱ ଓ ଆଦର୍ଶ ପ୍ରତି ଲେଖକ ଯେତିକି ଉଦାର ଓ ସହନଶୀଳ ହେବାର କଥା ତାହା ହୋଇପାରି ନାହାନ୍ତି । ତେଣୁ ମଧୁସୂଦନଙ୍କ ସହ ଗୋକୁଳାନନ୍ଦ ଚୌଧୁରୀ ଓ ଗୋପବନ୍ଧୁ ପ୍ରଭୃତି ଯେଉଁମାନେ ଆଦର୍ଶଗତ ସଂଘର୍ଷରେ ଲିପ୍ତ ଥିଲେ ସେମାନଙ୍କ ପ୍ରତି ଲେଖକଙ୍କ କିଛିଟା ଅନୁଦାର ମନୋଭାବ 'କୁଳବୃଦ୍ଧ'ର ମୂଲ୍ୟ ହ୍ରାସ କରିଛି, ସନ୍ଦେହ ନାହିଁ । ଉଦାହରଣତଃ ପ୍ରଥମ ପରିଚ୍ଛେଦରେ ଥିବା 'ପ୍ରାର୍ଥନା' ପଦ୍ୟର ଲେଖକଙ୍କ ପ୍ରତି ସୁରେନ୍ଦ୍ର ମହାନ୍ତି କିଛିଟା ଅନୁଦାର ଥିବାର ଧାରଣା ହୁଏ । ସେ ବିଷୟରେ ସେ ହୁଏତ କେତେକ ପରିମାଣରେ ସଚେତନ ଥିବାରୁ 'ଆସନ୍ତାକାଲି' ରେ ପ୍ରଥମେ ପ୍ରକାଶ ପାଇବା ସମୟରେ 'ପ୍ରାର୍ଥନା'ର ଲେଖକ ଗୋପବନ୍ଧୁ ବୋଲି ସୂଚନା ଦେଇଥିଲେ ହେଁ (ଅଭିରାମ କହିଲେ, "ଶୁଣୁଚି ରେଭେନ୍‌ସା କଲେଜର ଛାତ୍ର ଗୋପବନ୍ଧୁ ଏ ପ୍ରାର୍ଥନା ପଦ୍ୟର ଲେଖକ ।"—ଆସନ୍ତାକାଲି, XXVII, 6, June . 1967, p-22) ପୁସ୍ତକାକାରରେ ପ୍ରକାଶ ପାଇବା ସମୟରେ ସେଥିରୁ ଗୋପବନ୍ଧୁଙ୍କ ନାମ ବାଦ୍‌ଦେଇ ଦେଇଛନ୍ତି (ଅଭିରାମ କହିଲେ, "ଶୁଣୁଚି ରେଭେନ୍‌ସା କଲେଜର ଜଣେ କେହି ଛାତ୍ର ଏ ପ୍ରାର୍ଥନା ପଦ୍ୟର ଲେଖକ" —କୁଳବୃଦ୍ଧ, ପୃଷ୍ଠା-୨) । ଚନ୍ଦ୍ରଶେଖର 'ସତ୍ୟବାଦୀରେ ସାତବର୍ଷ'ର 'ପ୍ରାରମ୍ଭ' ତଥା ତାଙ୍କ 'ଆତ୍ମଜୀବନୀ'ରେ ପଣ୍ଡିତ ନୀଳକଣ୍ଠ 'ପ୍ରାର୍ଥନା' ପଦ୍ୟର ପିତୃତ୍ୱ

ଗୋପବନ୍ଧୁଙ୍କ ଉପରେ ଆରୋପ କରିଥିବା କଥା ଲେଖକଙ୍କୁ ଅବଦିତ ନଥିବ ।, ପୁଣି ଏ ପ୍ରସଙ୍ଗରେ ସେ ଲେଖିଛନ୍ତି, ମଧୁସୂଦନଙ୍କୁ ନେତୃତ୍ୱଚ୍ୟୁତ କରିବାପାଇଁ ନେପଥ୍ୟରେ ଯେଉଁସବୁ ଉଦ୍ୟମ ଆରମ୍ଭ ହୋଇଥିଲା, ଏହା ଥିଲା ତାର ଗୋଟିଏ ଆଭିମୁଖ୍ୟ ।" (କୁଳବୃଦ୍ଧ ପୃଷ୍ଠା-୮)

ମଧୁସୂଦନ ଓ ଗୋପବନ୍ଧୁଙ୍କ ମଧ୍ୟରେ ହୋଇଥିବା ସଂଘର୍ଷକୁ ବ୍ୟକ୍ତିଗତ କଳିକଜିଆ ନୁହେଁ, ଆଦର୍ଶଗତ ସଂଘର୍ଷ ବୋଲି ସ୍ୱୀକାର କରାଯିବା ଉଚିତ । ବ୍ୟକ୍ତିଗତ ଭାବରେ ଉଭୟଙ୍କ ମଧ୍ୟରେ ବେଶ୍ ସଦ୍‌ଭାବ ଥିଲା ବୋଲି ଅନୁମାନ କରିବା ପାଇଁ ଯଥେଷ୍ଟ କାରଣ ଅଛି । ମୟୂରଭଞ୍ଜ ରାଜ୍ୟର ସରକାରୀ ଓକିଲ **(State Pleader)** ଭାବରେ ଗୋପବନ୍ଧୁ ଯୋଗ ଦେବା ପଛରେ ଯେତେଦୂର ସମ୍ଭବ ମଧୁସୂଦନଙ୍କ ପ୍ରଚ୍ଛନ୍ନ ହାତ ଥିଲା । ମୟୂରଭଞ୍ଜ ରାଜ୍ୟରେ ଉଚ୍ଚରାଜ କର୍ମଚାରୀ ଭାବରେ ବଂଗାଳୀମାନେ ନିଯୁକ୍ତି ପାଇବାରୁ ଓଡ଼ିଶାରେ ତାର ତୀବ୍ର ସମାଲୋଚନା ହୁଏ । ତେଣୁ ମହାରାଜ ଶ୍ରୀରାମଚନ୍ଦ୍ର ଜଣେ ଯୋଗ୍ୟ ତଥା ସଚ୍ଚୋଟ ଓଡ଼ିଆ ଲୋକ ଖୋଜି ବାହାର କରିବାକୁ ମଧୁସୂଦନଙ୍କୁ ଅନୁରୋଧ କରନ୍ତି । ଏହି ଚ୍ୟାଲେଞ୍ଜର ଜବାବରେ ମଧୁସୂଦନ ଗୋପବନ୍ଧୁଙ୍କୁ ପଠାଇଥିଲେ ମୟୂରଭଞ୍ଜ । ପୁଣି ୧୯୧୮ରେ ଉତ୍କଳ ସମ୍ମିଳନୀରେ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନେ ମଧୁସୂଦନଙ୍କୁ ଯେପରି ସାହାଯ୍ୟ କରିଥିଲେ ତାର ସୂଚନା ପୂର୍ବେ ଦିଆଯାଇଛି । ଗୋପବନ୍ଧୁଙ୍କ ମୃତ୍ୟୁର କିଛିଦିନ ପୂର୍ବରୁ ମଧୁସୂଦନ ତାଙ୍କ ପାଖକୁ ଏକ ଚିଠିରେ ଲେଖିଥିଲେ " **I am anxious for your health ..........you are the only person with whom I should like to pray in my death bed.** "(ସୂର୍ଯ୍ୟନାରାୟଣ ଦାଶ, ଦେଶପ୍ରାଣ ମଧୁସୂଦନ, ପୃଷ୍ଠା-୫୨୪ ଓ ପରିଶିଷ୍ଟ ୧) । ଗୋପବନ୍ଧୁଙ୍କ ମୃତ୍ୟୁର ଏକ ବାର୍ତ୍ତା ଦେଇ ମଧୁସୂଦନ କହିଥିଲେ, 'କେତେବର୍ଷ ହେଲା ଆମେ ଦୁହେଁ ଏକାଠେଇଁ ବସି କଥାବାର୍ତ୍ତା ହୋଇ ନାହୁଁ । ଓଡ଼ିଶାର ଭବିଷ୍ୟତ ଏକାଠ ବିଚାର କରି ନାହୁଁ । ଆମ୍ଭମାନଙ୍କ ଜୀବନ ଅଲଗା ହେଲେ କଣ ହେବ, ଆମ୍ଭମାନଙ୍କ ମତଦ୍ୱୈଧ ଥିଲେ କଣ ହେବ, ଗୋପବନ୍ଧୁଙ୍କ ଜୀବନ ମହତ, ଏହା ଉତ୍କଳର ଜାତୀୟ ସମ୍ପଦ ।" (ତତ୍ରୈବ,ପୃ-୫୨୩) । ଏଥିରୁ ଉଭୟଙ୍କ

ମଧ୍ୟରେ ସଦ୍‌ଭାବ ଓ ଆନ୍ତରିକତା ଥିବାର ସ୍ପଷ୍ଟ ସୂଚନା ମିଳେ । ଲେଖକ 'କୁଳବୃଦ୍ଧ'ରେ ମଧ୍ୟ ଏକାଧିକ ସ୍ଥାନରେ ଏହାର ସୂଚନା ଦେଇ ଅଛନ୍ତି । ତେଣୁ ଉତ୍କଳର ଜାତୀୟ ଜୀବନ ପ୍ରସଙ୍ଗରେ ଗୋକୁଳାନନ୍ଦ ଚୌଧୁରୀ, ଗୋପାଳ ଚନ୍ଦ୍ର ପ୍ରହରାଜ ଓ ଗୋପବନ୍ଧୁଙ୍କ ପରି ଯେଉଁମାନେ ମଧୁସୂଦନଙ୍କୁ ବିରୋଧ କରୁଥିଲେ ସେମାନଙ୍କ ପ୍ରତି (ଓ ବିଶେଷ ଭାବରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ) ଲେଖକ ଅଧିକ ଉଦାର ଓ ସହାନୁଭୂତିଶୀଳ ହେବାର ଆଶା କରାଯାଉଥିଲା । ଏମାନଙ୍କ ପ୍ରତି ଲେଖକଙ୍କ ନିଜ ମନୋଭାବର ପ୍ରତିଫଳନ 'କୁଳବୃଦ୍ଧ'ର ମୂଲ୍ୟ ଓ ମର୍ଯ୍ୟାଦା କିଞ୍ଚିତ ହ୍ରାସ କରିଅଛି ।

ଏପରି କ୍ଷେତ୍ରରେ ଚରିତୋପନ୍ୟାସର ଆଦର୍ଶ କଣ ହେବା ଉଚିତ ତା ନିର୍ଣ୍ଣୟ କରି ବିଖ୍ୟାତ ଚରିତୋପନ୍ୟାସକାର **Irving Stone** କହନ୍ତି-**No fixations, or prejudices carried over from past readings ……No firy passions, for or against ; They could judgement………No condemnation of people or events; give them their rightful place in the story and let god judge them……no disproporions about material where I happen to know more ·……"** କହିଦେବାର କଥା ଯେ ଏତେ ସଚେତନ ଓ ସତର୍କ **Irvins Stone**ଙ୍କୁ ମଧ୍ୟ ଏହି ଦୋଷ ପାଇଁ ସମାଲୋଚନା କରି **'Lust of life'** ର ସମୀକ୍ଷା ପ୍ରସଙ୍ଗରେ **Robert Morse** କହନ୍ତି ……**From a novelist one right have hopped for a dispassionate and honest attempt to clarify and explain the behaviour of an extremely interesting human being . ……But……Mr . Stone had fallen into the old attitude of unqueestioning sentimental identification with his hero ."** **Morse**ଙ୍କ ଉକ୍ତି ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତି ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ ।

ଚରିତୋପନ୍ୟାସର କେନ୍ଦ୍ରବିନ୍ଦୁ ଚରିତ୍ର । ଏଣୁ ଏହାକୁ ଚରିତ୍ର-ମୂଳକ ଉପନ୍ୟାସ ବୋଲି ମଧ୍ୟ କୁହାଯାଇପାରେ । ଚରିତ୍ରମୂଳକ

ଉପନ୍ୟାସରେ ଏକ (ଏକାଧିକ) ମୁଖ୍ୟ ଚରିତ୍ରକୁ କେନ୍ଦ୍ର କରି ଅନ୍ୟାନ୍ୟ ଗୌଣ ଚରିତ୍ର ; ଘଟଣା, ପରିବେଶ ଆଦିର ଅବତାରଣା କରାଯାଇଥାଏ । ପ୍ରକୃତ ପକ୍ଷେ ଏ ସବୁର କାମ ହେଲା ମୁଖ୍ୟ ଚରିତ୍ରକୁ ସ୍ପଷ୍ଟ କରିବା । **Irving Stone**ଙ୍କ ଭାଷାରେ **"……for character is plot; character in developement in aetion; and character fulfilment is resolution."**

ଏହି ଦିଗରୁ ବିଚାର କଲେ 'କୁଳବୃଦ୍ଧ'ର ସାଫଲ୍ୟ ଓ ସାର୍ଥକତା ସ୍ୱୀକାର କରିବା ପାଇଁ ପଡ଼େ । 'କୁଳବୃଦ୍ଧ'ର ସବୁ ଗୌଣ ଚରିତ୍ର, ଘଟଣା ଓ ପରିବେଶର କେନ୍ଦ୍ରସ୍ଥଳରେ ଉତ୍କଳ ପ୍ରାଣ 'କୁଳବୃଦ୍ଧ' ମଧୁସୂଦନଙ୍କ ମହାନ୍ ବ୍ୟକ୍ତିତ୍ୱ ଆମ ନମନୀୟତା-ଦୃଢ଼ତାର ସମାହାରରେ ଗଠିତ ବିଚିତ୍ର ଚରିତ୍ରକୁ ପାଠକ ଆବିଷ୍କାର କରିପାରେ । 'କୁଳବୃଦ୍ଧ'ର ସବୁ ଚରିତ୍ର, ଘଟଣା ଓ ପରିବେଶକୁ ଆଶ୍ରୟଦାନ କରି, ଛାୟାଦାନ କରି, ସେମାନଙ୍କ ଅସ୍ତିତ୍ୱକୁ ଆବଶ୍ୟକତା ଅନୁଯାୟୀ ଦାନ କରି, ସେମାନଙ୍କ ଊର୍ଦ୍ଧ୍ୱରେ ଉତ୍ତୁଙ୍ଗ ବନସ୍ପତି ସଦୃଶ ସଗର୍ବରେ ମସ୍ତକୋତ୍ତୋଳନ କରି ଦଣ୍ଡାୟମାନ କୁଳବୃଦ୍ଧ ମଧୁସୂଦନଙ୍କ ଚରିତ୍ର, ଏହି ଶତାବ୍ଦୀର ସୂର୍ଯ୍ୟର ଦୀପ୍ତିରେ ସେ ହୋଇଛନ୍ତି ଦୀପ୍ତିମନ୍ତ ।

ମଧୁସୂଦନ କେବଳ ଜଣେ ବ୍ୟକ୍ତି ନ ଥିଲେ । ସେ ଥିଲେ ଏକ ଅନୁଷ୍ଠାନ । ବିସ୍ମୟୋଦ୍ଦୀପକ ଓ ବିଚିତ୍ର ଘଟଣାବହୁଳ ବିପରୀତମୁଖୀ ବିଭିନ୍ନ ଦିଗ ସମ୍ପନ୍ନ ତଥା ଦୀର୍ଘ କର୍ମମୁଖର ତାଙ୍କ ଚରିତ୍ରକୁ ଓ ଚରିତ୍ରର ବିଭିନ୍ନ ଦିଗକୁ ଉପଜୀବ୍ୟ କରି ରଚିତ ହୋଇ 'କୁଳବୃଦ୍ଧ' ଚରିତୋପନ୍ୟାସ ଭାବରେ ସାର୍ଥକ ହୋଇଛି । **Irving Stone**ଙ୍କ **"The biographical novel is based on the conviction that the best of all plots lies in human character; and that human character is endlessly colourful and revealing. It starts with the assumption that those stories which have accfually happened can be atleast as interesting and true as those whose which have been imagined."** ଉକ୍ତି ଯଥାର୍ଥ ଭାବରେ 'କୁଳବୃଦ୍ଧ' ମଧୁସୂଦନଙ୍କ

ସୁଦୀର୍ଘ କର୍ମମୟ ଜୀବନ ପ୍ରତି ପ୍ରଯୁଜ୍ୟ । ତେଣୁ 'କୁଳବୃଦ୍ଧ' ଚରିତୋପନ୍ୟାସ ଭାବରେ ସାର୍ଥକ ଓ ସଫଳ ହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ତେବେ କେବଳ ମଧୁସୂଦନଙ୍କ ଜୀବନର ବୈଚିତ୍ର୍ୟ, ମହତ୍ତ୍ୱ, କର୍ମମୟତା ଓ ଦୀର୍ଘତା ନୁହେଁ, ସେସବୁ ଯଥାର୍ଥ ଭାବରେ ଆବିଷ୍କାର, କଳନା ଓ ପରିବେଷଣ କରିବାରେ ସୁରେନ୍ଦ୍ର ମହାନ୍ତିଙ୍କ ପାରଦର୍ଶିତା, ବିଶେଷ ଭାବରେ ପରିବେଷଣ ନାଟକୀୟତା ମଧ୍ଯ 'କୁଳବୃଦ୍ଧ'ର ସଫଳତା ପାଇଁ ବହୁ ପରିମାଣରେ ଦାୟୀ । ଏ ସଂପର୍କରେ ସ୍ମରଣ ରଖିବା ଉଚିତ ଯେ ସାଧାରଣ ଚରିତ୍ରମୂଳକ ଉପନ୍ୟାସରେ ଲେଖକର ଯେଉଁ ସ୍ୱାଧୀନତା ଥାଏ, ଚରିତୋପନ୍ୟାସ ଲେଖକର ସେଇ ସ୍ୱାଧୀନତା ନ ଥାଏ । ଏଇ ଦୃଷ୍ଟିକୋଣରୁ ଦେଖିଲେ ଲେଖକ ତାଙ୍କର ଯେତିକି ସ୍ୱାଧୀନତା ପାଇଛନ୍ତି ତାର ସଂପୂର୍ଣ୍ଣ ସଦ୍‌ବ୍ୟବହାର କରିଛନ୍ତି । ପ୍ରକୃତରେ ଘଟିଥିବା ବଡ଼ ବଡ଼ ଘଟଣାସବୁ କେବଳ ସୁନ୍ଦର ଭାବେ ସଜାଇ ରଖି ନାହାନ୍ତି, ସେସବୁ-ଦୃଷ୍ଟେ ବହୁ କ୍ଷୁଦ୍ର ଘଟଣା ଓ ପରିବେଶର ପରିକଳ୍ପନା କରିଛନ୍ତି ଓ ସତ୍ୟ ଘଟଣା ସହ ଏଇ ପରିକଳ୍ପିତ ଘଟଣା ଓ ପରିବେଷଣକୁ ଅତି ସୁନ୍ଦର ଭାବେ ଖାପ ଖୁଆଇ ପାରିଛନ୍ତି । ଏଥିରେ ସେ ଏତେ ସାଫଲ୍ୟ ଲାଭ କରି-ପାରିଛନ୍ତି ଯେ ପରିକଳ୍ପିତ ଘଟଣା ଓ ପରିବେଶ କେବଳ ପ୍ରକୃତ ବୋଲି ମନେହେଉଛି, ତାହା ନୁହେଁ । ପ୍ରକୃତ ଘଟଣା ମଧ୍ଯ ଅତି ଜୀବନ୍ତ ବୋଲି ମନେହେଉଛି ଓ ସେସବୁର ଗୁରୁତ୍ୱ ଯଥାର୍ଥ ଭାବରେ ଉପଲବ୍ଧି କରାଯାଇ ପାରୁଛି । ପୁଣି ଏସବୁ ମଧୁସୂଦନଙ୍କ ଚରିତ୍ରକୁ ଯଥାର୍ଥ ଭାବରେ ପୁଷ୍ଟ କରି ନିଜର ଆବଶ୍ୟକତାକୁ ବଜାୟ ରଖିଛନ୍ତି ।

ତେବେ ପରିବେଷଣରେ 'କୁଳବୃଦ୍ଧ'ର ଦୋଷ ଦୁର୍ବଳତା ନାହିଁ ବୋଲି ନୁହେଁ । ଉଦାହରଣ ସ୍ୱରୂପ ମେଜର ସୁବର୍ଦ୍ଧୀ ଆଇ. ଏମ୍. ଏସ୍‌ଙ୍କ ନିକଟକୁ ପରିଚୟ ପତ୍ର **(Introduetion letter)** ଲେଖିବା ପାଇଁ ତାଙ୍କର ଏକଦା ଛାତ୍ର ଆଶୁତୋଷ ମୁଖାର୍ଜୀଙ୍କୁ ଅନୁରୋଧ କରିବା ପ୍ରସଙ୍ଗରେ ମଧୁସୂଦନଙ୍କ ମୁଖରେ ଲେଖକ କୁହାଇ ଅଛନ୍ତି । "ସେଥିରେ କିନ୍ତୁ ଲେଖିଦେବ ମୁଁ ତୁମର ଗୁରୁ........" ( ପୃ—୨୭୦ ) । ସ୍ୱାଭିମାନୀ ମଧୁସୂଦନଙ୍କ ମୁହଁରେ ଏହା ଆଶା କରାଯାଏ ନାହିଁ । ଏହା ତାଙ୍କର ବ୍ୟକ୍ତିତ୍ୱକୁ କିଛିଟା ଖର୍ବ କରିଛି ।

ଶତାବ୍ଦୀର ସୂର୍ଯ୍ୟ ପରି ଏକାନ୍ତ ଭାବେ ତଥ୍ୟନିଷ୍ଠ କରିବାର ସଚେତନ ଉଦ୍ୟମ ତଥା ମଧୁସୂଦନଙ୍କ ଜୀବନ ସମ୍ପର୍କୀୟ କିନ୍ତୁ ସର୍ବସାଧାରଣରେ ଏ ପର୍ଯ୍ୟନ୍ତ ଅଜ୍ଞାତ ବହୁ ବିଶିଷ୍ଟ ମୂଲ୍ୟବାନ ତଥ୍ୟକୁ ଲୋକଲୋଚନକୁ ଆଣିବାର ଓ ପ୍ରମାଣ କରିବାର ପ୍ରୟାସ ହେତୁ ପାଦଟୀକା ଓ ଉଦ୍ଧୃତ ବହୁଳ 'କୁଳବୃଦ୍ଧ' ଉପନ୍ୟାସଠାରୁ ବେଶ୍ କିଛି ଦୂରେଇ ଯାଇଛି ବୋଲି ମନେହୁଏ । ମୋଟ ଉପରେ 'କୁଳବୃଦ୍ଧ' ସମ୍ପୂର୍ଣ୍ଣ ଭାବରେ ଉପନ୍ୟାସ ନୁହେଁ କି ସମ୍ପୂର୍ଣ୍ଣ ଭାବରେ ଜୀବନ ଚରିତ ନୁହେଁ, ଏପରିକି ଏ ଦୁଇଟିଯାକ ସାହିତ୍ୟିକ ମାଧ୍ୟମର ମଧୁର ସମନ୍ୱୟରେ ସୃଷ୍ଟି ହୋଇଥିବା ନୂତନ (କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ନ ହୋଇ ଉପନ୍ୟାସ ବିଭାଗର ଅଙ୍ଗୀଭୂତ) ଚରିତୋପନ୍ୟାସ ନୁହେଁ ।

ତେବେ ପାଦଟୀକା ଓ ଉଦ୍ଧୃତବହୁଳ ନ କରି ସଂଗୃହୀତ ସମସ୍ତ ତଥ୍ୟକୁ ପରିଶିଷ୍ଟରେ ସମୟ ଓ ପରିଚ୍ଛେଦ ଅନୁକ୍ରମରେ ସଜାଇ ରଖିଥିଲେ ଉପନ୍ୟାସ ଭାବରେ 'କୁଳବୃଦ୍ଧ'ର ଆବେଦନ ଅଧିକ ଶକ୍ତିଶାଳୀ ହୋଇଥାନ୍ତା । ପୁଣି ଏତେ ତଥ୍ୟର ସମାହାର ସତ୍ତ୍ୱେ ପୃଷ୍ଠଭୂମି ଅଧିକ ବ୍ୟାପକ ଓ ସ୍ପଷ୍ଟ ନ ହୋଇ ସଂକ୍ଷିପ୍ତ ତଥା ଅସ୍ପଷ୍ଟ ହୋଇଥିବାରୁ ବ୍ରଜସୁନ୍ଦର ଦାସ, ଚିନ୍ତାମଣି ଆଚାର୍ଯ୍ୟ, ବିଶ୍ୱନାଥ କର ପ୍ରଭୃତି ଚରିତ୍ର-ମାନଙ୍କର ଆନୁପାତିକ ବିକାଶ ସମ୍ଭବ ହୋଇପାରିନାହିଁ । ନ ଜାଣିଥିବା ଲୋକ ମନରେ ସେମାନଙ୍କ ଚରିତ୍ର ବିଶେଷ ରେଖାପାତ କରିବ ନାହିଁ ।

ପୂର୍ବେ ଉଦ୍ଧୃତ ହୋଇଥିବା **Robert Morse** ଙ୍କ ଭାଷାରେ **"Unquestioning sentimatal identification with his hero."** ଗୋଟିଏ ଦିଗରୁ ସୁରେନ୍ଦ୍ର ମହାନ୍ତିଙ୍କ ଦୋଷ ହୋଇପାରେ, କିନ୍ତୁ ଅନ୍ୟ ଦିଗରୁ ବିଚାର କଲେ 'କୁଳବୃଦ୍ଧ'ର ସମସ୍ତ କଳାଗତ ଉତ୍କର୍ଷ ମୂଳରେ ରହିଛି ଏହି ନିଜର ଆଦର୍ଶ ପୁରୁଷ ସହ ଅକୁଣ୍ଠ ଓ ଭାବୋଚ୍ଛଳ ଏକାତ୍ମ ଅନୁଭୂତି । ଚରିତୋପନ୍ୟାସ ସମ୍ପର୍କରେ **Irving Stone** ଙ୍କ ଅନ୍ୟ ଏକ ଉକ୍ତି **"The biography has been expected to se objective, to often it has been written in cold blood· The biographicl novel must be written in hot blood."** ଏ କ୍ଷେତ୍ରରେ ସ୍ମରଣ କରାଯାଇପାରେ । ବୋଧହୁଏ

'କୁଳବୃଦ୍ଧ' ଲେଖିବା ବେଳେ ଲେଖକଙ୍କ ଧମନୀରେ ଉଷ୍ଣ ରକ୍ତର ପ୍ରବାହ ଛୁଟିଥିଲା । ଆଉ 'କୁଳବୃଦ୍ଧ'ର ଆବେଦନ ଶକ୍ତିଶାଳୀ ହେବାର ଏହା ଅନ୍ୟତମ କାରଣ ।

ସୁରେନ୍ଦ୍ର ମହାନ୍ତି ଉଷ୍ଣ ରକ୍ତରେ ଉଭୟ 'ଶତାବ୍ଦୀର ସୂର୍ଯ୍ୟ ଓ 'କୁଳବୃଦ୍ଧ' ଲେଖିଛନ୍ତି । ତେବେ 'କୁଳବୃଦ୍ଧ' ଲେଖିବା ବେଳକୁ ତାଙ୍କ ରକ୍ତ ଥଣ୍ଡା ହେବାପାଇଁ ଆରମ୍ଭ କରିଛି ବୋଲି ଧାରଣା ହୁଏ । କାରଣ 'କୁଳବୃଦ୍ଧ'ର ଉପସ୍ଥାପନା, ନାଟକୀୟ ପରିକଳ୍ପନା ଓ ଭାଷା ତୁଳନାତ୍ମକ ଭାବରେ ଦୁର୍ବଳ । 'ଶତାବ୍ଦୀର ସୂର୍ଯ୍ୟ'ର "ମଧୁସୂଦନ ଓଡ଼ିଆ ଜାତିର ଜୀର୍ଣ୍ଣ ଦେବାଳୟ । କିଏ ତାର ନିର୍ମାତା ଅଥବା କିଏ ତାର ଉତ୍ତରାଧିକାରୀ, ସେ ବିଚାର ଗୌଣ । ନିଃସଙ୍ଗ ମହିମାରେ କାଳର ଦକ୍ଷିଣବଳୟ ରେଖା ଭେଦକରି ତାହା ଚିର ଦେଦୀପ୍ୟମାନ" ପରି ବଳିଷ୍ଠ ପ୍ରକାଶ ଭଂଗୀର ପରିଚୟ "କୁଳବୃଦ୍ଧ"ରେ ମିଳେ ନାହିଁ । ସେହିପରି ପାଦଶା ଦେଇ ପରି ଚରିତ୍ରର କୋମଳ ମଧୁର ସ୍ପର୍ଶ ବା ମହନ୍ତ ମହାରାଜଙ୍କ ଓକାଲତନାମାରେ ଦସ୍ତଖତ ହେବାପାଇଁ ମଧୁସୂଦନଙ୍କ ଅନିଚ୍ଛା ପ୍ରକାଶ, (ଶତାବ୍ଦୀର ସୂର୍ଯ୍ୟ ୨ । ୧ । ୧୧ ) ପ୍ରସଙ୍ଗରେ ସୃଷ୍ଟି ହୋଇଥିବା ଲଘୁ ପରିବେଶ ପ୍ରଭୃତିରୁ ବଂଚିତ ହୋଇଥିବାରୁ ପାଠକମାନଙ୍କ ପକ୍ଷରେ 'କୁଳବୃଦ୍ଧ' ତୁଳନାତ୍ମକ ଭାବରେ କ୍ଳାନ୍ତିକର ।

ସୁରେନ୍ଦ୍ର ମହାନ୍ତିଙ୍କ ବହୁ ଗଳ୍ପ ଓ ଉପନ୍ୟାସ ପରି 'କୁଳବୃଦ୍ଧ'ରେ ପରିକଳ୍ପିତ ଘଟଣାପରେ ନାଟକୀୟ ଅତିରଂଜନ ଓ କୃତ୍ରିମତାର ପ୍ରତିଫଳନ ଅତି ସ୍ପଷ୍ଟ । ଅବଶ୍ୟ ଓଡ଼ିଶାବାସୀଙ୍କ ପାଇଁ ମଧୁସୂଦନ ବହୁ କିମ୍ବଦନ୍ତୀର ନାୟକ ହୋଇ ଆଜି ଏକ ନାଟକୀୟ ତଥା ଅତିମାନବୀୟ ବ୍ୟକ୍ତିତ୍ୱରେ ପରିଗଣିତ ହୋଇଥିବାରୁ 'କୁଳବୃଦ୍ଧ'ରେ ତା ସବୁ ସେତେ ଖାପଛଡ଼ା ବା କୃତ୍ରିମ ମନେହେବା କଥା ତା ହୁଏ ନାହିଁ; ବରଂ ତାହା ପୁସ୍ତକଟିକୁ ସୁଖପାଠ୍ୟ କରିଅଛି ।

( ପ୍ରଥମ ପ୍ରକାଶ ଇସ୍ତାହାର—୧୩ ଜାନୁୟାରୀ ମାର୍ଚ୍ଚ—୧୯୮୧

□□□

# ଆଧୁନିକତା ଓ ଆଧୁନିକ ଓଡ଼ିଆ ସାହିତ୍ୟ

—୧—

ଆସ୍ବୃର ଓ ବସ୍ବୃରର ପତନ ଅଭ୍ୟୁଦୟ ବନ୍ଧୁର ପନ୍ଥାରେ ମଣିଷ ସମାଜ ଆଗେଇ ଚାଲିଛି । ସମାଜ ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଆସ୍ବୃର ପ୍ରବଣ ହୋଇଉଠେ, ସେତେବେଳେ ବିପ୍ଳବ ହୁଏ । ଆସ୍ବୃରର ନାଗପାଶରୁ ତାକୁ ମୁକ୍ତ ଦେବା ପାଇଁ ବିପ୍ଳବୀ ଵୀର ଯୁଗେ ଯୁଗେ ସେଇ ଆସ୍ବୃରଗ୍ରସ୍ତ ସମାଜ ଭିତରୁ ହିଁ ଆତ୍ମପ୍ରକାଶ କରେ । ହିନ୍ଦୁ ପୁରାଣ ତାର ନାମ ଦେଇଛି ଅବତାର । ବିପ୍ଳବର ପ୍ରଥମ ପର୍ଯ୍ୟାୟ ଧ୍ୱଂସାତ୍ମକ **(destrcive)** ଓ ତାର ପର ପର୍ଯ୍ୟାୟ ଗଠନାତ୍ମକ **(constructive)** । ଏହି ଗଠନାତ୍ମକ ପର୍ଯ୍ୟାୟରେ ବସ୍ବୃରର ମୂଳ ଭିତ୍ତି ଉପରେ ସମାଜ ପୁନଃ ପ୍ରତିଷ୍ଠିତ ହୁଏ —ତାର ଗତିଧାରା ନିୟନ୍ତ୍ରିତ ହୁଏ ।

ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବରେ ଏକଥା ସତ୍ୟ । ସାହିତ୍ୟର ସ୍ରୋତ ଯେତେବେଳେ ଗତାନୁଗତିକତା ଓ ଅନୁକୃତିର ପଙ୍କିଳ ମଧ୍ୟରେ ଅବଦ୍ଧ ହୋଇପଡ଼େ, ସେତେବେଳେ ଯୁଗଦ୍ରଷ୍ଟା ଦେଖା ଦିଅନ୍ତି—ବିପ୍ଳବ ଭିତର ଦେଇ ନୂଆ ଯୁଗର ଭିତ୍ତି ପ୍ରସ୍ତର ପଡ଼େ । କେତେବେଳେ ଅତୀତ କାଳର ସାହିତ୍ୟ ବା ଅନ୍ୟାନ୍ୟ ଦେଶର ସମସାମୟିକ ସାହିତ୍ୟ ଏଇ ବିପ୍ଳବର ଚେତନା ଆଣି ଦିଏ—ପ୍ରେରଣାର ଉତ୍ସ ହୁଏ । ଅତୀତ ଏହିପରି ଭାବରେ ଇଟାଲୀୟ ରେନାସାଁର ମୂଳଭିତ୍ତି ପକାଇଥିଲା ଓ ଇଟାଲୀୟ ରେନାସାଁର ବନ୍ୟା ଏହିପରି ଭାବରେ ଅନ୍ୟାନ୍ୟ ଦେଶର ଚିତ୍ତଭୂମିକୁ ପରିପ୍ଳାବିତ କରିଥିଲା ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିପ୍ଳବ ଚାଲିଛି ବୋଲି ପ୍ରଚାର ଚାଲିଥିଲେ ହେଁ ଓ ଆପାତତଃ ମନେହେଉଥିଲେ ହେଁ ଆଜିର ଓଡ଼ିଆ ସାହିତ୍ୟ ପ୍ରକୃତ ପକ୍ଷେ ଆସ୍ବୃରଗ୍ରସ୍ତ ହୋଇପଡ଼ିଛି । ଅନୁକୃତି ହିଁ ତାର

ମୂଳ—ପୁଣି ସେ ଅନୁକୃତ ବିଦେଶୀ ସାହିତ୍ୟନ୍ତୁ ହେଉ ବା ନିଜ ସାହିତ୍ୟର ଚର୍ବିତ ଚର୍ବଣ ହେଉ ; ଏଣୁ କେ ନୈରାଜ୍ୟ (anarchy) ମଧ୍ୟ ଅନୁକୃତ ସୂତ୍ରରେ ହିଁ ଆସି ପହଞ୍ଚୁଛି । ଅନ୍ୟାନ୍ୟ ଦେଶର ସମସାମୟିକ ସାହିତ୍ୟ ସହିତ୍ୟ ସଂପର୍କ ବିପ୍ଳବର ଚେତନା ଆଣିଦେବା ପରିବର୍ତ୍ତେ ଅନୁକୃତ ମଧ୍ୟରେ ସୀମାବଦ୍ଧ ହୋଇପଡ଼ୁଛି । ଆହରଣ ନୁହେଁ, ସବାଖିଆପରି ଆମେ ଯାହା ପାଉଛୁ ତାକୁ ବାଛି ବିଚାର ନକରି ତାର ଦୋଷଗୁଣ ଭଲନ୍ତୁପେ ନବୁଝି ତରବର ହୋଇ ଗିଳ ପକାଉଛୁ ।

ତେବେ ଏଥିପାଇଁ ନୈରାଶ୍ୟଜର୍ଜର ହେବାର କାରଣ ନାହିଁ । କାରଣ ଏହି ଅସ୍ଥିର ପ୍ରବଣତା ଭିତରେ ହିଁ ବିପ୍ଳବ ଜନ୍ମନେବ । ସେଦିନ ହୁଏତ ପାଖେଇ ଆସୁଛି ।

—୨—

ସମସାମୟିକ ଓଡ଼ିଆ ସାହିତ୍ୟକୁ 'ଆଧୁନିକ ସାହିତ୍ୟ' ବୋଲି କୁହାଯାଉଛି ; କିନ୍ତୁ ଏ ସାହିତ୍ୟ ଯଥାର୍ଥ ଭାବେ ଆଧୁନିକ ସାହିତ୍ୟ କି ? କାରଣ ଆଧୁନିକତା ଏକ ଦୃଷ୍ଟିଭଙ୍ଗୀ; ଏକ ଶୈଳୀ ବା ରୀତି ନୁହେଁ । ଏହା ଏକ ଜୀବନ ଦର୍ଶନ; ଏକ ମାନସିକତା; ଏକ ଖୋଳ ନୁହେଁ ; କିନ୍ତୁ ଆଜିର ଓଡ଼ିଆ ଆଧୁନିକ ସାହିତ୍ୟର ଲେଖକମାନେ ବ୍ୟକ୍ତି ଜୀବନରେ ଆଧୁନିକ ତ ? ସେମାନଙ୍କ ଦୈନନ୍ଦିନ ଜୀବନ ଯାତ୍ରାରେ ଏହି ଆଧୁନିକତାର ପ୍ରତିଫଳନ ଦେଖିବାପାଇଁ ମିଳେ ତ ? ଓଡ଼ିଆ ସାହିତ୍ୟିକ ମହଲରେ 'ବାବା' ଓ 'ମା'ମାନଙ୍କର ପ୍ରାଦୁର୍ଭାବ ଦେଖି ଏ ପ୍ରଶ୍ନ ସ୍ୱତଃ ମନରେ ଜାଗ୍ରତ ହୁଏ ।

ପରୀକ୍ଷା ପୂର୍ବରୁ ଚଣ୍ଡୀମନ୍ଦିରରେ ଧାରଣା ଦେଇ ବା ପରୀକ୍ଷା ଖାତାରେ ପ୍ରଥମେ 'ଓଁ' ବା 'ମା' ଲେଖି ଶଗା ବା ନଳୀ ଟ୍ରାଉଜର ଓ ଗୋଜିଆ ଜୋତା ପିନ୍ଧିଲେ କେହି ଆଧୁନିକ ହୁଏ ନାହିଁ । ତେଣୁ ବ୍ୟକ୍ତି-ଜୀବନରେ ଆଧୁନିକତାଠାରୁ ସହସ୍ର ଯୋଜନ ଦୂରରେ ରହି ସାହିତ୍ୟରେ 'ଆଧୁନିକତା'କୁ ଲୁଣ୍ଠେଇ ଧରିବା ଏକ ଛଦ୍ମବେଶ ମାତ୍ର । ଏ ସାହିତ୍ୟ ସାହିତ୍ୟ ପଦବାଚ୍ୟ ତ ? ଯେଉଁ ସାହିତ୍ୟ ସୃଷ୍ଟିପାଇଁ ଅନ୍ତରର ଆହ୍ୱାନ

(innerurge)ର ଅଭାବ ଆଏ ସେ ସାହିତ୍ୟ ଏକ ଫେସନ ଠିକ୍ ନକଲୀ ଟ୍ରାଉଜର ଓ ଗୋଡ଼ଆ ଯୋତା ପରି । ଜୀବନ ସହ ତାର କୌଣସି ସଂପର୍କ ନାହିଁ । ଫେଦନ ଜୀବନର ପରିଚୟ ବା ପରିମାପକ ହୋଇପାରେ ନାହିଁ ।

ଏ ସଂପର୍କରେ ଦ୍ଵିତୀୟ ପ୍ରଶ୍ନ ହେଉଛି, ଆମେ ଭାରତୀୟମାନେ, ବିଶେଷ ଭାବେ ହିନ୍ଦୁମାନେ, ବ୍ୟକ୍ତି ଜୀବନରେ କେବେ ଆଧୁନିକ ହୋଇପାରିବୁ କି ? ଏ ପ୍ରଶ୍ନର ମୂଳରେ ରହିଛି ଆମର ବିଶ୍ଵବିଦିତ ସହିଷ୍ଣୁତା (catho'i ity) । ଭୋଗ ଓ ତ୍ୟାଗ, ଏକ ଈଶ୍ଵର ଓ ବହୁ ଦେବତା, ଗଣତନ୍ତ୍ର ଓ ସାମ୍ୟବାଦ, ଅନୁରାଗ ଓ ବୈରାଗ୍ୟ ମଧ୍ୟରେ ଆମେ ଯେପରି ସହାବସ୍ଥାନର ( co-existance ) ର ପରିକଳ୍ପନା କରିପାରୁ ତା ପୃଥିବୀରେ ବିରଳ । ଏଇ ହେତୁ 'ପଶ୍ଚିମ' ଆମକୁ ଭଲ ଭାବେ ବୁଝିପାରେ ନାହିଁ ବୋଲି ଗୋବିନ୍ଦ ଦାସଙ୍କଠାରୁ ନୀରଦ ଚୌଧୁରୀଙ୍କ ପର୍ଯ୍ୟନ୍ତ ସମସ୍ତେ କହୁଛନ୍ତି । ଅମେମାନେ ସେମାନଙ୍କ ଆଖିରେ ଏକ ପ୍ରହେଳିକା ( riddle ) । ଆମକୁ ଭଲଭାବେ ବୁଝି ନ ପାରିବାରୁ ବ୍ରିଟିଶ ଜାତି ( ବା ପାଶ୍ଚାତ୍ୟ ଶକ୍ତି ) କୁଆଡ଼େ ପାକିସ୍ଥାନ ପ୍ରତି ଅଧିକ ସହାନୁଭୂତି-ଶୀଳ । ଆମର ବୈଦେଶିକ ନୀତି ମଧ୍ୟରେ ଶେଷକୁ ଆମେ ସହାବସ୍ଥାନ ଭିତ୍ତିକରିଛୁ । ଅଭ ଶୀତଳ ଯୁଦ୍ଧରେ ଆମେମାନେ ହିଁ କେଉଁ ଆଡ଼ର ନ ହୋଇ ମଝିମଝିକିଆ ନିରପେକ୍ଷ ( non-alignment ) ନୀତିର ପରିକଳ୍ପନା କରିପାରିଛୁ । ତେଣୁ ପାରଂପରିକତାକୁ ସଂପୂର୍ଣ୍ଣ ରୂପେ ଛାଡ଼ି ଆମେ ଯେ ବ୍ୟକ୍ତି ଜୀବନରେ ଆଧୁନିକ ହୋଇପାରିବୁ ଏ ସଂପର୍କୀୟ ସନ୍ଦେହ ପ୍ରାସଙ୍ଗିକ ।

ବୋଧେ ଆମେ ଦୌଡ଼ି ଦୌଡ଼ି ଶେଷରେ ସେଇ ପାରଂପରିକତା ଓ ଆଧୁନିକତାର ସହାବସ୍ଥାନରେ ହିଁ ପହଞ୍ଚିଛୁ । ଅମେ ସେଇ ସହାବସ୍ଥାନ ବା ସମନ୍ଵୟର ଆହ୍ଵାନ ଅନ୍ତରର ଅନ୍ତରତମ ପ୍ରଦେଶରେ ଶୁଣି ତାକୁ ବ୍ୟକ୍ତି ଜୀବନରେ ସ୍ଥାନ ଦେଇସାରିବା ପରେ ହିଁ ତା' ଆମ ସାହିତ୍ୟରେ ପ୍ରତିଫଳିତ ହେବ । ସେହି ସାହିତ୍ୟ ହିଁ ଯଥାର୍ଥ ଆଧୁନିକ ସାହିତ୍ୟ ହେବ । ଯଦିଓ ଆମ ଆଧୁନିକତା ଓ ପଶ୍ଚିମର ଆଧୁନିକତା ମଧ୍ୟରେ ଅର୍ଥ ପାର୍ଥକ୍ୟ ରହିବ ।

( ପ୍ରଥମ ପ୍ରକାଶ-ରୂତ— ୧୯୭୦ ) □□□

# ପଣ୍ଡିତ ନୀଳକଣ୍ଠଙ୍କ
# ସମାଲୋଚନା ବୈଶିଷ୍ଟ୍ୟ

"ମୁଁ ଏବେ ଅନ୍ୟ ସାଧନାରେ ଲାଗିଛି । ତଥାପି ସାହିତ୍ୟ ହେଉଛି ମୋର, ନିତ୍ୟ ବିହାରର, ବସ୍ତୁ ।"

ପଣ୍ଡିତ ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠ ପେଷାଦାର ସାହିତ୍ୟ ସମାଲୋଚକ ନ ଥିଲେ, କି ସାହିତ୍ୟ ସମାଲୋଚନା ତାଙ୍କର ପେଷା ନ ଥିଲା । ଏହା ଥିଲା ତାଙ୍କ ବହୁମୁଖୀ ପ୍ରତିଭାର ଅନ୍ୟତମ ବିଶିଷ୍ଟ ଦିଗ । ପୁଣି ସାହିତ୍ୟ ଚର୍ଚ୍ଚା ତାଙ୍କର ପେଷା ନ ଥିଲେ ହେଁ ଥିଲା ତାଙ୍କର ବିଳାସ; ତାଙ୍କର ଜୀବିକା ନ ଥିଲେ ହେଁ ଥିଲା ତାଙ୍କର ଜୀବନ । ତେଣୁ ସୌଖୀନ ସମାଲୋଚକ ସୁଲଭ ଆନ୍ତରିକତାର ଅଭାବ ତାଙ୍କ ସାହିତ୍ୟ ସମାଲୋଚନାରେ କୁଆପି ପ୍ରତିଫଳିତ ହୋଇନାହିଁ; ଅଧ୍ୟୟନ ଓ ଅନୁଶୀଳନ ଉପରେ ପ୍ରତିଷ୍ଠିତ ନ ଥାଇ, କେବଳ ବ୍ୟକ୍ତିଗତ ମତଦାନ ମଧ୍ୟରେ ତାଙ୍କ ସମାଲୋଚନା ସୀମିତ ହୋଇ ପଡ଼ିନାହିଁ । ଅନ୍ୟପକ୍ଷରେ ସେଥିରେ ତାଙ୍କର ଗଭୀର ନିଷ୍ଠାର ସ୍ପର୍ଶ ପରିଲକ୍ଷିତ ହୁଏ । ସେ ତାଙ୍କର କର୍ମମୟ ଜୀବନକାଳ ମଧ୍ୟରେ ସାହିତ୍ୟସେବା ପାଇଁ ଖୁବ୍ କମ୍ ସୁଯୋଗ ଓ ସମୟ ପାଇଥିଲେ, କ୍ୱଚିତ ଅବକାଶ ଓ ଅବସର ପାଇଥିଲେ ; କିନ୍ତୁ ଯେତିକି ସେ କରିଛନ୍ତି, କରିପାରିଛନ୍ତି ତାହା ବହନ କରିଛି ତାଙ୍କର ଗଭୀର ଆନ୍ତରିକତାର ମୁଦ୍ରାଙ୍କନ ।

ସତ୍ୟର ଅନୁସନ୍ଧାନ ଆବିଷ୍କାର ଓ ପ୍ରତିଷ୍ଠା ନୀଳକଣ୍ଠଙ୍କ ଜୀବନ ତଥା ସାହିତ୍ୟଚର୍ଚ୍ଚାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ; ମୂଳମନ୍ତ୍ର । ନୀଳକଣ୍ଠଙ୍କ ବ୍ୟକ୍ତିଗତ ଜୀବନ ଓ ସାହିତ୍ୟିକ ଜୀବନ ମଧ୍ୟରେ ବିରୋଧ ତ ନ ଥିଲା; ବିଶେଷ କିଛି ପାର୍ଥକ୍ୟ ମଧ୍ୟ ନ ଥିଲା । ) ତାଙ୍କ ଦୃଷ୍ଟିରେ ସତ୍ୟ ଯେତେ ଅପ୍ରିୟ ଓ ରୁଢ଼ ହେଲେ ମଧ୍ୟ ଗ୍ରହଣୀୟ, ସ୍ପୃହଣୀୟ ଓ ଶ୍ଲାଘ୍ୟ । ପୁଣି ମନ ତାଙ୍କର ଥିଲା ଯୁକ୍ତି-ପ୍ରବଣ । ତେଣୁ ଯୁକ୍ତିକୁ ସେ ସତ୍ୟ ଅନୁସନ୍ଧାନ, ଆବିଷ୍କାର ଓ

ପ୍ରତିଷ୍ଠାର ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ସେ ସମସ୍ତ ପ୍ରକାର ହୁଂକାରି- ତାକୁ ଘୃଣା କରୁଥିଲେ । ଯୁକ୍ତିର ମାୟାଜାଲ ବିସ୍ତାରି ଅସତ୍ୟକୁ ସତ୍ୟ ବୋଲି ପ୍ରତିପନ୍ନ କରିବାର ମନୋବୃତ୍ତି ତାଙ୍କର ନ ଥିଲା । ତାଙ୍କ ଯୁକ୍ତିରେ ଭୁଲ୍ ଥାଇପାରେ; ସେ ଯାହାକୁ ସତ୍ୟବୋଲି ଗ୍ରହଣ କରିଥିଲେ ତା ପରବର୍ତ୍ତୀ କାଳରେ ସତ୍ୟନୁହେଁ ବୋଲି ପ୍ରମାଣିତ ହୋଇପାରେ ; କିନ୍ତୁ ନୀଳକଂଠ ଜାଣିଶୁଣି ଏସବୁ କରି ନ ଥିଲେ ବୋଲି ବିଶ୍ୱାସ ହୁଏ ।

ପୁଣି ଏହି ସତ୍ୟର ଅନୁସନ୍ଧାନ, ଆବିଷ୍କାର ଓ ପ୍ରତିଷ୍ଠା ଉଦ୍ୟମରେ ସେ ସବୁବେଳେ ଗଡ୍ଡାଳିକା ପ୍ରବାହରୁ ମୁକ୍ତ ରହିବାପାଇଁ ଚେଷ୍ଟା କରିଛନ୍ତି । ଫଳରେ ପ୍ରାୟ ତାଙ୍କ ଦୃଷ୍ଟିକୋଣରେ ମୌଳିକତା ଓ ନୂତନତାର ପ୍ରତିଫଳନ ଦେଖିବାପାଇଁ ମିଳେ । ବେଳେ ବେଳେ ତାଙ୍କର ଦୃଷ୍ଟିକୋଣ ଏତେ ବେଶୀ ମୌଳିକ, ଏତେ ବେଶୀ ନୂତନ ଯେ ମନ ସେତିକି ଉନ୍ମୁକ୍ତ ହୋଇ ନ ଥିଲେ ତାକୁ ଗ୍ରହଣ କରିବାପାଇଁ କୁଣ୍ଠିତ ହୋଇ ପଡ଼ିବା ସ୍ୱାଭାବିକ । ଜଗନ୍ନାଥ ପତିତପାବନ ନୁହନ୍ତି; କାଙ୍ଗାଳ ଭୋଜନରେ ଜଗନ୍ନାଥ ଧର୍ମର ମୈତ୍ରୀ ନାହିଁ ଓ ଜଗତର ନାଥ ବୋଲି ସେ ଜଗନ୍ନାଥ ନୁହନ୍ତି, ଜଗତ ରୂପକ ପୁରୁଷ ବା ନାଥ ବୋଲି ସେ ଜଗନ୍ନାଥ ପ୍ରଭୃତି ମତବାଦ ମଧ୍ୟରେ ଏହି ମୌଳିକତା ଓ ନୂତନତାର ସ୍ପଷ୍ଟ ରୂପ ରହିଅଛି ।

କୁହାଯାଇଛି ପଣ୍ଡିତ ନୀଳକଂଠ ଥିଲେ ଯୁକ୍ତି-ପ୍ରବଣ । କେବଳ ସେତିକି ନୁହେଁ ସାହିତ୍ୟ ଓ ସଂସ୍କୃତି ଅନୁଶୀଳନ ପ୍ରସଙ୍ଗରେ ( ତଥା ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ) ସେ ସବୁବେଳେ ସଚେତନ ଭାବରେ ସମସ୍ତ ପ୍ରକାର ଭାବପ୍ରବଣତାଠାରୁ ଦୂରରେ ରହିବାର ପ୍ରଚେଷ୍ଟା କରୁଥିଲେ । ବିଶେଷ ଭାବରେ ଭାବପ୍ରବଣତା ଭିତ୍ତିକ ଦେଶପ୍ରୀତି ଓ ନାମେଭକ୍ତିର ସହସ୍ର ଯୋଜନ ଦୂରରେ ରହିବା ପାଇଁ ଅଦମ୍ୟ ଉଦ୍ୟମ ତାଙ୍କର ଥିଲା । ସେଇଥି- ପାଇଁ ସେ କହିଥିଲେ "... କେବଳ ଦେଶପ୍ରୀତିରେ ଗବେଷଣା ବିଗିଡ଼ି ଯାଏ ।" ( ଓଡ଼ିଆ ସାହିତ୍ୟର କ୍ରମପରିଣାମ, ୨ୟ ଭାଗର ଆଦ୍ୟ କଥନ ) । "ଦାର୍ଢ୍ୟତାଭକ୍ତି ପରି ଗ୍ରନ୍ଥ, ଭାଷାରେ ଓଡ଼ିଆ ହେଲେ ହେଁ ଏହା ଓଡ଼ିଆ ସାହିତ୍ୟ ଗ୍ରନ୍ଥ ନୁହେଁ—ଏହା ପୂର୍ବବଙ୍ଗର ବଙ୍ଗଳା ସାହିତ୍ୟ ଗ୍ରନ୍ଥ ।"

( ଓଡ଼ିଆ ସାହିତ୍ୟର କ୍ରମପରିଣାମ ୧ମ ଭାଗ, ୬ଷ୍ଠ ଅଧ୍ୟାୟ, ଜାତୀୟତା ଭକ୍ତି – ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ ) ପୁଣି ଗୋପବନ୍ଧୁଙ୍କ ପ୍ରତି ନୀଳକଣ୍ଠଙ୍କ ସମ୍ମାନବୋଧ କିଛି କମ୍ ନ ଥିଲା ; କିନ୍ତୁ ସେଥିପାଇଁ ସେ ସବୁବେଳେ ନିର୍ବିକାର ଓ ନିର୍ବିଘ୍ନର ଭାବରେ ଗୋପବନ୍ଧୁଙ୍କ ମତକୁ ମାନି ନେଇ ନାହାନ୍ତି । ଏପରିକି ଆବଶ୍ୟକ ମନେ ହେଲେ ଗୋପବନ୍ଧୁଙ୍କୁ କଠୋର ଭାଷାରେ ସମାଲୋଚନା କରିବାପାଇଁ କୁଣ୍ଠିତ ହୋଇ ନାହାନ୍ତି । ( ଦ୍ରଷ୍ଟବ୍ୟ – ଓଡ଼ିଆ ସାହିତ୍ୟର କ୍ରମପରିଣାମ, ୨ୟ ଭାଗ, ଷଷ୍ଠ ଅଧ୍ୟାୟ ପୌରାଣିକ ଓ ଭକ୍ତିକ ମିଥ୍ୟାର ସମ୍ବନ୍ଧ ) । ସେ ଏହିପରି ଭାବରେ ଭାବ ପ୍ରବଣତାଠାରୁ ଦୂରରେ ରହି ସାହିତ୍ୟ ସମାଲୋଚନାରେ ପ୍ରବୃତ୍ତ ହୋଇଥିଲେ । ଏହାର ଅର୍ଥ ଅବଶ୍ୟ ନୁହେଁ ଯେ ତାଙ୍କର ଦେଶପ୍ରୀତି ଆଦୌ ନ ଥିଲା ; କିନ୍ତୁ ପ୍ରଚଣ୍ଡ ଦେଶପ୍ରେମ ତାଙ୍କର ସତ୍ୟାନୁସନ୍ଧିତ୍ସୁ ଗବେଷକର ଦୃଷ୍ଟିକୁ ପୂରାପୂରି ଆଚ୍ଛନ୍ନ କରି ପାରି ନ ଥିଲା । ଅନ୍ତତଃ ସଚେତନ ଭାବରେ ସେ ଦେଶପ୍ରୀତିକୁ ସତ୍ୟର ଊର୍ଦ୍ଧ୍ୱରେ ସ୍ଥାନ ନ ଦେବାପାଇଁ ସତତ ସଚେଷ୍ଟ ଥିଲେ । ଅବଶ୍ୟ ଏହି ପ୍ରଚେଷ୍ଟାରେ ସେ କେତେଦୂର ସଫଳ ହୋଇଥିଲେ ତା ସମ୍ପୂର୍ଣ୍ଣ ଭାବରେ ଅଲଗା କଥା ।

ଏଇଠି ସୂଚାଇ ଦିଆଯାଇପାରେ, ତାଙ୍କ ସମାଲୋଚକ ଜୀବନର ପ୍ରଥମ ପର୍ଯ୍ୟାୟରେ ତୁଳନା ମୂଳକ ଭାବରେ ଦେଶପ୍ରୀତିର ଆଧିକ୍ୟ ହୁଏତ ଥିଲା । ତାହା ସ୍ୱୀକାରି କରି ସେ କହିଛନ୍ତି, "ଅନ୍ୟଥା ଏହା ପ୍ରାଣ-ପ୍ରାଚୁର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲେ ମଧ୍ୟ ଆମ୍ଭର ସବୁ ଥିଲା ଓ ଆମ କବି ଆମ ଲେଖକ, ବଡଇଂରେଜମାନେ ନଷ୍ଟ କରି ଦେଇଥିବା ଆମ ଶିଳ୍ପପରି ଆଉ କାହାରି ନ ଥିଲା ; ପ୍ରଭୃତି ଭାବ ଯେ ଏଥିରେ ପୂରି ରହିଥିଲା, ଏହା ନ କହିଲେ ମଧ୍ୟ ବୁଝାଯାଉଛି । ସେହି ଭାବର ଛାୟା ନ୍ୟୂନାଧିକ ପରିମାଣରେ ମୋର ଏହି ସବୁ ସେ ଯୁଗର ଆଲୋଚନା ଭିତରେ ଦେଖା ପଡ଼ିବ ।" (ଓଡ଼ିଆ ଭାଷା ଓ ସାହିତ୍ୟ, ପ୍ରଥମ ସଂସ୍କରଣର ଭୂମିକା ଏଥି ପ୍ରକାଶିତ ପ୍ରବନ୍ଧ ଲେଖାର କାଳ ଓ ପରିସ୍ଥିତି) କିନ୍ତୁ ପରବର୍ତ୍ତୀ କାଳରେ ସେ ନିଜକୁ ଏହି ଦେଶ ପ୍ରୀତିରୁ ମୁକ୍ତ ରଖିବାପାଇଁ ସଚେତନ ଉଦ୍ୟମ କରି ଆସିଛନ୍ତି । ଅବଶ୍ୟ ସେ ସମ୍ପୂର୍ଣ୍ଣ ଭାବରେ ଏଥିରୁ ମୁକ୍ତ ରହିପାରି ନାହାନ୍ତି ।

ପୁଣି ସାହିତ୍ୟ ଓ ସଂସ୍କୃତିର ସମାଲୋଚନା କ୍ଷେତ୍ରରେ କେବଳ ପରମ୍ପରା ବା କେବଳ ପରିସ୍ଥିତି ( ବା ପରିବେଶ ) ତାଙ୍କୁ ପ୍ରଭାବିତ କରିବାପାଇଁ ସମର୍ଥ ନ ଥିଲା । କାରଣ ତାଙ୍କ ଦୃଷ୍ଟିରେ ପରମ୍ପରା, ପରିସ୍ଥିତି ଓ ପୂର୍ବଦୃଷ୍ଟି କଲ୍ଲୁଠା ଅବିଚ୍ଛେଦ୍ୟ ଥିଲା । କେବଳ ପରମ୍ପରା ଓ ପରିସ୍ଥିତିକୁ ସେ ବିଚାରକୁ ନେଉ ନ ଥିଲେ, ସେଥିରେ ପୂର୍ବଦୃଷ୍ଟି ଫୁଟାଇ ସେ ଆଲୋଚନା କରୁଥିଲେ ।

ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ କିନ୍ତୁ ଗଡ଼ଡ଼ାଳିକା ପ୍ରବାହ ଓ ଭାବପ୍ରବଣତା ବିଶେଷ ଭାବରେ ପ୍ରଚଣ୍ଡ ଦେଶପ୍ରୀତି ଓ ସହିଷ୍ଣୁତା ହୀନ ଅନ୍ଧ ନାମେ ଉକ୍ତିର ରାଜତ୍ୱ ସେତେବେଳେ ଚାଲିଥିଲା; ଆଜି ବି ଚାଲିଛି । ନୂତନ ଦୃଷ୍ଟିକୋଣ ଓ ଅପ୍ରିୟ ସତ୍ୟକୁ ଗ୍ରହଣ କରିବାରେ କୁଣ୍ଠା ସେତେବେଳେ ବି ଥିଲା ବର୍ତ୍ତମାନ ବି ଅଛି । ଗଡ଼ଡ଼ାଳିକା ପ୍ରବାହ, ପାରମ୍ପରିକତା, ଓ ଭାବପ୍ରବଣତାରୁ ମୁକ୍ତ ରହି, ସେ ସବୁର ଊର୍ଦ୍ଧ୍ୱରେ ଅବସ୍ଥାନ କରି ସାହିତ୍ୟ ଓ ସଂସ୍କୃତି ବିଚାରର ପରମ୍ପରା ସୃଷ୍ଟି ହୋଇନାହିଁ । ନୀଳକଣ୍ଠଙ୍କ ଭାଷାରେ "ବିଦ୍ୟାର ପରମ୍ପରା ମଧ୍ୟ ଏ ଦେଶରେ ଫିଟୁ ନାଇ ।" ସେଥିପାଇଁ ସମାଲୋଚକ ଭାବରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଜନପ୍ରିୟ ହୋଇ ପାରିଲେ ନାହିଁ; ସାମୟିକ ଭାବରେ ଜନପ୍ରିୟ ହୋଇଥିଲେ ମଧ୍ୟ ଜନପ୍ରିୟ ହୋଇ ରହି ପାରିଲେ ନାହିଁ । ଅବଶ୍ୟ ତାଙ୍କର ସମାଲୋଚନାରେ ଗଡ଼ଡ଼ାଳିକା ପ୍ରବାହ ବା ଭାବପ୍ରବଣତାର ଛାପ ଆଦୌ ପଡ଼ିନାହିଁ ବୋଲି କୁହାଯାଉ ନାହିଁ ! ତା ହୁଏତ ଅଛି ; କିନ୍ତୁ ତା ଘଟିଛି ତାଙ୍କର ଅଜ୍ଞାତ ଭାବରେ ।

ସମାଲୋଚନା କ୍ଷେତ୍ରରେ ଭିନ୍ନ ମତବାଦ ଓ ବିରୁଦ୍ଧ ସମାଲୋଚନା ପ୍ରତି ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିକୋଣ ଅତ୍ୟନ୍ତ ଉଦାର ଥିଲା; ମନ ଥିଲା ଉନ୍ମୁକ୍ତ । ( ଏବେ କିନ୍ତୁ ବେଳେ ବେଳେ ପ୍ରକାଶ ପାଉଛି ଯେ ପଣ୍ଡିତ ନୀଳକଣ୍ଠଙ୍କର ଉଦାରତା ଓ ସହିଷ୍ଣୁତାର ଘୋର ଅଭାବ ଥିଲା । ବିଶେଷ ଭାବରେ ସମାଲୋଚନା କ୍ଷେତ୍ରରେ ସେ ଅତ୍ୟନ୍ତ ଅନୁଦାର ଓ ଅସହିଷ୍ଣୁ ଥିଲେ ବୋଲି ବହୁତ ଲୋକ ବିଶ୍ୱାସ କରନ୍ତି । ଏହା କିନ୍ତୁ ଭ୍ରମାତ୍ମକ । ) ନୀଳକଣ୍ଠଙ୍କର ଭାବପ୍ରବଣତାର ଅଭାବ ଥିଲା ସିନା କିନ୍ତୁ ଉଦାରତା ଓ

ସନ୍ଦିଷ୍ଟ ତାର ଅଭାବ ଆଦୌ ନ ଥିଲା । ଉଦାହରଣ ସ୍ୱରୂପ ଗୌଡ଼ୀୟ ବୈଷ୍ଣବ ଧର୍ମ ସମ୍ପ୍ରଦାୟ ଓ ସେଇ ଧର୍ମସମ୍ପ୍ରଦାୟକୁ ଭିତ୍ତିକରି ଗଢ଼ି ଉଠିଥିବା ସାହିତ୍ୟକୁ ସେ ତୀବ୍ର ସମାଲୋଚନା କରି ଥିଲେ ହେଁ ତାଙ୍କଦ୍ୱାରା ସମ୍ପାଦିତ "ନବଭାରତ"ର ପୃଷ୍ଠାରେ ଭିନ୍ନ ମତବାଦୀ ନଟବର ସାମନ୍ତରାୟଙ୍କ ଓଡ଼ିଆ ବୈଷ୍ଣବ ସାହିତ୍ୟ ସମ୍ପର୍କୀୟ ପ୍ରବନ୍ଧ ପ୍ରକାଶ ପାଇଁ ସେ ଆଦୌ କୁଣ୍ଠା ପ୍ରକାଶ କରି ନ ଥିଲେ । ଏ ସମ୍ପର୍କରେ ନଟବର ସାମନ୍ତରାୟ କହନ୍ତି, "ସେ ସମୟରେ ପଣ୍ଡିତଜୀ ମୋ ପାଖକୁ ଯାହା ଲେଖି ପଠାଇଥିଲେ ତାହା ମୁଁ ଜୀବନରେ କେବେ ଭୁଲି ପାରିବି ନାହିଁ । ତାଙ୍କ ପତ୍ରର ମର୍ମାର୍ଥ ଥିଲା ଏଇଆ ପତ୍ରିକାର ସମ୍ପାଦକ କୌଣସି ନିର୍ଦ୍ଦିଷ୍ଟ ମତବାଦୀ ହେଲେ ହେଁ ସାହିତ୍ୟ କ୍ଷେତ୍ରରେ ବିପରୀତ ମତବାଦକୁ ପତ୍ରିକାରେ ଆତ୍ମପ୍ରକାଶ ପାଇଁ ସୁଯୋଗ ଦେବା ସର୍ବାଦୌ ସମୀଚୀନ । ସାହିତ୍ୟ ପତ୍ରିକା ଜାତିପାଇଁ ଉଦ୍ଦିଷ୍ଟ; ଲେଖାରେ କୌଣସି ଉପାଦେୟତା ଥିଲେ ତାହା ଅନ୍ୟମାନଙ୍କର ଉପକାରରେ ଆସିପାରେ । ସମ୍ପାଦକ ନିଜର ବ୍ୟକ୍ତିଗତ ଅଭିରୁଚି ଦ୍ୱାରା ତାହାକୁ ଦବାଇ ଦେବାଦ୍ୱାରା ପ୍ରକୃତ ସମ୍ପାଦନା କାର୍ଯ୍ୟ କରନ୍ତି ନାହିଁ ।—(ଦ୍ରଷ୍ଟବ୍ୟ ଓଡ଼ିଆ ବୈଷ୍ଣବ ସାହିତ୍ୟ, ନଟବର ସାମନ୍ତରାୟ, ନିଜ କଥା ) ଏହା ତାଙ୍କ ଉଦାରତାର ପ୍ରମାଣ ମାତ୍ର । କେବଳ ଏତିକି ନୁହେଁ । ଓଡ଼ିଆ ସାହିତ୍ୟରେ ଆଧୁନିକତାର ବାର୍ତ୍ତା ବହନ କରିଥିଲା, ନବଯୁଗ ସାହିତ୍ୟ ସଂସଦ ଓ ଏହି ଅନୁଷ୍ଠାନର ପୁରୋଭାଗରେ ଥିଲେ ବାମପନ୍ଥୀ ତରୁଣଦଳ । ଏହି ତରୁଣଦଳକୁ ତଥା ଏମାନଙ୍କ ପ୍ରବର୍ତ୍ତିତ ନୂତନ ଭାବଧାରାକୁ ପ୍ରବୀଣ ଓ ପଣ୍ଡିତ ନୀଳକଂଠ ଉଦାତ୍ତ କଂଠରେ ସ୍ୱାଗତ ଜଣାଇ ଥିଲେ, ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବକୁ ତାଙ୍କ ସମ୍ପାଦିତ 'ନବଭାରତ' ପୃଷ୍ଠାରେ ଅଗ୍ରାଧିକାର ଦେଇଥିଲେ ।

ପଲ୍ଲୀର ଯାତ୍ରା ସମ୍ପର୍କରେ 'ଆଲୋଚନା' ପ୍ରସଙ୍ଗରେ ସେ ନବଭାରତରେ ଲେଖିଥିଲେ । ଗ୍ରୀସ୍‌ଦେଶ ଗାନ୍ଧାର ଶିଳ୍ପ ତଥା ବହୁବିଧ ବୌଦ୍ଧ ଶିଳ୍ପରେ ଯେଉଁ ନଗ୍ନ ନାରୀ ଓ ପୁରୁଷ ମୂର୍ତ୍ତି ସବୁ ବିଭିନ୍ନ ଅବୟବର ବିଭିନ୍ନ ସଂସ୍ଥିତିରେ ପେଶୀ ଓ ଶିରା ବିନ୍ୟାସ ସହିତ ଫୁଟାଇ ଲୋକର ସୌନ୍ଦର୍ଯ୍ୟବୋଧରେ ମୁଗ୍ଧତା ଉତ୍ପାଦନ କରାଯାଏ ତାହା ଶିଳ୍ପ ଦୃଷ୍ଟିରେ

ଅତି ଉତ୍କୃଷ୍ଟ । ହୁଏତ ଯୌନଶୀତ ମାନ୍ଧ-ବାପ ତାହା ଦେଖିବେ ନାହିଁ । କାରଣ ଶିଳ୍ପର ସ୍ୱଷ୍ଟ ଚରଣ ତାଙ୍କ ଆଦର୍ଶର ଅନ୍ତର୍ଭୁକ୍ତ ନୁହେଁ । ରଙ୍ଗମଞ୍ଚର ଚୁମ୍ବନ, ଆଲିଙ୍ଗନ ଓ ନୃତ୍ୟଭଙ୍ଗୀ, ବାଣୀମୟ ଚଳଚ୍ଚିତ୍ରର ନାୟକ ନାୟିକାଙ୍କର ନଗ୍ନ ପ୍ରେମାଳାପ ଓ ବ୍ୟବହାର କଥା ଛାଡ଼ିଦେଲେ ମଧ୍ୟ ପୃଥିବୀର କାବ୍ୟ ନାଟକ ଉପନ୍ୟାସ ପ୍ରଭୃତି ସମସ୍ତ ଗଠନ ସାହିତ୍ୟର ଏକମାତ୍ର ମେରୁଦଣ୍ଡ ଏହି ଯୌନ ସଙ୍କେତ । ନୀତିବାଦୀମାନେ ଏସବୁର ପାଠ ବର୍ଜନ କରନ୍ତି ଓ ଅନ୍ୟକୁ ସେହି ଉପଦେଶ ଦିଅନ୍ତି । ମନେ ଅଛି ସ୍ୱର୍ଗତ ବ୍ରାହ୍ମପ୍ରଚାରକ ପ୍ରତାପଚନ୍ଦ୍ର ମଜୁମଦାରଙ୍କ **Aids to Maral Character** ପୁସ୍ତକଟିର ଅତି ବାଲ୍ୟ ବୟସରେ ଏହିପରି ଏକ ନିର୍ଦ୍ଦେଶରେ ପ୍ରଭାବିତ ହୋଇ ମୁଁ ନିଜ ଜୀବନରେ ନିତାନ୍ତ ଦରକାର ବିନା ନାଟକ ଓ ଉପନ୍ୟାସ ପଢ଼ିନାହିଁ—ଆଜିଯାଏ ମଧ୍ୟ ନାଟକାଭିନୟ ଓ ବାଣୀମୟ ଚଳଚ୍ଚିତ୍ର ପ୍ରାୟ ଦେଖିନାହିଁ । ମୋର ମତ ବା ରୁଚି ଯାହାହେଉ ସାମାଜିକ ଭାବରେ ଏସବୁର ବସ୍ତୁର ଯେ ସ୍ୱତନ୍ତ୍ର, ଏହା ଆମ୍ଭେ ବୁଝୁଁ । ମୋର ଆଖି ଯେ କହୁଏ ବୋଲି ମୁଁ ଚଷମା ପିନ୍ଧେ, ଏଥିପାଇଁ ଜଗତରେ ସମସ୍ତେ ଖାଲି ଚଷ୍‌ମା ପିନ୍ଧିବେ ବୋଲି ଆଶା କରିବା ଠିକ ନୁହେଁ । (ନବଭାରତ, ଧନୁ ୧୩୪୨, ଆଲୋଚନା, ପୃ ୫୯୫) । ଯେଉଁ ନୀଳକଣ୍ଠ ଯାହା ଅଭିନୟ କେବେ ଦେଖନ୍ତି ନାହିଁ ସେ ଯାହାକୁ ସମର୍ଥନ କରି କହିଥିଲେ, "ଯାହା ଏ ଦେଶରେ ସଂସ୍କୃତିର ଏକ ମୁଖ୍ୟ ବାହନ ।······ଶୁଦ୍ଧ ସରଳ ପଲ୍ଲୀରେ ଲକ୍ଷ୍ମଣ ଦିଅର ଭାବରେ ଭାଉଜ ସୀତାଙ୍କୁ କୌଣସି ଏକ ଯୌନ ସଙ୍କେତରେ ପରିହାସ କଲେ ମଧ୍ୟ ସେଥିରେ ପଲ୍ଲୀସମାଜର ଯଥାର୍ଥ ବିଷୟ ଧରିବାରେ ଅସୁବିଧା ହୁଏ ନାହିଁ । ବରଂ ସେପରି ନ କଲେ ଅଭିନୟ ସେଠାରେ ଶୁଷ୍କ, ନୀରସ ତଥା ନିରର୍ଥକ ହୋଇପାରେ ।" (ତତ୍ରୈବ ପୃ ୫୨୭) । ସେହିପରି ନିଜେ ଉପନ୍ୟାସ ପାଠରେ ସଦାକୁଣ୍ଠିତ ଥିଲେ ମଧ୍ୟ ନିତ୍ୟାନନ୍ଦ ମହାପାତ୍ରଙ୍କ 'ଭୁଲ' ଉପନ୍ୟାସକୁ ଧାରାବାହିକ ଭାବରେ ନବଭାରତ ପୃଷ୍ଠାରେ ସ୍ଥାନ ଦେବାକୁ ବିଶେଷ ଆଗ୍ରହ ଦେଖାଇଥିଲେ । (ଏବେ ନିତ୍ୟାନନ୍ଦ ମହାପାତ୍ର କଥା ପ୍ରସଙ୍ଗରେ ମୋତେ କହିଲେ ଯେ ପ୍ରଥମେ ନୀଳକଣ୍ଠଙ୍କ ଧାରଣାଥିଲା କାନ୍ତକବି ଲକ୍ଷ୍ମୀକାନ୍ତଙ୍କ **care of** ମାର୍ଫତରେ ଲେଖାଆସୁଥିବାରୁ ଲକ୍ଷ୍ମୀକାନ୍ତଙ୍କର ଜଣେ ଭାଇ ଅର୍ଥାତ୍

ନିତ୍ୟାନନ୍ଦଙ୍କ ଦାଦା, ଛଦ୍ମନାମରେ ଏ ଉପନ୍ୟାସ ଲେଖୁଛନ୍ତି । ଥରେ ଲେଖକ ଅସୁସ୍ଥ ହୋଇପଡ଼ିବାରୁ ଠିକ୍ ସମୟରେ ଲେଖା ପଠାଇ ପାରିଲେ ନାହିଁ । ନୀଳକଂଠ ଲକ୍ଷ୍ମୀକାନ୍ତଙ୍କ ଭାଇଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଲେ, ଭଲ ତ ଲେଖୁଥିଲୁ, ବନ୍ଦ କଲୁ କାହିଁକି ? ସେତେବେଳେ, ବୟସରେ ତରୁଣ ନିତ୍ୟାନନ୍ଦ ନୀଳକଂଠଙ୍କର ଏ ଚିଠିପତ୍ରି ବିଶେଷ ପ୍ରେରଣାଲାଭ କରିଥିଲେ । )

ନୀଳକଂଠଙ୍କ ଉଦାରତାର ଏହିପରି ବହୁ ଉଦାହରଣ ଦିଆଯାଇ-ପାରେ । ତାଙ୍କର ଭାବପ୍ରବଣତାର ଅଭାବ ଥିଲା, ଉଦାରତା ଓ ସହିଷ୍ଣୁତାର ନୁହେଁ । ଅବଶ୍ୟ ନୀଳକଂଠ ଆପଣା ମତର ପ୍ରତିଷ୍ଠାପାଇଁ ଓ ତାର ସମର୍ଥନ ପାଇଁ ଶକ୍ତିଶାଳୀ ଯୁକ୍ତିର ଆଶ୍ରୟ ନେଉଥିଲେ । ପୁଣି ତାଙ୍କର ପ୍ରକାଶଭଙ୍ଗୀ ମଧ୍ୟ ଅନୁରୂପ ଭାବରେ ଶକ୍ତିଶାଳୀ ଥିଲା । ଅନ୍ୟକଥାରେ ସେ ତାଙ୍କର ବକ୍ତବ୍ୟ ଅତ୍ୟନ୍ତ ସିଧା ଠୋକ ଭାବରେ ତୀକ୍ଷ୍ଣ ଭାଷାରେ ପ୍ରକାଶ କରୁଥିଲେ । ସେହିପରି ଭିନ୍ନମତ ବା ବିରୁଦ୍ଧ ମତକୁ ମଧ୍ୟ ତୀବ୍ର ଭାବରେ ଆକ୍ରମଣ କରିବାପାଇଁ କେବେ କୁଣ୍ଠା ପ୍ରକାଶ କରୁ ନ ଥିଲେ । ପୁଣି ତାଙ୍କର ବ୍ୟକ୍ତିଗତ ଜୀବନ ଓ ସମାଲୋଚକ ଜୀବନ ମଧ୍ୟରେ ବିରୋଧ ତ ନ ଥିଲା ; ପାର୍ଥକ୍ୟ ବି ବିଶେଷ ନ ଥିଲା । କୌଣସି ଜିନିଷକୁ କଥାରେ ବିରୋଧ କରି କାମରେ ଗ୍ରହଣ କରିବା ପରି ଛଦ୍ମତା ତାଙ୍କର ନ ଥିଲା । ଶେଷରେ ସେ ଥିଲେ ଅତ୍ୟନ୍ତ ନିର୍ଭୀକ । ଫଳରେ ସେ ଅତ୍ୟନ୍ତ ଅନୁଦାର ଓ ଅସହିଷ୍ଣୁ ବୋଲି ପରିଗଣିତ ହେଲେ ।

ସମାଲୋଚକ ଭାବରେ ପଣ୍ଡିତ ନୀଳକଂଠ ବିଚ୍ଛିନ୍ନତା ବାଦୀ ବା **Isolationist** ସମାଲୋଚକ ନ ଥିଲେ, ଥିଲେ ପରିବେଶବାଦୀ ବା **Cantextualist** ସମାଲୋଚକ । ବିଚ୍ଛିନ୍ନତା ବାଦୀମାନେ କଳାକୃତିକୁ ସ୍ୱୟଂ ସମ୍ପୂର୍ଣ୍ଣ ଏକକ ରୂପେ ବିଚାର କରନ୍ତି ଓ କଳାକୃତିର ଅବବୋଧ **(Interpretation)** ଓ ମୂଲ୍ୟାୟନ **(Evaluation)**ରେ କଳାକାରର ବ୍ୟକ୍ତିଗତ ଜୀବନ, କଳାସୃଷ୍ଟିର ପୃଷ୍ଠଭୂମି ଓ ଯୁଗୀୟ ପ୍ରବୃତ୍ତି ପ୍ରଭୃତିକୁ ବିଚାରକୁ ନେବାର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ପକ୍ଷାନ୍ତରରେ ପରିବେଶବାଦୀମାନେ କଳାକୃତିକୁ ତାର ପରିବେଶରୁ ବିଚ୍ଛିନ୍ନ କରି

ବିଚାର କରନ୍ତି ନାହିଁ । ସେମାନଙ୍କ ମତରେ କଳାକାରର ଜୀବନୀ କଳାସୃଷ୍ଟିର ପୃଷ୍ଠଭୂମି, ଯୁଗୀୟ ପ୍ରବୃତ୍ତି ଆଦିରୁ ତାକୁ ବିଚ୍ଛିନ୍ନ କରି କଳାକୃତିର ପ୍ରକୃତ ଅବବୋଧ ଓ ମୂଲ୍ୟାୟନ ସମ୍ଭବ ନୁହେଁ । ଏହାହିଁ କଳାର ବିଚାରରେ ନୀଳକଂଠଙ୍କ ଅଭିମୁଖ୍ୟ ଥିଲା । ସେଥିପାଇଁ ଲାବଣ୍ୟବତୀର ସମାଲୋଚନା ପ୍ରସଙ୍ଗରେ ନୀଳକଂଠ କହିଥିଲେ, "କାବ୍ୟ ଦେଖିବାବେଳେ ସମାଲୋଚକ ଯଥାଶକ୍ତି ଅନୁମାନ ବଳ ପ୍ରୟୋଗ କରି ନିଜକୁ କବିଙ୍କ ସ୍ଥାନରେ ରଖି ବିଚାର କରିବା ବିଧେୟ । କବିଙ୍କ ଆଖପାଖ ଘଟନାରାଶି ଓ ସମାଜାଦିର ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିବା ପାଇଁ ହେବ ।' ( ଲାବଣ୍ୟବତୀ, ଓଡ଼ିଆ ଭାଷା ଓ ସାହିତ୍ୟ, ୧୯୫୮, ପୃ ୧୨୦ । ଆହୁରି ମଧ୍ୟ କବିଙ୍କ କୁଳ ଓ ବିଶ୍ୱାସ ଛଡ଼ା ଆଉ ଗୋଟିଏ କଥା ସମାଲୋଚକର ସ୍ମରଣ ରଖିବା ଉଚିତ । ତାହା କବିଙ୍କ "ସମୟ ଓ ସେହି ସମୟର ଅବସ୍ଥା ।" (ତତ୍ରୈବ, ପୃ ୧୧୮) । ସେଥିପାଇଁ ସାହିତ୍ୟ ସମାଲୋଚନାରେ ସେ ସଂସ୍କୃତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛନ୍ତି ; ସଂସ୍କୃତିର ମାନଦଣ୍ଡରେ ହିଁ ସାହିତ୍ୟକୁ ମାପିବାର ଚେଷ୍ଟା କରିଛନ୍ତି । ସାହିତ୍ୟର କ୍ରମପରିଣାମ ପ୍ରକୃତ ପକ୍ଷେ ସଂସ୍କୃତିର କ୍ରମପରିଣାମରେ ପରିଣତ ହୋଇଛି । କିନ୍ତୁ ନୀଳକଂଠ କଳା ବା ସାହିତ୍ୟ ବିଚାରରେ ସଂସ୍କୃତିକୁ ଯେତେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ ହେଁ କଳା ଓ ସାହିତ୍ୟକୁ କଳା ଓ ସାହିତ୍ୟ ଭାବରେ ହିଁ ବିଚାର କରିଛନ୍ତି । ଅନ୍ତତଃ ବିଚାର କରିବା ପାଇଁ ଚେଷ୍ଟା କରିଛନ୍ତି ।

ଏଇ ପରିବେଶବାଦୀ ସମାଲୋଚକ ଥିବାରୁ ନୀଳକଂଠଙ୍କ ଦୃଷ୍ଟିରେ ସାହିତ୍ୟ ଥିଲା ବ୍ୟାପକ । ତାଙ୍କ ମତରେ, "ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏହି ବିକାଶର ଚଳଣି ସଂସ୍କୃତିରେ ଧରାହୁଏ । ସାହିତ୍ୟରେ ଏହି ସଂସ୍କୃତି ମପାଯାଏ । ତେଣୁ ସମାଜର ଚଳଣିଠାରୁ କଳା, କବିତା ଆଲୋଚନା, ବିଜ୍ଞାନ, ବ୍ୟବହାର, ଶିଳ୍ପ, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ ।" (ଓଡ଼ିଆ ସାହିତ୍ୟର କ୍ରମପରିଣାମ ୧ମଭାଗ ୧ମ ଅଧ୍ୟାୟ ) । ତେବେ ଏହା ଭିତରେ ଗୁହାଣି ନା ଦର୍ଶନ ଓ ଦୃଷ୍ଟିଭଙ୍ଗୀ ତଥା ଚଳଣି ବା ସମାଜରେ ଆଦାନ ପ୍ରଦାନ ଘଟିତ ସମସ୍ତ ବ୍ୟବହାର ହେଉଛି ସାହିତ୍ୟର ଶରୀର । ଚମକ ବା ସଙ୍କେତର ଆକସ୍ମିକତା ଓ

ଭାବର ଅମାପ ସ୍ଫୁରଣ ହେଉଛି ତା'ର ପ୍ରାଣ । ମୋଟ ଉପରେ ପରିବେଶବାଦୀ, ନୀଳକଣ୍ଠ କଳାର ଅବବୋଧ ବା ମୂଲ୍ୟାୟନରେ ଗୃହାଣି ଓ ଚଳଣିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବିଶେଷ ଭାବରେ ସଚେତନ ଥିଲେ ମଧ୍ୟ କଳାକୃତିର ପ୍ରକୃତ ସାଫଲ୍ୟ ଏହି ଚମକ ବା ସଙ୍କେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ ଉପରେ ନିର୍ଭରଶୀଳ ବୋଲି ମତ ଦେଇଥିଲେ । ତେଣୁ ନୀଳକଣ୍ଠ ପରିବେଶବାଦୀ ହେଲେ ହେଁ କଳାର କଳାଗତ ମୂଲ୍ୟ ସମ୍ପର୍କରେ ବେଶ୍ ସଚେତନ ଥିଲେ ।

ତେବେ କଳାକୁ, ବା ଆହୁରି ତଳେଇ କରି ଦେଖିଲେ, କଳାର ଶରୀରକୁ, ନୀଳକଣ୍ଠ ସଂସ୍କୃତିର ମାନଦଣ୍ଡରେ କଳନା କରି ତାର ଅବବୋଧ ଓ ମୂଲ୍ୟାୟନରେ 'ଜାତୀୟ ସଂସ୍କୃତି''ର ପରିକଳ୍ପନା କରିଛନ୍ତି । ନୀଳକଣ୍ଠଙ୍କ ଜାତି ( ଓ ଜାତୀୟ ସଂସ୍କୃତି ) ପରିକଳ୍ପନାର ଭିତ୍ତିଭୂମି ହେଉଛି ଭୂମିଖଣ୍ଡରେ ନିବଦ୍ଧ ଭାଷା । ତାହାହିଁ ତାଙ୍କ ଦୃଷ୍ଟିରେ ସମାଜ ଓ ସାହିତ୍ୟର ମୂଳ । ତାଙ୍କ ମତରେ "ସ୍ୱାଧୀନ ସମାଜରେ ସ୍ୱାଧୀନ ବ୍ୟକ୍ତିର ସ୍ୱଚ୍ଛନ୍ଦ ବିକାଶ ଏହାର ଭିତ୍ତିରେ ହିଁ ସମ୍ଭବ । ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷା ଓ ସାହିତ୍ୟକୁ ମୂଳକରି ମାନବ ସମାଜର ବିକାଶ କରିବା ଓ କରାଇବା ପୁଣି ସେଇ ଭିତ୍ତିରେ ଅର୍ଥନୀତି ଓ ରାଷ୍ଟ୍ରନୀତି ଫୁଟାଇବା ହେଉଛି ସମାଜ ବିକାଶର ସ୍ୱାଭାବିକ ଧାରା । ·········· ଭାଷାରେ ଭାବ ପ୍ରକାଶ ଲଭି, ମାନବର ସମାଜ ପ୍ରଥମେ ଫୁଟିଥିଲା । ସେଥିରୁ ସାହିତ୍ୟ ପ୍ରକାଶ ପାଇଲା । ଏବେ ନାନା ବିପ୍ଳବ ଭିତରେ ପୁଣି ସମାଜର ମୂଳ ସେଇ ଭାଷା ଓ ସାହିତ୍ୟକୁ ଆସୁଛି ।" ( ଓଡ଼ିଆ ସାହିତ୍ୟର କ୍ରମପରିଣାମ, ୧ମ ଭାଗ, ୧ମ ଅଧ୍ୟାୟ, ଭୂମି ଖଣ୍ଡରେ ନିବଦ୍ଧ ଭାଷାଇ ସମାଜ ଓ ସାହିତ୍ୟର ମୂଳ ) । ଏହା ତାଙ୍କ ସମାଲୋଚନା—ଦର୍ଶନର ଏକ ବିଶିଷ୍ଟ ଦିଗ ।

ପୁଣି ଭାଷା ଉପରେ ଏହିପରି ସଚେତନ ଭାବରେ ଗୁରୁତ୍ୱ ଦେବାରୁ ସାହିତ୍ୟର ପୂର୍ବୋକ୍ତ ବ୍ୟାପକ ଅର୍ଥ ବ୍ୟତୀତ ଅନ୍ୟ ଏକ ସଙ୍କୁଚିତ ଅର୍ଥ ମଧ୍ୟ ସେ କରି କହିଥିଲେ "ତେଣୁ ଗୃହାଣି ଚଳଣିର ନାନା ପ୍ରକାର ପ୍ରତି ଲକ୍ଷ୍ୟ ଥିଲେ ମଧ୍ୟ ସାହିତ୍ୟର କ୍ରମ ପରିଣାମ ମୁଖ୍ୟତଃ ଭାଷାରେ ପ୍ରକାଶ

ପାଉଥିବା ବସ୍ତୁର ବର୍ଣ୍ଣନା ଓ ବ୍ୟଞ୍ଜନାରେ ଦେଖିବାକୁ ହୁଏ ।" ଭାଷାରେ ପ୍ରକାଶ ପାଉଥିବା ଉଭୟ କଥିତ ବା ଲୋକ ସାହିତ୍ୟ ଓ ଲିଖିତ ସାହିତ୍ୟ ଉପରେ ସେ ସମପରିମାଣରେ, ଗୁରୁତ୍ୱ ଆରୋପ କରିଥିଲେ । ଲୋକସାହିତ୍ୟ ତାଙ୍କ ଦୃଷ୍ଟିରେ ହେୟ ନ ଥିଲା; ଥିଲା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

ଅବଶ୍ୟ ପରିବେଶବାଦୀ ହୋଇଥିବାରୁ ବେଳେ ବେଳେ ପୂର୍ବୋକ୍ତ ଚମକ ଅପେକ୍ଷା ବୃହତ୍ତର ଚଳଣି ଉପରେ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ । ସେଥିପାଇଁ ବେଳେ ବେଳେ ସେ କେବଳ ସଂସ୍କୃତି ଓ ଜାତୀୟତାର (ଅନ୍ୟ କଥାରେ ଜାତୀୟ ସଂସ୍କୃତିର) ନିକିତିରେ ସାହିତ୍ୟକୁ ତଉଲିଛନ୍ତି । ସମାଲୋଚକ ନୀଳକଂଠଙ୍କ ସମାଲୋଚନାରେ ଏହା ଏକ ଦୁର୍ବଳତା ।

ସମାଜ ବିଜ୍ଞାନ ତଥା ମାନବବିଦ୍ୟାର ଗବେଷଣା କରିବା ପ୍ରସଙ୍ଗରେ ବେଳେ ବେଳେ ଏକ ବା ଏକାଧିକ ବିକଳ୍ପ ପ୍ରକଳ୍ପ ( **hypothesis** ) କୁ ଆଖି ଆଗରେ ରଖି ତଥ୍ୟର ସଂଗ୍ରହ ଓ ସଜ୍ଜୀକରଣ କରାଯାଏ । ପ୍ରକଳ୍ପକୁ ସମର୍ଥନ କରୁଥିବା ତଥ୍ୟ ମିଳିଲେ ( ଓ ବିରୋଧ କରୁଥିବା ତଥ୍ୟ ନ ମିଳିଲେ ) ଓ ତାହାର ଠିକଣା ସଜ୍ଜୀକରଣ କରାଯାଇ ପାରିଲେ ଯୁକ୍ତିର ସହାୟତାରେ ପ୍ରକଳ୍ପ ( **hypothesis** ) କୁ ସିଦ୍ଧାନ୍ତ ( **thesis** ) ରେ ପରିଣତ କରାଯାଏ । ତେଣୁ ପ୍ରକଳ୍ପକୁ ସିଦ୍ଧାନ୍ତ କରିବାପାଇଁ ହେଲେ ତଥ୍ୟର ସଂଗ୍ରହ ଓ ସଜ୍ଜୀକରଣ ରୂପକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ । ନଚେତ୍ ପ୍ରକଳ୍ପ ପ୍ରକଳ୍ପ ଆକାରରେ ହିଁ ରହିଯାଏ; ସିଦ୍ଧାନ୍ତ ହୋଇପାରେ ନାହିଁ । ପୁଣି ବିରୁଦ୍ଧ ତଥ୍ୟ ମିଳିଲେ ପ୍ରକଳ୍ପକୁ ତ୍ୟାଗ କରିବା ପାଇଁ ପଡ଼େ । ନୀଳକଂଠ ସଂସ୍କୃତି ଓ ସାହିତ୍ୟ ଅନୁଶୀଳନରେ ପ୍ରବୃତ୍ତ ହୋଇଥିଲେ ମଧ୍ୟ ତଥ୍ୟ ସଂଗ୍ରହ ଓ ସଜ୍ଜୀକରଣ ପାଇଁ ଆବଶ୍ୟକ ସମୟ ଓ ସୁଯୋଗ ତାଙ୍କର ନ ଥିଲା; ବୋଧ ହୁଏ ନ ଥିଲା ମଧ୍ୟ ଆଗ୍ରହ ଓ ଧୈର୍ଯ୍ୟ । ସେ ଆଡ଼ୁ ସାଡ଼ୁ ବହୁତ ପଢ଼ୁଥିଲେ; କିନ୍ତୁ ଧାରାବାହିକ ଅନୁଶୀଳନ କରୁ ନଥିଲେ, କରିବା ପାଇଁ ସମୟ ଓ ସୁଯୋଗ ପାଉ ନ ଥିଲେ । ଫଳରେ ତାଙ୍କ ପ୍ରଦତ୍ତ ବହୁ ପ୍ରକଳ୍ପ ପ୍ରକଳ୍ପ ଆକାରରେ ହିଁ

ରହିଲେ, ସିଦ୍ଧାନ୍ତ ହୋଇ ପାରିଲା ନାହିଁ । ସେଥିପାଇଁ ସିଦ୍ଧାନ୍ତ ଉପକାର ପରୀକ୍ଷା ମଧ୍ୟ କରାଯାଇ ପାରିଲା ନାହିଁ । ବେଳେ ବେଳେ ମାତ୍ର ଗୋଟିଏ ଦୁଇଟି ତଥ୍ୟ ପାଇଲେ ସେ ତାକୁ ଭଲ ଭାବରେ ପରୀକ୍ଷା ନ କରି, ତାର ପ୍ରାମାଣିକତା ନିର୍ଦ୍ଧାରଣ ନ କରି ସିଦ୍ଧାନ୍ତରେ ଉପନୀତ ହୋଇ ପଡ଼ିଛନ୍ତି । ପୁଣି ବେଳେ ବେଳେ ଏକ ପ୍ରକଳ୍ପକୁ ପ୍ରମାଣିତ ସିଦ୍ଧାନ୍ତ ବୋଲି ଧରି ନେଇ ତାର ଭିତ୍ତିଭୂମି ଉପରେ ଅନ୍ୟ ଏକ ସିଦ୍ଧାନ୍ତର ସୌଧ ଗଠନ କରିଛନ୍ତି । ଏହା ତାଙ୍କ ସମାଲୋଚନାର ଅନ୍ୟ ଏକ ଦୁର୍ବଳତା ।

ତାପରେ ତାଙ୍କ ଆଲୋଚନାର ପରିବେଷଣ ଶୈଳୀର କଥା । ସାହିତ୍ୟ ଓ ସଂସ୍କୃତିର ଆଲୋଚନା ପ୍ରସଙ୍ଗରେ ଯେ କୌଣସି ଧାରଣା (Concept) ବା ବିଷୟରେ ତିନିଗୋଟି ବିଭାବ ବା ତିନିଗୋଟି ଦିଗ ସମ୍ପର୍କରେ ସେ ପ୍ରାୟ ସଚେତନ ରହୁଥିଲେ । ବିଶେଷ ଭାବରେ ତାଙ୍କ ଜୀବନର ଉତ୍ତର କାଳରେ ଯଥା: ଗୃହିଣୀ, ଚଳଣି, ଓ ଚମକ, ପରମ୍ପରା, ପରିସ୍ଥିତି ଓ ପୂର୍ବଦୃଷ୍ଟି ବିସ୍ତର, ବର୍ଣ୍ଣନା ଓ ବ୍ୟଞ୍ଜନା; ଶବର ସଭ୍ୟତା, ଦ୍ରାବିଡ଼ସଭ୍ୟତା ଓ ଆର୍ଯ୍ୟ ସଭ୍ୟତା ଇତ୍ୟାଦି । ଏହି ତିନି ସଂଖ୍ୟାପାଇଁ ତାଙ୍କର ଏକ ଆକର୍ଷଣ ଥିଲା ବୋଲି ମନେ ହୁଏ ।ଏ ଆକର୍ଷଣର ମୂଳ କଅଣ ? ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା; ବ୍ରହ୍ମା, ବିଷ୍ଣୁ, ମହେଶ୍ୱର; ରାମ, ଲକ୍ଷ୍ମଣ, ସୀତା, ବୁଦ୍ଧ ଧର୍ମ, ସଂଘ, ଇଡ଼ା, ପିଙ୍ଗଳା, ସୁଷୁମ୍ନା, ତ୍ରିକୂଟ, ତ୍ରିବିନ୍ଦୁ, ନାଁ ଆଉ କଣ ? ଏ ସମ୍ପର୍କରେ ଅଧିକ ଆଲୋଚନା ହେବା ଉଚିତ । ସେ ପ୍ରାସଙ୍ଗିକ ଭାବରେ ଏହି ତିନି ସଂଖ୍ୟା ସମ୍ପର୍କରେ କହନ୍ତି "ପୃଥିବୀରେ ଆଦିମ ଗଣନା ହେଉଛି ୧୦ ଓ ୬ ରୁ । ଠିକ୍ ୧୦ ଓ ୬ ନୁହେଁ । ଏହା ବସ୍ତୁତଃ ୫ ଓ ୩ ରୁ । କାଲଡ଼ିଅରେ ଏହା ଆଦିମ କାଳରେ ପ୍ରତିଷ୍ଠିତ-ଥିବାର ତାଙ୍କ ଲେଖା ସାହିତ୍ୟ ଗତ ଜ୍ୟୋତିଷ ଗଣନାରୁ ମିଳୁଚି । ଏହାର ମୂଳ ହେଉଛି, ମନୁଷ୍ୟର ପାଞ୍ଚ ଆଙ୍ଗୁଠି । ........ବୁଢ଼ା ଆଙ୍ଗୁଠି ଛାଡ଼ି, ବାକି ଆଠଗୁଠିମାନଙ୍କର ପ୍ରତ୍ୟେକଟିରେ ୩ ପଗ ।...... ......କିନ୍ତୁ ଆଦିମ ୩ ସମ୍ବନ୍ଧରେ ଶୂନ୍ୟ ସାଧନାରେ ଗୋଟିଏ ସ୍ପଷ୍ଟ ଧାରଣା ଏଠି ଉଲ୍ଲେଖଯୋଗ୍ୟ । ଖୁବ ସମ୍ଭବ ଏହା ଗୁରୁ ଆଙ୍ଗୁଠି ଭିତରେ ଯେଉଁ ତିନୋଟି ଫାଙ୍କ ଅଛି, ସେଥିରେ ପାଣି ବା ତେଲ

ଧରିଲେ ଯେଉଁ ତିନି ବାଟରେ ଗଳି ପଡ଼େ, ସେଇଆ । ଓଡ଼ିଆର ଶୂନ୍ୟ ସାହିତ୍ୟରେ ଏଇ କଥାଟି ସାଧାରଣ ।·········ଓଡ଼ିଆର ଶୂନ୍ୟସାଧନା ବା ବୌଦ୍ଧଧର୍ମର ଅନେକ ପରିଭାଷା ଅତି ପ୍ରାଚୀନ । ······ସେଥିରେ ଅସୁର ସଭ୍ୟତାର ଆଦିମ ୩ ସଂଖ୍ୟାରେ ଏ ସଂକେତଟି ଦେଖିବାର ଜିନିଷ । ଆଦିମ ୩ ସଂଖ୍ୟା ଆବିଷ୍କ୍ରିୟାର ଏହାଇ ମୂଳ ଓ କଳିଂଗ ସଭ୍ୟତାରେ ଏ ସଂକେତଟି ଠିକ ମୌଳିକ ଭାବରେ ରହି ଆସିଛି ବୋଲି କହିବାର ଅଭିପ୍ରାୟ ।” ( ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ୨ୟ ଅଧ୍ୟାୟ, ଅଂକ ଗଣନା )

ତାଙ୍କ ପ୍ରକାଶଭଙ୍ଗୀ ସମୟ ବିଶେଷରେ ଅପ୍ରାସଙ୍ଗିକତା, ପୁନରୁକ୍ତି, ଅସ୍ପଷ୍ଟତା ଓ ପରସ୍ପର ବିରୋଧ ଦୋଷରେ, ଦୁଷ୍ଟ । ଅପ୍ରାସଙ୍ଗିକତା ଓ ପୁନରୁକ୍ତି ସମ୍ପର୍କରେ ସେ ନିଜେ ଭଲ ଭାବରେ · ସଚେତନ ଥିଲେ । ଜାଣି ଶୁଣି ସେ କିଛିଟା ଅପ୍ରାସଙ୍ଗିକ ବିଷୟର ଅବତାରଣା କରୁଥିଲେ ବା ଏକ ବିଷୟର ପୁନରାବୃତ୍ତି କରୁଥିଲେ । ତାର କାରଣ ସମ୍ପର୍କରେ ସେ କହନ୍ତି, “ବଚନ ଅଛି, ‘ଆବୃତ୍ତି ସର୍ବଶାସ୍ତ୍ରାଣାଂ ବୋଧାଦପି ଗରୀୟସୀ ।’ ଅର୍ଥାତ୍ ବୁଝି ନ ପାରିଲେ ମଧ୍ୟ ବାଂରବାର ଆବୃତ୍ତି କଲେ, ସେଥିରେ, କ୍ରମେ ଅବବୋଧ ଜାଗ୍ରତ ହୁଏ । ତେଣୁ ଓଡ଼ିଆ ସାହିତ୍ୟର, ଆଲୋଚନାରେ ଭାନ୍ତିକ ମିଥ୍ୟାର ବିଶେଷ ଆଲୋଚନା କରି ବାଟ ପରିଷ୍କାର, କରିବା ଦରକାର । ସେଥିପାଇଁ ତା ଆଉରି ଭଲ କରି କରିବାକୁ ହେବ । (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ୨ୟ ଭାଗ, ୬ଷ୍ଠ ଅଧ୍ୟାୟ, ପୌରାଣିକ ଓ ଭାନ୍ତିକ ମିଥ୍ୟାର ସଂବନ୍ଧ ) ।

କୁହାଯାଇଛି ନୀଳକଂଠ ପୋଷାଦାର ସାହିତ୍ୟ ସମାଲୋଚକ ନ ଥିଲେ । ସେ ପୁଣି ମୁହଁରୁ ଡାକ ଦେଉଥିଲେ, ଅନ୍ୟ କେହି ବସି ଲେଖୁଥିଲା । ତେଣୁ ନୀଳକଂଠଙ୍କର ସାହିତ୍ୟ ସମାଲୋଚନାରେ ଥିବା ପୂର୍ବୋକ୍ତ ଦୋଷ ସବୁ କ୍ଷମଣୀୟ । ତେବେ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା ହେଉଛି ସମାଲୋଚକ ଜୀବନର ଆଦ୍ୟକାଳ ବା ପ୍ରଥମ ପର୍ଯ୍ୟାୟରେ ତାଙ୍କର ଆଲୋଚନା ଥିଲା ଅଧିକ ଶୃଙ୍ଖଳିତ ଓ ସନ୍ତୁଳିତ ! ତା ମଧ୍ୟରେ ଶୃଙ୍ଖଳାର, ସଂଯମର ଓ ଅନୁପାତର ପ୍ରତିଫଳନ ସହଜରେ ପରିଲକ୍ଷିତ

ହୁଏ, କିନ୍ତୁ ପରବର୍ତ୍ତୀ କାଳରେ, ଏ ସବୁର ଅଭାବ ଦେଖାଗଲା ତାଙ୍କ ଆଲୋଚନାରେ । ସେହିପରି ତାଙ୍କ ପ୍ରଥମ ପର୍ଯ୍ୟାୟର, ଆଲୋଚନା ସବୁ ଅଧିକ ବସ୍ତୁନିଷ୍ଠ । ପରବର୍ତ୍ତୀ କାଳରେ ସେ ଆଲୋଚନା ପ୍ରସଙ୍ଗରେ ବ୍ୟକ୍ତିଗତ ଅନୁଭବ ଅଭିଜ୍ଞତା, ଓ ବନ୍ଧୁଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ଉପସ୍ଥାପନ କଲେ , ସେ ସବୁକୁ ତଥ୍ୟ ଭାବରେ ଗ୍ରହଣ କଲେ ଓ ପ୍ରମାଣ ବୋଲି ଧରି ନେଲେ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମରେ ଏହି ବ୍ୟକ୍ତିନିଷ୍ଠ ଶୈଳୀର ବହୁ ଉଦାହରଣ ମିଳିବ । ପୁଣି ସେହିପରି ତାଙ୍କ ଆଲୋଚକ ଜୀବନର ପ୍ରଥମ ପର୍ଯ୍ୟାୟରେ ତତ୍ସମ ଶବ୍ଦର ବହୁଳତା ଓ ଦେଶଜ ତଥା ଅନ୍ୟାଗତ ଶବ୍ଦର ସ୍ୱଳ୍ପତା ଦୃଷ୍ଟିଗୋଚର ହୁଏ । ପରବର୍ତ୍ତୀ କାଳରେ ସେ ସମାଲୋଚନା ପ୍ରସଙ୍ଗରେ, ଅଧିକରୁ ଅଧିକ ଦେଶଜ ତଥା ବିଦେଶାଗତ ଶବ୍ଦ ବ୍ୟବହାର କରିଛନ୍ତି, ତତ୍ସମ ଶବ୍ଦର ବ୍ୟବହାର କମ କରି ଦେଇଛନ୍ତି ।

ମୋଟ ଉପରେ ପ୍ରକାଶ ଭଂଗୀ ପ୍ରଥମାବସ୍ଥାରେ କିଛିଟା କୃତ୍ରିମ ହୋଇଥିବା ବେଳେ ପରବର୍ତ୍ତୀ କାଳରେ ଦେଶ ସ୍ୱାଭାବିକ ଓ ସାବଲୀଳ ହୋଇ ପାରିଛି । ପ୍ରକାଶ ଭଂଗୀ ହୋଇଛି ଅଧିକ ଶକ୍ତିଶାଳୀ ; ଆଲୋଚନା ଅଧିକ ସୁଖପାଠ୍ୟ । ଅପ୍ରାସଙ୍ଗିକତା ତଥା ପୁନରୁକ୍ତି ଦୋଷରେ ଦୁଷ୍ଟି ହୋଇଥିଲେ ହେଁ ଓ ବୋଧହୁଏ ସେହି କାରଣରୁ ତାଙ୍କର ବକ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଛି । ସେ ଯେଉଁ ସ୍ଥାନରେ ଗୁରୁତ୍ୱ ଦେବାକୁ ଚାହିଁଛନ୍ତି ସେଠାରେ ଗୁରୁତ୍ୱ ଦିଆଯାଇ ପାରିଛି ।

□□□

---

[ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ୧ । ୧୨ । ୮୩ ତାରିଖରେ ପଣ୍ଡିତ ନୀଳକଂଠଙ୍କ ଜୀବନୀ କୃତି ସମ୍ପର୍କରେ ଆୟୋଜିତ ପାଠଚକ୍ରରେ ପଠିତ ଓ ଆଲୋଚିତ । ]

# ଟିପ୍ପଣୀ

୧ । ରାମ ସାହିତ୍ୟର ବିବର୍ତ୍ତନରେ ବୈଦେହୀଶ ବିଳାସ ।

ପ୍ରଥମ ପ୍ରକାଶ ନବଜୀବନ ୭ମବର୍ଷ, ୧୧/୧୨ଶ ସଂଖ୍ୟା, ଫେବ୍ରୁଆରୀ—ଏପ୍ରିଲ ୧୯୬୩ ।

୨ । ସମର ତରଙ୍ଗ ବର୍ଣ୍ଣିତ ଢେଙ୍କାନାଳ ଯୁଦ୍ଧର ସମସ୍ୟା ନିରୂପଣ ।

ପ୍ରଥମ ପ୍ରକାଶ "ଉଗର" ୨୪ ବର୍ଷ ୧୦ମ ସଂଖ୍ୟା, ଏପ୍ରିଲ୍ ୧୯୭୨ ।

୫ । ରାଧାନାଥଙ୍କ କାବ୍ୟରେ ନାଟକୀୟତାର ସ୍ୱରୂପ ।

ପ୍ରବନ୍ଧଟି ୧୯୭୩ ରେ ବିଶ୍ୱଭାରତୀ ସ୍ନାତକୋତ୍ତର, ଓଡ଼ିଆ ପାଠ ଚକ୍ରରେ ପ୍ରଥମେ ପଠିତ ଓ ଆଲୋଚିତ ହୋଇଥିଲା ।

୭ । କ୍ଷୟିଷ୍ଣୁ ସାମନ୍ତବାଦ ଓ କଥାକାର ସୁରେନ୍ଦ୍ର ମହାନ୍ତି ।

୧୯୭୯ ରେ ବିଶ୍ୱଭାରତୀ ସ୍ନାତକୋତ୍ତର, ଓଡ଼ିଆ ପାଠ ଚକ୍ରରେ ପ୍ରଥମେ ପଠିତ ଓ ଆଲୋଚିତ ହୋଇଥିଲା ।

୮ । ମଙ୍ଗଳର ମୃତ୍ୟୁ—ଏକ ଅଧ୍ୟୟନ

ପ୍ରବନ୍ଧଟି ୧୯୭୪ ରେ ବିଶ୍ୱଭାରତୀ ସ୍ନାତକୋତ୍ତର, ଓଡ଼ିଆ ପାଠ ଚକ୍ରରେ ପ୍ରଥମେ ପଠିତ ଓ ଆଲୋଚିତ ହୋଇଥିଲା ।

●

# ସଂଶୋଧନ ଓ ସଂଯୋଜନ

| ପୃଷ୍ଠା | ଧାଡ଼ି | ହୋଇଛି | ହେବ |
|---|---|---|---|
| ୨ | ୧୧ | ... ଚମ୍ପୂର ଯେ | ... ଚମ୍ପୂ ରଚନା |
| | ୨୪ | ... ଔଶ୍ୱରକ | ... ଐଶ୍ୱରିକ |
| | ଶେଷଧାଡ଼ି | ... ଦେବତା | ... ଦେବତାର |
| ୫ | ୧୫ | ... ଦୁଧୈଃ | ... ବୁଧୈଃ |
| ୬ | ୯ | ... ସୁଟି | ... ସାତୋଟି |
| ୭ | ୧୮ | ... ବାରସୂଖ | ... ବାରସ୍ୱଖ |
| ୮ | ୪ | ... ବଷ୍ଟାଶ | ... ରଷ୍ଟାଶ |
| | ୮ | ... ବଷ୍ଟାଶ | ... ରଷ୍ଟାଶ |
| ୯ | ୭ | ... ବଷ୍ଟାଶ | ... ରଷ୍ଟାଶ |
| ୧୧ | ୪ | ... ଉକ୍ତି | ... ଭକ୍ତି |
| ୧୫ | ୧ | ... ଚତ୍ର | ... ତନ୍ତ୍ର |
| ୩୦ | ୧୦ | ... ନିବନ୍ଧରେ | ... ନିବନ୍ଧର |
| ୩୧ | ୪ | ... ସ୍ୱଭବ | ... ସ୍ୱଭାବ |
| | ୫ | ... ସ୍ୱଭବ | ... ସ୍ୱଭାବ |
| ୪୦ | ୨୫ | ... **elegart** | ... **elegant** |
| ୫୭ | ୧୮ | ... **Prahalad** | ... **Prahlad (1953)** |
| | | **IV, II** | ... **IV, 11** |
| ୬୬ | ୧୫ | ... ରବନ୍ଦ୍ରନାଥ | ... ରଥୀନ୍ଦ୍ରନାଥ |
| ୬୭ | ୧୪ | ... ପ୍ରଥମ | ... ପ୍ରମଥ |
| ୬୮ | ୩ | ... ସୋହାସ | ... ସୋହାଗ |
| ୭୩ | ୮ | ... ଚୁସବ | ... ଚୁଗ୍ବ |
| ୧୨୭ | ୧ | ... ସମ୍ବସ୍ତ | ... ସମ୍ବସ୍ତୁ |
| ୧୨୭ | ୫ | ... ସମ୍ପର୍କୀୟ | ... ସମ୍ପର୍କିତ |
| ୧୬୮ | ୨ | ... ଅଙ୍କୀଭୂତ | ... ଅଙ୍ଗୀଭୂତ |
| ୧୬୮ | ୮ | ... **Maral** | ... **Moral** |

| ପୃଷ୍ଠା | ଧାଡ଼ି | | ହୋଇଛି | | ହେବ |
|---|---|---|---|---|---|
| ୧୨୯ | ୨୬ | ... | ପଷାନ୍ତରରେ | ... | ପକ୍ଷାନ୍ତରରେ |
| ୧୩୨ | ୭ | ... | ସ୍ବହାଣୀ ପରେ 'ଓ' ନାହିଁ 'ଓ' ରହିବ । | | |
| ୧୩୪ | ୨୪ | ... | ତେବେ ପରେ 'ଏ' ନାହିଁ 'ଏ' ହେବ | | |
| ୧୩୫ | ୧୬ | ... | ଦୃଷ୍ଟି | ... | ଦୃଷ୍ଟ |
| ୧୩୫ | ୨୦ | ... | ହାସ | ... | ହ୍ୱାସ |